

ସର୍ବଧର୍ମ ସଭାରେ ବିଷ୍ଣୁଦେବ | ୬

# ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଅପ୍ରୀତିକର ପରିସ୍ଥିତି ଉପୁଜି ନାହିଁ | ୬

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୪୦ Vol. 22 No-40 11 MAY 2025 SUNDAY, BHUBANESWAR ରବିବାର, ୧୧ ମଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ଟ୍ରମ୍ପଙ୍କ ହସ୍ତକ୍ଷେପ ପରେ...

# ଅସ୍ତ୍ରବିରତି



## ପୁଣି ଉଲ୍ଲଂଘନ କଲା ପାକିସ୍ତାନ

- ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ର ବିରତି
- ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଦେଲେ ସୂଚନା
- ସ୍ପଷ୍ଟ କଲା ବୈଦେଶିକ ମନ୍ତ୍ରଣାଳୟ
- ଅସ୍ତ୍ର ବିରତି ପାଇଁ ଦୁଇଦେଶ ସହମତ
- ଦୁଇଦେଶର ଡିଜିଏମଓ ସ୍ତରରେ ଆଲୋଚନା
- ପ୍ରଥମେ ପ୍ରସ୍ତାବ ଦେଇଥିଲେ ପାକ୍ ଡିଜିଏମ୍ଓ
- ବୈଦେଶିକ ସଚିବ ବିକ୍ରମ ମିଶ୍ରିଙ୍କ ସୂଚନା
- ଆମେରିକା ମଧ୍ୟସ୍ଥତାରେ ଚାଲିଥିଲା ଆଲୋଚନା
- ଶନିବାର ସନ୍ଧ୍ୟା ୫ରୁ ଅସ୍ତ୍ରବିରତି ଲାଗୁ
- ସମସ୍ତ ପ୍ରକାର ସେନା କାର୍ଯ୍ୟାନୁଷ୍ଠାନ ବନ୍ଦ
- ୧୨ରେ ପୁଣି ଉଭୟପକ୍ଷ ମଧ୍ୟରେ ଆଲୋଚନା



ନୂଆଦିଲ୍ଲୀ,୧୦।୫: କିଛିଦିନର ଜୋରଦାର ସଂଘର୍ଷ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ହୋଇଛି। ଶନିବାର ସନ୍ଧ୍ୟା ୫ଟାରୁ ଏହା ଲାଗୁ କରାଯାଇଛି। ଏ ନେଇ ସୂଚନା ଦେଇ କେନ୍ଦ୍ର ବୈଦେଶିକ ସଚିବ ବିକ୍ରମ ମିଶ୍ରି କହିଛନ୍ତି ଯେ ଶନିବାର ଅପରାହ୍ନ ୩.୩୫ରେ ଭାରତ ଓ ପାକିସ୍ତାନର ଡିଜିଏମ୍ଓଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଶନିବାର ସନ୍ଧ୍ୟା ୫ଟାରୁ ଜଳ,ସ୍ଥଳ ଓ ଆକାଶମାର୍ଗରେ ଗୁଳିଚାଳନାକୁ ବନ୍ଦ କରାଯାଇଛି। ସେ କହିଥିଲେ, ଶନିବାର ଅପରାହ୍ନ ୩.୩୫ରେ ପାକ ଡିଜିଏମ୍ଓ ଭାରତର ଡିଜିଏମ୍ଓଙ୍କୁ ଫୋନ୍ କରିଥିଲେ। ଏହା ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆ 'ଏକ୍ସ'ରେ ସୂଚନା ଦେଇଥିଲେ ଯେ ଆମେରିକା ମଧ୍ୟସ୍ଥତାରେ ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଉପରେ ସହମତି ନେଇ ଆଲୋଚନା ହୋଇଥିଲା। ପରେ ଉଭୟପକ୍ଷ ଯୁଦ୍ଧବିରତି ନେଇ ସହମତ ହୋଇଥିଲେ। ଏହି ଆଲୋଚନା ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ଦୀର୍ଘ ୪୮ ଘଣ୍ଟା ଧରି ଚାଲୁ ରହିଥିଲା। ଶୁକ୍ରବାର ରାତିସାରା ଆଲୋଚନା ପରେ ଆମେରିକା ବିଦେଶମନ୍ତ୍ରୀ ମାର୍କୋ ରୁବିୟୋ କହିଥିଲେ ଯେ ଉଭୟପକ୍ଷ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି। ମାର୍କୋ ଭାରତର ବିଦେଶମନ୍ତ୍ରୀ ଏସ.ଜୟଶଙ୍କର, ପାକିସ୍ତାନର ଉପପ୍ରଧାନମନ୍ତ୍ରୀ ଈଶାକ ଦାର୍ ଏବଂ ପାକିସ୍ତାନ ସେନାମୁଖ୍ୟ ଅସୀମ ମନିରଙ୍କ ସହ ଟ୍ରମ୍ପ ଆଲୋଚନା କରିଥିବା ନେଇ ସୂଚନା ଦେଇଥିଲେ। ତେବେ ଗତ ୭ ତାରିଖରେ ଭାରତୀୟ ସେନା ଅପରେସନ ସିନ୍ଦୂର ଲଞ୍ଚ କରି ପହଲଗାମ ଆତଙ୍କୀ ଆକ୍ରମଣର କାଉଣ୍ଟର କରିଥିଲା। ପାକିସ୍ତାନ ଓ ପିଓକେରେ ଥିବା ଆତଙ୍କୀ ଆଡ୍ଡା ଉପରେ ପ୍ରଥମେ ଏୟାରଷ୍ଟ୍ରାଇକ୍ କରାଯାଇଥିଲା। ଏଥିରେ ୧୦୦ରୁ ଅଧିକ ଆତଙ୍କବାଦୀ ନିପାତ ହୋଇଥିଲେ। ଏମାନଙ୍କ ମଧ୍ୟରେ ଜୈଶ-ଇ-ମହମ୍ମଦର ମୁଖ୍ୟ ମସୁଦ ଅଜହର ପରିବାରର ୧୦ଜଣ ସଦସ୍ୟଙ୍କ ମୃତ୍ୟୁ ହୋଇଥିଲା। ଭାରତର ଏହି କାର୍ଯ୍ୟାନୁଷ୍ଠାନରେ ଭୟଭୀତ ହୋଇପଡ଼ିଥିବା ପାକିସ୍ତାନ ଜାମ୍ମୁରୁ ଜୈସଲମର ପର୍ଯ୍ୟନ୍ତ ସୀମାବର୍ତ୍ତୀ ସହରଗୁଡ଼ିକୁ ଟାର୍ଗେଟ କରି ୪୦୦ରୁ ଅଧିକ ଡ୍ରୋନ୍‌ମାଡ଼ କରିଥିଲା। ମାତ୍ର ଭାରତର ବାୟୁ ପ୍ରତିରକ୍ଷାପ୍ରଣାଳୀ ସେଗୁଡ଼ିକୁ ଆକାଶମାର୍ଗରେ ନଷ୍ଟ କରି ଦେଇଥିଲା। ସେହିପରି ଶୁକ୍ରବାର ରାତିରେ ପାକିସ୍ତାନ ସରକାର ପାକ୍ ନାଗରିକଙ୍କୁ ଢାଲକରି ଯୁଦ୍ଧ ଘନଘଟା ଭିତରେ ବେସାମରିକ ବିମାନ ଚଳାଇ ଭାରତର ୩୨ଟି ସହରକୁ ଟାର୍ଗେଟ କରିଥିଲା। ମାତ୍ର ଭାରତର ଏୟାର ଡିଫେନ୍ସ ସିଷ୍ଟମ ସୁଦର୍ଶନଚକ୍ର ଏହାକୁ ପ୍ରତିହତ କରିବାରେ ସଫଳ ହୋଇଥିଲା। ଏହାର ପ୍ରତି ଜବାବରେ ଭାରତ ପାଲଟା ଆକ୍ରମଣ କରିଥିଲା। ଶନିବାର ଭୋର ସମୟରେ ପିନପଏଣ୍ଟ ଟାର୍ଗେଟ କରି ଭାରତୀୟ ସେନା ମିସାଇଲ ମାଡ଼ କରି ପାକିସ୍ତାନର ୫ଟି ଏୟାରବେସ୍‌କୁ ଉଡାଇ ଦେଇଥିଲେ। ଏହି ହମଲାରେ ପାକିସ୍ତାନର ସାଂଘାତିକ କ୍ଷତି ହୋଇଛି। ପାକ୍‌ର ପାଖାପାଖି ୮ଟି ସାମରିକ ପ୍ରତିଷ୍ଠାନ ଧ୍ୱଂସ ପାଇଯାଇଛି। ଆସନ୍ତା ୧୨ ତାରିଖରେ ପୁଣି ଉଭୟ ଡିଜିଏମଓଙ୍କ ମଧ୍ୟରେ ଆଲୋଚନା ହେବାର ସ୍ଥିର ହୋଇଛି।

### ଜାରି ରହିବ କଟକଣା

- ବଳବତ୍ତର ରହିବ ସିନ୍ଧୁ ଜଳଚୁକ୍ତି ସ୍ଥଗିତ ନିର୍ଦ୍ଦେଶ
- ଆର୍ଥିକ କଟକଣା ବି ରହିବ ଜାରି
- ଜାରିରହିବ ବିଭିନ୍ନ ସୋସିଆଲ ମିଡିଆ କଟକଣା
- ଭାରତ ପକ୍ଷରୁ ହଟାଯିବନି ଡିଜିଟାଲ କଟକଣା
- ବନ୍ଦ ରହିବ ୱାଘା-ଅଟାରୀ ସୀମା

## ଅସ୍ତ୍ରବିରତି ଘୋଷଣାର ୪ ଘଣ୍ଟା ପରେ ପୁଣି ଉଲ୍ଲଂଘନ

ନୂଆଦିଲ୍ଲୀ/ଶ୍ରୀନଗର,୧୦।୫: ଯେତେଯାହା ହେଲେ ବି ପାକିସ୍ତାନର ଆଚରଣ ଓ ଉଚ୍ଚାରଣରେ ପରିବର୍ତ୍ତନ ଘଟୁନାହିଁ। ଗୋଟିଏପଟେ ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ନେଇ ସହମତ ପ୍ରକାଶ ପାଇଥିବାବେଳେ ଏହାର ୪ଘଣ୍ଟା ପରେ ପାକିସ୍ତାନ ସେନା ପୁଣିଥରେ ସୀମାରେ ଅସ୍ତ୍ରବିରତି ଉଲ୍ଲଂଘନ କରିଛି। ଏଥିସହ ବିଭିନ୍ନ ସ୍ଥାନରେ ଡ୍ରୋନ ମାଡ଼ ସହିତ ଗୁଳିମାଡ଼ କରିଥିବାର ସୂଚନା ମିଳିଛି। ଜାମ୍ମୁକାଶ୍ମୀରର ଏକାଧିକ ସେକ୍ଟର ଯଥା-ଅଖନୁର, ରାଜୌରୀ, ପୁଞ୍ଚ, ଆରେସପୁରା, ଉରି, ଜୈସଲମେର, ଉଦମପୁର ଆଦି ସ୍ଥାନରେ ପାକିସ୍ତାନ ସେନା ଗୁଳିମାଡ଼ ସହ ଡ୍ରୋନମାଡ଼ କରିଥିବା ସୂଚନା ଦିଆଯାଇଛି। ତେବେ ବିଏସ୍ଏଫ ପାକିସ୍ତାନ ସେନାକୁ ● ପୃଷ୍ଠା ୫ ଦେଖନ୍ତୁ



- ଜାମ୍ମୁକାଶ୍ମୀରର ଏକାଧିକ ସେକ୍ଟରରେ ଡ୍ରୋନ୍ ଓ ଗୁଳିମାଡ଼
- ଶ୍ରୀନଗରରେ ୩ରୁ ୪ ବିସ୍ଫୋରଣ
- ରାଜସ୍ଥାନର ବାରମେରରେ ବ୍ଲାକ୍‌ଆଉଟ୍
- ଜାମ୍ମୁ,ଶ୍ରୀନଗର, ପଠାନକୋଟ ବି ଅନ୍ଧାର
- ପୋଖରାନରେ ପାକ୍ ଡ୍ରୋନ ଧ୍ୱଂସ
- ବିଏସ୍ଏଫର ମୁହଁତୋଡ଼ ଜବାବ

## ଆରଡିସି, ଜିଲ୍ଲାପାଳଙ୍କ ଛୁଟି ବାତିଲ

ଭୁବନେଶ୍ୱର, ୧୦।୫(ଭାସ୍କର ନ୍ୟୁଜ): ଭାରତ ଓ ପାକିସ୍ତାନ ମଧରେ ବୃଦ୍ଧି ପାଉଥିବା ବିବାଦକୁ ଦେଖି ଓଡ଼ିଶା ସରକାର ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଜାରି କରିଛନ୍ତି । ଆଂଚଳିକ ବିକାଶ କମିଶନର, ଜିଲ୍ଲାପାଳମାନଙ୍କ ସହିତ ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କର ସମସ୍ତ ଛୁଟି ବାତିଲ୍ କରାଯାଇଛି ।ସାଧାରଣ ପ୍ରଶାସନ ଓ ଜନଅଭିଯୋଗ ବିଭାଗ ଦ୍ୱାରା ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ, ଯେଉଁ ଅଧିକାରୀମାନେ ବର୍ତ୍ତମାନ ଛୁଟିରେ ଅଛନ୍ତି, ସେମାନେ ତୁରନ୍ତ ତାଙ୍କର ମୁଖ୍ୟାଳୟକୁ ଫେରି ଦାୟିତ୍ୱ ଗ୍ରହଣ କରିବାକୁ ପଡିବ। ଏହି ପଦକ୍ଷେପ ସମ୍ଭାବ୍ୟ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବା ପାଇଁ ପ୍ରଶାସନିକ ତତ୍ପରତା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ନିଆଯାଇଛି । 'ଦେଶର ପଶ୍ଚିମ ସୀମାରେ ଚାଲିଥିବା ଯୁଦ୍ଧ ଭଳି ପରିସ୍ଥିତିକୁ ଦୃଷ୍ଟିରେ ରଖି, ସମସ୍ତ ଆର.ଡି.ସି., କଲେକ୍ଟର ଓ ଜିଲ୍ଲାପାଳମାନଙ୍କ ପୂର୍ବରୁ ଅନୁମୋଦିତ ସମସ୍ତ ଛୁଟିକୁ ତୁରନ୍ତ ପ୍ରଭାବରେ ବାତିଲ୍ କରାଯାଉଛି' ବୋଲି ବିଜ୍ଞପ୍ତିରେ କୁହାଯାଇଛି। ' ଯେଉଁ ଅଧିକାରୀମାନେ ବର୍ତ୍ତମାନ ଛୁଟିରେ ଅଛନ୍ତି, ସେମାନେ ତୁରନ୍ତ ମୁଖ୍ୟାଳୟକୁ ଫେରି ଦାୟିତ୍ୱ ଗ୍ରହଣ କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି।

### ସାମ୍ବାଦିକ ସମ୍ମିଳନୀରେ ବୈଦେଶିକ ସଚିବଙ୍କ ସୂଚନା

## ସୀମାରେ ପାକ୍‌ର ଗୁଳିବର୍ଷଣ

ନୂଆଦିଲ୍ଲୀ,୧୦।୫: ଭାରତ-ପାକ୍ ମଧ୍ୟରେ ଅସ୍ତ୍ରବିରତି ନେଇ ସହମତି ପ୍ରକାଶ ପାଇବା ପରେ ପୁଣିଥରେ ପାକ୍ ସେନା ଏଲଓସିରେ ଗୁଳିମାଡ଼ କରିଥିବା ବୈଦେଶିକ ସଚିବ ବିକ୍ରମ ମିଶ୍ରି କହିଛନ୍ତି। ସେ କହିଛନ୍ତି, ଭାରତୀୟ ସେନା ପକ୍ଷରୁ ଏହାର କଡ଼ା ଜବାବ ଦିଆଯିବା ସହିତ କଡ଼ା ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ଅନ୍ୟପକ୍ଷରେ ସୀମାରେ ଲକ୍ଷାଧିକ ଯବାନ ପାକିସ୍ତାନ ମୁତୟନ କରିଥିବା ସୂଚନା ମିଳିଛି। ପାକିସ୍ତାନ ସୀମାନ୍ତ ଅଞ୍ଚଳକୁ ନିଜ ସୈନ୍ୟମାନଙ୍କୁ ସ୍ଥାନାନ୍ତର କରୁଛି। ଏ ନେଇ ଭାରତୀୟ ସେନାକୁ ସରକାର ସତର୍କ କରାଇ ଦେଇଛନ୍ତି। ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ପାକିସ୍ତାନ ସୀମାନ୍ତ ଅଞ୍ଚଳକୁ ନିଜ ସୈନ୍ୟମାନଙ୍କୁ ସ୍ଥାନାନ୍ତର କରୁଛି, ଯାହା ୧୯୯୯ କାର୍ଗିଲ ଯୁଦ୍ଧ ପରେ ପ୍ରଥମ ଥରପାଇଁ ଏଭଳି ସୈନ୍ୟ ସମାବେଶ ଦେଖା ଦେଇଛି। ତେବେ ଭାରତୀୟବାହିନୀ ସଂପୂର୍ଣ୍ଣ ପ୍ରସ୍ତୁତ ଓ ସତର୍କ ରହିଛନ୍ତି। ପାକିସ୍ତାନ ୪ଟି ରାଜ୍ୟରେ ୨୬ଟି ମିଲିଟାରୀ ବେସ୍ ଏବଂ ନାଗରିକ ଭିତ୍ତିଭୂମିକୁ ଟାର୍ଗେଟ କରିଥିବାବେଳେ ଭାରତ ପାକିସ୍ତାନର ୬ଟି ବାୟୁସେନା ଘାଟି ଉପରେ ଆକ୍ରମଣ କରିଛି। ତେବେ ପାକିସ୍ତାନର ସୈନ୍ୟଠୁଳ ଘଟଣା ପୁଣିଥରେ ସ୍ଥିତିକୁ ଆହୁରି ଉତ୍ତେଜନାପୂର୍ଣ୍ଣ କରିବାର ସମ୍ଭାବନା ରହିଛି। ଏସବୁ ଭିତରେ ଭାରତୀୟ ସେନା ସଜାଗ ଓ ସତର୍କ ରହି ସ୍ଥିତି ଉପରେ କଡ଼ା ନଜର ରଖିଛି। ଯେକୌଣସି ସ୍ଥିତିର ମୁକାବିଲା ପାଇଁ ଭାରତୀୟ ସେନା ପ୍ରସ୍ତୁତ ଥିବା ସୂଚନା ଦିଆଯାଇଛି।

### କେନ୍ଦ୍ର ସରକାରଙ୍କ ବଡ଼ ନିଷ୍ପତ୍ତି

## ଆତଙ୍କୀ ହମଲା ହେବ 'ଆକ୍ଟ ଅଫ୍ ୱାର'




ନୂଆଦିଲ୍ଲୀ,୧୦।୫: ଭାରତ ଓ ପାକିସ୍ତାନ ତୀବ୍ର ଉତ୍ତେଜନା ଭିତରେ କେନ୍ଦ୍ର ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଭାରତୀୟ କ୍ଷେତ୍ରରେ କୌଣସି ପ୍ରକାର ଆତଙ୍କୀ କାର୍ଯ୍ୟକଳାପକୁ ଯୁଦ୍ଧ ବୋଲି ହିସାବକୁ ନିଆଯାଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗତ ଦୁଇଦିନ ହେବ ରାତି ସମୟରେ ପାକିସ୍ତାନ ଭାରତୀୟ ସୀମାକୁ ଲାଗିଥିବା ଗାଁଗୁଡ଼ିକୁ ଟାର୍ଗେଟ କରିବା ସହ ଡ୍ରୋନ ଦ୍ୱାରା ହମଲା କରୁଛି। ଭାରତର ଏୟାର ଡିଫେନ୍ସ ସିଷ୍ଟମ ଏହାକୁ ନଷ୍ଟ କରିବାରେ ସକ୍ଷମ ହୋଇଛି। ଏହାଛଡ଼ା ଜାମ୍ମୁକାଶ୍ମୀରକୁ ଲାଗିଥିବା ଏଲଓସିରେ ଜୋରଦାର ଗୁଳିମାଡ଼ କରୁଛି ପାକିସ୍ତାନୀ ସେନା। ତେବେ ପାକିସ୍ତାନର ଏଭଳି ପଦକ୍ଷେପକୁ ନେଇ କେନ୍ଦ୍ର ସରକାର ବଡ଼ ନିଷ୍ପତ୍ତି ନେଇଛନ୍ତି। ଯଦି ଭାରତ ବିରୁଦ୍ଧରେ ଆଉ କୌଣସି ପ୍ରକାର ଆତଙ୍କବାଦୀ ହମଲା ହୁଏ ତେବେ ଏହାକୁ ଯୁଦ୍ଧ ବୋଲି ଗଣାଯିବ ଓ ସେହିଭଳି ଭାବେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କେନ୍ଦ୍ର ସରକାର ତାଙ୍କ ନିଷ୍ପତ୍ତି ନେଇ ସ୍ପଷ୍ଟ କରିଛନ୍ତି ଯେ ଆତଙ୍କବାଦୀ ଆକ୍ରମଣକୁ ଆଉ ବରଦାସ୍ତ କରାଯିବ ନାହିଁ । ଯଦି ପଡ଼ୋଶୀ ଦେଶ ଏଥିରୁ ନିବୃତ୍ତ ନ ରହେ ତେବେ ଏହାକୁ ଯୁଦ୍ଧ ବୋଲି ଭାବି ସେହିଭଳି ଢଙ୍ଗରେ ଜବାବ ଦିଆଯିବ। ଗତ ଏପ୍ରିଲ ୨୨ ତାରିଖରେ କାଶ୍ମୀରର ପହଲଗାମରେ ଆତଙ୍କୀଙ୍କ ଆକ୍ରମଣରେ ୨୬ଜଣ ନିରୀହ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା। ନିର୍ଦ୍ଦୋଷ ପର୍ଯ୍ୟଟକଙ୍କୁ ଧର୍ମ ପଚାରି ଆତଙ୍କୀ ଗୁଳି କରିଥିଲେ। ● ପୃଷ୍ଠା ୫ ଦେଖନ୍ତୁ

## ଭାରତର ଆକ୍ରମଣରେ ୫ ଦୁର୍ଦ୍ଧର୍ଷ ଆତଙ୍କୀ ନିପାତ

ନୂଆଦିଲ୍ଲୀ,୧୦।୫: ଅପରେସନ ସିନ୍ଦୂର ମାଧ୍ୟମରେ ଭାରତ ପକ୍ଷରୁ କରାଯାଇଥିବା କାର୍ଯ୍ୟାନୁଷ୍ଠାନରେ ନିହତ ହୋଇଥିବା ୫ ଦୁର୍ଦ୍ଧର୍ଷ ପାକିସ୍ତାନୀ ଆତଙ୍କୀ ନିପାତ ହୋଇଛନ୍ତି। ସେନାର ଆକ୍ରମଣରେ ସେମାନେ ମୃତ୍ୟୁବରଣ କରିଛନ୍ତି। ମୃତ୍ୟୁବରଣ କରିଥିବା ୫ ଆତଙ୍କୀ ହେଲେ- ମୁଦାସର ଖାଦିୟାନ, ଖଲିଦ, ହାଫିଜ ଜମିଲ, ୟୁସୁଫ ଅଜହର ଏବଂ ହାସନ୍ ଖାନ୍। ଏମାନେ ସମସ୍ତେ ଲସ୍କର ଏବଂ ଜୈଶ ସହ ଜଡ଼ିତ ଥିଲେ। ହାଫିଜ ସୟିଦ ଏବଂ ମାସୁର ଆଝାରଙ୍କ ନିର୍ଦ୍ଦେଶରେ ଏମାନେ ଆକ୍ରମଣ କରୁଥିଲେ। ମୁଦାସର ହେଉଛି ଲସ୍କର-ଇ-ତୋଇବାର ପ୍ରଭାରୀ। ଅପରେସନ ରାତିରେ ସେ ସେଠାରେ ଉପସ୍ଥିତ ଥିଲେ। ସେହିପରି ହାଫିଜ ମହମ୍ମଦ ଜମିଲ ଆତଙ୍କବାଦୀ ସଂଗଠନ ପାଇଁ ପାଣ୍ଠି ସଂଗ୍ରହ କରୁଥିଲେ। ୟୁସୁଫ ଅଜହର ଜୈଶର ମଦ୍ରାସାରେ ଅସ୍ତ୍ରଶସ୍ତ୍ର ତାଲିମ ପରିଚାଳନା କରୁଥିଲେ। ଜାମ୍ମୁରେ ହୋଇଥିବା ଅନେକ ଆତଙ୍କବାଦୀ ଆକ୍ରମଣରେ ସେ ସଂପୃକ୍ତ ରହିଥିଲା। ସେହିପରି ଖାଲିଦ ଓରଫ ଆବୁ ଲସ୍କର-ଇ-ତୋଇବାରେ କାର୍ଯ୍ୟ କରିବା ସହ ଆଫଗାନିସ୍ତାନରୁ ଅସ୍ତ୍ରଆଣି ଯୋଗାଉଥିଲା। ସେହିପରି ମହମ୍ମଦ ହାସନ ଖାନ୍ ଆତଙ୍କୀ ଆକ୍ରମଣର ସମନ୍ୱୟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିଲା।

### ପାଣିପାଗ ବିଶେଷଜ୍ଞଙ୍କ ସୂଚନା

## ୨୭ରେ କେରଳ ଛୁଇଁବ ମୌସୁମୀ



ଭୁବନେଶ୍ୱର,୧୦।୫(ଭାସ୍କର ନ୍ୟୁଜ): ଚଳିତବର୍ଷ ଦେଶକୁ ଶୀଘ୍ର ମୌସୁମୀ ଛୁଇଁବାର ସମ୍ଭାବନା ରହିଛି। ଆସନ୍ତା ୨୭ ତାରିଖରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳ ଉପକୂଳ ଛୁଇଁବା ନେଇ ପାଣିପାଗ ବିଶେଷଜ୍ଞମାନେ ମତ ଦେଇଛନ୍ତି। ତେବେ ମଡେଲଜନିତ ତ୍ରୁଟି ପାଇଁ ଚାରିଦିନ ଆଗପଛ ହେବାର ସମ୍ଭାବନା ରହିଛି। ଦେଶର ମୁଖ୍ୟ ଭୂଖଣ୍ଡ କେରଳ ନିକଟରେ ମୌସୁମୀ ବାୟୁ ଛୁଇଁବ ବୋଲି ସୂଚନା ଦିଆଯାଇଛି। ୨୦୨୪ ମଇ ୩୦ରେ ମୌସୁମୀ କେରଳ ଛୁଇଁଥିବାବେଳେ ୨୦୨୩ ଜୁନ୍ ୮, ୨୦୨୨ ମଇ ୨୯, ୨୦୨୧ ଜୁନ୍ ୩ ଓ ୨୦୨୦ ଜୁନ୍ ୧ ରେ ମୌସୁମୀ କେରଳ ଛୁଇଁଥିଲା। ଅନ୍ୟପକ୍ଷରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ଯେ ଆସନ୍ତା ● ପୃଷ୍ଠା ୫ ଦେଖନ୍ତୁ


ଓଡ଼ିଶା ସରକାର T-18

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା **12/05/2025** ରିଖ ସରକାରୀ ଛୁଟି ଦିନ ଥିବା ହେତୁ, ୟୁନିଟ-୫, ଭୁବନେଶ୍ୱର ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ** । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR 09014/11/0109/2526



କେନ୍ଦୁଝର (ଭାସ୍କର ନ୍ୟୁଜ୍): ଶିରିସପାଳ ପଞ୍ଚାୟତ ଅନ୍ତର୍ଗତ ବାଦାମପଟି ରାଧାକୃଷ୍ଣ ମନ୍ଦିର ପରିଚାଳନା କମିଟି ଓ ବାଦାମପଟି ସଂକୀର୍ତ୍ତନ ମଣ୍ଡଳୀର ମିଳିତ ଉଦ୍ୟମରେ ୪ମଇରୁ ୯ମଇ ପର୍ଯ୍ୟନ୍ତ ପଞ୍ଚରାତ୍ର ମହାମନ୍ତ୍ର ନାମଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି । ଗତକାଲି ପୂର୍ଣ୍ଣାହୁତି ତଥା ନଗର କୀର୍ତ୍ତନ କରାଯାଇ ନାମଯଜ୍ଞ ଉଦଯାପନ କରାଯାଇଛି । କର୍ତ୍ତା ହରେକୃଷ୍ଣ ଗିରି, ଦେବବ୍ରତ ଗିରି, ଦଶରଥ ଗିରି , ଗୁଣନିଧି ଗିରି ଓ ମୁଖ୍ୟ ସହଯୋଗୀ ଦେବାଶିଷ ଗିରୀଙ୍କ ସହଯୋଗରେ ଗୋଲଖ ବିହାରୀ ପଣ୍ଡା ପୂଜାଦି ନୀତିକାନ୍ତି ସମ୍ପାଦନ କରିଥିଲେ ।ଏହି ନାମ ଯଜ୍ଞରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, କେନ୍ଦୁଝର ଯାଦବ ମହାସଭା ଉପଦେଷ୍ଟା ତଥା ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ଆଚାର୍ଯ୍ୟ ଦାଶରଥି ପ୍ରଧାନ , ସଦର ବ୍ଲକ ସଂଗଠନ ସମ୍ପାଦକ ଜିତେନ୍ଦ୍ର ବେହେରା ଓ ସଦର ବ୍ଲକ ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ପ୍ରସନ୍ନ କୁମାର ଦାସ ଉପସ୍ଥିତ ହୋଇ କୀର୍ତ୍ତନମଣ୍ଡଳୀ ତଥା ନାମ ଅନୁରାଗୀ ଭକ୍ତ ମାନଙ୍କୁ ଉତ୍ସାହିତ କରିଥିଲେ । ଗ୍ରାମର ମୁରବୀ ମାର୍କଣ୍ଡ ଗିରି ,ଲାଲୁ ଗିରି, ଶୁଶୀଲ ପ୍ରଧାନ, ଗୋପାଳ ଗିରି, ରଘୁନାଥ ପ୍ରଧାନ ଓ ସଂକୀର୍ତ୍ତନ ପ୍ରେମୀ ତାପସ ଗିରି, ଶୁଭଙ୍କର ଗିରି , ଇନ୍ଦ୍ରମଣି ଗିରି , ଜଗନ୍ନାଥ ପ୍ରଧାନ ଓ ସୁରଭି ଗିରି, ଅନୁସୂୟା ଗିରି ତଥା ସାରଳା ଗିରି ପ୍ରମୁଖ ନାମଯଜ୍ଞ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଜିଲ୍ଲାରେ ଅଶୀ ବୟସରୁ ଅଧିକ ଓ ଅଶୀ ପ୍ରତିଶତରୁ ବେଶୀ ଅକ୍ଷମ ବର୍ଦ୍ଧିତ ଭତ୍ତା ପାଉଛନ୍ତି



କେନ୍ଦୁଝର(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ବର୍ଦ୍ଧିତ ସାମାଜିକ ସୁରକ୍ଷା ପେନସନରେ ମାସକୁ ୩ହଜାର ୫ଶହ ଟଙ୍କା ପେନସନ ପ୍ରଦାନ କରୁଥିବାବେଳେ କେନ୍ଦୁଝର ଜିଲ୍ଲାରେ ମୋଟ ୯ହଜାର ୭ଶହ ୮୫ ଜଣ ବ୍ୟକ୍ତି ଉପକୃତ ହେଉଥିବା ସରକାରୀ ଭାବେ ଜଣାପଡିଛି । ସରକାରଙ୍କ ନୂତନ ଘୋଷଣା ଅନୁଯାୟୀ ଅଶୀ ବୟସରୁ ଅଧିକ ଓ ଅଶୀ ପ୍ରତିଶତରୁ ଅଧିକ ଅକ୍ଷମ ଥିବା ବ୍ୟକ୍ତି ମାସକୁ ୩ହଜାର ୫ଶହ ଟଙ୍କା ଆର୍ଥିକ ସହାୟତା ପାଉଛନ୍ତି । କେନ୍ଦୁଝର ଜିଲ୍ଲାରେ ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ମୋଟ ୪ହଜାର ୭ଶହ ୩୯ଜଣ ପେନସନ ପାଉଥିବାବେଳେ ସେଥିମଧ୍ୟରୁ ୪ହଜାର ୮୧ଜଣ ବାର୍ଦ୍ଧକ୍ୟ କାରଣରୁ ପେନସନ ପାଉଛନ୍ତି । ଏହି ଯୋଜନାରେ ୬୫୮ଜଣ ଭିନ୍ନକ୍ଷମ ଭତ୍ତା ପାଉଛନ୍ତି । ସେହିପରି ମଧୁବାବୁ ପେନସନ ଯୋଜନାରେ ୫ହଜାର ୪୬ ଜଣ ପେନସନ ପାଉଥିବାବେଳେ ୩ହଜାର ୮୯୯ଜଣ ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମ ଯୋଜନାରେ ୧୧୪୭ଜଣ ପେନସନ ପାଉଛନ୍ତି । ଜିଲ୍ଲାରେ ହାଟଡିହି ବ୍ଲକରେ ସର୍ବାଧିକ ବ୍ୟକ୍ତି ଏହି ବର୍ଦ୍ଧିତ ଭତ୍ତା ୩୫୦୦ଟଙ୍କା ପାଉଥିବାବେଳେ ଚମ୍ପୁଆ ଏନଏସିରେ ସର୍ବନିମ୍ନ ବ୍ୟକ୍ତି ପେନସନ ପାଉଛନ୍ତି । ସରକାରୀ ସୂଚନା ମୁତାବକ ଆନନ୍ଦପୁର ବ୍ଲକରେ ଜାତୀୟ ସାମାଜିକ ସୁରକ୍ଷା ଯୋଜନା (ଏନଏସଏସଏସ) ରେ ୮୦ବର୍ଷ ବୟସ୍କ ୩୩୫ଜଣ, ଭିନ୍ନକ୍ଷମ ଭତ୍ତା ବା ଡିପିଏସରେ ୨୨ଜଣ ଏପରି ମୋଟ ୩୭୭, ମଧୁବାବୁ ପେନସନ ଯୋଜନାରେ ୮୦ବର୍ଷ ବୟସ୍କ ୩୦୨ଜଣ,ଭିନ୍ନକ୍ଷମ ୪୬ ଏପରି ମୋଟ ୩୪୮, ଏହି ବ୍ଲକରେ ସର୍ବମୋଟ ୭୨୫ ଜଣ ମାସକୁ ୩ହଜାର ୫୦୦ଟଙ୍କା ପାଉଛନ୍ତି । ବାଂଶପାଳ ବ୍ଲକରେ ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ୮୦ବର୍ଷ ବୟସ୍କ ୨୧୫ଜଣ, ଭିନ୍ନକ୍ଷମ ଭତ୍ତା ଯୋଜନାରେ ୧୧ଜଣ, ଏପରି ମୋଟ ୨୬୬,ମଧୁବାବୁ ପେନସନ ଯୋଜନାରେ ୮୦ବର୍ଷ ବୟସ୍କ ୫୭୩ଜଣ,ଭିନ୍ନକ୍ଷମ ୨୩ ଏପରି ମୋଟ ୫୮୬,ବାଂଶପାଳରେ ସର୍ବମୋଟ ୮୨୨ଜଣ,ତେଲକୋଇ ବ୍ଲକରେ ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ୮୦ବର୍ଷ ବୟସ୍କ ୫୮ଜଣ, ଭିନ୍ନକ୍ଷମ ଭତ୍ତା ଯୋଜନାରେ ୮୩ ଏପରି ମୋଟ ୧୪୧ଜଣ,ମଧୁବାବୁ ପେନସନ ଯୋଜନାରେ ୮୦ବର୍ଷ ବୟସ୍କ ୧୧୧ଜଣ,ଭିନ୍ନକ୍ଷମ ୫୦ ଏପରି ମୋଟ ୧୬୧,ତେଲକୋଇରେ ସର୍ବମୋଟ ୩୦୨ଜଣ,ଚମ୍ପୁଆ ବ୍ଲକରେ ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ୮୦ବର୍ଷ ବୟସ୍କ ୨୩୮ଜଣ ଭିନ୍ନକ୍ଷମ ଭତ୍ତା ଯୋଜନା ୮୩ ଏପରି ମୋଟ ୧୪୧,ମଧୁବାବୁ ପେନସନ ଯୋଜନାରେ ୮୦ବର୍ଷ ବୟସ୍କ ୧୧୧ଜଣ,ଭିନ୍ନକ୍ଷମ ୫୦ ଏପରି ମୋଟ ୧୬୧ଜଣ ମାସକୁ ୩ହଜାର ୫୦୦ଟଙ୍କା ଆର୍ଥିକ ସହାୟତା ପାଉଛନ୍ତି । ଘଷିପୁରା ବ୍ଲକରେ ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ୮୦ବର୍ଷ ବୟସ୍କ ୬୧୦ଜଣ, ଭିନ୍ନକ୍ଷମ ଭତ୍ତା ଯୋଜନା ୩୫ଜଣ ଏପରି ମୋଟ ୬୪୫,ମଧୁବାବୁ ପେନସନ ଯୋଜନାରେ ୩୨୨ ଜଣ ବୟସ୍କ ଭତ୍ତା,ଭିନ୍ନକ୍ଷମ ୧୪୬ ଏପରି ମୋଟ ୪୪୮ ଓ ସର୍ବମୋଟ ୧୧୦୩ଜଣ ମାସକୁ ୩ହଜାର ୫୦୦ଟଙ୍କା ଆର୍ଥିକ ସହାୟତା ପାଉଛନ୍ତି । ଘଟଗାଁ ବ୍ଲକରେ ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ୮୦ବର୍ଷ ବୟସ୍କ ୧୧୬ଜଣ, ଭିନ୍ନକ୍ଷମ ଭତ୍ତା ଯୋଜନା ୧୨ଜଣ ଏପରି ମୋଟ ୧୨୮,ମଧୁବାବୁ ପେନସନ ଯୋଜନାରେ ୧୩୪ ଜଣ ବୟସ୍କ ଭତ୍ତା,ଭିନ୍ନକ୍ଷମ ୬୦ ଏପରି ମୋଟ ୧୯୪ ଓ ସର୍ବମୋଟ ୩୨୨ଜଣ ମାସକୁ ୩ହଜାର ୫୦୦ଟଙ୍କା ଆର୍ଥିକ ସହାୟତା ପାଉଛନ୍ତି । ହରିଚନ୍ଦନପୁର ବ୍ଲକରେ ସର୍ବମୋଟ ୬୬୭ଜଣ ମାସକୁ ୩ହଜାର ୫୦୦ଟଙ୍କା ଆର୍ଥିକ ସହାୟତା ପାଉଛନ୍ତି । ହାଟଡିହି ବ୍ଲକରେ ସର୍ବମୋଟ ୧୪୮୬ଜଣ ମାସକୁ ୩ହଜାର ୫୦୦ଟଙ୍କା ଆର୍ଥିକ ସହାୟତା ପାଉଛନ୍ତି । ଝୁମ୍ପୁରା ବ୍ଲକରେ ସର୍ବମୋଟ ୨୬୩ଜଣ ମାସକୁ ୩ହଜାର ୫୦୦ଟଙ୍କା ଆର୍ଥିକ ସହାୟତା ପାଉଛନ୍ତି । ଯୋଡା ବ୍ଲକରେ ସର୍ବମୋଟ ୩୧୪ଜଣ ମାସକୁ ୩ହଜାର ୫୦୦ଟଙ୍କା ଆର୍ଥିକ ସହାୟତା ପାଉଛନ୍ତି । କେନ୍ଦୁଝର ସଦର ବ୍ଲକରେ ସର୍ବମୋଟ ୪୬୪ଜଣ ମାସକୁ ୩ହଜାର ୫୦୦ଟଙ୍କା ଆର୍ଥିକ ସହାୟତା ପାଉଛନ୍ତି । ପାଟଣା ବ୍ଲକରେ ସର୍ବମୋଟ ୯୯୭ଜଣ ମାସକୁ ୩ହଜାର ୫୦୦ଟଙ୍କା ଆର୍ଥିକ ସହାୟତା ପାଉଛନ୍ତି । ସାହାରପଡା ବ୍ଲକରେ ସର୍ବମୋଟ ୭୬୮ଜଣ ମାସକୁ ୩ହଜାର ୫୦୦ଟଙ୍କା ଆର୍ଥିକ ସହାୟତା ପାଉଛନ୍ତି । ସହରାଂଚଳ କଥା ଆଲୋଚନା କଲେ ଜଣାଯାଏ କେନ୍ଦୁଝରଗଡ ପୌରପାଳିକାରେ ୯୫,ବଡବିଲ ପୌରପାଳିକାରେ ୨୦୮,ଯୋଡା ପୌରପାଳିକାରେ ୧୪୨,ଆନନ୍ଦପୁର ପୌରପାଳିକାରେ ୨୯୭ଜଣ ଓ ଚମ୍ପୁଆ ଏନଏସିରେ ୪୫ଜଣ ମାସକୁ ୩୫୦୦ଟଙ୍କା ବର୍ଦ୍ଧିତ ପେନସନ ପାଉଛନ୍ତି ବୋଲି ସରକାରୀ ସୁତ୍ରରୁ ଜଣାପଡିଛି ।

## ନାବାଳିକା ଅପହରଣ ମାମଲା:
# ଥାନାରେ ଅଭିଯୋଗ କଲେ ପିତା

ଜଳେଶ୍ୱର(ଭାସ୍କର ନ୍ୟୁଜ୍): ଜଳେଶ୍ୱର ଥାନା ଅନ୍ତର୍ଗତ ଅଗ୍ରୱାଲା ଛକ ନିକଟ ବିଜୟ ବେହେରାଙ୍କ ଘରେ ଭଡ଼ାରେ ରହୁଥିବା ପଶ୍ଚିମବଙ୍ଗ ବେଲଦାନିବାସୀ ଦୁର୍ଗା ମୁର୍ମୁଙ୍କ ୮ ବର୍ଷର ଝିଅ ତିଥି ମୁର୍ମୁକୁ ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ଫୁଲାଡ଼ି ଗାଁର କ୍ରିଷ୍ଣା ସାହୁଙ୍କ ପୁତ୍ର ରମିୟ ସାହୁ ଅପହରଣ କରି ନେଇଥିବା ଜଳେଶ୍ୱର



ଥାନାରେ ଅଭିଯୋଗ ହୋଇଛି । ଘଟଣାରୁ ପ୍ରକାଶ, ଅଗ୍ରୱାଲା ଛକ ନିକଟ ବିଜୟ ବେହେରାଙ୍କ ଘରେ ଦୁର୍ଗା ମୁର୍ମୁ ତାର ପରିବାର ନେଇ ଭଡ଼ାରେ ରହୁଥିଲା । ସେହିପରି ସେହି ଘରେ ଅନ୍ୟ ଏକ କୋଠରୀରେ ଫୁଲାଡ଼ି ଗାଁର ରମିୟ ସାହୁ ମଧ୍ୟ ଭଡ଼ା ନେଇ ରହୁଥିଲେ । ଦୁର୍ଗା ମୁର୍ମୁର ଫ୍ୟାନ ନ ଥିବାରୁ ତାର ୮ ବର୍ଷର ଝିଅ ତିଥି ମୁର୍ମୁ ରମିୟ ସାହୁଙ୍କ ଘରେ ଗୁରୁବାର ରାତିରେ ଶୋଇଥିଲେ ।ଆଜି ସକାଳେ ରମିୟ ସାହୁର ଘର ଚାବି ମରା ଯାଇଥିବା ଓ କୁନିଝିଅ ତିଥି ନ ଥିବା ଦେଖି ଫୋନ ଦ୍ୱାରା ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ସୁଇଚ୍ ଅଫ ଥିବା କାରଣରୁ ସନ୍ଦେହ ପ୍ରକାଶ ପାଇଛି ।ତେଣୁ ତିଥିକୁ ଅପହରଣ କରାଯାଇଥିବା ଓ ବିକ୍ରି କରିଦେବାର ସମ୍ଭାବନା ଥିବା କାରଣରୁ ଦୁର୍ଗା ମୁର୍ମୁ ଜଳେଶ୍ୱର ଥାନାର ଦ୍ୱାରସ୍ଥ ହୋଇଛନ୍ତି ।

# କ୍ୟାନ୍ସର ପୀଡ଼ିତଙ୍କୁ ସହାୟତାର ହାତ ବଢାଇଲା ବିକାଶ ପରିଷଦ

ଫୁଲନଖରା(ଭାସ୍କର ନ୍ୟୁଜ୍): ବୟାଳିଶ ମୌଜାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ବୟାଳିଶମୌଜା ବିକାଶ ପରିଷଦ ଦହିଗାଁ ଗ୍ରାମର କ୍ୟାନସର ପୀଡିତ ଅରବିନ୍ଦ ବାରିକଙ୍କୁ ସହଯୋଗର ହାତ ବଢାଇ ଆର୍ଥିକ ସାହାଯ୍ୟ ପ୍ରଦାନ କରିଛି । ପରିଷଦର ସମ୍ପାଦକ ସନ୍ତୋଷ କୁମାର ପତି ନେତୃତ୍ୱରେ ଉପଦେଷ୍ଟା ପ୍ରମୋଦ ମହାପାତ୍ର, ବୁଲେଇ ବେହେରା, ସେକ୍ କଲ୍ଲିମୁଲ୍ଲା ସହିତ ଦେବପ୍ରସାଦ ତ୍ରିପାଠୀ, ଦିପ୍ତିରଞ୍ଜନ ଶତପଥି ଅରବିନ୍ଦ ଘରେ ପହଞ୍ଚି ପରିଷଦ ଦ୍ୱାରା ପରିଚାଳିତ କଲ୍ୟାଣ ପାଣ୍ଠିରୁ ଏହି ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଇଥିଲା । ବୟାଳିଶ ମୌଜାରେ ସାମାଜିକ କାର୍ଯ୍ୟକ୍ରମ ସହିତ ପରିଷଦ ଅଭାବିତ ଏବଂ ଅସୁବିଧା ସମୟରେ ଅଂଚଳବାସୀଙ୍କୁ ଏଭଳି ସହଯୋଗ ଜାରି ରଖାଯିବ ବୋଲି ପରିଷଦର ସଭାପତି ଆଇନଜୀବୀ କେଶବ ଚନ୍ଦ୍ର କର ମତବ୍ୟକ୍ତ କରିଛନ୍ତି। ପ୍ରକାଶ ଥାଉକି କଳପଡା ପଂଚାୟତର ଦହିଗାଁ



ଗ୍ରାମର ୬ନଂ ଓାର୍ଡର ଅରବିନ୍ଦ ବାରିକ ଏକ ଛୋଟ ଜଳଖିଆ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ସଂସାର ସୁଖଦୁଃଖରେ ଚାଲୁଥିବା ବେଳେ ହଠାତ୍ କ୍ୟାନସର ରୋଗର ଶିକାର ହୁଅନ୍ତି ଅରବିନ୍ଦ । ବେଉସା ବନ୍ଦ ହୋଇଯାଏ, ପରିବାରର ଏକମାତ୍ର ରୋଜଗାରିଆ ଲୋକଟି ନିଃସ୍ୱ ହୋଇଯାଏ । ଦୀର୍ଘଦିନ ଧରି ଚିକିତ୍ସା ଚାଲୁ ରହିଥିବା ବେଳେ ଅରବିନ୍ଦ ପରିବାର ସଂପୂର୍ଣ୍ଣ ଅସହାୟ ହୋଇପଡିଛନ୍ତି । ପ୍ରଶାସନ ନା ରାଜନେତା କେହିବି ସହଯୋଗ ହାତ ବଢାଇନାହାନ୍ତି । ଘର ଖଣ୍ଡେ ନଥିବାରୁ ବହୁ କଷ୍ଟରେ ବଂଚିଛନ୍ତି ବୋଲି ଅରବିନ୍ଦଙ୍କ ପତ୍ନୀ ରଂଜନା କହିଛନ୍ତି । ନା ମିଳିଛି ଆବାସ ଯୋଜନା ନା କୌଣସି ସରକାରୀ ସହାୟତା । ଚିକିତ୍ସା ପାଇଁ ଯାତାୟତ ଖର୍ଚ୍ଚ ବହନ କରିବା ବି ରଂଜନା ପକ୍ଷେ ବହୁ କଷ୍ଟକର ହେଉଥିବାରୁ ଆର୍ଥିକ ସାହାଯ୍ୟ ପାଇଁ ରଂଜନା ନିବେଦନ କରିଛନ୍ତି। ତେବେ ସଦର ବ୍ଲକ ପ୍ରଶାସନ ଅରବିନ୍ଦଙ୍କ ପରିବାରକୁ ସହାୟ ହେବା ସହିତ ଆବାସ ଯୋଜନାରେ ସାମିଲ କରିବାକୁ ଅଂଚଳବାସୀଙ୍କ ତରଫରୁ ଦୃଢ ଦାବି କରାଯାଇଛି ।

# ପୋଖରୀ ପାଲଟିଛି ସାହାପୁର ପତିସାହି ଓ ମହାକୁଡ଼ସାହି ଗାଁ ରାସ୍ତା, ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ

ତିହିଡି (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ସାହାପୁର ପଞ୍ଚାୟତ ଅଧୀନ ପତିସାହି ଓ ମହାକୁଡ଼ ସାହି ରାସ୍ତାରେ ପାଣି ଜମିରହିଛି। ପାଣି ଗାଁ ରାସ୍ତାରୁ ପାଣି ନିଷ୍କାସନ ହୋଇନପାରିବାରୁ ଜମିରହୁଛି। କିଛି ବର୍ଷ ହେଲା ଏହି ସମସ୍ୟା ଲାଗିରହୁଥିବାରୁ ଗାଁଲୋକ ଘୋର ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ତେବେ ଉଭୟ ସାହିର ଲୋକେ ଏ ସମ୍ପର୍କରେ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବା ପରେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ଶୁକ୍ରବାର ଏହାର କ୍ଷେତ୍ରୀୟ ତଦନ୍ତ କରିଥିବା ବେଳେ ପିରହାଟ ରାଜସ୍ୱ ନିରୀକ୍ଷକ ସ୍ମିତା ସାହୁ ଉପସ୍ଥିତ ଥିଲେ । ଗତ ୫ତାରିଖରେ ଗ୍ରାମର ସୁଦର୍ଶନ ମହାକୁଡ଼,ଶରତ ମହାକୁଡ଼, ଅଶୋକ ମହାକୁଡ଼,ସୁରେନ୍ଦ୍ର ଡାଙ୍ଗୁଆ,କୁନି ମହାକୁଡ଼,ଜୟନ୍ତ ସେଠି ଭରତ ଡାଙ୍ଗୁଆ ପ୍ରମୁଖ ଶତାଧିକ ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି ଯେ ,ସେହି ୨ ସାହିରେ ୩ଶହରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି । ସେମାନଙ୍କ ଯାତାୟତ ପାଇଁ ଏକମାତ୍ର ରାସ୍ତା ରହିଛି । ତେବେ ଗ୍ରାମର ପାଣି ଓ ବର୍ଷା ପାଣି ନିଷ୍କାସନ ପାଇଁ ରାସ୍ତା ପାର୍ଶ୍ୱରେ ପାଣି ନାଳ ରହିଛି । ମାତ୍ର ସେହି ନାଳକୁ ପୋତି ଅବରୋଧ କରାଯାଇଥିବାରୁ ପାଣି ନିଷ୍କାସିତ

### ତଦନ୍ତ କଲେ ତହସିଲଦାର

ହୋଇନପାରି ରାସ୍ତା ଉପରେ ଜମିରହୁଛି । ରାସ୍ତାର ୬୦ଫୁଟ ପାଣିରେ ବୁଡ଼ି ରହିଥିବାରୁ ସାହିବାସିନ୍ଦା ପାଣିରେ ପଶି ଯାତାୟତ କରୁଛନ୍ତି । ସାହିରେ ସ୍କୁଲ ଓ ଅଙ୍ଗନୱାଡି ଥିବାରୁ ପିଲାମାନେ ମଧ୍ୟ ପାଣିରେ ପଶି ଯାଉଛନ୍ତି । ଗତ ୨୦୨୩ରେ ସାହି ଲୋକମାନେ ତହସିଲଦାରଙ୍କୁ ଭେଟି ସରକାରୀ ଜାଗାର ମାପଚୁପ କରି ପାଣିନାଳକୁ ଅବରୋଧମୁକ୍ତ କରିବାକୁ ଦାବି ଜଣାଇଥିଲେ । ତତ୍କାଳୀନ ତହସିଲଦାର ମାପଚୁପ ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ କୌଣସି ପଦକ୍ଷେପ ନେଇନଥିଲେ । ଏବେ ପରିସ୍ଥିତି ଅସମ୍ଭାଳ ହେବାରୁ ସେମାନେ ତହସିଲଦାରଙ୍କୁ ଭେଟି ମାପଚୁପ ମାଧ୍ୟମରେ ସରକାରୀ ନାଳକୁ ଅବରୋଧମୁକ୍ତ କରାଇବାକୁ ଦାବି ଜଣାଇଥିଲେ । ଅଭିଯୋଗ ପାଇବାପରେ ତହସିଲଦାର ଶ୍ରୀ ଆଚାର୍ଯ୍ୟ ଶୁକ୍ରବାର ଘଟଣାସ୍ଥଳକୁ ଯାଇ ଏହାର କ୍ଷେତ୍ରୀୟ ତଦନ୍ତ କରିଥିଲେ । ତେବେ ନାଳ କାଟି ପାଣି ନିଷ୍କାସନ ପାଇଁ ତହସିଲଦାର ସାହି ବାସିନ୍ଦାଙ୍କୁ ପରାମର୍ଶ ଦେଇଥିଲେ । ମାତ୍ର ସେମାନେ ଏଥିରେ ଅରାଜି ହୋଇ ମାପଚୁପ ପାଇଁ ଅଡ଼ି ବସିଥିଲେ । ତେବେ ଏସମ୍ପର୍କରେ ତହସିଲଦାର ଜୟଦରଥ ଆଚର୍ଯ୍ୟଙ୍କୁ ପଚାରିବାରୁ ସେ କହିଛନ୍ତିଯେ, ରାସ୍ତାର ମାପଚୁପ କରାଯିବା ପରେ ଯାହା ପଦକ୍ଷେପ ନିଆଯିବ ।

# ଅବ୍ୟବସ୍ଥା ଘେରରେ ବୋଲଗଡ ରାଜସ୍ୱ କାର୍ଯ୍ୟାଳୟ



ବୋଲଗଡ(ଭାସ୍କର ନ୍ୟୁଜ୍): ୧୯୯୫ମସିହାରେ ତତ୍କାଳୀନ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ ଗ୍ରାମାଂଚଳର ଲୋକମାନଙ୍କୁ ସହଜ ସୁବିଧାରେ ରାଜସ୍ୱ ସେବା ଦେବାପାଇଁ ବୋଲଗଡରେ ନୂତନ ଭାବେ ତହସିଲ କାର୍ଯ୍ୟାଳୟ ସ୍ଥାପନ କଲେ ।ତହସିଲ କାର୍ଯ୍ୟାଳୟକୁ ଜନସାଧାରଣମାନଙ୍କର ଜମି ଜମା ପଞ୍ଜି କରଣ ଓ ବିଭିନ୍ନ ପ୍ରକାର ପ୍ରମାଣ ପତ୍ର ତଦନ୍ତ ରିପୋର୍ଟ ଦେବାପାଇଁ ବୋଲଗଡ ଠାରେ ରାଜସ୍ୱ କାର୍ଯ୍ୟାଳୟ ସ୍ଥାପନ କରାଯାଇଅଛି । କିନ୍ତୁ ଦୁଃଖ ଓ ପରିତାପର ବିଷୟ ରାଜସ୍ୱ କାର୍ଯ୍ୟାଳୟ ମରାମତି ପରେ ବି ଛାତରୁ ବର୍ଷା ସମୟ ରେ ବର୍ଷା ଜଳ ସମସ୍ତ କୋଠରୀ ମଧ୍ୟକୁ ଝରୁଥିବାରୁ ପ୍ରଜା ମାନଙ୍କର ରେକଡ଼ପତ୍ର ନଷ୍ଟ ହୋଇଯାଉଅଛି । ଏହି କାର୍ଯ୍ୟାଳୟରେ ଜନସାଧାରଣ, ରାଜସ୍ୱନିରୀକ୍ଷକ ଓ କର୍ମଚାରୀମାନଙ୍କ ପାଇଁ ପାନୀୟଜଳ ର ବ୍ୟବସ୍ଥା ଓ ପାଇଖାନା ଘର ନଥିବାରୁ ସମସ୍ତେ ନାନା ଅସୁବିଧାର ସମ୍ମୁଖୀନ ହେଉଅଛନ୍ତି । ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ କୁ ଜରୁରୀ କାର୍ଯ୍ୟରେ ଆସୁଥିବା ଛାତ୍ର ଛାତ୍ରୀ, ଜନସାଧାରଣ,ଓକିଲ,ସାମ୍ବାଦିକ ଓ ମୋହରିର ମାନଙ୍କ ବିଶ୍ରାମ ପାଇଁ କୌଣସି ବିଶ୍ରାଳୟ ନାହିଁ । ଫଳରେ ବର୍ଷା ସମୟ ରେ ସମସ୍ତେ ବର୍ଷା ଜଳରେ ଓଦା ହେବାର ନିଜର ଆସିଛି । ଏଠାରେ ଅବସ୍ଥାପିତ ରାଜସ୍ୱନିରୀକ୍ଷକ ଓ କର୍ମଚାରୀ ମାନଙ୍କ ପାଇଁ ସରକାରୀ ବାସଗୃହ ନଥିବାରୁ ସେମାନେ ବାଧ୍ୟ ହୋଇ ବହୁ ଦୂରରେ ବସତି ସ୍ଥାପନ କରୁଅଛନ୍ତି । ତେଣୁ ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା,ରାଜସ୍ୱ ମନ୍ତ୍ରୀ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ଓ ରାଜସ୍ୱ ଶାସନ ସଚିବ ଏଥିପ୍ରତି ଶୀଘ୍ର ଦୃଷ୍ଟି ଦେଇ ରାଜସ୍ୱ କାର୍ଯ୍ୟାଳୟର କର୍ମଚାରୀ ଓ ଜନସାଧାରଣମାନଙ୍କ ସୁବିଧା ପାଇଁ ରାଜସ୍ୱ କାର୍ଯ୍ୟାଳୟର ଗୃହଟିକୁ ନବୀକରଣ ସହିତ ଅନ୍ୟାନ୍ୟ ସୁବିଧା କରିବାକୁ ବୋଲଗଡ ଅଞ୍ଚଳବାସୀ ଦୃଢ ଅନୁରୋଧ କରିଅଛନ୍ତି ।

# ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା




ଫୁଲନଖରା (ଭାସ୍କର ନ୍ୟୁଜ୍): କଟକ ସଦର ଥାନା ଅନ୍ତର୍ଗତ ଶାସୋଳ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଈଶାନେଶ୍ୱରଙ୍କ ପୀଠରେ ବିଶ୍ୱରେ ଶାନ୍ତି ସ୍ଥାପନ ଉଦ୍ଦେଶ୍ୟରେ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ୯ ତାରିଖ ଠାରୁ ଆରମ୍ଭ ହୋଇ ୧୨ ତାରିଖରେ ପୂର୍ଣ୍ଣାହୁତି ପର୍ବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଏହି ଉପଲକ୍ଷେ ଆଜି ଶାସୋଳ ଗ୍ରାମର ମହିଳା ଓ ପୁରୁଷମାନେ ଏକ ଶୋଭାଯାତ୍ରାରେ ବାହାରି ଶାସୋଳସ୍ଥିତ ପବିତ୍ର ପୁଷ୍କରିଣୀରୁ ଜଳ ଉତ୍ତୋଳନ କରି ଶୋଭାଯାତ୍ରାରେ ଆସି ଈଶାନେଶ୍ୱରଙ୍କ ପୀଠରେ ପହଞ୍ଚି ଥିଲେ । ଉକ୍ତ ବିଶ୍ୱଶାନ୍ତି ମହାଯଜ୍ଞକୁ ଶାସୋଳ ଗ୍ରାମବାସୀମାନେ ପରିଚାଳନା କରିଥିଲେ ।

# ମାଲୁଦ ବଜାର ରାସ୍ତା ସମ୍ପ୍ରସାରଣ ଦାବି

କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ପ୍ରମୁଖ ବାଣିଜ୍ୟ କେନ୍ଦ୍ର ମାଲୁଦ ରାଜା ବଜାର । ଏହି ବଜାର ଉପରେ କୃଷ୍ଣପ୍ରସାଦ ବ୍ଲକର ପ୍ରାୟ ୧୧ଗୋଟି ପଂଚାୟତ ସହ ପଡୋଶୀ ଗଞ୍ଜାମ ଜିଲ୍ଲା ର ଅଧିକାଂଶ ପଂଚାୟତ ଅଧିବାସୀ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ର କିଣାବିକା କରିଥାନ୍ତି । ପ୍ରତିଦିନ ହଜାର ହଜାର ଲୋକଙ୍କ ଭିଡ଼ ହେଉଥିବା ବେଳେ ଉଠା ଦୋକାନୀ ଓ କ୍ୟାବିନ ବାଲାଙ୍କ ପ୍ରାଦୁର୍ଭାବ ଯୋଗୁଁ ବଜାରର ମୁଖ୍ୟ ସଡ଼କ ସଂକୁଚିତ ହେଉଛି , ଯାଦ୍ୱାରା କି ଚାରି ଚକିଆ ଯାନ ହେଉକି ରୋଗୀ ସେବା ଆମ୍ବୁଲାଆନ୍ସ ଯାତାୟତ ନିମନ୍ତେ ଘଣ୍ଟା ଘଣ୍ଟା ଅଟକି ରହୁଛି । ଗତ ଦୁଇବର୍ଷ ତଳେ କୃଷ୍ଣପ୍ରସାଦ ତହସିଲ ପକ୍ଷରୁ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଥିଲା ବେଳେ କୌଣସି କାରଣରୁ ଅଧାରେ ଅଟକି ରହିଛି । ବର୍ତ୍ତମାନ ପ୍ରୟାଗି ଠାରୁ କୃଷ୍ଣପ୍ରସାଦ ରାସ୍ତା ସମ୍ପ୍ରସାରଣ ଚାଲୁଥିବା ବେଳେ ମାଲୁଦ ରାଜାବଜାରରେ ଥିବା ଉଠାଦୋକାନୀ କଣ୍ଟକ ସାଜିଛନ୍ତି । ଯାଦ୍ୱାରା ଯାତାୟାତରେ ବାଧା ଉପୁଜିବା ସହ ଆକ୍ସିଡେଣ୍ଟ ହେଉଛି । ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଇ ରାସ୍ତା ସମ୍ପ୍ରସାରଣ କରିବାକୁ ସାଧାରଣ ରେ ଦାବି ହେଉଛି ।

# ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ପଦବୀ ପାଇଁ ଦାବି




ପରଜଙ୍ଗ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଠାରେ ବ୍ଲକର ଏକମାତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିବା ବେଳେ, ଏଠାରେ ସ୍ତ୍ରୀରୋଗ ଡାକ୍ତର ପଦବୀ ଦୀର୍ଘ ଦିନରୁ ଖାଲି ରହିଛି । ଏହାରି ଅଧିନରେ ମୁକ୍ତାପଶି, କୁମୁସି , ପାଟରପଡା, ଲୋଧଣି ଓ ଦଦରାଘାଟି ଏହିପରି ପାଞ୍ଚଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିଚାଳିତ ହେଉଥିଲେ ମଧ୍ୟ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ହେଉଛି ଅଞ୍ଚଳବାସୀଙ୍କ ନିର୍ଭରଶୀଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର । ପୂର୍ବରୁ ଜନପ୍ରତିନିଧି ଓ ସରକାରଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଆଜକୁ ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ୍ୱ ଦିନ ଧରି ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ପଦବୀ ଅଦ୍ୟାବଧି ଖାଲି ପଡ଼ିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିଶେଷ କରି ଗରିବ ଅସହାୟ ମହିଳା ମାନେ ବିଭିନ୍ନ ସମୟରେ ରୋଗ ଯନ୍ତ୍ରଣାର ଶିକାର ହେଉଥିଲେ ମଧ୍ୟ ଏହି ବିଭାଗର ଡାକ୍ତର ନଥିବାରୁ ମହିଳା ମାନେ ସମସ୍ୟାର ସମ୍ମୁଖୀନ ହୋଇ ଖର୍ଚ୍ଚାନ୍ତ ସହ ଅନ୍ୟତ୍ର ମେଡ଼ିକାଲକୁ ଯିବା ଅତି ନିନ୍ଦନୀୟ ଅଟେ ।ରାତ୍ରିକାଳୀନ କୌଣସି ଅସୁବିଧା ହେଲେ ନିଜ ଡାକ୍ତରଖାନା ରହିଥିବାବେଳେ ଆଶାକର୍ମୀମାନଙ୍କ ସହାୟତାରେ ଜିଲ୍ଲା ଚିକିତ୍ସାଳୟ ହେଉ ଅବା କାମାକ୍ଷା ନଗର, ତାଳଚେର ଆଦି ଡାକ୍ତରଖାନା କୁ ଭରସା ରଖିଥାନ୍ତି ।ପ୍ରାୟ ପ୍ରସୂତି ମାମାନଙ୍କର ବିପଦ ସମୟରେ ଆଶାକର୍ମୀ ହିଁ ସାହାଭରସା ହୋଇଥାଏ । ମହିଳାମାନଙ୍କ ପାଇଁ ଅତି ଜରୁରୀ କାଳୀନ ବିଭାଗ ପଦବୀ ଖାଲି ରହିଥିବାରୁ ଏଥି ପ୍ରତି ବିଭାଗୀୟ ଦୃଷ୍ଟି ଆକର୍ଷଣ ନହେବା ଅଂଚଳ ପାଇଁ ଦୁର୍ଭାଗ୍ୟଜନକ । ତୁରନ୍ତ ଉଚ୍ଚପଦସ୍ଥ ଅଧିକାରୀ ଏଥିପ୍ରତି ଗୁରୁତ୍ୱ ଦେଇ ଉକ୍ତ ବିଭାଗରେ ଖାଲିପଡ଼ିଥିବା ଡାକ୍ତର ପୂରଣ କରିବା ପାଇଁ ସର୍ବସାଧାରଣ ରେ ଦାବୀ ରଖିଛନ୍ତି ।


# ଫାଶୀବାଦ ବିରୋଧୀ ବିଜୟ ଦିବସ ପାଳିତ

ଜଳେଶ୍ୱର(ଭାସ୍କର ନ୍ୟୁଜ୍): ମାର୍କସବାଦୀ କମ୍ୟୁନିଷ୍ଟ ପାର୍ଟି ଜଳେଶ୍ୱର ଆଞ୍ଚଳିକ କମିଟି ତରଫରୁ ଫାଶୀବାଦୀ ବିରୋଧୀ ବିଜୟ ଦିବସର ୮୦ ତମ ବାର୍ଷିକୀ ଜଳେଶ୍ୱର ପାର୍ଟି କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି ।ସୂଚନା ଅନୁସାରେ ଆଜି ମଇ ୯ ତାରିଖ ଦିନ ବିଶ୍ୱରେ ଫାଶୀବାଦକୁ ସମ୍ପୂର୍ଣ୍ଣ ଭାବେ ପରାସ୍ତ କରି ସମାଜବାଦୀ ମାନେ ଶ୍ରମିକ ଶ୍ରେଣୀର ନେତୃତ୍ୱରେ ବର୍ଲିନ ସ୍ଥିତ ରାଇକଷ୍ଟାଗ୍ ଉପରେ ଲାଲ୍ ପତାକା ଉତ୍ତୋଳନ କରିଥିଲେ । ପୁନର୍ବାର ଋଷରେ ଏହି ସ୍ମାରକୀକୁ ବିଶ୍ୱର ବହୁ ଦେଶର ପ୍ରତିନିଧି ଏକତ୍ରୀ ହୋଇ ଆନ୍ତର୍ଜାତୀୟ ଫାଶୀବାଦୀ ବିରୋଧୀ ବିଜୟ ଦିବସ ରୂପେ ମହା ସମାରୋହରେ ପାଳିତ ହୋଇଛି । ପାର୍ଟିର କାର୍ଯ୍ୟାଳୟରେ ଅନୁଷ୍ଠିତ ସଭାରେ ଆଞ୍ଚଳିକ କମିଟିର ସମ୍ପାଦକ ଅକ୍ଷୟ କୁମାର ମିଶ୍ର ସଭାପତିତ୍ୱ କରିଥିଲା ବେଳେ ପାର୍ଟିର ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଦିପ୍ତୀମାନ ଆଚାର୍ଯ୍ୟ ଓ ଜିଲ୍ଲା କମିଟିର ଅନ୍ୟତମ ସଦସ୍ୟ ଦିଲ୍ଲୀପ କୁମାର ଗିରି ସଭାରେ ବକ୍ତବ୍ୟ ରଖି ଶୋଷଣର ଅନ୍ୟନାମ ହେଉଛି ଫାଶୀବାଦ ବୋଲି କହିଥିଲେ । ସମାଜରେ ସନ୍ତ୍ରାସ ସୃଷ୍ଟି କରିବା ଏବଂ ଗୋଟିଏ ପରେ ଗୋଟିଏ ଦେଶକୁ ଯୁଦ୍ଧର ଭୟ ଦେଖାଇ କରାୟତ୍ତ କରିବା ହେଉଛି ଫାଶୀବାଦର ମୁଖ୍ୟ ଉଦ୍ଦେଶ୍ୟ । ଏମାନେ ମଧ୍ୟ ଧର୍ମକୁ ନେଇ ମଣିଷ ମଣିଷ ଭିତରେ ବିଭାଜନ ସୃଷ୍ଟି କରନ୍ତି ।ସମ୍ପ୍ରତି ଆମ ଦେଶରେ ଫାଶୀବାଦୀ, ନବ୍ୟ ଉଦାରବାଦୀ ଓ କର୍ପୋରେଟର ମହାମିଳନ ଘଟିଛି ଏବଂ ଧର୍ମୀୟ ଆବେଗକୁ ପୁଞ୍ଜି କରି ସମ୍ପ୍ରଦାୟ ସମ୍ପ୍ରଦାୟ ମଧ୍ୟରେ ବିଦ୍ୱେଷ ଭାବ ସୃଷ୍ଟି କରିବା ପାଇଁ ଚକ୍ରାନ୍ତ ଚାଲିଛି । ଅତୀତରେ ସମାଜବାଦୀ ମାନେ ଜୀବନ ଦେଇ ଏହି ଚକ୍ରାନ୍ତକୁ ପଣ୍ଡ କରି ପାରିଥିଲେ ।ଆଜି ମଧ୍ୟ କମ୍ୟୁନିଷ୍ଟମାନଙ୍କ ସମ୍ମୁଖରେ ବିରାଟ ଆହ୍ୱାନ ।ସମାଜକୁ ଏକତ୍ରିତ ରଖିବାକୁ ହେଲେ ସଚେତନତା ସୃଷ୍ଟି କରିବା ଆମର ଲକ୍ଷ୍ୟ ହେବା ଉଚିତ । ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ନାରୀନେତ୍ରୀ ମମି ପଣ୍ଡା, କୃଷକ ନେତା ରବିନ୍ଦ୍ର ବାରିକ୍, ରାଜୀବ ପଣ୍ଡା, ସବିତା ଭୂୟାଁ,ଶରତ ମହାନ୍ତି, ରାମକୃଷ୍ଣ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ । ସଭା ପୂର୍ବରୁ ଦଳୀୟ ପତାକା ଉତ୍ତୋଳନ କରାଯାଇଥିଲା ।

# ରାୟଗଡ଼ା ଜିଲ୍ଲାରେ ଶିଶୁବିକ୍ରି ଓ ବାଲ୍ୟ ବିବାହ ରୋକିବାରେ ବିଫଳ ଜିଲ୍ଲା ପ୍ରଶାସନ


ରାୟଗଡ଼ା (ଭାସ୍କର ନ୍ୟୁଜ୍): ରାୟଗଡ଼ା ଜିଲ୍ଲାର ଜେକେ ପୁର ଚାନ୍ଦିଲି ଥାନା ଓ ଡମ୍ବସରା ଗୁଣୁପୁର ଥାନାରେ ଶିଶୁ ବିକ୍ରି ଘଟଣାରେ ରାୟଗଡ଼ା ଜିଲ୍ଲା ଶିଶୁ ମଙ୍ଗଳ କମିଟି ଜିଲ୍ଲା ପ୍ରଶାସନ, ରାଜ୍ୟ ପ୍ରଶାସନର ସଚିବ, ନିର୍ଦ୍ଦେଶକଙ୍କୁ ଜଣାଇଲା ପରେ କାହାକୁ ବି ଦାୟି ନକରି କୌଣସି କାର୍ଯ୍ୟାନୁଷ୍ଠାନ ନନେବା ହେତୁ କମିଟି ରାୟଗଡ଼ା ବିଧାୟକ ଆପ୍ପାଳାସ୍ୱାମି କାଡ୍ରାକା, ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ମହିଳା ଓ ଶିଶୁ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଶେଷରେ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କୁ ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଜଣାଇଥିଲେ ଗତ ବର୍ଷ ଡିସେମ୍ବର ମାସରେ । ଏହାକୁ ନେଇ ବିଧାୟକ ବିଧାନସଭାରେ ପ୍ରଶ୍ନ କରିଛନ୍ତି । ତଥାପି କାର୍ଯ୍ୟକ୍ରମ ଶୂନ । ତୀବ୍ର ଆର୍ଥିକ ଅଭାବ ଅନଟନ ହେତୁ ନୂଆପଡା-ଜେକେ ପୁରରେ ଶିଶୁଟି ବିକି ୨୦୦୦୦ ଟଙ୍କା ପାଇଛନ୍ତି ତାର ଦଳିତ ବର୍ଗର ପିତାମାତା । ଜିଲ୍ଲାର ଶିଶୁ ସୁରକ୍ଷା ବିଭାଗ ଉକ୍ତ ଶିଶୁକୁ ଉଦ୍ଧାର କଲାପରେ ମିଛ ନଥିପତ୍ର ତିଆରି କରିବାକୁ ଶିଶୁ ମଙ୍ଗଳ କମିଟିକୁ ବାଧ୍ୟ କରିଥିଲେ ମଧ୍ୟ କମିଟି ତାକୁ ପ୍ରତ୍ୟାଖାନ କରି ସରକାରୀ ନିୟମକୁ ପାଳନ କରିଛନ୍ତି । ସରକାର ସେଇ ପରିବାରକୁ ରାସନ୍ କାର୍ଡ ଗତ ଜାନୁଆରୀ ମାସରେ ଦେଇଛନ୍ତି କିନ୍ତୁ ୨୦୧୬ ମସିହାରୁ ଦିଆଯାଇଛି ବୋଲି ଉଲ୍ଲେଖ କରିଛନ୍ତି ଯେତେବେଳେ କି ଆଧାର କାର୍ଡ ଅନୁସାରେ ସେଇ ଦଳିତ ମାଆର ବୟସ ଥିଲା ମାତ୍ର ୧୨ ବର୍ଷ(ଜନ୍ମ ୨୦୦୪ ମସିହା) ଓ ସେଇ କାର୍ଡ ରେ ସେ ବିବାହିତ ବୋଲି ଲେଖା ହୋଇ ତାର ବୟସ ୨୧ ବର୍ଷ ବୋଲି ଦର୍ଶାଯାଇଛି । ଜିଲ୍ଲା ପ୍ରଶାସନ ତାର ଗୋଟିଏ ଭୁଲ୍ କୁ ଚପାଇବାକୁ ଯାଇ ବାରମ୍ବାର ଗର୍ହିତ ଭୁଲ୍ କରିଚାଲିଛି । ଅନୁସନ୍ଧାନରୁ ଜଣାପଡିଛି ଯେ ଜିଲ୍ଲା ପ୍ରଶାସନ ଜେକେ ପୁର ର ଏହି ଶିଶୁ ବିକ୍ରି ସମ୍ବନ୍ଧରେ ୧୨.୧୧.୨୦୨୫ ରୁ ଅବଗତ ଥିଲେ କାରଣ ସେଠାର ଅଙ୍ଗନୱାଡ଼ି କର୍ମୀ ଶିଶୁ ବିକ୍ରୀ ସମ୍ବନ୍ଧରେ ଏଏନ୍ଏମ୍ ଓ ଆଇସିଡିଏସ ପରିଦର୍ଶିକାଙ୍କୁ ଜଣାଇଥିଲେ ଓ ସେମାନେ ଡାକ୍ତର ଓ ସିଡିପିଓଙ୍କୁ ଜଣାଇଥିଲେ । ଚାଇଲ୍ଡ ହେଲ୍ପଲାଇନ ମଧ୍ୟ ଶିଶୁ ସୁରକ୍ଷା କାର୍ଯ୍ୟାଳୟ(ଡିସିପିଓ)କୁ ୧୪.୧୧.୨୫ ରେ ଜଣାଇଥିଲେ । ଏସବୁ ଜାଣି ମଧ୍ୟ ଚୁପ୍ ବସିଥିଲା ଜିଲ୍ଲା ପ୍ରଶାସନ । ଏବେ ଔଷଧ ବଦଳରେ ତାଟିଆ କାମୁଡୁଛି ଜିଲ୍ଲା ପ୍ରଶାସନ ଯିଏ କି ଏହି ଶିଶୁ ବିକ୍ରିରେ ସମ୍ପୂର୍ଣ୍ଣ ଭାବେ ଦାୟୀ । ୧୯-୧୧-୨୦୨୪ ରେ ଗଣମାଧ୍ୟମ ରିପୋର୍ଟ ପ୍ରକାଶ ପାଇଲା, ମୁଖ୍ୟତଃ କଲ୍ୟାଣ ଏବଂ ଦାରିଦ୍ର୍ୟ ଦୂରୀକରଣ ପଦକ୍ଷେପ ସହିତ ସମ୍ଭାବ୍ୟ ପ୍ରଶାସନିକ ତ୍ରୁଟିକୁ ଉଜାଗର କରି । କଲେକ୍ଟରଙ୍କ ଦ୍ୱାରା କାରଣ ଦର୍ଶାଅ ନୋଟିସ ଜାରି କରିବା ଏବଂ ଉତ୍ତଉ ଭାଙ୍ଗିବା ପାଇଁ ଚାପ ପକାଇବା ଶିଶୁ କଲ୍ୟାଣ ବିଷୟରେ ପ୍ରକୃତ ଚିନ୍ତା ଅପେକ୍ଷା ବ୍ୟକ୍ତିଗତ ଅଭିଯୋଗ ଦ୍ୱାରା ପ୍ରେରିତ ମନେହୁଏ । ଜନସାଧାରଣଙ୍କ ପ୍ରତିକ୍ରିୟାକୁ ପ୍ରଶମିତ କରିବା ପାଇଁ, କଲେକ୍ଟର ଏବଂ ସବ-କଲେକ୍ଟର ସିଡବ୍ଲୁସିକୁ ବିକ୍ରି କରିଛନ୍ତି, ଯାହା ଏହି ଧାରଣା ସୃଷ୍ଟି କରିଛି ଯେ ତ୍ରୁଟିଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ କମିଟିର ଦୋଷ ଥିଲା । ତାଙ୍କ କାର୍ଯ୍ୟାଳୟର ଭୂମିକା ଉପରେ ଆତ୍ମନିରୀକ୍ଷଣ କରିବା ପରିବର୍ତ୍ତେ, କଲେକ୍ଟର ତୁରନ୍ତ ସିଡବ୍ଲୁସିର ବିଫଳତା ଭାବରେ ଦର୍ଶାଇଲେ । ଏପରି କାର୍ଯ୍ୟ ସିଡବ୍ଲୁସିକୁ ବଦନାମ କରିବା ସହିତ ନିଜ ପ୍ରତିଷ୍ଠାକୁ ରକ୍ଷା କରିବାର ଏକ ପ୍ରୟାସକୁ ସୂଚିତ କରେ । ଏହା ବ୍ୟତୀତ, କଲେକ୍ଟର ଶିଶୁକୁ ସୁରକ୍ଷା ଦେବା ପାଇଁ ଶୀଘ୍ର ସଂଶୋଧନମୂଳକ ପଦକ୍ଷେପ ନେବା ପରିବର୍ତ୍ତେ ଏହି ପ୍ରସଙ୍ଗକୁ ଏକ ଅମଲାତାନ୍ତ୍ରିକ ଦୋଷ ଖେଳରେ ପରିଣତ କଲେ । କଲେକ୍ଟରଙ୍କ କାର୍ଯ୍ୟ ପ୍ରତିଶୋଧ ମୂଳକ ମନେହୁଏ । ଗୁରୁତ୍ୱପୂର୍ଣ୍ଣ ଶିଶୁ କଲ୍ୟାଣ ସମସ୍ୟା ସମାଧାନ କରିବା ଅପେକ୍ଷା ଆତ୍ମ-ସଂରକ୍ଷଣକୁ ପ୍ରାଥମିକତା ଦେଉଛି ।ସିଡବ୍ଲୁସିକୁ ଟାର୍ଗେଟ କରି, କଲେକ୍ଟର ସିଡବ୍ଲୁସି ତଦାରଖ କରିବାରେ ଏବଂ ସମୟୋଚିତ କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରିବାରେ ନିଜର ବିଫଳତାରୁ ଧ୍ୟାନ ହଟାଇବାକୁ ଚେଷ୍ଟା କରିଛନ୍ତି, ପ୍ରକ୍ରିୟାରେ ଅନାବଶ୍ୟକ ପ୍ରଶାସନିକ ବିଶୃଙ୍ଖଳା ସୃଷ୍ଟି କରିଛନ୍ତି । ଅନୁସୂଚିତ ଜାତିର ମାଆଙ୍କୁ କଲ୍ୟାଣମୂଳକ ପଦକ୍ଷେପ ପ୍ରଦାନ ନକରି ନିଜ ପ୍ରଶାସନିକ ବିଫଳତାର ଦୋଷକୁ ଏଡାଇବା ପାଇଁ କଲେକ୍ଟର ସିଡବ୍ଲୁସିକୁ ଦୋଷ ଦେଉଛନ୍ତି । ସମାଲୋଚନାରୁ ସେମାନଙ୍କ କାର୍ଯ୍ୟାଳୟକୁ ରକ୍ଷା କରିବା ପାଇଁ ଜନସାଧାରଣ ଏବଂ ଗଣମାଧ୍ୟମ ଯାଞ୍ଚ ସିଡବ୍ଲୁସି ଉପରେ ନ୍ୟସ୍ତ କରନ୍ତୁ ବୋଲି ଚାଲ ଖେଳିଛନ୍ତି । ସିଡବ୍ଲୁସିର ବିଶ୍ୱସନୀୟତାକୁ ଦୁର୍ବଳ କରିବା, ଏହାର ସ୍ୱାୟତ୍ତତା ହ୍ରାସ କରିବା ଏବଂ ଶିଶୁ ସୁରକ୍ଷା ବ୍ୟବସ୍ଥାରେ ଥିବା ପଦ୍ଧତିଗତ ଫାଙ୍କରୁ ଧ୍ୟାନ ହଟାଇବା ପାଇଁ ତାଙ୍କର ଅପଚେଷ୍ଟା । ଜିଲ୍ଲା ପ୍ରଶାସନ ମଧ୍ୟରେ ଦାୟିତ୍ୱହୀନତାର ଅଭାବ ଏବଂ ସିଡବ୍ଲୁସିକୁ ଅନ୍ୟାୟ ଭାବରେ ଟାର୍ଗେଟ କରିବା ପାଇଁ ଜାଣିଶୁଣି କ୍ଷମତାର ଅପବ୍ୟବହାର କରିଛନ୍ତି । ଠିକ୍ ସେଇଭଳି ଗୁଣୁପୁର ପୁଟାସିଂ ଅଞ୍ଚଳର ଏକ ନାବାଳିକା ଆଦିବାସୀ ମାଆର ଶିଶୁକୁ ଡମ୍ବସରା ଅଞ୍ଚଳରେ ଏକ ସନ୍ତାନହୀନ ଦମ୍ପତିଙ୍କୁ ବିକ୍ରୀ କରାଯାଇଛି । ଗୁଣୁପୁର ସିଡିପିଓଙ୍କ ରିପୋର୍ଟ କହୁଛି ପିଲାଟି ପୁଟାସିଂ ଅଞ୍ଚଳରେ ଜନ୍ମ ହୋଇଛି ଏକ ନାବାଳିକା ମାଆଙ୍କ ଗର୍ଭରୁ । କିନ୍ତୁ ଗୁଣୁପୁର ଡାକ୍ତର କହୁଛନ୍ତି ସେଇ ପିଲାଟି ଗୁଣୁପୁର ଡାକ୍ତରଖାନାରେ ଆଉ ଜଣେ ମାଆଙ୍କ ଗର୍ଭରୁ ଜନ୍ମ ହୋଇଛି । ଆଶ୍ଚର୍ଯ୍ୟର କଥା ଏହିଯେ ଉକ୍ତ ଶିଶୁଟି ଦୁଇଥର ଦୁଇଟି ଭିନ୍ନ ଭିନ୍ନ ତାରିଖରେ ଜନ୍ମ ହୋଇଛି । ଏହି ଜିଲ୍ଲାପାଳଙ୍କ କାର୍ଯ୍ୟକାଳ ସମୟରେ ଜିଲ୍ଲାରେ ବହୁ ନାବାଳିକା(ପ୍ରାୟ ୬୫ ରୁ ଅଧିକ) ବିବାହପରେ ସନ୍ତାନ ଜନ୍ମ କରି ଜିଲ୍ଲାର ବାଲ୍ୟ ବିବାହ ଅଭିଯାନକୁ ହାସ୍ୟାସ୍ପଦ ପ୍ରମାଣିତ କରିଛନ୍ତି । ଜିଲ୍ଲା ଶିଶୁ ମଙ୍ଗଳ କମିଟି ଏ ବିଷୟରେ ଜିଲ୍ଲା ପ୍ରଶାସନକୁ ଜଣାଇଲା ପରେ ବି କାର୍ଯ୍ୟକ୍ରମ ଶୂନ । ଜିଲ୍ଲା ପ୍ରଶାସନ ଜାଣତରେ ଶିଶୁ ବିକ୍ରୀ ରାକେଟ୍ ଅତି ସକ୍ରିୟ ଅଛି । ଏବିଷୟରେ ଗୁଣୁପୁର ବିଧାୟକ, ବିଭାଗୀୟ ରାଜ୍ୟ ଓ ଜିଲ୍ଲା ପ୍ରଶାସନ ଏବଂ ବିଭାଗୀୟ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଓ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଅବଗତ କରିଛି ଶିଶୁ ମଙ୍ଗଳ କମିଟି । ଅଭାବ ଅନଟନ ପାଇଁ ଯେଉଁଭଳି ଭାବେ ଶିଶୁ ବିକ୍ରୀ ହୋଇଛି, ସେଥିପାଇଁ ମୁଖ୍ୟତଃ ଜିଲ୍ଲା ପ୍ରଶାସନ ହିଁ ଦାୟୀ । ଜିଲ୍ଲା ପ୍ରଶାସନ ଅଧୀନରେ ଥିବା ସରକାରୀ ଶିଶୁ ସୁରକ୍ଷା ବିଭାଗ(ଡିସିପିଓ) ବହୁ ଆର୍ଥିକ ଅନିୟମିତତାରେ ଜଡ଼ିତ ଥିବାରୁ କିଛି କର୍ମଚାରୀଙ୍କୁ ବରଖାସ୍ତ କରି ଚୁପ୍ ରହିଛି ପ୍ରଶାସନ । କେଉଁ କାରଣରୁ ୩/୪ ଜଣଙ୍କୁ ବରଖାସ୍ତ କରାଗଲା ତାହା ଅନୁସନ୍ଧାନ ସାପେକ୍ଷ । ଯେହେତୁ ଶିଶୁ ମଙ୍ଗଳ କମିଟି, ଯାହାକି ସରକାରୀ ସାହାଯ୍ୟପ୍ରାପ୍ତ ଏକ ସ୍ୱୟଂ ଶାସିତ ଅନୁଷ୍ଠାନ ଓ ଏହାର ସଦସ୍ୟଗଣ ଜଜ୍ ପାହ୍ୟାର କିନ୍ତୁ ସରକାରୀ ଚାକିରିଆ ନୁହନ୍ତି, ଜିଲ୍ଲା ପ୍ରଶାସନର ଏସବୁ ଦୁର୍ନୀତିର ପର୍ଦ୍ଦାଫାଶ କରିବାରୁ ସେଇ କମିଟିକୁ ଭାଙ୍ଗି ଦେବାକୁ ଜିଲ୍ଲାପାଳ ସୁପାରିଶ କରିଛନ୍ତି । ନିଜ ଦୋଷକୁ ଅନ୍ୟ ଉପରକୁ ଠେଲି ଦେଉଛନ୍ତି । ତଦନ୍ତକାରୀ ଅଧିକାରୀ ସୁଶ୍ରୀ ମନିଷା ବାନାର୍ଜୀ, ଆଇ ଏ ଏସ୍, ରାୟଗଡ଼ା ଜିଲ୍ଲାପାଳଙ୍କ ସମସାମୟିକ, ସେ ପ୍ରଭାବିତ ଥିବାଭଳି ମନେହୁଏ । ସୁଶ୍ରୀ ବାନାର୍ଜୀ ମଧ୍ୟ ରାୟଗଡ଼ା ଜିଲ୍ଲାପାଳଙ୍କ ଭାଷା କହି କମିଟିକୁ ଦୋଷାରୋପ କରିଛନ୍ତି ତାଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ । ଯଦିଓ ଶିଶୁ ମଙ୍ଗଳ କମିଟିର ସଦସ୍ୟମାନଙ୍କ ସଦସ୍ୟତା ସମାପ୍ତ କାରାଯାଇଛି, ସେମାନେ ନିଲମ୍ବିତ ଓ ବହିସ୍କୃତ ହୋଇଛନ୍ତି ବୋଲି ଜିଲ୍ଲା ପ୍ରଶାସନ ବହୁଳ ପ୍ରଚାର କରି ଗଣମାଧ୍ୟମକୁ ଭ୍ରମିତ କରିଛନ୍ତି । ଏହି ଶିଶୁ ବିକ୍ରୀ ଓ ବାଲ୍ୟ ବିବାହ ଗୁଡ଼ିକ ସରକାରଙ୍କ ବିଫଳତା । କିନ୍ତୁ ଶାସନତନ୍ତ୍ର ଏବର ଶାସନ ତନ୍ତ୍ର ମୋହନ ସରକାରଙ୍କୁ ବଦନାମ୍ କରିବାରେ ବୋଧହୁଏ ବଦ୍ଧ ପରିକର । ତେଣୁ ପ୍ରଶାସନର ଏପରି ପ୍ରତିଶୋଧ ମୂଳକ ତଥା କୁଟଚକ୍ରାନ୍ତ କାର୍ଯ୍ୟ ପାଇଁ ଆଇନର ଆଶ୍ରୟ ନିଆଯିବ ଓ ପୁଣି ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରାଯିବ ଏବଂ ଶେଷରେ ସତ୍ୟର ଜୟ ଓ ପାପର କ୍ଷୟ ହେବ ବୋଲି କହିଛନ୍ତି ଶିଶୁ ମଙ୍ଗଳ କମିଟିର ପ୍ରାକ୍ତନ ଅଧକ୍ଷା ଶ୍ରୀମତୀ ବିଦ୍ୟୁଲତା ହୁଇକା ।

ଓଡ଼ିଶା ଭାସ୍କର ODISHA BHASKAR
# ମହାନଗର




କଟକ,(ଭାସ୍କର ନ୍ୟୁଜ୍): ୪୨ମୌଜା କୂଳସରିଚୁଆଁ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ, ଫୁଟ୍‌ବଲ ଖେଳାଳୀ ଯୁଧିଷ୍ଠିର ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ତାଙ୍କ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଭାରେ ପୂଜ୍ୟ ଜଗଦୀଶ୍ ତ୍ରିପାଠୀ ସଭାପତିତ୍ୱ କରିଥିଲେ । ଶକ୍ତିଧର ପତି, ଜ୍ୟୋତି ରନ ଭୋଳ, ମିର୍ଜା ସରାଫତ୍ ବେଗ, ହୃଦାନନ୍ଦ ପଟ୍ଟନାୟକ, ଖେଳାଳୀ, କ୍ରୀଡ଼ାଶିକ୍ଷକ ବିଜୟ ରାଉତରାୟ, ସମରେନ୍ଦ୍ର ମହାପାତ୍ର, କନ୍ୟା ସନ୍ଧ୍ୟାରାଣୀ ଜେନା, ୪୨ମୌଜା ଶାନ୍ତି କମିଟିର ଉପସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର, ପୂର୍ବତନ ସମିତି ସଭ୍ୟ ଚିନ୍ମୟ କୁମାର ଭୋଳ, ସମିତି ସଭ୍ୟ ଦିଲ୍ଲୀପ ବିହାରୀ, ଶାନ୍ତି କମିଟିର ସଭାପତି ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ରାୟ, କବି ଓ କ୍ରୀଡ଼ାବିତ୍ ବିଳାସ ଚନ୍ଦ୍ର ବେହେରା, ମହେଶ୍ୱର ବେହେରା, ପ୍ରଫୁଲ୍ଲ କୁମାର ଦାସ, ଶୁଭ୍ରାଂଶୁ ମହାପାତ୍ର ଓ ସମସ୍ତ ପୁତ୍ର, କନ୍ୟା-ଜାମାତା ଓ ପରିବାରର ସମସ୍ତ ବନ୍ଧୁ ଉପସ୍ଥିତ ଥିଲେ ।





## ଭାରତ-ପାକିସ୍ତାନ ବିବାଦର ପ୍ରଭାବ



# ସବୁ ଦିଗ ପ୍ରତି ଅନୁଧ୍ୟାନ

ଭାରତ-ପାକିସ୍ତାନ ବିବାଦ ପ୍ରଭାବରେ ଓଡ଼ିଶାରେ ସବୁ ଦିଗ ପ୍ରତି ତୀକ୍ଷ୍ଣ ନଜର ରଖିଛନ୍ତି ରାଜ୍ୟ ସରକାର । କୌଣସି କ୍ଷୟକ୍ଷତି ଯେପରି ନ ଘଟେ ସେଥିପ୍ରତି ସବୁ ବିଭାଗ ପକ୍ଷରୁ ଘନ ଘନ ବୈଠକ ଅନୁଷ୍ଠିତ ହେଉଛି । ଏପରିକି କିଛି ସରକାରୀ ଅନୁଷ୍ଠାନର କର୍ମଚାରୀଙ୍କ ଛୁଟି ବାତିଲ୍ କରାଯାଇଛି । ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ଆଇପିଏସ୍ ଅଫିସର ଏପରିକି ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଛୁଟି ବାତିଲ କରିଦିଆଯାଇଛି । ସବୁ ସମୟରେ ସମସ୍ତେ ସଜାଗ ରହି ଘଡିଷନ୍ଧି ମୁହୂର୍ତ୍ତକୁ ପ୍ରତିହତ କରିବାକୁ ପରାମର୍ଶ ଦିଆଯାଉଛି । ରାଜ୍ୟ ପୋଲିସ ପ୍ରଶାସନ ପକ୍ଷରୁ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଥିବା ବେଳେ ସାଧାରଣ ଲୋକ ଭୟଭୀତ ନହେବାକୁ ମଧ୍ୟ କୁହାଯାଇଛି ।

## ଉପକୂଳବର୍ତ୍ତୀ ଅଞ୍ଚଳରେ ସୁରକ୍ଷା ବୃଦ୍ଧି

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ଉପକୂଳ ସୁରକ୍ଷା ନେଇ ଡିଜି କ୍ୟାମ୍ପ ଅଫିସରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକ ପରେ ପ୍ରତିକ୍ରିୟା ରଖି କୋଷ୍ଟ ଗାର୍ଡ ଏଡିଜି ଅରୁଣ ବୋଥ୍ରା କହିଛନ୍ତି ଯେ, କୋଷ୍ଟାଲ ଏରିଆରେ ସୁରକ୍ଷାକୁ ବଢ଼ାଇ ଦିଆଯାଇଛି । ନାଭି, କୋଷ୍ଟ ଗାର୍ଡ ସହିତ ମିଶି ସୁରକ୍ଷାର ତଦାରଖ କରାଯାଉଛି । ଆମେ ଆଲର୍ଟ ରହିଛୁ । କୋଷ୍ଟାଲ ପୋଲିସ, ମେରାଇନ ଥାନା, ତଟବର୍ତ୍ତୀ ଅଞ୍ଚଳ ବାସିନ୍ଦା ମାନଙ୍କ ସହ ଯୋଗାଯୋଗରେ ଅଛୁ । ତଟବର୍ତ୍ତୀ ଅଞ୍ଚଳବାସୀଙ୍କ ଠାରୁ ଗୁଇନ୍ଦା ସଂଗ୍ରହ କରାଯାଉଛି । ତଟ ସୁରକ୍ଷାରେ ଡ୍ରୋନକୁ ସାମିଲ କରାଯାଇଛି । ନାଭି, କୋଷ୍ଟଗାର୍ଡ ସହିତ ସମନ୍ୱୟ ରକ୍ଷା କରି ସୁରକ୍ଷା କଡାକଡି କରାଯାଇଛି । ସଶସ୍ତ୍ର ମେରାଇନ ପେଟ୍ରୋଲିଂ ୨୪ ଘଣ୍ଟିଆ କରାଯାଇଛି । ଦେଶରେ ଶତ୍ରୁ ପକ୍ଷକୁ କଡା ଜବାବ ଦେବା ପାଇଁ ସୁରକ୍ଷାକୁ ଦିଗୁଣିତ କରାଯାଇ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି । ପେଟ୍ରୋଲିଂର ମାନ୍ୱ ସମ୍ବଳକୁ ବଢ଼ାଇ ଦିଆଯାଇଛି । ଅବସର ପ୍ରାପ୍ତ ନାଭାଲ ଅଫିସରଙ୍କ ସଂଖ୍ୟା ୯୦ରୁ ୧୪୨କୁ ବୃଦ୍ଧି କରାଯାଇଛି । ତଟବର୍ତ୍ତୀ ମାଛ ଧରା ଅଞ୍ଚଳରେ ପାଞ୍ଚ ଜଣ ଲେଖାଏଁ ଲୋକ ମାନଙ୍କୁ ନେଇ ସ୍ପେଶାଲ ପୋଲିସ ଅଫିସର ନିୟୋଜିତ ହୋଇଛି । ଉପକୁଳରେ ମାଛ ଧରା କେନ୍ଦ୍ରରେ ଏସପିଓ ମାନେ ନିୟୋଜିତ ହୋଇଛନ୍ତି । କୋଷ୍ଟାଲ ଉପକୂଳବର୍ତ୍ତୀ ଅଂଚଳରେ କମ୍ୟୁନିଟି ପୋଲିସିଂକୁ ପ୍ରାଧାନ୍ୟ ଦିଆଯାଇଛି । ଏହି ବୈଠକରେ ଡିଜିପି, ମୁଖ୍ୟ ଶାସନ ସଚିବ, କୋଷ୍ଟାଲ ଅଫିସର, ଗୁଇନ୍ଦା ନିର୍ଦ୍ଦେଶକ, କେନ୍ଦ୍ରାଂଚଳ ଆଇଜି, ଆଇନ ଶୃଙ୍ଖଳା ଏଡିଜି, ନେଭି ଅଫିସର ଉପସ୍ଥିତ ରହିଥିଲେ ।

## କଂଗ୍ରେସର ତ୍ରୀରଙ୍ଗା ଶୋଭାଯାତ୍ରା



କଟକ,(ଭାସ୍କର ନ୍ୟୁଜ୍): ବରିଷ୍ଠ କଂଗ୍ରେସ ନେତା ମହମ୍ମଦ ମୋକିମଙ୍କ ଆହ୍ୱାନ କ୍ରମେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦୋଷଙ୍କ ନେତୃତ୍ୱରେ ବୀର ଯବାନ ମାନଙ୍କ ଉଦ୍ଦେଶ୍ୟରେ ଆଜି ଅପରାହ୍ନରେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ବକ୍ସି ବଜାର ସ୍ଥିତ ଗୋପବନ୍ଧୁ ବାଗ ଛକଠାରୁ ଆରମ୍ଭ କରି ଗୌରୀ ଶଙ୍କର ପାର୍କଠାରେ ସମାପ୍ତ କରାଯାଇଥିଲା । ଏଥିରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଓ ଓଡିଶା ପ୍ରଭାରି ଅଜୟ କୁମାରଲଲ୍ଲୁ ଯୋଗଦେଇ ଏହି ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରାକୁ ସମ୍ବୋଧିନ କରିଥିଲେ । ଏଥିରେ ପୂର୍ବତନ ପିସିସି ସଭାପତି ନିରନ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନ ଓ ଜୟଦେବ ଜେନା, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକା' ଜେନା, ରାମଚନ୍ଦ୍ର ଖୁଣ୍ଟିଆ, ଜଗନ୍ନାଥ ପଟ୍ଟନାୟକ, ବିଜୟଲକ୍ଷ୍ମୀ ସାହୁ, ଶରତ ରାଉତ ଯୋଗ ଦେଇଥିଲେ । ଏହି ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରାରେ କଟକ ସହର ମୁରବି, ଶାନ୍ତି କମିଟି, ଏନସିସି, ଟାଇକୋଣ୍ଡ, କଟକ ସହରର ବିଭିନ୍ନ ଅନୁଷ୍ଠାନ ସମେତ ବିଭିନ୍ନ ବର୍ଗର ଲୋକେ ସାମିଲ ହୋଇଥିଲେ ।

## ଏମ୍ସ ଭୁବନେଶ୍ୱରର ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ, ଭୁବନେଶ୍ୱର ତାର ସମସ୍ତ କର୍ମଚାରୀ-ଯେଉଁଥିରେ ଅବକାଶ କିମ୍ବା ଛୁଟିରେ ଯାଇଥିବା କର୍ମଚାରୀ ବି ସାମିଲ ଅଛନ୍ତି, ତାଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ସଂସ୍ଥାନ ପକ୍ଷରୁ ଜାରି ଔପଚାରିକ ନିର୍ଦ୍ଦେଶ ଅନୁସାରେ ଏହି ନିଷ୍ପତ୍ତି ଦେଶରେ ବର୍ତ୍ତମାନ ସ୍ଥିତିକୁ ଦୃଷ୍ଟିରେ ରଖି ନିଆଯାଇଛି ।

## ସେନାବାହିନୀକୁ ଦୃଢ଼ ସମର୍ଥନ ପାଇଁ ରାଜ୍ୟପାଳଙ୍କ ଆହ୍ୱାନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆତଙ୍କବାଦର କୌଣସି ଧର୍ମ ନାହିଁ, ହିଂସାର କୌଣସି ଶାସ୍ତ୍ର ନାହିଁ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ଅପରାହ୍ନରେ ରାଜଭବନର ନ୍ୟୁ ଅଭିଷେକ ହଲ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ବୈଠକରେ ରାଜ୍ୟପାଳ ଏପରି କହିଛନ୍ତି। ପହଲଗାମରେ ସମ୍ପ୍ରତି ଘଟିଯାଇଥିବା ଜଘନ୍ୟ ଆତଙ୍କବାଦୀ ଆକ୍ରମଣ ଘଟଣା ଏବଂ ତତ୍‌ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉପୁଜିଥିବା ଘଟଣା କ୍ରମ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ଧାର୍ମିକ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ବିଭିନ୍ନ ଗୋଷ୍ଠୀର ପ୍ରତିନିଧି ମାନେ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ। ୨୬ ନିରୀହ ଲୋକଙ୍କ ଜୀବନ ନେଇଥିବା ପହଲଗାମ ଆତଙ୍କବାଦୀ ଆକ୍ରମଣ ଉପରେ ଗଭୀର ଦୁଃଖ ପ୍ରକାଶ କରି ଡ. କମ୍ଭମପାଟି କହିଛନ୍ତି ଯେ, ଏହା କେବଳ ନିରୀହ ନାଗରିକଙ୍କ ଉପରେ ଆକ୍ରମଣ ନୁହେଁ ବରଂ ଭାରତର ଧାରଣା, ଆମର ଏକତା, ଗଣତନ୍ତ୍ର ଏବଂ ଶାନ୍ତି ଉପରେ ଆକ୍ରମଣ। ରାଜ୍ୟପାଳ ସୂଚନା ଦେଇ କହିଥିଲେ ଯେ ସଶସ୍ତ୍ର ବାହିନୀ ଅପରେସନ ସିନ୍ଦୂର ଆରମ୍ଭ କରିଛି, ଯେଉଁଥିରେ ସୀମାପାର ଆତଙ୍କବାଦୀ ଶିବିର ଗୁଡ଼ିକୁ ଟାର୍ଗେଟ କରି ସଠିକ୍ ଆକ୍ରମଣ କରାଯାଇଛି। ଆମର ସାହସୀ ସୈନିକମାନେ ଆମର ସାର୍ବଭୌମତ୍ୱକୁ ରକ୍ଷା କରିବା ଆଗଧାଡିରେ ଛିଡ଼ା ହୋଇଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ଆମକୁ ସେମାନଙ୍କ ପଛରେ ଦୃଢ଼ ଭାବରେ ଛିଡ଼ା ହେବାକୁ ପଡ଼ିବ ବୋଲି ରାଜ୍ୟପାଳ କହିବା ସହିତ ସମସ୍ତେ ପରଲୋକଗତ ଏବଂ ଆହତଙ୍କ ପାଇଁ ପାର୍ଥନା କରିବାକୁ କହିଥିଲେ ଏବଂ ଶିକ୍ଷାନୁଷ୍ଠାନ ଗୁଡିକ ଏକତା ପ୍ରଦର୍ଶନ କରିବା ନିମନ୍ତେ ଜାତୀୟ ପତାକା ଉଡ଼ାଇବାକୁ କହିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବୈଠକରେ ଯୋଗଦେଇ ଉଦବୋଦନ ଦେଇ କହିଥିଲେ ଯେ ଆତଙ୍କବାଦ ମାନବତା ବିରୁଦ୍ଧରେ ଏକ ଯୁଦ୍ଧ। ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଯେତେବେଳେ ଦେଶକୁ ଆବଶ୍ୟକତା ପଡ଼ିଥାଏ, ସେତେବେଳେ ସମସ୍ତ ଗୋଷ୍ଠୀ କିପରି ଏକାଠି ହୁଅନ୍ତି ବୋଲି ଅବତାରଣା କରିବା ସହିତ ଅବଦୁଲ ହମିଦଙ୍କ ସାହସିକତା ଏବଂ ବଳିଦାନର ଉଦାହରଣ ଦେଇଥିଲେ। ଭାରତୀୟ ଭାବେ ଆମର ସର୍ବୋତ୍ତମ ପରିଚୟ ରହିଛି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ଭାରତୀୟ ବୋଲି କହିବା ସହିତ ସମସ୍ତେ ଏକଜୁଟ ହୋଇ ଦେଶ ପାଇଁ ନିଜର କର୍ତ୍ତବ୍ୟ ନିଭାଇବାକୁ ଆହ୍ୱାନ ଜଣାଇଥିଲେ। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର, ପ୍ରତିରକ୍ଷା ବିଭାଗରେ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।




ଜାମ୍ମୁରୁ ଫେରି ଭୁବନେଶ୍ୱର ରେଲଷ୍ଟେସନ୍‌ରେ ପହଞ୍ଚିଲେ ଓଡ଼ିଆ ଛାତ୍ରଛାତ୍ରୀ

## ସହରରେ ଡ୍ରୋନ୍ ଉଡାଇବା ଉପରେ କଟକଣା



ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ଭାରତ-ପାକିସ୍ତାନ ବିବାଦ ମଧ୍ୟରେ ଟ୍ୱିନସିଟି ପୋଲିସ କମିସନରଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନେକ ନିଷ୍ପତି ହୋଇଛି । ବିଶେଷ କରି ପୋଲିସର ସୁରକ୍ଷା ସମ୍ବନ୍ଧୀୟ ନିର୍ଦ୍ଦେଶାବଳିକୁ ଜନସାଧାରଣ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଶେଷ କରି ସହରରେ ଡ୍ରୋନ ଉଡ଼ାଇବା ଉପରେ କଟକଣା କରାଯାଇଛି । ଡ୍ରୋନ ଉଡାଉଥିବା ବ୍ୟକ୍ତି ଉପରେ କଡା ଆକ୍ସନ ହେବ ବୋଲି ପୋଲିସ କମିସନର ସୁରେଶ ଦେବଦତ୍ତ ସିଂ କହିଛନ୍ତି। ଏହା ସହିତ ଆଭ୍ୟନ୍ତରୀଣ ସୁରକ୍ଷାକୁ ସୁଦୃଢ କରାଯାଇଛି। ସହରର ବଡ଼ ବଡ଼ ପ୍ରତିଷ୍ଠାନରେ ଏସଟିଜି ଏବଂ ଏସଟିୟୁ ମୁତୟନ ହେବେ। ସହରର ସୁରକ୍ଷା, ସନ୍ଦିଗ୍ଧ ଗତିବିଧି ଉପରେ କଡା ନଜର ରହିବା ଉପରେ ଗୁରୁତ୍ୱ ଦିଆଯାଇଛି । ସବୁ ଥାନା ଅଧିକାରୀ ସତର୍କ ରହିବାକୁ ନିର୍ଦ୍ଦେଶ ଦେବା ସହ , କେତେ ଗୁଡିଏ ଥାନାରେ ଷ୍ଟାଟିକ୍ ଫୋର୍ସ ନିୟୋଜିତ ରହିବେ। ଏହାଛଡା ଏନଏସଜି ଟ୍ରେନିଂ ପ୍ରାପ୍ତ କମାଣ୍ଡୋ ସହରର ସୁରକ୍ଷାରେ ମୁତୟନ ହେବେ ବୋଲି ପୋଲିସ କମିଶନର କହିଛନ୍ତି।



ବିଜେଡି ପକ୍ଷରୁ ତ୍ରୀରଙ୍ଗା ଶୋଭାଯାତ୍ରା

## ଦେଶ ସହ ଓଡିଶା ଛିଡା ହୋଇଛି: ଆଇନ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡିଶା ଯୁଦ୍ଧ ପରିଧି ଭିତରେ ନାହିଁ ବୋଲି କହିଛନ୍ତି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଦେଶ ସହ ଓଡିଶା ଛିଡା ହୋଇଛି। ଭାରତୀୟ ସେନା ବୀରତ୍ୱର ସହ ପାକିସ୍ତାନକୁ ଜବାବ ଦେବା ସହ ଉଚିତ ଢଙ୍ଗରେ ପ୍ରତି ଆକ୍ରମଣ କରୁଛି। ସଫଳ ମଧ୍ୟ ହେଉଛି, ଯାହା ସାରା ବିଶ୍ୱ ଦେଖୁଛି। ଆଗାମୀ ଦିନରେ ଭାରତ ସହ କୌଣସି ଦେଶ ଶତ୍ରୁତା କରିବା ପୂର୍ବରୁ ୫ ଥର ଚିନ୍ତା କରିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

## ଡିଜି କ୍ୟାମ୍ପ ଅଫିସରେ ଉଚ୍ଚସ୍ତରୀୟ ବୈଠକ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ଡିଜି କ୍ୟାମ୍ପ ଅଫିସରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । କୋଷ୍ଟାଲ ସିକ୍ୟୁରିଟିକୁ ନେଇ ଡିଜିଙ୍କ ନେତୃତ୍ୱରେ ବସିଛି ବୈଠକ । କୋଷ୍ଟାଲ ସିକ୍ୟୁରିଟି ଏଡିଜି ଅରୁଣ ବୋଥ୍ରା, ଆଇନ ଶୃଙ୍ଖଳା ଏଡିଜି ସଞ୍ଜୟ କୁମାର, କେନ୍ଦ୍ରାଂଚଳ ଆଇଜି ପ୍ରବୀଣ କୁମାର, ଟ୍ୱିନସିଟି ପୋଲିସ କମିସନର ଏସ ଦେବଦତ୍ତ ସିଂ ଉପସ୍ଥିତ ଅଛନ୍ତି । ବିଶେଷ କରି ତଟବର୍ତ୍ତୀ ଅଞ୍ଚଳରେ ରହୁଥିବା ଲୋକମାନଙ୍କୁ ସୁରକ୍ଷା ଯୋଗାଇ ଦେବା ବାବଦରେ ଚାଲିଛି ଆଲୋଚନା । ତଟ ସୁରକ୍ଷା ପାଇଁ ସିକ୍ୟୁରିଟି ସିଷ୍ଟମକୁ କଡାକଡି କରାଯାଇଛି । କୋଷ୍ଟ ଗାର୍ଡଙ୍କ ସଂଖ୍ୟା ବୃଦ୍ଧି କରାଯାଇଛି ।

## ବାରଙ୍ଗ କେନାଲ ରୋଡ଼ରେ ହତ୍ୟାକାଣ୍ଡ ଘଟଣା, ଲାଲବାଗ ଥାନା ସମ୍ମୁଖରେ ବିକ୍ଷୋଭ

କଟକ,(ଭାସ୍କର ନ୍ୟୁଜ୍): ବାରଙ୍ଗ କେନାଲ ରୋଡ଼ରେ ହୋଇଥିବା ବିଭତ୍ସ ହତ୍ୟାକାଣ୍ଡକୁ ନେଇ ସ୍ଥାନୀୟ ଦିୱାନ ବଜାର ବାସୀ ଲାଲବାଗ ଥାନା ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । କୌଣସି ଅପରାଧି ଯେପରି ଖସି ନଯାଆନ୍ତି ବିକ୍ଷୋଭକାରୀମାନେ ଦାବି କରିଥିଲେ । ପୁଲିସ ତରଫରୁ ମଧ୍ୟ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ବିକ୍ଷୋଭକାରୀଙ୍କୁ ପ୍ରତିଶୃତି ଦିଆଯାଇଛି। ସୂଚନାଯୋଗ୍ୟ, ବାରଙ୍ଗ ଥାନା ଅନ୍ତର୍ଗତ ଗୋଡ଼ିସାହି କେନାଲ ବନ୍ଧ ରାସ୍ତାର କିଛି ଦୂରରେ ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟିଥିଲା । ଗୋଟିଏ ଜିପ ହୁତୁହୁତୁ ହୋଇ ଜଳୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ । ଏକ ବୁଦାମୂଳରେ ମୁମୁର୍ଷୁ ଅବସ୍ଥାରେ ଦିୱାନ ବଜାରର କିଛି ବାସିନ୍ଦାଙ୍କ ଅଭିଯୋଗ ହେଲା, ଏହି ହତ୍ୟାକାଣ୍ଡରେ ୨୦ ରୁ ଊର୍ଦ୍ଧ୍ୱ ଲୋକଙ୍କ ସଂପୃକ୍ତି ରହିଛି । ସମସ୍ତ ଅପରାଧିଙ୍କୁ ଗିରଫ କରିବା ଦାବିରେ ଅତିରିକ୍ତ ଡିସିପିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କାଯାଇଛି ।

## ନିଶୁଳ୍କ ଫିଜିଓଥେରାପି କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ଆଜି ଭୁବନେଶ୍ୱର ପୋଖରୀପୁଟ ସ୍ଥିତ ରାମକୃଷ୍ଣ ବିବେକାନନ୍ଦ ପ୍ରତିଷ୍ଠାନ ପରିସରରେ ଏକ ନିଶୁଳ୍କ ବା ମାଗଣା ଫିଜିଓଥେରାପି କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଉକ୍ତ ଫିଜିଓଥେରାପି କେନ୍ଦ୍ର ଶ୍ରୀମଦ୍ ସ୍ୱାମୀ ଦୁର୍ଗେଶ ନନ୍ଦିନୀ ମହାରାଜଙ୍କ କରକମଳରେ ଉଦଘାଟିତ ହୋଇଯାଇଛି। ଉକ୍ତ କେନ୍ଦ୍ରରେ ସପ୍ତାହର ପ୍ରତ୍ୟେକ ଶୁକ୍ରବାର,ଶନିବାର ଓ ରବିବାର ସକାଳ ୮ ଘଟିକା ଠାରୁ ୧୧ ଘଟିକା ପର୍ଯ୍ୟନ୍ତ ବିନା ଦେୟରେ ଫିଜିଓଥେରାପି ସେବା ଯୋଗାଇ ଦେବେ ବୋଲି ଅଭିଜ୍ଞ ଫିଜିଓଥେରାପିଷ୍ଟ ଡ଼ ଏଲିନା ପଟ୍ଟନାୟକ ସହମତି ପ୍ରକାଶ କରିଛନ୍ତି। ସେ କହିଛନ୍ତି ଛୋଟପିଲାଠୁ ଆରମ୍ଭ କରି ଆବାଳ ବୃଦ୍ଧ ବନିତା ଏହାର ସୁଯୋଗ ନେଇପାରିବେ। ଅନୁଷ୍ଠାନର ସମ୍ପାଦକ ରମେଶ ଚନ୍ଦ୍ର ଭଦ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଫିଜିଓଥେରାପି ଉଦଘାଟନୀ କାର୍ଯ୍ୟକ୍ରମକୁ ବରିଷ୍ଠ ଟ୍ରଷ୍ଟି ବିଶ୍ୱ ରଞ୍ଜନ ଶତପଥୀ, ପ୍ରତିଷ୍ଠାନର କୋଷାଧ୍ୟକ୍ଷ ରଞ୍ଜନ କୁମାର ରାଉତରାୟ, ସକ୍ରିୟ ସଭ୍ୟ ସୂର୍ଯ୍ୟ ନାରାୟଣ ଦାସ ଓ ବାଞ୍ଛାନିଧି ମଲ୍ଲିକଙ୍କ ଉପସ୍ଥିତିରେ ଓ ପରିଚାଳନାରେ ସମ୍ପାଦନ କରାଯାଇଥିଲା। ମହାବୀର ବରିଷ୍ଠ ନାଗରିକ ସଂଘ ସଦସ୍ୟ ତଥା କାଳୁନନ୍ଦ ନଗର ଅଧିବାସୀ ମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ପୋଖରୀପୁଟ ଏବଂ ଏହାର ଆଖ ପାଖ ଅଞ୍ଚଳର ଯେ କେହି ବ୍ୟକ୍ତି ଏହି ଫିଜିଓଥେରାପି ନିଶୁଳ୍କ ସେବା ପ୍ରତ୍ୟେକ ଶୁକ୍ରବାର,ଶନିବାର ଓ ରବିବାର ସକାଳ ୮ ଘଟିକା ଠାରୁ ୧୧ ଘଟିକା ପର୍ଯ୍ୟନ୍ତ ସୁଯୋଗ ନେଇପାରିବେ ବୋଲି ଅନୁଷ୍ଠାନର ସମ୍ପାଦକ ଜଣାଇଛନ୍ତି।

## ଏସ୍‌ସିବି ପରିସରରୁ ୪ ଦଲାଲ ଗିରଫ

କଟକ,(ଭାସ୍କର ନ୍ୟୁଜ୍): ଏସ୍‌ସିବି ମେଡ଼ିକାଲ ପରିସରରୁ ମଙ୍ଗଳାବାଗ ଥାନା ପୁଲିସ ଆଜି ୪ ଜଣ ଦଲାଲଙ୍କୁ ଗିରଫ କରିଛି। ଏସସିବି ଟ୍ରମା କାଜୁଆଲିଟି ସମ୍ମୁଖରୁ ରୋଗୀମାନଙ୍କୁ ଘରୋଇ ହସ୍‌ପିଟାଲ ନେବାକୁ ପ୍ରବର୍ତ୍ତାଇବା ବେଳେ ସାଦା ପୋଷାକରେ ରହି ପୋଲିସ ୪ ଜଣ ଦଲାଲକୁ ମାଡ଼ି ଧରିଥିଲା । ଗିରଫମାନେ ହେଲେ ବାଙ୍କୀ ଥାନା ଅନ୍ତର୍ଗତ ରଗଡ଼ିର ଦେବାଶିଷ ମହାନ୍ତି (୨୨), କ୍ୟାଣ୍ଟନ୍‌ମେଣ୍ଟ୍ ଥାନା ଅଞ୍ଚଳର କ୍ରିଷ୍ଣା ବାହାଦୂର (୪୪), ଗୋବିନ୍ଦପୁର ଅଞ୍ଚଳର ସୁଶାନ୍ତ ବାରିକ (୫୧),ବାଙ୍କୀ ଥାନା ଅଂଚଳର ରାମ ନାୟକ (୪୧)।କେଉଁ ହସପିଟାଲକୁ ଦଲାଲମାନେ ରୋଗୀଙ୍କୁ ନେବାକୁ ଚେଷ୍ଟା କରୁଥିଲେ ସେହି ହସପିଟାଲଗୁଡ଼ିକୁ ମଧ୍ୟ ତଦନ୍ତ ପରିସରକୁ ନିଆଯିବ ବୋଲି ପୋଲିସ ସୂଚନା ଦେଇଛି ।

## ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ଲୋକ ଅଦାଲତ




କଟକ,(ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା ଆଇନସେବା ପ୍ରାଧୀକରଣ ଆନୁକୂଲ୍ୟରେ କଟକ ଜିଲ୍ଲା ଓ ଦୌରାଜଜ୍ କୋର୍ଟ ପରିସରରେ ଏବଂ ତାଲୁକ୍ ସ୍ତରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜଷ୍ଟିସ ସଂଗମ କୁମାର ସାହୁ ଉକ୍ତ ଲୋକ ଅଦାଲତରେ ଯୋଗଦାନ କରି କୋର୍ଟ ପରିଦର୍ଶନ କରିଥିଲେ ଏବଂ ଲୋକ ଅଦାଲତରେ ମକଦ୍ଦମାଗୁଡ଼ିକ ଫଏସଲା ସମ୍ବନ୍ଧରେ ନିର୍ଦ୍ଦିଷ୍ଟ ମାର୍ଗ ଦର୍ଶନ କରିଥିଲେ । କଟକ ଜିଲ୍ଲା ଓ ଦୌରାଜଜ୍ ତଥା କଟକ ଜିଲ୍ଲା ଆଇନସେବା ପ୍ରାଧୀକରଣର ଅଧ୍ୟକ୍ଷ ଏସ୍. ସାମଲଙ୍କ ଅଧ୍ୟକ୍ଷତାରେ କଟକ ଜିଲ୍ଲା କୋର୍ଟର ଜଜ୍‌ମାନେ ନିଜ ନିଜର କୋର୍ଟରେ ଥିବା ମକଦ୍ଦମାର ଫଏସଲା କରାଇଥିଲେ । ଏହି ଲୋକ ଅଦାଲତରେ ମୋଟ ୨୭ହଜାର ୨୦୧ଟି ମକଦ୍ଦମାରୁ ସମୁଦାୟ ୧୨ହଜାର ୮୭୭ଟି ମକଦ୍ଦମା ଫଏସଲା କରାଯାଇଥିଲା । ଜରିମାନା ଓ ଅନୁକମ୍ପାମୂଳକ ରାଶି ୨୨କୋଟି ୬୧ଲକ୍ଷ ୨୭ହଜାର ୭୪୦ଟଙ୍କା ସ୍ଥିରୀକୃତ କରାଯାଇଥିଲା। ଏହି ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତରେ ମୋଟର ଯାନ ଦୁର୍ଘଟଣାଜନିତ ମକଦ୍ଦମା, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ବିଦ୍ୟୁତ ଅଧିନିୟମଜନିତ ମକଦ୍ଦମା, ଉପଭୋକ୍ତାଜନିତ ମକଦ୍ଦମା, ଚେକ ବାଉନ୍ସ, ରାଜସ୍ୱ ଓ ପ୍ରାକ୍ ବିବାଦୀୟଜନିତ ମକଦ୍ଦମା ଇତ୍ୟାଦିର ଫଏସଲା କରାଯାଇଥିଲା । ଏହି ଲୋକ ଅଦାଲତକୁ କଟକ ଜିଲ୍ଲା ଆଇନସେବା ପ୍ରାଧୀକରଣର ସଚିବ ଜଗଦିଶ ଚନ୍ଦ୍ର ଜେନା ପରିଚାଳନା କରିଥିଲେ ।

## ମହିଳାଙ୍କ ପାଇଁ ସମାନତା ସୁନିଶ୍ଚିତ କରିବା ହେଉଛି ସମୟର ଆହ୍ୱାନ: ରାଜ୍ୟପାଳ




ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ଯେ କୌଣସି ସମାଜର ଶକ୍ତି ଏହାର ମହିଳାମାନଙ୍କ ପ୍ରତି ପ୍ରଦର୍ଶନ କରାଯାଉଥିବା ବ୍ୟବହାର ଉପରେ ନିର୍ଭର କରେ। ଏଣୁ ଏକ ସୁସ୍ଥ ସମାଜ, ଶକ୍ତିଶାଳୀ ଓ ସମୃଦ୍ଧ ଦେଶ ଗଠନ ନିମନ୍ତେ ପୃଷ୍ଠଭୂମି ଓ ଭୌଗଳିକ ପରିବେଶ ନିର୍ବିଶେଷରେ ମହିଳାମାନଙ୍କ ପାଇଁ ସମ୍ମାନ, ସୁଯୋଗ ଏବଂ ସମାନତା ସୁନିଶ୍ଚିତ କରିବା ହେଉଛି ସମୟର ଆହ୍ୱାନ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି କହିଛନ୍ତି। ଶନିବାର ମା' ଘର ଫାଉଣ୍ଡେସନ ଟ୍ରଷ୍ଟ, ଭୁବନେଶ୍ୱର ଏବଂ ଏସ୍‌ଏସ୍ ହସ୍ପିଟାଲ, ତାଳଚେରର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରଠାରେ ଆୟୋଜିତ ବିଶ୍ୱ ମାତୃ ଦିବସ ପାଳନ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ମାତୃ ଦିବସ କେବଳ ମାତୃତ୍ୱର ଏକ ଉତ୍ସବ ନୁହେଁ, ଏହା ବିଶ୍ୱରେ ପ୍ରତିଦିନ ମା'ମାନଙ୍କର ପାଳନକାରୀ ଆତ୍ମା, ଅସୀମ ସ୍ନେହ ଏବଂ ତ୍ୟାଗର ସ୍ୱୀକୃତି। ଏହା ଏକ ଦିନ ଯାହା ଆମ ପ୍ରତ୍ୟେକଙ୍କ ପାଇଁ ଗଭୀର ଭାବଉଦ୍ରେକକାରୀ ମହତ୍ୱ ବହନ କରେ ବୋଲି ରାଜ୍ୟପାଳ କହିଥିଲେ। ମା'ଘର ଫାଉଣ୍ଡେସନ୍ ଟ୍ରଷ୍ଟ, ଭୁବନେଶ୍ୱର ଏବଂ ଏସ୍‌ଏସ୍ ହସ୍ପିଟାଲ, ତାଳଚେରର ମିଳିତ ପ୍ରୟାସରେ ବିଶ୍ୱ ମାତୃ ଦିବସ ଅବସରରେ ସମୟର ଆବଶ୍ୟକତା ଶୀର୍ଷକ ସେମିନାର ଆୟୋଜନ କରିଥିବାରୁ ରାଜ୍ୟପାଳ ସାଧୁବାଦ ଜଣାଇବା ସହିତ ଆମ ସମାଜ ସମ୍ମୁଖୀନ ହେଉଥିବା ସମସ୍ୟା ସଂପର୍କରେ ଆଲୋଚନା ଓ ବିଚାରବିମର୍ଷ ନିମନ୍ତେ ବୁଦ୍ଧିଜୀବୀ, ନୀତି ନିର୍ଦ୍ଧାରକ, ସାମାଜିକ କର୍ମୀ ଏବଂ ସ୍ୱାସ୍ଥ୍ୟ ସେବା ସହ ଜଡିତ ବୃତ୍ତିଧାରୀ ଏକତ୍ର ହୋଇଥିବାରୁ ଖୁସି ପ୍ରକଟ କରିଥିଲେ। ଏପରି ପଦକ୍ଷେପ କେବଳ ସମୟୋଚିତ ନୁହେଁ, ବରଂ ସମାବେଶୀ ବିକାଶ, ସଶକ୍ତିକରଣ ଦିଗରେ ଆମର ସାମୂହିକ ଯାତ୍ରାରେ ବହୁତ ଆବଶ୍ୟକ ବୋଲି ରାଜ୍ୟପାଳ କହିଥିଲେ। ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଆଡଭୋକେଟ୍ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଏତଦ୍‌ବ୍ୟତୀତ ସମାରୋହର କୋ-ଅର୍ଗାନାଇଜର ଆଡ୍‌ଭୋକେଟ୍ ଋତୁପର୍ଣ୍ଣା ମହାନ୍ତି ଏବଂ ଡ. ସୁସ୍ମିତା ସାହୁ ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ପ୍ରୋଗ୍ରାମ କୋ-ଅର୍ଡିନେଟର ଆଡଭୋକେଟ୍ ଜ୍ଞାନଦୀପ ବିଶ୍ୱପ୍ରସାଦ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ଟ୍ରଷ୍ଟି ସୁନିତା ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ।



"ଅନ୍ୟକୁ ସୁଖ ଦେବାରେ ହିଁ ବାସ୍ତବିକ ସୁଖ ମିଳିଥାଏ। ଅନ୍ୟର ସୁଖ ଲୁଟିବାରେ ନୁହେଁ।"

-ମୁନ୍‌ସୀ ପ୍ରେମଚନ୍ଦ



"କିଏ ତୁମର ବନ୍ଧୁ, କିଏ ତୁମର ଶତ୍ରୁ ଏହା ନଭାବି କର୍ତ୍ତବ୍ୟ କରିଚାଲ, ବନ୍ଧୁ ଆପେ ମିଳିଯିବେ।"

-ଡକ୍ଟର ରାଧାକ୍ରିଷ୍ଣନ୍



# ଅପରେସନ ଟ୍ରାଇଡେଣ୍ଟ୍ ଏବଂ ତିନି ବିଲିଅନ୍ ଡଲାର୍



ସୁଜାତା ପ୍ରହରାଜ
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧

କଥାରେ ଅଛି ଭାଇ ଭଗାରି। ଯେତେ ଶତ୍ରୁ ଅଛନ୍ତି ପେଟର ଭାଇ ଠାରୁ ବଡ଼ଶତ୍ରୁ କେହି ନୁହନ୍ତି । ଭାରତରୁ ଅଲଗା ହୋଇ ସ୍ୱାଧୀନରାଷ୍ଟ୍ରରେ ପରିଣତ ହେବା ଦିନ ଠାରୁ ଆଜି ପର୍ଯ୍ୟନ୍ତ ଏମିତି ଗୋଟିଏ ଦିନ ନାହିଁ ଯେଉଁଦିନ ପାକିସ୍ତାନ ଭାରତ ବିରୁଦ୍ଧରେ ଯୁଦ୍ଧ ନକରିଛି, ତାହା ପ୍ରତ୍ୟକ୍ଷ ହେଉ ବା ପରୋକ୍ଷ, ଘୋଷିତ ହେଉ ବା ଅଘୋଷିତ। ସ୍ୱାଧୀନତା ପରଠାରୁ ପ୍ରତ୍ୟକ୍ଷ ଚାରିଟି ଯୁଦ୍ଧକୁ ଛାଡ଼ି ପାକିସ୍ତାନ ଭାରତ ବିରୁଦ୍ଧରେ ଗୋଟିଏ ଭୟଙ୍କର ସ୍ଥାୟୀଯୁଦ୍ଧରେ ଲିପ୍ତ ତା' ହେଉଛି ଆତଙ୍କବାଦ। ନିଜମାଟିରେ ଆତଙ୍କବାଦୀଙ୍କୁ ରଖିବା, ତାଙ୍କୁ ଆର୍ଥିକ ଓ ଅସ୍ତ୍ରଶସ୍ତ୍ରର ସହାୟତା ଦେବା, ତାଲିମ୍ ଦେବା ଏବଂ ମନୋବଳ ବଢ଼େଇ ଭାରତର ନିରୀହ ଲୋକଙ୍କ ଠାରୁ ଆରମ୍ଭ କରି ସେନାର ଲୋକ ପର୍ଯ୍ୟନ୍ତ – ହଜାରହଜାର ଭାରତୀୟ ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରାଣ ନେଇଛି ପାକିସ୍ତାନ।

୧୯୭୧ ମସିହା ଅକ୍ଟୋବର ମାସ। ତତ୍କାଳୀନ ପ୍ରତିରକ୍ଷା ମନ୍ତ୍ରୀ ବାବୁ ଜଗଜ୍ଜୀବନ ରାମ, ଭାରତର ଗୁଇନ୍ଦା ସଂସ୍ଥା ଆର୍.ଏ.ଡବ୍ଲ୍ୟୁ.(ର')ର ମୁଖ୍ୟ ରାମେଶ୍ୱର ନାଥ କାଓ ଏବଂ ଭାରତୀୟ ନୌସେନାର ମୁଖ୍ୟ ଏସ୍.ଏନ୍. ନନ୍ଦା ରାଇସିନା ହିଲ୍ସ୍‌ର ସାଉଥ୍ ବ୍ଲକ୍‌ରେ ଆଲୋଚନାରତ। ୧୯୬୫ ମସିହାର ଭାରତ ପାକିସ୍ତାନ ଯୁଦ୍ଧରେ ନୌସେନାର ଭୂମିକା ଖୁବ୍ ଗୌଣ ଥିଲା। ନୌସେନା କେବଳ ସୁରକ୍ଷା ଓ ପରିବହନ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିଲା। ନୌସେନାଧ୍ୟକ୍ଷ ଭାରତୀୟ ନୌସେନାର ବୀରତ୍ୱ ପ୍ରଦର୍ଶନ ପାଇଁ ଉତ୍ସୁକ ଥିଲେ। ଭାରତର ନୌସେନା ଉପରେ ନଜର ରଖିବାକୁ ପାକିସ୍ତାନ କରାଚି ବନ୍ଦରରେ ଅତ୍ୟାଧୁନିକ ଗୁପ୍ତ ବ୍ୟବସ୍ଥା କରିଛି ବୋଲି ଗୁଇନ୍ଦା ସୂତ୍ରରୁ ଖବର ମିଳିଥିଲା। ସେ ବାବଦରେ ବିଶେଷ ତଥ୍ୟ ଜାଣିବା ପାଇଁ ନନ୍ଦା କାଓଙ୍କୁ ଅନୁରୋଧ କଲେ। ଏଥିପାଇଁ ଜଣେ ପୋଖତ ଗୁପ୍ତଚର ଆବଶ୍ୟକ ବୋଲି କାଓ ଜାଣିଥିଲେ। ନିଜ ଅଧସ୍ତନ ଅଧିକାରୀ ଶଙ୍କରନ୍ ନାୟାର ସହିତ ମିଶି ସେ ଭବିଷ୍ୟତ କାର୍ଯ୍ୟକ୍ରମର ଯୋଜନା ପ୍ରସ୍ତୁତ କଲେ।

'ଦି ୱାର ଦ୍ୟାଟ୍ ମେଡ୍ ଆର୍.ଏ. ଡବ୍ଲ୍ୟୁ.' ଲେଖକ ଅନୁସା ନନ୍ଦକୁମାର ଏବଂ ସନ୍ଦୀପ ସାକେତ୍ ଲେଖିଛନ୍ତି ଶଙ୍କରନ୍ ନାୟର୍ କରାଚି ବିମାନବନ୍ଦରର ସୂଚନା ପାଇଁ ତା' ବାବଦରେ ବିଶଦ ଭାବେ ଜାଣିଥିବା ଜଣେ ଲୋକର ସନ୍ଧାନରେ ଲାଗିପଡ଼ିଲେ। ବମ୍ବେରେ ରହୁଥିବା ଜଣେ ପାର୍ସୀ ଡାକ୍ତରଙ୍କ ବିଷୟରେ ତାଙ୍କୁ ଖବର ମିଳିଲା। ଜଳଜାହାଜ ଯୋଗେ ସେ କୁଏତ୍, ପାକିସ୍ତାନ ଏବଂ ଭାରତ ମଧ୍ୟରେ ଆତଯାତ ହେଉଥିଲେ। ପେଶାରେ ଜଣେ ଡାକ୍ତର ଥିଲେ ହେଁ ପ୍ରକୃତରେ ସେ ମୂଲ୍ୟବାନ ଧାତୁ ଏବଂ ଅନ୍ୟ ଦାମୀ ଜିନିଷ ଚୋରାଚାଲାଣ କରୁଥିଲେ। ସେଥି ନେଇ ଭାରତର କଷ୍ଟମ୍ସ୍ ବିଭାଗ ତାଙ୍କ ଉପରେ ଏକ ମାମଲା ରୁଜୁ କରିଥିଲେ। କାରାଦଣ୍ଡ ଓ ଜୋରିମାନା ଖୁବ୍ ବଡ଼ ଥିଲା। ଶଙ୍କରନ୍ ଏହାର ସୁଯୋଗ ନେଲେ। ସେ ଡାକ୍ତରଙ୍କ ପାଖକୁ ଯାଇ ମାମଲାରୁ ତାଙ୍କୁ ରକ୍ଷା କରିବାର ଅଭୟ ପ୍ରଦାନ କଲେ। ସେଥିପାଇଁ ତାଙ୍କ ଆଗରେ ଏକ ସର୍ତ୍ତ ରଖିଲେ। କରାଚି ବିମାନବନ୍ଦରର ଟିକିନିଖି ବିବରଣୀ ଦେବାକୁ କହିଲେ। ସେପଟେ ନିଜର ବନ୍ଧୁ କଷ୍ଟମ୍ସ ବିଭାଗ ଅଧିକାରୀଙ୍କୁ ସବୁ ଜଣେଇ ଯାହା ଜୋରିମାନା ସ୍ଥିର ହୋଇଥିଲା ର' ପାଣ୍ଠିରୁ ଭରଣା କରିଦେଲେ।

## ମୁଦ୍ରା କାହାଣୀ

ପାର୍ସୀ ଡାକ୍ତର ସର୍ତ୍ତ ମାନିବାକୁ ବାଧ୍ୟ ଥିଲେ। ଦୁଇଜଣ ଲୋକଙ୍କୁ ସାଙ୍ଗରେ ନେଇ ତାଙ୍କୁ କରାଚୀ ଯିବାକୁ କୁହାଗଲା। ନା କାମ ବିଷୟରେ ନା ସାଙ୍ଗରେ ଯାଉଥିବା ଲୋକଙ୍କ ବିଷୟରେ ତାଙ୍କ ପାଖରେ ସାମାନ୍ୟସୂଚନା ଥିଲା। ଲୋକ ଦୁଇଜଣ ଥିଲେ ରଡ୍ ଏବଂ ମେରିଆଟୀ। ର'ର ଏହି ଦୁଇ ଏଜେଣ୍ଟ ରାଓ ନାଭାଲ ବିଶେଷଜ୍ଞ ଏବଂ ମୂର୍ତ୍ତୀ ଫୋଟୋଗ୍ରାଫି ବିଶେଷଜ୍ଞ ଯଥାକ୍ରମେ ରଡ୍ ଏବଂ ମେରିଆଟୀ ହୋଇଥିଲେ। କରାଚି ବନ୍ଦର ଛଡ଼ା ଯେଉଁ ଗୁରୁତ୍ୱପୂର୍ଣ୍ଣ ସୂଚନା ଆବଶ୍ୟକ ଥିଲା ତାହା ହେଉଛି ଆମେରିକା ପାକିସ୍ତାନକୁ ଯୋଗାଇଥିବା ବିଭିନ୍ନ ଯୁଦ୍ଧାସ୍ତ୍ର ବିଷୟରେ ସୂଚନା। ପାକିସ୍ତାନ ନୌସେନା ଏବଂ ଏହାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର କରାଚି ବନ୍ଦର ବିଷୟରେ ସୂଚନା ନିହାତି ଦରକାର ଥିଲା। ତିନିଜଣଯାକ କୁଏତ୍ ଦେଇ ପାକିସ୍ତାନରେ ପ୍ରବେଶ କରି ବିମାନ ବନ୍ଦରରେ ଲୁଚି ରହିଲେ। ସୁଯୋଗ ଦେଖି ସେମାନେ ବନ୍ଦରର ଫଟୋ ଉଠେଇଲେ। କିଛିଦିନ ପରେ ଭାରତର ନୌସେନା ଉପରେ ନଜର ରଖିଥିବା ଯନ୍ତ୍ର ସେମାନେ ଦେଖି ପାରିଲେ। ସେଠାରେ ଆଣ୍ଟିଏଆର୍ କ୍ରାଫ୍ଟ ବ୍ୟାଟେରୀ ଲାଗିଥିଲା। ଅର୍ଥାତ ଯୁଦ୍ଧ ଆସନ୍ନ ଥିଲା। ବନ୍ଦରରେ ରଖା ଯାଇଥିବା ଛୋଟରୁ ବଡ଼ ସବୁ ଅସ୍ତ୍ରର ସେମାନେ ଫଟୋ ଉଠାଇଲେ। ପରଦିନ ସେମାନେ ଫେରିଆସିଲେ। ସେମାନେ ପହଞ୍ଚିବା ପୂର୍ବରୁ ଫଟୋ ଦିଲ୍ଲୀରେ ପହଞ୍ଚି ସାରିଥିଲା।

କିଛିଦିନ ପରେ ନୌସେନା ମୁଖ୍ୟ ଆଡ୍‌ମିରାଲ୍ ଏସ ଏନ୍ ନନ୍ଦା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ସାକ୍ଷାତ କରି ସବୁ ବିଷୟ ଜଣେଇଲେ। ପାକିସ୍ତାନର ଯୁଦ୍ଧ ପ୍ରସ୍ତୁତି ଏବଂ ଭାରତୀୟ ନୌସେନାର ତାକୁ ମୁକାବିଲା କରିବାର ଶକ୍ତି ଉପରେ ଆଲୋଚନା କରି ସେ ପାକିସ୍ତାନ ଆକ୍ରମଣ ପୂର୍ବରୁ ଆକ୍ରମଣ କରିବାର ପ୍ରସ୍ତାବ ରଖି ଯୁଦ୍ଧର ଭାରତୀୟ ରାଜନୀତି ଉପରେ ପ୍ରଭାବ ବିଷୟରେ ଆଲୋଚନା କଲେ। ଇନ୍ଦିରାଙ୍କ ଉତ୍ତର ଥିଲା, 'ୱେଲ୍ ଆଡ୍‌ମିରାଲ ! ଇଫ୍ ଦେଆର୍ ଇଜ୍ ଏ ୱାର୍, ଦେଆର୍ ଇଜ୍ ଏ ୱାର୍। ଆକ୍ରମଣର ଅନୁମତି। ୧୯୭୧ ମସିହା ଡିସେମ୍ବର ମାସ ୩ ତାରିଖରେ ପାକିସ୍ତାନ ବିରୁଦ୍ଧରେ ଯୁଦ୍ଧ ଘୋଷଣା ସମୟରେ କରାଚି ବନ୍ଦର ଆକ୍ରମଣ ସ୍ଥିର ହେଲା। ଆଡ୍‌ମିରାଲ୍ ନନ୍ଦା ଇନ୍ଦିରାଙ୍କ ଉତ୍ତର ବିଷୟରେ ଏତେ ନିଶ୍ଚିତ ଥିଲେ ଯେ ଯୁଦ୍ଧ ଘୋଷଣା ପୂର୍ବଦିନ ଅର୍ଥାତ୍ ଦୁଇ ତାରିଖ ଦିନ ଭାରତୀୟ ନୌସେନାର ଯୁଦ୍ଧଜାହାଜ କରାଚି ଅଭିମୁଖେ ଯାତ୍ରା କରି ସାରିଥିଲା।

କରାଚି ବନ୍ଦରରେ ପହଞ୍ଚିବା ପାଇଁ ପାକିସ୍ତାନର ନଜର ହଟେଇବା ଆବଶ୍ୟକ ଥିଲା। ସେଥିପାଇଁ ଭାରତୀୟ ବାୟୁସେନା କରାଚି ଉପରେ ବୋମା ଆକ୍ରମଣ କରିଦେଲେ। ନୌସେନାରେ ସୋଭିଏତ୍ ଋଷରୁ ଆସିଥିବା 'ନିପଟ', 'ନିର୍ଘାତ' ଏବଂ 'ବୀର' ନାମରେ ତିନି ସ୍ୱଳ୍ପଦୂରଗାମୀ ଓସା କ୍ଷେପଣାସ୍ତ୍ରପୋତ ସାମିଲ୍ ଥିଲେ। ଡିସେମ୍ବର ୪ ତାରିଖ ସୁଦ୍ଧା ତିନିପୋତକୁ ନିଆଯାଇ କରାଚି ବନ୍ଦରରୁ ଅଢ଼େଇଶହ ମାଇଲ୍ ଦୂରରେ ଛଡ଼ାଗଲା। ଏହାପରେ ସେମାନେ ନିଜେ କାରାଚିରେ ପହଞ୍ଚିଲେ। ବାଟରେ ପାକିସ୍ତାନର ସବୁଠାରୁ ଶକ୍ତିଶାଳୀ ନୌଯୁଦ୍ଧ ଜାହାଜର ପି.ଏନ୍.ଏସ୍. ଖୈବର୍‌ର ସଂକେତ ପାଇ ଭାରତ ତାକୁ କ୍ଷେପଣାସ୍ତ୍ର ଦ୍ୱାରା ଧ୍ୱଂସ କରି ଆଗକୁ ବଢ଼ିଲା। ପାକିସ୍ତାନ ପାଇଁ ଏହା ବହୁତ ବଡ଼ କ୍ଷତି ଥିଲା। ଦ୍ୱିତୀୟ କ୍ଷେପଣାସ୍ତ୍ରପୋତ ଯୁଦ୍ଧାସ୍ତ୍ର ବହନ କରି ଯାଉଥିବା ଅନ୍ୟ ଏକ ପାକିସ୍ତାନୀ ଜାହାଜକୁ ନଷ୍ଟ କରି ଆଗକୁ ବଢ଼ିଲା। ର' ଅଜେଣ୍ଟ ରାଓ ଏବଂ ମୂର୍ତ୍ତୀଙ୍କ ସୂଚନା ଆଧାରରେ ଯୋଜନା ଅନୁସାରେ ତୃତୀୟ କ୍ଷେପଣାସ୍ତ୍ରପୋତ କରାଚି ବନ୍ଦରରେ ଥିବା ବିରାଟ ତୈଳଭଣ୍ଡାର ଉପରେ ଆକ୍ରମଣ କଲା। ଡିସେମ୍ବର ପାଞ୍ଚ ତାରିଖ ସୂର୍ଯ୍ୟୋଦୟ ବେଳକୁ ପାକିସ୍ତାନର ସବୁଠାରୁ ଶକ୍ତିଶାଳୀ ଯୁଦ୍ଧପୋତ, ଯୁଦ୍ଧାସ୍ତ୍ର ଜାହାଜ ଏବଂ କରାଚି ବନ୍ଦର 'ଅପରେସନ ଟ୍ରାଇଡେଣ୍ଟ୍'ରେ ଧ୍ୱଂସ ହୋଇସାରିଥିଲା। ଭାରତ ନୀରବରେ ନିଜର ଲକ୍ଷ୍ୟ ହାସଲ କରିନେଲା। ଅଣ୍ଟା ଭାଙ୍ଗିବା ପରେ ପାକିସ୍ତାନର ଭାରତୀୟ ନୌସେନା ଏବଂ ପୂର୍ବ ପାକିସ୍ତାନ ଉପରେ ଆକ୍ରମଣର ଯୋଜନା ପଣ୍ଡ ହୋଇଥିଲା। ଭାରତର କାର୍ଯ୍ୟକ୍ରମ ସେତିକିରେ ସରି ନଥିଲା। ଡିସେମ୍ବର ୮ ତାରିଖରେ ଭାରତୀୟ ସେନା 'ଅପରେସନ୍ ପାଇଥନ୍' ଆରମ୍ଭ କରି କରାଚି ବନ୍ଦରକୁ ସଂପୂର୍ଣ୍ଣ ଘେରାଉ କରିଦେଲା। ପୂର୍ବ ପାକିସ୍ତାନ ଏବଂ ପଶ୍ଚିମ ପାକିସ୍ତାନ ପରସ୍ପର ଠାରୁ ବିଚ୍ଛିନ୍ନ ହୋଇଗଲେ। ଡିସେମ୍ବର ୧୬ ତାରିଖରେ ପାକିସ୍ତାନ ଭାରତ ନିକଟରୁ ସଂପୂର୍ଣ୍ଣ ଭାବେ ପରାଜିତ ହେଲା। ୧୯୭୧ ମସିହାର ଯୁଦ୍ଧରେ ଭାରତର ବିଜୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ଭାରତୀୟ ନୌସେନାର।

ଅପରେସନ୍ ଟ୍ରାଇଡେଣ୍ଟ୍ କେବଳ ପାକିସ୍ତାନର ସୈନ୍ୟବଳକୁ ନଷ୍ଟ କରି ନଥିଲା ବା ପରାଜୟର କାରଣ ହୋଇନଥିଲା। ଏହା ପାକିସ୍ତାନର ଅର୍ଥନୀତିକୁ ଧ୍ୱଂସ କରିଦେଇଥିଲା। କରାଚି ବନ୍ଦର ଧ୍ୱଂସ ହେବା ସହିତ ପାକିସ୍ତାନର ବିପୁଳ ତୈଳଭଣ୍ଡାର ପୋଡ଼ି ପାଉଁଶ ହୋଇଯାଇଥିଲା। ବିଶେଷଜ୍ଞଙ୍କ ଅନୁସାରେ ସେତେବେଳେ ପାକିସ୍ତାନକୁ ତିନି ବିଲିଅନ୍ ଡଲାରର କ୍ଷତି ସହିବାକୁ ପଡ଼ିଥିଲା। ପାକିସ୍ତାନ ଜାଣିଛି ସମ୍ମୁଖଯୁଦ୍ଧରେ ଭାରତର ମୁକାବିଲା କରିପାରିବନି। ତେଣୁ ସେ ଆତଙ୍କବାଦକୁ ଅସ୍ତ୍ର ଭାବରେ ପ୍ରୟୋଗ କରୁଛି। ସାରା ବିଶ୍ୱ ଏକଥା ଜାଣି ମଧ୍ୟ ନୀରବ ରହିଛି। ପାକିସ୍ତାନର ସମ୍ମୁଖୀନ ହେବା ପାଇଁ ଭାରତକୁ କଳ-ବଳ-କୌଶଳ ପ୍ରୟୋଗ ସହିତ ଅନ୍ତର୍ଜାତୀୟସ୍ତରରେ କୂଟନୈତିକ ଚାପକୁ ତୀବ୍ର କରିବାର ଆବଶ୍ୟକତା ରହିଛି।

# ମା' ପାଇଁ ଗୋଟିଏ ଦିବସ ଯଥେଷ୍ଟ କି !



ରାକେଶ ପଣ୍ଡା
ବନ୍ଧାଲୋ, ଟାଙ୍ଗୀ, କଟକ
ମୋ: ୯୩୩୭୮୯୭୬୫୦

କଥାରେ ଅଛି, ପିତାମାତା ଓ ସେମାନଙ୍କର ନିଃସ୍ୱାର୍ଥ ଭଲପାଇବାକୁ ଛାଡିଦେଲେ ଦୁନିଆର ଅନ୍ୟସବୁ ଜିନିଷ ଟଙ୍କା ଓ କ୍ଷମତା ଦ୍ୱାରା ବଜାରରୁ କିଣି ହେବ। ଯେଉଁ ଚରିତ୍ର ହେଉଛନ୍ତି ଗୋଟିଏ ସନ୍ତାନ ନିମନ୍ତେ ଅନନ୍ୟ ଓ ଅଦ୍ୱିତୀୟ। ଗତ ବର୍ଷ, 'ବିଶ୍ୱ ମାତୃଦିବସ' ଉପଲକ୍ଷେ ସାମାଜିକ ଗଣମାଧ୍ୟମର ପ୍ରାୟ ଶତକଡା ୯୦ ଭାଗ ବନ୍ଧୁ ମାନଙ୍କ ଆକାଉଣ୍ଟରେ ସେମାନେ ନିଜ ମା'ଙ୍କ ସହ ଉତ୍ତୋଳନ କରିଥିବା ଫୋଟୋଗୁଡିକ ଘୂରିବୁଲୁଥିବାର ନଜରକୁ ଆସିଲା। ଯେଉଁଥିରେ, ସେମାନେ ତାଙ୍କର ମା'ଙ୍କୁ କୋଳେଇ ନେବା, ଶ୍ରଦ୍ଧା କରିବା, ତାଙ୍କ ସହ ବସି ଖାଦ୍ୟ ଖାଇବା ଓ ଖୁଆଇବା ଏପରିକି ଅନେକ ବ୍ୟକ୍ତିଗତ ମୁହୂର୍ତ୍ତ ଗୁଡିକ କଏଦ ହୋଇ ରହିଥାଏ। ଯାହାର ଶିରୋନାମାରେ ସେମାନେ ଉକ୍ତ ଦିବସର ଶୁଭେଚ୍ଛା ସହ, ନିଜ ମା'ଙ୍କ ସମ୍ବନ୍ଧରେ କିଛି କଥା ମଧ୍ୟ ଉଲ୍ଲେଖ କରିଥିଲେ। ତେବେ, ନିଜ ଜୀବନରେ ମା'ଙ୍କର ଅତୁଳନୀୟ ଅବଦାନ ଓ ତା'ର ଗୁରୁତ୍ୱକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ, ପ୍ରାୟ ଅଧିକାଂଶ ମଣିଷ ଏହି ଉଲ୍ଲେଖନୀୟ ଦିନକୁ ସର୍ବତ୍ର ତଥା ବିଶ୍ୱବ୍ୟାପୀ ପାଳନ କରିଥାନ୍ତି। ଯାହାକି' ଏକ ଭଲ ବିଷୟ ଅଟେ ଏବଂ ସେସବୁକୁ ଦେଖି ମୋତେ ଅନ୍ତରରୁ ଅନେକ ଖୁସି ମଧ୍ୟ ଅନୁଭବ ହେଉଥାଏ। କିନ୍ତୁ ଏଥିସହ, ମୋ ମନକୁ ଏକ ଛୋଟ ପ୍ରଶ୍ନ ଆନ୍ଦୋଳିତ କରିଚାଲିଲା ଯେ, ବାସ୍ତବରେ ଜଣେ ମା'ଙ୍କର ତାଙ୍କର ସନ୍ତାନ ପ୍ରତି ରହିଥିବା ପ୍ରତିଟି ତ୍ୟାଗ, ସମର୍ପଣ, ଭଲପାଇବା ଓ ଅବଦାନର ପ୍ରତିବଦଳରେ ଗୋଟିଏ ବର୍ଷରେ ଏହି ଗୋଟିଏ ଦିନର ପାଳନ କ'ଣ ଯଥେଷ୍ଟ ଓ ଯଥାର୍ଥ ଅଟେ କି' ?

ତେବେ ଆଜିର ବାସ୍ତବତା ହେଉଛି, ମାତୃଦିବସ ଦିନ ମା'ଙ୍କ ପ୍ରତି ଓ ତାଙ୍କ ନିମନ୍ତେ ରହିଥିବା ସେ ଆନ୍ତରିକତା ଓ ଅନ୍ତରଙ୍ଗ ଭାବନା ଏହାର ପରଦିନ ଠାରୁ ଆଗାମୀ ବର୍ଷର ମାତୃଦିବସ ପର୍ଯ୍ୟନ୍ତ ଅଧିକାଂଶ ସନ୍ତାନଙ୍କ ଠାରେ ଆଉ ଦେଖିବାକୁ ମିଳେନାହିଁ ! ଏହି ପରିପ୍ରେକ୍ଷୀରେ, ୧୦ଜଣ ଦୂର ସମ୍ପର୍କୀୟ ତଥା କେତେକ ଜଣା ବ୍ୟକ୍ତିମାନଙ୍କ ସାମାଜିକ ଗଣମାଧ୍ୟମର ଆକାଉଣ୍ଟରେ ଉକ୍ତ ଫଟୋ ସବୁକୁ ଦେଖିଲା ପରେ, ସେମାନଙ୍କର ନିଜ ମା'ଙ୍କ ସହ ରହିଥିବା ସମ୍ପର୍କର ବାସ୍ତବତାକୁ ପରଖିବା ନିମନ୍ତେ ଅତି ନିକଟରୁ ତଥା ତୃଣମୂଳ ସ୍ତରରେ ମୁଁ ଗୁପ୍ତ ଭାବରେ ଏକ ଛୋଟ ବ୍ୟକ୍ତିଗତ ଅଧ୍ୟୟନ କରିଥିଲି। ଶେଷରେ ମୋତେ ଏହା ପ୍ରାପ୍ତ ହେଲା ଯେ, ସେଥିମଧ୍ୟରୁ ତିନିଜଣ ବ୍ୟକ୍ତି ନିଜ ମା'ଙ୍କୁ ଅତି ଅବହେଳିତ ଅବସ୍ଥାରେ ରଖିଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ଦୁଇଜଣ ବ୍ୟକ୍ତିଙ୍କର ପିତାମାତା ଅନେକ ଦୁଃଖ, କଷ୍ଟ ଓ ବାର୍ଦ୍ଧକ୍ୟ ମଧ୍ୟରେ ଗୋଟିଏ ଛାତ ତଳେ ନିଜ ପୁଅ, ବୋହୂଙ୍କ ଠାରୁ ଅଲଗା ରହି ହାତରେ ରୋଷେଇ କରି ଖାଦ୍ୟ ଗ୍ରହଣ କରୁଛନ୍ତି ! ଆଉ ଜଣେ ବ୍ୟକ୍ତି ଉକ୍ତ ମାତୃଦିବସ ଅବସରରେ ବୃଦ୍ଧାଶ୍ରମରେ ରହୁଥିବା ତାଙ୍କର ମା'ଙ୍କ ନିକଟକୁ ଯାଇ ଉକ୍ତ ଫଟୋ ସବୁ ଉତ୍ତୋଳନ କରିଛନ୍ତି। ଅନ୍ୟଜଣେ ବ୍ୟକ୍ତି ମା'ଙ୍କୁ ଏକୁଟିଆ ଗାଁରେ ଛାଡି ନିଜ ପରିବାର ସହ ସରକାରୀ ଚାକିରୀ ଉଦ୍ଦେଶ୍ୟରେ ଅଲଗା ଏକ ସ୍ଥାନରେ ରହନ୍ତି ଏବଂ ତାଙ୍କର ମା' ଗାଁରେ ପରଘରେ କାମ କରି ନିଜର ଜୀବନ ନିର୍ବାହ କରନ୍ତି। ସେହିବର୍ଷ ଅଚାନକ ମାତୃଦିବସ ପୂର୍ବଦିନ ସେ ଘରକୁ ଆସିଥିଲେ ଏବଂ କିଛି ଫଟୋ ତାଙ୍କ ସହ ଉତ୍ତୋଳନ କରିଥିଲେ। ଅଲଗା ରାଜ୍ୟରେ ବାସ କରୁଥିବା ଆଉ ତିନିଜଣ ବ୍ୟକ୍ତି ପାଖାପାଖି ୫ବର୍ଷ ହେବ ନିଜ ପିତାମାତାଙ୍କ ନିକଟକୁ ଆସି ନାହାଁନ୍ତି ଏବଂ ବର୍ତ୍ତମାନ ସାମାଜିକ ଗଣମାଧ୍ୟମରେ ସେମାନେ ପୋଷ୍ଟ କରିଥିବା ଫଟୋଗୁଡିକ ବହୁ ପୁରୁଣା ଅଟେ।

ଉକ୍ତ ଦଶ ଜଣଙ୍କ ମଧ୍ୟରୁ, ଆଉ ଜଣେ ବ୍ୟକ୍ତି ବୃତ୍ତି ଉଦ୍ଦେଶ୍ୟରେ ଦୂରରେ ରହିଲେ ମଧ୍ୟ, ମାସକୁ ଥରେ ଘରକୁ ଆସିଥାନ୍ତି ଏବଂ ତାଙ୍କ ମା'ଙ୍କ କଥା ବୁଝି ତଥା ତାଙ୍କ ମାସିକ ଦରକାରିତା ଗୁଡିକର ବନ୍ଦୋବସ୍ତ କରି ନିଜ କର୍ମକ୍ଷେତ୍ରକୁ ଚାଲିଯାଆନ୍ତି। ଶେଷ ବ୍ୟକ୍ତି ଜଣଙ୍କ ବାପା-ମା'ଙ୍କୁ ଛାଡି ଯିବେ ନାହିଁ ବୋଲି ଅଲଗା ରାଜ୍ୟରେ ସୁଯୋଗ ଲାଭ କରିଥିବା ଭଲ ଚାକିରିକୁ ପରିତ୍ୟାଗ କରିଥିଲେ। ଏଠାରେ କମ୍ ଦରମାରେ ଛୋଟ ଚାକିରି କରି ବାପା, ମା'ଙ୍କ ନିକଟରେ ରହୁଛନ୍ତି। ଆର୍ଥିକ ଅଭାବରେ ରହି ମଧ୍ୟ ସେ ନିଜ ପିତାମାତାଙ୍କୁ ଅନେକ ଖୁସିରେ ରଖିଛନ୍ତି ଓ ତାଙ୍କର ସଠିକ୍ ଯତ୍ନ ନେଉଛନ୍ତି। ଉକ୍ତ ଅନୁଧ୍ୟାନର ଅବଧି ମଧ୍ୟରେ, ଜଣେ ବ୍ୟକ୍ତିଙ୍କର ମା' ମୋର ଗୋଟିଏ ପ୍ରଶ୍ନର ଉତ୍ତରରେ ଦୁଇ ଆଖି ଛଳଛଳ କରି, ଏକ କୋହ ଭରା କଣ୍ଠରେ ନିଜ ପୁଅ ସମ୍ବନ୍ଧରେ କହି ଉଠିଲେ ଯେ, "ସେ ମୋ' ପାଖରେ ନରହୁ, ମୋର ଭଲ, ମନ୍ଦ କଥା ନବୁଝୁ, କିନ୍ତୁ ଏହି ମାତୃଦିବସ ପାଳନ ଅବସରରେ ଗୋଟିଏ ଦିନ ପାଇଁ ହେଉ ପଛକେ ତା'ସହ ସାକ୍ଷାତ କରିବାକୁ ସୁଯୋଗ ଟିକିଏ ମିଳୁଛି। ମା'.. ମା'.. ଡାକ ସହିତ, ମିଛ ହେଉ ପଛକେ, କିଛି ସ୍ନେହ, ଯତ୍ନ ଓ ଆନ୍ତରିକତା ପ୍ରାପ୍ତି ହେଉଛି। ସେତିକି ମୋ' ପାଇଁ ଯଥେଷ୍ଟ ! ତାକୁ ଟିକିଏ ମନ ଭରି ଦେଖିବାର ଆନନ୍ଦ ଓ ଖୁସି ଶବ୍ଦରେ ଅବର୍ଣ୍ଣନୀୟ। ସେହି ମୁହୂର୍ତ୍ତ ଟିକକକୁ ସମ୍ପତ୍ତି ଓ ଶକ୍ତି କରି ମୁଁ ପୁଣି ଗୋଟିଏ ବର୍ଷ କାଟିଦିଏ ଆଗାମୀ ମାତୃଦିବସରେ ତା' ସହ ସାକ୍ଷାତ କରିବା ନିମନ୍ତେ।

ଉକ୍ତ ଅଧ୍ୟୟନର କଣ୍ଟକିତ ବାସ୍ତବତାକୁ ଅନୁଭବ କରି ମୋ ଦେହ ଶୀତେଇ ଉଠୁଥାଏ ! ସେ ବିଷୟକୁ ଚିନ୍ତା କରି ମୋ ଆଖି ଦୁଇଟି ଲୁହରେ ପୂର୍ଣ୍ଣ ହୋଇଗଲା ଏବଂ ମନ ମଧ୍ୟରେ ଅନେକ ଅବୁଝା ପ୍ରଶ୍ନ ସବୁ ଉଙ୍କି ମାରିଲା ! ଆଜିର ଏହି ଶିକ୍ଷିତ ସମାଜରେ ଗୋଟିଏ ସନ୍ତାନର ନିଜ ମା'ଙ୍କ ପ୍ରତି ରହିଥିବା ଏହା କି' ପ୍ରକାରର ମାତୃପ୍ରେମ ଓ ଦାୟିତ୍ୱବୋଧତା ଅଟେ ! ସେମାନଙ୍କ ନିକଟରେ ଏହି ମାତୃଦିବସ ପାଳନର ବାସ୍ତବ ଉଦ୍ଦେଶ୍ୟ କ'ଣ ? ସାମାଜିକ ଗଣମାଧ୍ୟମରେ ଶସ୍ତା ଆତ୍ମ ପ୍ରଚାର ଏବଂ ମା'ଙ୍କର ପବିତ୍ର ମମତା ପ୍ରତି ଛଳନା କରିବା ବ୍ୟତୀତ, ତାହା ଆଉ କିଛି ନ'ହୋଇପାରେ ବୋଲି ମନେହେଲା ! ତେବେ, ମା' ହେଉଛନ୍ତି ପ୍ରତିଟି ବ୍ୟକ୍ତିଙ୍କ ଜୀବନର ଉତ୍ସ ଏବଂ ଅସ୍ତିତ୍ୱର କାରଣ। ସେ ହେଉଛନ୍ତି ଜୀବନର ଏକମାତ୍ର ଅଦ୍ୱିତୀୟ ଚରିତ୍ର, ଯିଏ କି' ନିଜର ସନ୍ତାନକୁ ଜୀବନବ୍ୟାପୀ କେବଳ ନିଃସ୍ୱାର୍ଥପର ଭାବରେ ଓ ବିନା ପ୍ରତିଦାନରେ ହାତ ଖୋଲି ଦେବାରେ ବିଶ୍ୱାସ ରଖନ୍ତି। ଯେଉଁଦିନ ପିଲାଟି ଜନ୍ମ ହୋଇଥାଏ, ସେତେବେଳେ ଜଣେ ମା' ହିଁ ଅନ୍ୟମାନଙ୍କ ଅପେକ୍ଷା ଅଧିକ ଖୁସି ହୋଇଥାଆନ୍ତି। ଗୋଟିଏ ଶିଶୁ ଏହି ଦୁନିଆଁରେ ଆଖି ଖୋଲିବା ପରେ ସେ ତା'ର ମା'ଙ୍କୁ ଜୀବନର ପ୍ରଥମ ମୁହୂର୍ତ୍ତରୁ ଦେଖିଥାଏ ଏବଂ ଏହି ଦୁନିଆଁକୁ ଆସିବା ପୂର୍ବରୁ ତାଙ୍କୁ ତାଙ୍କ ଗର୍ଭରେ ଅନୁଭବ କରିଥାଏ। ଯେତେବେଳେ ସେ କଥା ହେବା ଆରମ୍ଭ କରେ, ସେତେବେଳେ ତାର ପ୍ରଥମ ଶବ୍ଦ 'ମା' ହୋଇଥାଏ। ହାତଧରି ଚାଲି ଶିଖେଇବା, କୋଳରେ ବଢାଇବା, ବିଭିନ୍ନ କ୍ଷେତ୍ରରେ ଶିଶୁର ବିକାଶ କରିବା ଏବଂ ଏହି ଦୁନିଆକୁ ବୁଝିବାରେ ମା'ଙ୍କର ଭୂମିକା ଅତୁଳନୀୟ। ଜଣେ ମା'ହେଉଛନ୍ତି ପ୍ରତିଟି ବ୍ୟକ୍ତିଙ୍କ ଜୀବନର ପ୍ରଥମ ଶିକ୍ଷକ, ପ୍ରମୁଖ ଏବଂ ସର୍ବୋତ୍ତମ ବନ୍ଧୁ। ଯିଏକି କେବଳ ତାଙ୍କ ପିଲାର ଖୁସି ପାଇଁ ନିଜ ଜୀବନର ସବୁକିଛି ଖୁସିରେ ତ୍ୟାଗ କରିଥାନ୍ତି। ସବୁ ତ୍ୟାଗ, ସମର୍ପଣ ଓ ବଳିଦାନ ପରେ ମଧ୍ୟ ପ୍ରତିବଦଳରେ ମା' ନିଜ ସନ୍ତାନ ଠାରୁ କେବେ କିଛି ଆଶା ରଖନ୍ତି ନାହିଁ। ପିଲାଟିର ମା'.. ଡାକରେ ତାଙ୍କ ଭୋକିଲା ପେଟ ପୁରିଉଠେ ଏବଂ ତା'ର ମଙ୍ଗଳ ଓ ଖୁସିରେ ସେ ନିଜ ଜୀବନର ପରମ ଖୁସିକୁ ଅନୁଭବ କରିଥାନ୍ତି। ଯେଉଁ ନିଃସ୍ୱାର୍ଥ ଚରିତ୍ର ନିମନ୍ତେ କେବଳ ଗୋଟିଏ ଦିବସ ନୁହେଁ, ପ୍ରତିଟି ଦିବସ ମାତୃଦିବସ ହେଉ। ଅତଏବ, ଆପଣା ସ୍ୱାର୍ଥ ଠାରୁ ସାମାନ୍ୟ ଊର୍ଦ୍ଧ୍ୱକୁ ଯାଇ ଏବଂ ଛଳନାଠାରୁ ସାମାନ୍ୟ ଦୂରରେ ରହି, ଆଜିର ପ୍ରତିଟି ସନ୍ତାନ ନିଜ ଜୀବନର ପ୍ରତିଟି ଦିବସକୁ ଶ୍ରଦ୍ଧା, ଆନ୍ତରିକତା ଓ ଭଲପାଇବାର ସହ ନିଜ ମା'ଙ୍କ ପାଇଁ ଓ ମା'ଙ୍କ ସାଥିରେ ଅତିବାହିତ କରନ୍ତୁ।

# ତ୍ୟାଗ ତପସ୍ୟାର ପ୍ରତୀକ : ମାଆ



ଲଳିତ ମୋହନ ମିଶ୍ର
କୁରାଳ, ନୟାଗଡ଼
ମୋ: ୯୪୩୭୯୮୫୮୬୬

ଦୁନିଆର ସବୁଠାରୁ ସୁନ୍ଦର ଶବ୍ଦ ହେଉଛି ମାଆ। ତ୍ୟାଗ ଆଉ ତପସ୍ୟାର ପ୍ରତୀକ ମାଆ। ଏହି ଦୁଇ ଅକ୍ଷରରୁ ହିଁ ଜୀବନର ଆରମ୍ଭ। ମାଆ ଏପରି ଏକ ଶବ୍ଦ, ଯାହାକୁ ବର୍ଣ୍ଣନା କରିବାକୁ ଶବ୍ଦରେ କମ୍ ପଡେ। ଆଜି ସେ ସ୍ୱର୍ଗୀୟ ଦାନର ଦିନ ଅର୍ଥାତ୍ ବିଶ୍ୱ ମାତୃ ଦିବସ। ତାକୁ ମନେ ପକାଇବା ପାଇଁ ଦିନଟିଏ ନୁହେଁ, ତା' ଦାନ, ତା' ତ୍ୟାଗକୁ ପୂଜା କରିବାର ଆଉ ତାକୁ ତା' ପରିଚୟରେ ଆମେ ପରିଚିତ ବୋଲି ଜଣାଇ ଦେବାର ଦିନ। ଅୟୁତ ବ୍ରହ୍ମାଣ୍ଡ ବିଲୀନ ହୋଇଯାଏ, ଏଇ ଶବ୍ଦର ଗଭୀରତାରେ। ମାଆ ଥିଲେ ସଂସାରରେ ସବୁ ଥିଲା ପରି ଲାଗେ। ମା' ଶବ୍ଦଟି ଆକାଶ ପରି ବ୍ୟାପକ ଓ ମାଟି ଠାରୁ ଅଧିକ ନିବିଡ। ସେଥିପାଇଁ ତ ମା' ହେଉଛି ମମତାର ଦେବୀ। ମା' କେବଳ ଶବ୍ଦ କି ସମ୍ବୋଧନ ନୁହେଁ ସେ ଆମ ଜୀବନ ନାଆର ନାଉରୀ। ମା' ଓ ସନ୍ତାନର ବନ୍ଧନ ମାତୃଗର୍ଭରୁ ହିଁ ହୋଇଥାଏ। ନିଜେ ଜଳି ସନ୍ତାନଙ୍କୁ ଆଲୋକ ଦେଖାଏ ମାଆ। ସେ କେବଳ ସନ୍ତାନର ଲାଳନପାଳନ କରେ ନାହିଁ ବରଂ ତା'ଭିତରେ ସଂସ୍କାର ମଞ୍ଜି ବୁଣିବାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଯିଏ ଜନ୍ମଦିଏ ଆଉ ହାତ ଧରି ବାଟ ଚାଲିବା ଶିଖାଏ। ମାଆ କଥା ଯେତିକି ମଧୁର ତା'ର ହାତରନ୍ଧା ସେତିକି ସୁଆଦିଆ। ମାଆ ପାଟିରୁ ଯାହା ବାହାରେ ତାହା ସନ୍ତାନ ପାଇଁ ଆର୍ଶୀବାଦ ପାଲଟିଯାଏ। ସନ୍ତାନ ପାଇଁ ସେ ସଫଳତାର ଏକ ଚିରସ୍ରୋତାର ବୈତରଣୀ। ଯେତେ ଶବ୍ଦ ସହ ତୁଳନା କରିଲେ ମଧ୍ୟ ମାଆ ପାଇଁ ଶବ୍ଦକୋଷର ଅଭାବ ପଡିଯିବ। ସେ ସର୍ବାଙ୍ଗ ସାହା, ତ୍ରାରଣ କର୍ତ୍ତା, ପାଳନ କର୍ତ୍ତା। ସେହିଁ ପୁଣି ସଂସାର ସଂଘାର। ତେଣୁ କୁହାଯାଇଛି–

ନାସ୍ତି ମାତୃସମା ଛାୟା ନାସ୍ତି ମାତୃସମା ଗତିଃ
ନାସ୍ତି ମାତୃସମଂ ତ୍ରାଣଂ ନାସ୍ତି ମାତୃସମା ପ୍ରପା ॥

ମା' ପରି ଛାୟା, ଆଶ୍ରୟ ବା ସୁରକ୍ଷା କିଛି ନାହିଁ। ମା' ପରି କୌଣସି ଜୀବନଦାତ୍ରୀ ଏ ଜଗତରେ ନାହାଁନ୍ତି। ମା' ବିନା ଜୀବନରେ ଶୀତଳତା, ଶାନ୍ତି ଓ ପୂର୍ଣ୍ଣତା ପ୍ରାପ୍ତି ହୋଇନଥାଏ। ଛୁଆଙ୍କ ପାଇଁ ଅଭୟ ବରଦାୟିନୀ, ଶାନ୍ତି ପ୍ରଦାୟିନୀ। ମାଆର ପଣତକାନି ଦୁନିଆର ସବୁ ସନ୍ତାନ ପାଇଁ ସବୁଠୁ ଶ୍ରେଷ୍ଠ ସୁରକ୍ଷିତ ଆଶ୍ରୟ ସ୍ଥଳ। ମାଆ କୋଳରୁ ଆରାମ ଦାୟକ ସ୍ଥାନ ଆଉ କେଉଁଠି ନଥାଏ। ସଂସାରର ଯେତେ ଶ୍ରଦ୍ଧା, ମା'ଠୁ ଆରମ୍ଭ, ମା'ରେ ଶେଷ। ମାଆ ତୋ ସହନଶୀଳତା ଆଉ ତୋ ଧୈର୍ଯ୍ୟ ଆଗରେ ପଥର ବି ମୁଣ୍ଡ ନୁଆଁଇବ। ସନ୍ତାନର ପ୍ରଥମ ଶିକ୍ଷକ ମାଆ। ସେ ଶିଖାଏ ଚାଲି, ଚଳନ, ଆଚାର ବ୍ୟବହାର, ଶିଷ୍ଟାଚାର, ଭଦ୍ରତା, ନମନୀୟତା, ଶାଣ୍ଡଣା ଆଉ ଜୀବନ ଜିଇଁବାର କୌଶଳ। ସେ ବିନା ଶିକ୍ଷାରେ ବି ପିଲାକୁ ପଢାଏ ମଣିଷ ଭଳି ମଣିଷ ହେବାର ପାଠ। ତା' ନାମ କେବଳ ମାଆ ହୋଇଥାଇ ପାରେ ହେଲେ ତା' ପରିଚୟ ଅନେକ। ସେ ସନ୍ତାନକୁ କେତେବେଳେ ବାପାର ଲାଠି ମାଡରୁ ବଞ୍ଚାଏ ତ ପୁଣି ଶତ୍ରୁର କୁଦୃଷ୍ଟିରୁ ବଞ୍ଚାଏ। ସବୁ କଷ୍ଟକୁ ସହି ପିଲାର ମୁହଁରେ ସେ ହସ ଦେଖିବାକୁ ଚାହେଁ। ସନ୍ତାନର ପେଟ ପୁରିଲେ ତାର ବି ପେଟ ପୁରେ। ମା' ତ୍ୟାଗ ଆଗରେ ସନ୍ତାନର ମଣ୍ଡ ସବୁବେଳେ ନଇଁଛି ନଇଁବ। ତା'ର ଋଣ ସୁଝିବା ଅସମ୍ଭବ।ମାଆ କେତେବେଳେ ଚୁଲିଧୂଆଁରେ କାନ୍ଦେ ପୁଣି କେତେବେଳେ ପାରିବାରିକ ଅନଟନରେ କାନ୍ଦେ, ହେଲେ କେବେ ଛୁଆକୁ କନ୍ଦାଇବାକୁ ଦିଏନି। ଦୁନିଆଁରେ ମା' ଶବ୍ଦର ବିକଳ୍ପ ନାହିଁ। ଦଶ ମାସ ଗର୍ଭରେ ଧରି ଶେଷରେ ପେଟ ଚିରି ଜନ୍ମ ଦେଇଥିବା ମା' ସତରେ ସର୍ବସହଣୀ।। ନିଜର ପୁଅ/ଝିଅର ଯେତେ ସବୁ ଅଳି ଅଝଟକୁ ମାଁର ହୃଦୟ ହିଁ ବୁଝିଥାଏ। ବର୍ତ୍ତମାନର ସ୍ୱାର୍ଥ ସର୍ବସ୍ୱ ଦୁନିଆଁରେ ମଧ୍ୟ ଏଭଳି ଭଳି ମାଁ ଅଛନ୍ତି ଯିଏ ନିଜ ପୁଅକୁ ପ୍ରତିଷ୍ଠିତ ମଣିଷ କରିବା ପାଇଁ ଦିନରାତି ଏକ କରି ଦେଇଛନ୍ତି। ମା'ଙ୍କ ଦୃଢ ଇଚ୍ଛାଶକ୍ତି ଯୋଗୁଁ ପୁଅ/ଝିଅମାନେ ସମାଜରେ ଜଣେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ହେବାର ଗୌରବ ଅର୍ଜନ କରିବାରେ ସକ୍ଷମ ହୋଇଛି। ମା' ହିଁ ଆମ ଆମ ସଫଳତାର ଚାବିକାଠି। ମା'ଙ୍କ ଅନାବିଳ ସ୍ନେହ, ମମତା ସହ ସମାଜରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ହେବାର ପ୍ରେରଣା କେବଳ ମା' ହିଁ ସବୁବେଳେ ଦେଇ ଆସିଛନ୍ତି। ଆଜି ବିଶ୍ୱ ମାତୃ ଦିବସରେ ମା'ଙ୍କୁ ଶତ ଶତ ପ୍ରଣାମ। ମାତୃ ଦିବସର ଇତିହାସ :୧୮୬୧ରୁ ୧୮୬୫ ମସିହା ପର୍ଯ୍ୟନ୍ତ ଯୁକ୍ତରାଷ୍ଟ୍ର ଆମେରିକାରେ ଦାସତ୍ୱ ପ୍ରଥା ଯୋଗୁ ସଂଘର୍ଷ ଲାଗି ରହିଥିଲା। ସେହି ସମୟରେ ଜଣେ ସାଧାରଣ ମହିଳା ରୁଗ୍ଣ, ଅସହାୟ ଓ ଆହତମାନଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଥିଲେ। ତାଙ୍କ ଉତ୍ସର୍ଗୀକୃତ ସେବା ଯୋଗୁଁ ସେ ସମସ୍ତଙ୍କଠାରେ ଆଦରଣୀୟା ଥିଲେ। ତାଙ୍କ ବିୟୋଗ ପରେ, ତାଙ୍କର ସୁକନ୍ୟା ଆନ୍ନା ଜାର୍ଭିସ୍ ନିଜର



ସ୍ନେହମୟୀ ମାଆଙ୍କର ସ୍ମୃତି ରକ୍ଷା ନିମନ୍ତେ ପ୍ରଥମ ଥର ପାଇଁ ପାଳନ କରିଥିଲେ 'ମାତୃ ଦିବସ'। ୧୯୧୪ ମସିହାରେ ରାଷ୍ଟ୍ରପତି ଉଡ୍ର ୱିଲ୍ସନ୍ ଏହି ସେବାକାରିଣୀ ମାଆଙ୍କ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ ମାସର ଦ୍ୱିତୀୟ ରବିବାରକୁ 'ମାତୃ ଦିବସ' ରୂପେ ପାଳନ ପାଇଁ ଘୋଷଣା କରିଥିଲେ। ପରେ ତାହା ଆମେରିକୀୟମାନଙ୍କ ଲାଗି ଏକ ଜାତୀୟ ଦିବସର ମାନ୍ୟତା ପାଇଥିଲା। ବିଶ୍ୱର ଏକାଧିକ ରାଷ୍ଟ୍ରରେ ଏହି ଦିବସ ପାଳନ ହେଉଥିବାବେଳେ ଆମ ଦେଶରେ ମଧ୍ୟ ମେ ମାସ ଦ୍ୱିପ ମାତୃ ଦିବସ ଭାବେ ପାଳନ କରାଯାଉଛି। 'ଜନନୀ ଜନ୍ମ ଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ।' ଆଜି ସେ ସ୍ୱର୍ଗୀୟ ଦାନର ଦିନ ଅର୍ଥାତ୍ ବିଶ୍ୱ ମାତୃ ଦିବସ। ତାକୁ ମନେ ପକାଇବା ପାଇଁ ଦିନଟିଏ ନୁହେଁ, ତା ଦାନ ତା' ତ୍ୟାଗୀକୁ ପୂଜା କରିବାର ଆଉ ତାକୁ ତା' ପରିଚୟରେ ଆମେ ପରିଚିତ ବୋଲି ଜଣାଇ ଦେବାର ଦିନ। ମାର ନିଃସ୍ୱାର୍ଥ ପ୍ରେମ, ତ୍ୟାଗ, ବାତ୍ସଲ୍ୟ, ମମତା ପ୍ରତି କୃତଜ୍ଞତା ଜଣାଇବା ପାଇଁ ପ୍ରତିବର୍ଷ ମେ' ମାସର ଦ୍ୱିତୀୟ ରବିବାରକୁ ବିଶ୍ୱ ମାତୃତ୍ୱ ଦିବସ ଭାବେ ପାଳନ କରାଯାଏ। କୁହାଯାଏ ମାଆର ଋଣ ମରିବା ଯାଏ ଜଣେ ଶୁଝି ପାରିବ ନାହିଁ। ମାଆର ଭଲ ପାଇବା, ତ୍ୟାଗ, ଓ ତପସ୍ୟା ବଦଳରେ ଆମେ କିଛି ବି କଲେ ତାହା ବହୁତ କମ୍ ହେବ। ମାତୃ ଦିବସ ଅବସରରେ ସଂସାରର ସବୁ ମାଆମାନଙ୍କୁ ଆମର କୋଟି କୋଟି ପ୍ରଣାମ।

# ଯୁଦ୍ଧ ସମୟରେ ଯୁବ ସଂଗଠନର ଭୂମିକା

କିଶୋର ଚନ୍ଦ୍ର ବେହେରା
ନନ୍ଦପୁର, କୋରାପୁଟ
ମୋ: ୯୪୩୭୯୫୫୫୬୮

ବିକଶିତ ଭାରତ ଗଠନରେ ଯୁବକଙ୍କର ଭୂମିକା ଯେତିକି ଆବଶ୍ୟକ ସାର୍ବଭୌମତ୍ୱର ରକ୍ଷା କରିବା ସେତେକି ଗୁରୁତ୍ୱପୂର୍ଣ୍ଣ। ମାନବ ସଭ୍ୟତାର ବିଡ଼ମ୍ବନା ଯେ ଇତିହାସରେ ସର୍ବଦା ଯୁଦ୍ଧ ଓ ହିଂସାର ପରିବେଶ ରହିଆସିଛି। ରାଜତନ୍ତ୍ର ଏବଂ ସାମନ୍ତବାଦୀ ଯୁଗରେ ଶକ୍ତିଶାଳୀ ଶାସକମାନେ ନିଜର ରାଜ୍ୟ ବିସ୍ତାର ପାଇଁ ସର୍ବଦା ଯୁଦ୍ଧରେ ସମ୍ପୃକ୍ତ ହେଉଥିଲେ। ସଭ୍ୟତାର ଇତିହାସରେ ଏପରି କେ ?ଣସି ଶତାବ୍ଦୀ ନାହିଁ ଯେଉଁ ଶତାବ୍ଦୀରେ କୌଣସି ଯୁଦ୍ଧର ପରିବେଶ ସୃଷ୍ଟି ହୋଇନାହିଁ। ସଂପ୍ରତି ସମୟରେ ସମସ୍ତ ସାମାଜିକ ସଂଗଠନ ଓ ସ୍ୱଛାସେବୀ ଅନୁଷ୍ଠାନ ରାଷ୍ଟ୍ର ପାଇଁ ଗୁରୁତ୍ୱ ବହନ କରୁଛି। ଗତ ଏପ୍ରିଲ ୨୨ ତାରିଖରେ ପହଲଗାଓଁରେ ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ ଜଣ ନିରିହ ପର୍ଯ୍ୟଟକଙ୍କ ମଧ୍ୟରେ ୨୫ ଜଣ ଭାରତୀୟ ଓ ଜଣେ ନେପାଳୀ ଜୀବନ ହରାଇଥିବା ବେଳେ ୨୦ ଜଣ ଆହତ ହୋଇଛନ୍ତି। ପାକିସ୍ତାନ ଆଶ୍ରୟରେ ଆଶ୍ରିତ ସନ୍ତ୍ରାସବାଦୀ ମାନଙ୍କୁ ଦାୟୀ କରାଯାଉଥିବାବେଳେ ଭାରତ ଗୋଟିଏ ପରେ ଗୋଟିଏ ବଡ଼ ପଦକ୍ଷେପ ନେବା ପାଇଁ ପ୍ରସ୍ତୁତ ହେଉଛି। ପ୍ରଥମ ପଦକ୍ଷେପ ପାକିସ୍ତାନ ସହିତ ସମସ୍ତ ବୈଦେଶିକ ସମ୍ପର୍କ ଛିନ୍ନ କରିଥିବାବେଳେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି। ଉଭୟ ଉଭୟଙ୍କୁ ଆକ୍ଷେପ ପ୍ରତିଆକ୍ଷେପ କରୁଛନ୍ତି। ସେପଟେ ସୀମାରେ ବାରମ୍ବାର ଅସ୍ତ୍ର ବିରତି ଉଲ୍ଲଙ୍ଘନ କରୁଛି ପାକିସ୍ତାନ। ଭାରତ ଯେଭଳି ଗୋଟିଏ ପରେ ଗୋଟିଏ କଡ଼ା ପଦକ୍ଷେପ ନେଉଛି କୁହାଯାଉଛି କି, ଯେକୌଣସି ସମୟରେ ଯୁଦ୍ଧ ଘୋଷଣା ହୋଇପାରେ। ଭାରତ ସରକାର ତିନି ସେନାକୁ ମୁକ୍ତ ଛାଡ଼ି ଦେଇଛନ୍ତି। ଅତି ଗୋପନୀୟତା ରକ୍ଷା କରି ମେ ୬ ତାରିଖ ମଧ୍ୟରାତ୍ରରେ 'ଅପରେସନ ସିନ୍ଦୁର' ସଫଳତାର ସହ ଆକ୍ରମଣ କରି ପ୍ରାଥମିକ ଆକଳନରୁ ଜଣାପଡିଛି ତିନିଶହରୁ ଊର୍ଦ୍ଧ୍ୱ ସନ୍ତ୍ରାସବାଦୀ ମୃତ୍ୟୁବରଣ କରିଥିଲା ବେଳେ ୯ଟି ଶିବିରକୁ ଭାରତୀୟ ସୈନ୍ୟ ଧ୍ୱଂସ ବିଧ୍ୱସ୍ତ କରିଦେଇଛନ୍ତି। ଆକ୍ରମଣର ନାମ 'ଅପରେସନ ସିନ୍ଦୁର' ଦେବାର କାରଣ ହେଉଛି ଅନେକ ନବ ଦମ୍ପତି ଓ ମହିଳାଙ୍କ ମଥାର ସିନ୍ଦୂର ଟୋପା ଲିଭି ଯାଉଥିବାରୁ ଶହୀଦଙ୍କ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ଏହାର ନାମକରଣ କରାଯାଇଅଛି। ପୂର୍ବରୁ ଭାରତ-ପାକିସ୍ତାନ ମଧ୍ୟରେ ବଡ଼ ଯୁଦ୍ଧ ଦେଖିବାକୁ ମିଳିଛି। ଭାରତ- ପାକିସ୍ତାନ ମଧ୍ୟରେ କାରଗିଲ ଯୁଦ୍ଧା ଦୀର୍ଘ ୫୬ ଦିନ ଧରି ଏହି ଯୁଦ୍ଧ ହୋଇଥିଲା। ଯେଉଁଥିରେ ଅନେକ ସେନା ମଧ୍ୟ ପ୍ରାଣ ହରାଇ ଦେଶ ପାଇଁ ଶହୀଦ ହୋଇଛନ୍ତି। ୧୯୯୯ ମସିହାରେ ଏହି ଯୁଦ୍ଧ ହୋଇଥିବାବେଳେ ୫ ରୁ ୧୦ ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। କେବଳ ଲଢୁଆ ବିମାନରୁ ବୋମା ପକାଇବା ପାଇଁ ୨ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ମାତ୍ର ପାକିସ୍ତାନ ଏହାଠାରୁ ବହୁତ କମ୍ ଖର୍ଚ୍ଚ କରିଥିଲା। ଏକ ରିପୋର୍ଟରେ ପ୍ରକାଶ ପାଇଛି କି, ଯଦି ଏବେ ଯୁଦ୍ଧ ହୁଏ ତାହେଲେ ଭାରତ ଦୈନିକ ୨୦୦୦ କୋଟି ଟଙ୍କା ଦୈନିକ ଖର୍ଚ୍ଚ କରିପାରିବ। ସେପଟେ ପାକିସ୍ତାନ ଦୈନିକ ୩୦୦ ରୁ ୪୦୦ କୋଟି ପର୍ଯ୍ୟନ୍ତ ଖର୍ଚ୍ଚ କରିବ।

ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଏବେ ଯୁଦ୍ଧ ସ୍ଥିତିରେ ପହଞ୍ଚି ସାରିଛି। ପୂର୍ଣ୍ଣ କ୍ଷମତା ସହ ସଂପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ତିନି ସେନା, ଜଳ-ସ୍ଥଳ-ଆକାଶ ମାର୍ଗରେ ଘନ ଘନ ଚାଲିଛି ସମରାଭ୍ୟାସ। ଏପରି ସ୍ଥଳେ ଯଦି ବାସ୍ତବରେ ଭାରତ-ପାକିସ୍ତାନ ଯୁଦ୍ଧ ହୁଏ, ତା'ହେଲେ କେଉଁ ଦେଶ କାହାକୁ ସମର୍ଥନ କରିବ ସେନେଇ ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ, ଖାସ୍ କରି ଇସଲାମିକ ଦେଶମାନଙ୍କ ସହ ଭାରତର ଉତ୍ତମ ବ୍ୟବସାୟିକ ସହଯୋଗୀ ଥିବା ସାଉଦି ଆରବ, କତାର, ୟୁଏଇ ଆଦି ଇସଲାମିକ ରାଷ୍ଟ୍ରଗୁଡିକ କାହାକୁ ସମର୍ଥନ କରିବେ ଏବଂ ଦ୍ୱନ୍ଦ୍ୱରେ ଭାରତକୁ ନା ପାକିସ୍ତାନକୁ ଯଦି ଦେଖାଯାଏ, ଇସଲାମିକ ଦେଶଗୁଡିକ ଧାର୍ମିକ ଏକତା ଅପେକ୍ଷା ସେମାନଙ୍କ ଭୂ-ରାଜନୈତିକ, ଅର୍ଥନୈତିକ ଲାଭ ଏବଂ ଆଞ୍ଚଳିକ ସ୍ଥିରତାକୁ ପ୍ରାଥମିକତା ଦେଉଛନ୍ତି। ଇରାନ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ହ୍ରାସ କରିବା ପାଇଁ ପୂର୍ବରୁ ମଧ୍ୟସ୍ଥତା ପ୍ରସ୍ତାବ ଦେଇସାରିଛି। ପାକିସ୍ତାନକୁ ସମର୍ଥନ ଦେବା ପରିବର୍ତ୍ତେ ନିଜକୁ ଏକ ନିରପେକ୍ଷ ପକ୍ଷ ଭାବରେ ଛିଡା କରିଛି। ଅଧିକାଂଶ ଇସଲାମିକ ରାଷ୍ଟ୍ର ପାକିସ୍ତାନ ସପକ୍ଷରେ ଛିଡା ହେବାକୁ ସଙ୍କୋଚ କରୁଛନ୍ତି। ଏହାର ବଡ଼ କାରଣ ହେଲା ଭାରତ ସେହି ଦେଶଗୁଡିକ ଲାଗି ଏକ ବିଶାଳ ଓ ଗୁରୁତ୍ୱପୂର୍ଣ୍ଣ ବ୍ୟବସାୟିକ ସହଯୋଗୀ ଅଟେ। ଏହି ଦୃଷ୍ଟିରୁ ସେମାନେ ଭାରତ ସହ ନିଜର ସମ୍ପର୍କ ଖରାପ କରିବାକୁ ଚାହୁଁନାହାନ୍ତି। ୧୯୭୧ ମସିହା ଭାରତ, ପାକିସ୍ଥାନ ଏବଂ ବାଂଲାଦେଶ ଇତିହାସ ପାଇଁ ଗୁରୁତ୍ୱପୂର୍ଣ୍ଣ। କାରଣ ଏହି ବର୍ଷ ଭାରତ ପାକିସ୍ତାନକୁ ଯେଉଁ ଝଟକା ଦେଇଥିଲା ତାହା ଆଜି ବି ଭୁଲିନି ଇସଲାମାବାଦ। ଆଉ ଯୁଦ୍ଧ ପାଇଁ ପାକିସ୍ତାନ ଭାରତକୁ ଉସକାଇ ପୂର୍ବକଥା ଯେତେବେଳେ ମନେ ପକାଏ ସେତେବେଳେ ନିଜ ଆତ୍ମ ଥଣ୍ଡା ହୋଇଯାଏ। ଯଦିଓ ପାକିସ୍ତାନକୁ ଭାରତ କଡ଼ା ଜବାବ ଦେଇଥିଲା ହେଲେ ଏହାର ପରିଣାମ ବାଂଲାଦେଶ ଜନ୍ମ ନେଇଥିଲା। କାରଣ ପାକିସ୍ତାନ କେବେ ଚାହୁଁନଥିଲା ବାଂଲାଦେଶର ଜନ୍ମ। ୧୯୭୧ରେ ବାଂଲାଦେଶ ସ୍ୱାଧୀନ ପାଇବା ପାଇଁ ଯୁଦ୍ଧ ହୋଇଥିଲା। ୩ ଡିସେମ୍ବର ୧୯୭୧ରେ ଏହା ଆରମ୍ଭ ହୋଇଥିଲା। ଭାରତ ୧୯୪୭ରେ ସ୍ୱାଧୀନ ହେବା ପରେ ପାକିସ୍ତାନ ଓ ବାଂଲାଦେଶ ଏକାଠି ହୋଇଥିଲେ। ସେତେବେଳେ ବାଂଲାଦେଶର ନାମ ଥିଲା ପୂର୍ବ ପାକିସ୍ତାନ।

ଜାତୀୟ ବିପର୍ଯ୍ୟୟ କିମ୍ବା ଯୁଦ୍ଧ ସମୟରରେ ସ୍ୱେଚ୍ଛାସେବୀଙ୍କ କାର୍ଯ୍ୟ ଓ ଦକ୍ଷତା ସମାଜ ପାଇଁ ଗୁରୁତ୍ୱପୂର୍ଣ୍ଣ ଓ ପ୍ରେରଣା ଦାୟକ। ସାମାଜିକ ଓ ଯୁବ ସଂଗଠନମାନଙ୍କ ମଧ୍ୟରେ ବେସାମରିକ ପ୍ରତିରକ୍ଷା ବାହିନୀର କାର୍ଯ୍ୟଦକ୍ଷତା ପ୍ରଶଂସନୀୟ। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ବିଦ୍ୟାର୍ଥୀଙ୍କ ମଧ୍ୟରେ ଏନ୍.ସି.ସି, ଜାତୀୟ ସେବା ଯୋଜନା ସ୍ୱଚ୍ଛାସେବୀ, ଯୁବ ରେଡକ୍ରସ୍ ଓ ସ୍କାଉଟ ଗାଇଡ ଛାତ୍ରଛାତ୍ରୀମାନେ ସଚେତନତାର ବାର୍ତ୍ତାକୁ ବହୁଳ ପରିମାଣରେ ପ୍ରଚାର ପ୍ରସାର କରିଥାନ୍ତି। କେନ୍ଦ୍ର ସରକାରଙ୍କ କ୍ରିଡ଼ା ଓ ଯୁବ ବ୍ୟାପାର ବିଭାଗ ଦ୍ୱାରା ଗ୍ରାମାଞ୍ଚଳର ବିକାଶ ଦିଗରେ କାର୍ଯ୍ୟକ୍ରମ କରିବା ନିମନ୍ତେ ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ପ୍ରତିଷ୍ଠା କରାଯାଇଛି ନେହେରୁ ଯୁବ କେନ୍ଦ୍ର। ଯୁଦ୍ଧ ସମୟରେ ଭାରତୀୟ ଜନସାଧାରଣ ଅସାଧାରଣ ସାହସ ଓ ଏକତା ପ୍ରଦର୍ଶନ କରିବା ଉଚିତ। ବିଦେଶରୁ ଆସିଥିବା ଶରଣାର୍ଥୀଙ୍କୁ ଖାଦ୍ୟ, ବସ୍ତ୍ର ଓ ଆଶ୍ରୟ ଯୋଗାଇ ଦେବା ସହ ସେମାନଙ୍କ ମନରେ ସର୍ବଦା ସାହାସୀକତା ଓ ଧୈର୍ଯ୍ୟ ଶକ୍ତିକୁ ଜାଗରଣ ଭାବନା ସୃଷ୍ଟି କରିବା। ରକ୍ତଦାନ ଓ ଅର୍ଥ ସହାୟତା ଲୋକମାନେ ସୈନ୍ୟମାନଙ୍କ ପାଇଁ ରକ୍ତଦାନ ଶିବିର ଆୟୋଜନ କରିବା ସହିତ ଏବଂ ଯୁଦ୍ଧ ପାଣ୍ଠିରେ ଅର୍ଥ ଦାନ କରିବାକୁ ସାଧାରଣ ଜନତାଙ୍କୁ ନିବେଦନ କରିଥାନ୍ତି। ଶତ୍ରୁ ଆକ୍ରମଣରେ ଆହତ ନିରିହ ଲୋକଙ୍କର ପ୍ରାଥମିକ ଚିକିତ୍ସା, ବିପଦ ପୂର୍ଣ୍ଣ ସ୍ଥାନରୁ ସୁରକ୍ଷା ସ୍ଥାନକୁ ସ୍ଥାନାନ୍ତରିତ କରିବା ଯୁବବର୍ଗ ଏହାକୁ ସୁଚାରୁରୂପେ ସମ୍ପାଦନା କରିପାରନ୍ତି। ତେଣୁକରି ଯୁଦ୍ଧ ସମ୍ଭାବନାକୁ ଆଖିରେ ରଖି ଜିଲ୍ଲା ପ୍ରଶାସନ ଜରୁରୀକାଳୀନ ବିଭାଗ ବେସାମରିକ ପ୍ରତିରକ୍ଷା ବାହିନୀର ସହଯୋଗରେ ସମସ୍ତ ଯୁବ ସଂଗଠନକୁ ଆପାତକାଳୀନ ସମୟରେ ଜରୁରି ସେବା ଯୋଗାଇଦେବାକୁ ତାଲିମ୍ ପ୍ରଦାନ କରିଥାନ୍ତି। ଯୁଦ୍ଧ ସମୟରେ ଯୁଦ୍ଧ ସାଇରନ୍ ସାଧାରଣ ଲୋକଙ୍କୁ ଶତ୍ରୁ ଆକ୍ରମଣର ସୂଚନା ଦେଇଥାଏ। ଶତ୍ରୁ ଆକ୍ରମଣ ବେଳେ କେମିତି ସାଧାରଣ ଲୋକେ କରିବେ ନିଜ ଆତ୍ମରକ୍ଷା ? ଯୁଦ୍ଧ ହେଲେ କେଉଁଠି ରହିବେ ? ଗୁଳିଗୋଳା ଓ ବୋମା ବର୍ଷଣ ସମୟରେ କୁଆଡ଼େ ଯାଇ ଲୁଚିବେ ? ଏସବୁ ଅଭ୍ୟାସ ସହ ମକଡ୍ରିଲ୍ ମାଧ୍ୟମରେ ସମସ୍ତ ସ୍ୱଛାସେବୀ ଅନୁଷ୍ଠାନ ଓ ଯୁବ ବର୍ଗ ନିଜ ପରିବାର ଓ ସମ୍ପର୍କୀୟ ମାନଙ୍କୁ ସଚେତନ କରିଥାନ୍ତି।

ଓଡ଼ିଶା ଭାସ୍କର
ରାଜ୍ୟ ଖବର



ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ବାଲିମ ଗ୍ରାମ ପଞ୍ଚାୟତ ଆମି ଧାନଗଡ଼ିଆ ଗାଁର ଚାଷୀ ସଞ୍ଜୀବ ଗୁଡୁ ଗାଁର ପ୍ରଦୀପ ରାୟଙ୍କ ଏକ ଏକର ଜମିରେ ଭାଗଚାଷ ସୂତ୍ରରେ ଧାନ ଚାଷ କରିଥିଲେ। ଏବେ କାଳବୈଶାଖୀ ଯୋଗୁଁ ଚାଷ ଜମିରେ ପାଣି ଥିବାରୁ ହାତରେ ଫସଲ କାଟି ପାଖ ରାସ୍ତାରେ ରଖିଥିଲେ ସଂଞ୍ଜୀବ। ଅପରାହ୍ନ ୪ ଟା ସମୟରେ ଧାନରେ ନିଆଁ ଲାଗିଲା ଖବର ପାଇ ସେଠିକୁ ସ୍ଥାନୀୟଙ୍କ ଆସି ଧାନରେ ନିଆଁ ଦେଖି ହତବାକ ହୋଇଯାଇଥିଲେ ଚାଷୀ ସଞ୍ଜୀବ। ସେଠାରେ ନିଆଁ ଲିଭିବା ପାଇଁ କୌଣସି ପାଣି ସୁବିଧା ନ ପାଇ ଦମକଳ କେନ୍ଦ୍ରକୁ ଯୋଗାଯୋଗ କରିଥିଲେ। ଘଟଣା ସ୍ଥଳରେ ଦମକଳ ବାହିନୀ ପହଞ୍ଚିଲା ବେଳକୁ ଅମଳ ହୋଇଥିବା ଧାନ ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇ ଯାଇଥିଲା। ଏଭଳି ସ୍ଥିତିରେ ଚାଷୀ ସଞ୍ଜୀବ ଗୁଡୁ ଭାଗ ଚାଷ କରିବା ଠାରୁ ଚାଷ ପାଇଁ ସାର, କୀଟନାଶକ ଔଷଧ, ମଜୁରି ଆଦି କ୍ଷେତ୍ରରେ ପାଖାପାଖି ୫୦ ହଜାର ଟଙ୍କା ଧାର ସୂତ୍ରେ ଆଣି ଚାଷ କାମରେ ଲଗାଇଥିଲେ। ଏଭଳି ଘଟଣା ଘଟିବାରୁ ସେ ଧର୍ଯ୍ୟହରା ହୋଇ ପଡ଼ିଛନ୍ତି। ସ୍ଥାନୀୟ ଲୋକମାନେ ଭାଗ ଚାଷୀ ସଞ୍ଜୀବ ଗୁଡୁଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରଶାସନକୁ ନିବେଦନ କରିଛନ୍ତି।



# ରାଜପଥରେ ସୁନା ବ୍ୟବସାୟୀଙ୍କୁ ଗୁଳିମାଡ଼



ଖୋର୍ଦ୍ଧା, (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଥାନା ୧୬ ନମ୍ବର ଜାତୀୟ ରାଜପଥରେ ଶୁକ୍ରବାର ଜଣେ ସୁନା ବ୍ୟବସାୟୀଙ୍କୁ ଗୁଳିମାଡ଼ କରାଯାଇଛି। ଏହା ସହ ବ୍ୟବସାୟୀଙ୍କ ଠାରୁ ଅଳଙ୍କାର ଲୁଟି ନେଇଥିବାର ମଧ୍ୟ ସୂଚନା ମିଳିଛି। ମିଳିଥିବା ଖବର ଅନୁଯାୟୀ ଶୁକ୍ରବାର ସକାଳେ ସ୍ଥାନୀୟ ଉମାକାନ୍ତପୁରର ଜନୈକ ସୁନା ବ୍ୟବସାୟୀ ଯିଏ ବାଲୁଗାଁ ବଜାରରେ ଏକ ସୁନା ଦୋକାନ କରିଛନ୍ତି ସେ ବେପାର ଉଦେଶ୍ୟରେ ଅଳଙ୍କାର ନେଇ ବାଲୁଗାଁ ବାଣପୁର ଅଭିମୁଖେ ଯାଉଥିବା ବେଳେ ନିମିକ୍ଷେତା ଓଭରବ୍ରିଜ ନିକଟରେ ପୂର୍ବରୁ ଛକି ରହିଥିବା ଦୁର୍ବୁତ୍ତ ବେପାରୀଙ୍କ ଉପରକୁ ଗୁଳି ଚଳାଇଥିଲେ। ଫଳରେ ବେପାରି ଦୁବୃତ୍ତଙ୍କ ଗୁଳିରେ ଆହତ ହୋଇ ତଳେ ପଡିଯାଇଥିଲେ। ତାଙ୍କ ଦେହରେ ଦୁଇଟି ଗୁଳି ବାଜିଥିବା ସୂଚନା ମିଳିଛି। ସୁନା ଅଳଙ୍କାର ଲୁଟିନେଇ ଦୁର୍ବୃତ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏ ସମ୍ବନ୍ଧରେ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ସଙ୍ଗେସଙ୍ଗେ ବାଲୁଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ସୁନା ବେପାରୀଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଅପରପକ୍ଷରେ ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ନେଇ ବାଲୁଗାଁ ଆଇଆଇସି ଜୟପ୍ରକାଶ ପରିଡ଼ା ସୂଚନା ଦେଇଛନ୍ତି।

# ଯୁବକକୁ ନିର୍ମମ ହତ୍ୟା

## ମହାନଦୀ ଶଯ୍ୟାରୁ ମୃତ ଦେହ ଉଦ୍ଧାର, ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ତଦନ୍ତ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ସରପଡା ଗ୍ରାମପଞ୍ଚାୟତ ବୋଧଙ୍ଗ ଗ୍ରାମର ବିଶିଷ୍ଟ ବ୍ୟବସାୟୀ ଦିବାକର ସ୍ୱାଇଁଙ୍କ ଜ୍ୟେଷ୍ଠ ପୁତ୍ର ତଥା ଉଚ୍ଚ ଶିକ୍ଷିତ ଜିତେନ୍ଦ୍ର କୁମାର ସ୍ୱାଇଁ (୨୫)ଙ୍କ ମୃତ ଦେହକୁ କିଶନନଗର ଥାନା ପୋଲିସ ଗୁହାଳନାଶୀ ନିକଟସ୍ଥ ମହାନଦୀ ନଦୀଶଯ୍ୟାରୁ ଉଦ୍ଧାର କରିଛି। କିଶନନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ସାଇଣ୍ଟିଫିକ ଟିମ ଦ୍ୱାରା କରିଥିବାର ଜଣାଯାଇଛି। ନିଶ୍ଚିନ୍ତକୋଇଲି ବ୍ଲକ ବୋଧଙ୍ଗ ଗ୍ରାମର ବିଶିଷ୍ଟ ଯୁବନେତା ଦିବାକର ସ୍ୱାଇଁ ଦୀର୍ଘଦିନ ହେଲା ସାଲେପୁର ଥାନା ବାଲିଆଡି (ମାଲ୍ଗୁଆଡି) ନିକଟରେ ଭଡ଼ାଘରରେ ସପରିବାର ରହିଆସୁଥିଲେ। ତାଙ୍କର ଦୁଇପୁତ୍ର ସେଠାରେ ରହି ଅଧ୍ୟୟନ କରୁଥିଲା ବେଳେ ଦିବାକର ସ୍ଥାନୀୟ ଅଞ୍ଚଳରେ ରହି ଠିକାଦାରୀ କରିବା ସହ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ସକ୍ରିୟ ରାଜନୀତି କରି ଆସୁଥିଲେ। ପ୍ରତିଦିନ ଭଳି ଗତକାଲି ସନ୍ଧ୍ୟାରେ ତାଙ୍କର ପୁତ୍ର ଜିତେନ୍ଦ୍ର ସ୍ଥାନୀୟ ଖେଳପଡିଆ ନିକଟକୁ ଯୋଗ କରିବାକୁ ଯାଇ ନିଖୋଜ ହୋଇ ଯାଇଥିଲେ। ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇପାରିନଥିଲେ। ପରିବାର ଲୋକେ ଏଥିନେଇ ନାନା ଆଶଙ୍କାରେ ଭାଙ୍ଗି ପଡିଥିଲେ। ପରିବାର



ତରଫରୁ ଏସମ୍ପର୍କରେ ସାଲେପୁର ଥାନାରେ ଏକ ନିଖୋଜ ଅଭିଯୋଗ କରାଯାଇଥିଲା। ତେବେ ଆଜି ସକାଳେ କିଶନନଗର ଥାନା ଗୁହାଳିନାଶୀ ନିକଟରେ ସ୍ଥାନୀୟ ଲୋକେ ମହାନଦୀ ଶଯ୍ୟାକୁ ଶୌଚ ହେବାକୁ ଯାଇଥିଲା ବେଳେ ନଦୀ ଶଯ୍ୟାରେ ଏକ ଯୁବକଙ୍କ ଶବ ଭାସୁଥିବାର ଦେଖିବାକୁ ପାଇଥିଲେ। ଏହି ଘଟଣା ପ୍ରଚାରିତ ହେବାକ୍ଷଣି ଘଟଣାସ୍ଥଳକୁ ଶହ ଶହ ଲୋକଙ୍କ ସୁଅ ଛୁଟିଥିଲା। ତେବେ ଖବର ପାଇ ତାଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଜିତେନ୍ଦ୍ରକୁ ଚିହ୍ନଟ କରିଥିଲେ। ଘଟଣାର ଅନତି ଦୂରରେ ତାଙ୍କର ବାଇକ, ପୋଷାକପତ୍ର ସହ ମୋବାଇଲ ରହିଥିବାର ଦେଖିବାକୁ ମିଳିଥିଲା। ତାଙ୍କ ଦେହରେ ମାଡ ଦାଗ ଦେଖିବାକୁ ମିଳିଥିଲା। ତେବେ ପୂର୍ବ ଶତ୍ରୁତାକୁ କେହିକେହି ତାଙ୍କୁ ଅପହରଣ କରିନେଇ ଯୋଜନାବଦ୍ଧ ଭାବେ ହତ୍ୟା କରି ମହାନଦୀ ଶଯ୍ୟାକୁ ଫିଙ୍ଗିଦେଇ ଥିବାର ସନ୍ଦେହ କରାଯାଉଛି। ଅପରପକ୍ଷରେ ଜିତେନ୍ଦ୍ର ଯଦି ନଦୀକୁ ଡେଇଁ ଆତ୍ମହତ୍ୟା କଲା ତେବେ ତା ଶରୀରର ବିଭିନ୍ନ ସ୍ଥାନରେ ମାଡଦାଗ କିପରି ଆସିଲା ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଏହି ଘଟଣାପଛରେ ପ୍ରେମଜନିତ କାରଣ, କିମ୍ବା ତାଙ୍କ ପିତା ସ୍ଥାନୀୟ ଅଞ୍ଚଳରେ ଜଣେ ବିଶିଷ୍ଟ ଠିକାଦାର ହୋଇଥିବା କାରଣରୁ ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ତାଙ୍କ ପୁତ୍ରକୁ ଅପହରଣ କରାଯାଇ ହତ୍ୟା କରାଯାଇଥିବାର ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ ବୋଲି ସାଧାରଣରେ ମତପ୍ରକାଶ ପାଉଛି। ତେବେ ଘଟଣାସ୍ଥଳକୁ ସାଇଣ୍ଟିଫିକ ଟିମ ମଧ୍ୟ ଆସି ତଦନ୍ତ କରିଥିବା ଜଣାଯାଇଛି। ଏନେଇ କିଶନନଗର ଥାନାରେ ୯୦/୨୦୨୫ରେ ଏକ ମାମଲା ରୁଜୁ କରାଯାଇଥିବା ଜଣାଯାଇଛି। ତେବେ ରିପୋର୍ଟ ଲେଖାହେଲା ବେଳକୁ ପୋଲିସ କାହାରିକୁ ଗିରଫ କରିନଥିବା ଜଣାଯାଇଛି। ଅପରପକ୍ଷରେ ଆଜି ତାଙ୍କର ଶବ ବ୍ୟବଚ୍ଛେଦ କରାଯାଇ ପୈତୃକ ଗ୍ରାମକୁ ଅଣାଯାଇଥିଲା। ଶୋକାକୂଳ ପରିବେଶରେ ତାଙ୍କର ଶବ ଦାହ କରାଯାଇଥିଲା।

# ରାଜସ୍ୱ ବିଭାଗର ଅତିରିକ୍ତ ଶାସନ ସଚିବଙ୍କ ଟାଙ୍ଗୀ ଗସ୍ତ



ଟାଙ୍ଗୀ, (ଭାସ୍କର ନ୍ୟୁଜ୍): ରାଜସ୍ୱ ବିଭାଗର ଅତିରିକ୍ତ ଶାସନ ସଚିବ ଟାଙ୍ଗୀ ଗସ୍ତ କରିଛନ୍ତି। ରାଜସ୍ୱ ବିଭାଗରେ କାର୍ଯ୍ୟ ସମ୍ପାଦନ କିଭଳି ଚାଲିଛି, ସାଧାରଣ ଜନତା ଠିକ୍ ଭାବରେ ସେବା ପାଉଛନ୍ତି ନା' ନାହିଁ, ଅଧିକାରୀ ହୁଅନ୍ତୁ ଅବା କର୍ମଚାରୀ ସାଧାରଣ ଲୋକଙ୍କୁ ଉତ୍ତମ ବ୍ୟବହାର ଦେଖାଉଛନ୍ତି ନା' ନାହିଁ, ଲୋକଙ୍କ ଅଭିଯୋଗ ବିଚାର କରାଯାଇ ସମାଧାନ କରାଯାଉଛି ନା' ନାହିଁ, ତହସିଲ କାର୍ଯ୍ୟାଳୟ, ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଏବଂ ଉପ-ନିବନ୍ଧକ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କ ସଂଖ୍ୟା କେତେ ଅଛି, କିଏ କେଉଁ ବିଭାଗର ଦାୟିତ୍ୱ ତୁଲାଉଛନ୍ତି, ଅଫିସମାନଙ୍କରେ ସମସ୍ୟା ସମ୍ପର୍କରେ କର୍ମଚାରୀମାନଙ୍କ ସହିତ ଆଲୋଚନା କରିଛନ୍ତି ରାଜସ୍ୱ ବିଭାଗର ଅତିରିକ୍ତ ଶାସନ ସଚିବ ମଧୁସ୍ମିତା ସାହୁ। ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ତହସିଲ, ଟାଙ୍ଗୀ ରାଜସ୍ୱ ନିରୀକ୍ଷକ ଅଫିସ, ଟାଙ୍ଗୀ ଉପ-ନିବନ୍ଧକ ଅଫିସର ବିଭିନ୍ନ କାର୍ଯ୍ୟଧାରା ସମ୍ପର୍କରେ ସମୀକ୍ଷା କରିଛନ୍ତି ରାଜସ୍ୱ ବିଭାଗର ଅତିରିକ୍ତ ଶାସନ ସଚିବ ମଧୁସ୍ମିତା ସାହୁ। ପରେ ପରେ ଚିଲିକା ତହସିଲ କାର୍ଯ୍ୟାଳୟ ଓ ବାଣପୁର ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଅଫିସ କାର୍ଯ୍ୟର ସମୀକ୍ଷା କରିଛନ୍ତି, କିନ୍ତୁ ରାଜସ୍ୱ ବିଭାଗର ଅତିରିକ୍ତ ଶାସନ ସଚିବ ମଧୁସ୍ମିତା ସାହୁ ବହୁ ବିଳମ୍ବରେ ପହଞ୍ଚିବା କାରଣରୁ କୌଣସି ସାଧାରଣ ଜନତାଙ୍କ ସହିତ ସମସ୍ୟା ଉପରେ ଆଲୋଚନା କରିପାରି ନଥିଲେ ରାଜସ୍ୱ ବିଭାଗର ଅତିରିକ୍ତ ଶାସନ ସଚିବ ମଧୁସ୍ମିତା ସାହୁ। ଅନ୍ୟପଟରେ ଅତିରିକ୍ତ ଶାସନ ସଚିବଙ୍କ ଗସ୍ତ ଓ ସମୀକ୍ଷା ସମ୍ପର୍କରେ ଗଣମାଧ୍ୟମକୁ କୌଣସି ମତାମତ ଦେଇ ନାହିଁ ରାଜସ୍ୱ ବିଭାଗର ଅତିରିକ୍ତ ଶାସନ ସଚିବ ମଧୁସ୍ମିତା ସାହୁ।

# ପୂର୍ବ ବିବାଦକୁ କେନ୍ଦ୍ର କରି ବୃଦ୍ଧଙ୍କୁ ଆକ୍ରମଣ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ପୂର୍ବ ବିବାଦକୁ ନେଇ ଜଣେ ବ୍ୟକ୍ତିଙ୍କୁ ମାରଣାନ୍ତକ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ଗୁରୁତର ଦଫାରେ ମାମଲା ରୁଜୁ କରି ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ଜାମିନ୍ ନାମଞ୍ଜୁର ପରେ ଅଭିଯୁକ୍ତ ବିଚାର ବିଭାଗୀୟ ହାଜତକୁ ଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ନିମାପଡ଼ା ବ୍ଲକ୍ ଧଳେଶ୍ୱର ପଞ୍ଚାୟତ ଉହାଙ୍ଗ ଗ୍ରାମରେ ପୂର୍ବ ବିବାଦକୁ କେନ୍ଦ୍ରକରି ଘରେ କେହି ନଥିବାର ସୁଯୋଗ ନେଇ ସେହି ଗ୍ରାମର ପ୍ରମୋଦ ନାୟକ ଓରଫ ପବନା ଅଶୋକ ନାୟକଙ୍କ ଘରେ ପଶି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଛୁରୀ ଓ ରଡ୍ ହାତରେ ଧରି ବୃଦ୍ଧ ଗୌରାଙ୍ଗ ନାୟକଙ୍କୁ ଆକ୍ରମଣ କରିଥିଲା। ବୃଦ୍ଧ ଗୁରୁତର ଅବସ୍ଥାରେ ରକ୍ତ ଜୁଡୁବୁଡୁ ହୋଇ ତଳେ ପଡ଼ି ଯାଇଥିଲେ। ପରିବାର ଲୋକ ଗୁରୁତର ଅବସ୍ଥାରେ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ମାତ୍ର ଆହତଙ୍କ ଅବସ୍ଥା ଗୁରୁତର ଥିବାରୁ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତରିତ କରାଯାଇଛି। ବର୍ତ୍ତମାନ ଆହତ ଆଇସିୟୁରେ ରହି ଚିକିତ୍ସା ହେଉଥିବା ବେଳେ ଏ ସମ୍ପର୍କରେ ଆହତ ଗୌରାଙ୍ଗଙ୍କ ପୁଅ ଅଶୋକ ନାୟକ ଥାନାରେ ଅଭିଯୋଗ କରିବା ପରେ ନିମାପଡ଼ା ଥାନାଧିକାରୀ ଏ ସମ୍ବନ୍ଧରେ ମାମଲା ରୁଜୁ କରି ଉହାଙ୍ଗ ଗ୍ରାମରେ ଚଢ଼ଉ କରି ପ୍ରମୋଦ ଓରଫ ପବନାକୁ ପୋଲିସ ଗିରଫ କରିବାରେ ସଫଳ ହୋଇଛି।

# ଗୋବିନ୍ଦପୁର ଓ ଓଲଟପୁର ଅଞ୍ଚଳରେ ଜୁଆ ଖେଳ

କଣ୍ଟାପଡ଼ା, (ଭାସ୍କର ନ୍ୟୁଜ୍): କଣ୍ଟାପଡା ବ୍ଲକ ଅଧୀନରେ ଗୋବିନ୍ଦ ପୁର, ଓଲଟପୁର ଥାନା। ଏହି ଥାନା ଅଧୀନରେ ଅଛି ୧୪ ଗୋଟି ପଞ୍ଚାୟତ। ଗୋଟିଏ ଥାନାରେ ଆଇଆଇସି ଅନ୍ୟ ଥାନାରେ ଓଆଇସି। ଦୁଇ ଅଫିସର ମହିଳା ଅଟନ୍ତି। ହେଲେ ଏହି ଦୁଇଟି ଥାନା ଅଧୀନରେ ଅନେକ ଗ୍ରାମରେ ସନ୍ଧ୍ୟା ହେଲେ କେଉଁଠି ପାଲାଟା କେଉଁଠି ଘୋଡ଼ାନାଚ। ଏବେ କିନ୍ତୁ ଛୋଟ ଅପେରା ଆଣି ଗ୍ରାମରେ ନଚାଯାଉଛି। କିନ୍ତୁ ମୁଖ୍ୟ ଉଦ୍ଦେଶ୍ୟ ଜୁଆ ଖେଳ। ଏଭଳି ଘଟଣା ଦେଖିବାକୁ ମିଳିଛି ଓଲଟ ପୁର ଥାନା ଅଧିନସ୍ତ ଇଛାପୁର, ମଉଜପୁର ଅଞ୍ଚଳରେ। ଅପେରା ପକାଇ ବେଧଡ଼କ ଭାବରେ ଚାଲିଛି ଜୁଆଖେଳ। ସେହିଭଳି ଗୋବିନ୍ଦପୁର ଥାନା ଅଧୀନରେ ଯୋହଲ ପାଲା, ଉତ୍ତାରଣ ପାଲା, ନୋଦା ଯାତ୍ରା, ତଣ୍ଡୀକଣା ଝାମୁ, ନୋଦା ଡ଼ିମିରି ମେଳଣରେ ଜୁଆଖେଳ ହେଉଥିବା ଦେଖିବାକୁ ମିଳିଛି। ହେଲେ ପୋଲିସର କାର୍ଯ୍ୟାନୁଷ୍ଠାନ ଶୁନ। ଏହି ଜୁଆଖେଳ ଯୋଗୁଁ ଅନେକ ପରିବାର ସର୍ବସ୍ୱାନ୍ତ ହେଉଛନ୍ତି। ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶପାଇଛି। ଏହି ଜୁଆ ଖେଳରେ ମୁଖ୍ୟ ମାଷ୍ଟର ମାଇଣ୍ଡ ଥାନା ଫାଣ୍ଡି ଲୋକାଲ ଦାଦା, ଖବରଦାତାଙ୍କୁ ମୋଟା ଅଙ୍କର ଆର୍ଥ ଦେଇ ନିର୍ଭିକ ଭାବରେ ଖେଳୁଛନ୍ତି। ଏଥିପ୍ରତି ସଦର ଏସଡିପିଓ କିରଣ ହେମରମ, ଗ୍ରାମାଞ୍ଚଳ ଏସପି ପ୍ରତୀକ ସିଂ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ମୋବାଇଲ ଦୋକାନୀକୁ ଚୂନ ଲଗାଇଲେ ଦମ୍ପତି

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ବଜାରରେ ଜଣେ ମୋବାଇଲ ଦୋକାନୀକୁ ସେଲ୍ସମ୍ୟାନ୍ ଓ ତା'ର ସ୍ତ୍ରୀ ଚୁନ ଲଗାଇ ୧୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୋବାଇଲ୍ ବିକ୍ରି କରି ଦେଇଥିବା ଘଟଣାକୁ ନେଇ ସେଲ୍ସମ୍ୟାନ୍‌କୁ ପଚାରିବାରେ ଜୀବନରେ ମାରି ଦେବା ଧମକ ଦେଇଥିଲା। ପରେ ଏ ସମ୍ପର୍କରେ ଦୋକାନୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଗୁରୁତର ଦଫାରେ ମାମଲା ରୁଜୁ କରି ସମ୍ପୃକ୍ତ ଅଭିଯୁକ୍ତକୁ ଧରି କୋର୍ଟଚାଲାଣ କରିଛି। ମିଳିଥିବା ସୂଚନା ଅନୁଯାୟୀ, କାଳନ୍ଦୀ ସେଠୀ ନାମକ ଯୁବକ ନିମାପଡ଼ା ଟ୍ରେକର ଷ୍ଟାଣ୍ଡ ନିକଟରେ ସାଇ ଇଲେକ୍ଟ୍ରୋନିକ୍ ମୋବାଇଲ ଦୋକାନ ରହିଅଛି। ବିଷ୍ଣୁପୁର ଗ୍ରାମର ସୁବାଷ ଭୋଇ ସାମ୍‌ସଙ୍ଗ କମ୍ପାନୀ ତରଫରୁ ରହିଥିଲା। ମୋବାଇଲ୍ ବିକ୍ରି କରି ଗ୍ରାହକଙ୍କ ଠାରୁ ଟଙ୍କା ଆଣି କାଳନ୍ଦୀଙ୍କୁ ଦିଏ। କାଳନ୍ଦୀଙ୍କ ଦେହ ଅସୁସ୍ଥ ହେବାରୁ ଏକମାସ ଧରି ଦୋକାନକୁ ନଆସି ଘରେ ରହିଥିଲେ। ଏହାର ସୁଯୋଗ ନେଇ ଦୋକାନରେ ସୁବାଷ ଭୋଇ ଓ ତା'ର ସ୍ତ୍ରୀ ଇତିଶ୍ରୀ ମହାନ୍ତି ମୋବାଇଲ୍ ବିକ୍ରି କରୁଥିଲେ। ଏକମାସ ପରେ କାଳନ୍ଦୀ ଦୋକାନକୁ ଆସି ଜାଣିବାକୁ ପାଇଲେ ୧୨ ଲକ୍ଷ ୬୦ ହଜାର ଟଙ୍କାର ମୋବାଇଲ୍ ନାହିଁ। ଚୋରୀ ହୋଇଯାଇଥିବା ସୁବାଷ ଓ ତା'ର ପତ୍ନୀ ଇତିଶ୍ରୀ କହିଥିବା ବେଳେ ଷ୍ଟକ୍ ଖାତା ଦେଖି ଜାଣିବାକୁ ପାଇଲେ ଗ୍ରାହକଙ୍କୁ ବିକ୍ରି କରାଯାଇଛି। ଏପରି ଅନେକ ଗ୍ରାହକଙ୍କୁ ପଚାରିବାରେ ସୁବାଷ ଓ ତା'ର ସ୍ତ୍ରୀ ଇତିଶ୍ରୀଙ୍କ ଠାରୁ ମୋବାଇଲ କିଣିଥିବା ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ସୁବାଷଙ୍କୁ ପଚାରିବାରୁ ସେ ଟଙ୍କା ଫେରାଇଦେବି ବୋଲି କହି ଆଜି କାଲି କହି ଦିନ ଗଡ଼ାଇ ଚାଲିଥିଲେ। କାଳନ୍ଦୀ ତୁରନ୍ତ ଟଙ୍କା ଦେବା ପାଇଁ କହିବାରୁ ସୁବାଷ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଜୀବନରେ ମାରିଦେବା ପାଇଁ ଧମକ ଦେଇଥିବାରୁ ଏ ସମ୍ପର୍କରେ କାଳନ୍ଦୀ ସେଠୀ ନିମାପଡ଼ା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଜାମିନ୍ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ଯାଇଥିବା ଜଣାପଡ଼ିଛି।

## ଧର୍ମପରାୟଣା ମହିଳାଙ୍କ ପରଲୋକ

ପାରାଦୀପ, (ଭାସ୍କର ନ୍ୟୁଜ୍): ଶ୍ରୀ ସତ୍ୟ ସାଇ ସେବା ସଂଗଠନ ଟ୍ରଷ୍ଟର ବରିଷ୍ଠ ସଦସ୍ୟ ତଥା ପାରାଦୀପ ଷ୍ଟିଭେଡୋର୍ସ ଆସୋସିଏସନର ସମ୍ପାଦକ ଓ ପାରାଦୀପ ବନ୍ଦରର ପୂର୍ବତନ ଟ୍ରଷ୍ଟି ଅନ୍ତର୍ଯ୍ୟାମି ପଟ୍ଟନାୟକଙ୍କ ଧର୍ମପତ୍ନୀ ତଥା ଧର୍ମପରାୟଣ ମହିଳା ନନ୍ଦିନୀ ପଟ୍ଟନାୟକ ଶୁକ୍ରବାର ୭୨ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଛନ୍ତି। ସେ ଦୀର୍ଘଦିନ ଧରି ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ। ତାଙ୍କ ମୃତ୍ୟୁ ସମୟରେ ପୁଅ, ବୋହୂ, ଝିଅ, ଜ୍ୱାଇଁ, ଜ୍ଞାତି ସହୋଦର ଉପସ୍ଥିତ ଥିଲେ। ସେ ଜଣେ ଧର୍ମ ପରାୟଣା, ଅମାୟିକା ଓ ମିଷ୍ଟଭାସି ମହିଳା ଥିଲେ। ସ୍ୱର୍ଗତା ପଟ୍ଟନାୟକ ସତ୍ୟସାଇ ସେବା ସଂଗଠନର ଜଣେ ଅଗ୍ରଣୀ ସ୍ୱେଚ୍ଛା ସେବୀ ଓ ବାବାଙ୍କର ପରମ ଭକ୍ତ ଥିଲେ। ତାଙ୍କର ପୁତ୍ର ଡାକ୍ତର ସତ୍ୟସ୍ୱରୂପ ପଟ୍ଟନାୟକ ସତ୍ୟସାଇ ସଙ୍ଗଠନର ରାଜ୍ୟ ସଭାପତି ଅଛନ୍ତି। ତାଙ୍କର ଦେହାନ୍ତ ଖବର ପାଇ ବହୁ ସାଇ ପ୍ରେମୀ ମର୍ମାହତ ହେଇଛନ୍ତି। ତାଙ୍କର ଶବକୁ ରାମ ମନ୍ଦିର ପାଖ ସତ୍ୟ ସାଇ ମନ୍ଦିରକୁ ନିଆଯାଇ ପରେ ସତ୍ୟନଗର ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ସିଦ୍ଧେଶ୍ୱର ବୁଢ଼ା ମହାଦେବଙ୍କ ଠାରେ ଶିବ-କାମିନୀ ବିବାହ

ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଜଳେଶ୍ୱର ମ୍ୟୁନିସିପାଲିଟି ଅଧିନସ୍ଥ ଶାସନବାଡ ଓ ପଞ୍ଚୁଘଣ୍ଟା ଗ୍ରାମବାସୀଙ୍କ ଆରାଧ୍ୟ ଦେବତା ବାବା ସିଦ୍ଧେଶ୍ୱର ବୁଢ଼ା ମହାଦେବଙ୍କ ଚଡ଼କ ଯାତ୍ରା ଅବସରରେ ଘଟୋତ୍ତୋଳନ କାର୍ଯ୍ୟକ୍ରମ ଗତ ମଙ୍ଗଳବାର ନିଶାର୍ଦ୍ଧ ରାତିରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧୪୦ ବାଜାର ସମାହାରରେ ଗୋପନୀୟ ଭାବେ ଶିବ-କାମିନାଙ୍କ ବିବାହ ମଧ୍ୟ ସମ୍ପନ୍ନ ହୋଇଥିଲା। ନିଶାର୍ଦ୍ଧ ରାତିରେ ସୁବର୍ଣ୍ଣରେଖା ନଦୀର ହାକାଣ୍ଡ ଘାଟରୁ କାମିନୀ ଦେବୀଙ୍କ ଘଟ ଉତ୍ତୋଳନ କରାଯାଇଥିଲା। ମୁଖ୍ୟ ପୂଜକ ପଣ୍ଡିତ ସରୋଜ କୁମାର ପାଣିଗ୍ରାହୀଙ୍କ ତତ୍ୱାବଧାନରେ ଓ ପଣ୍ଡିତ ଶ୍ୟାମାଶଙ୍କର ଧର, ସତ୍ୟବ୍ରତ ପାହାଡି ସହଯୋଗରେ ଏହି ଘଟକୁ ପୂଜାର୍ଚ୍ଚନା କରାଯାଇଥିଲା। ପୂଜା ସରିବା ପରେ କାମିନୀଙ୍କ ଘଟକୁ ଏକ ବିରାଟ ପଟୁଆରରେ ଚିତ୍ତାକର୍ଷକ ଆତସବାଜି, ସୁସଜ୍ଜିତ ଆଲୋକମାଳା, ମଶାଲ ଶୋଭାଯାତ୍ରାରେ ସିଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର ଯାଏଁ ଅଣା ଯାଇଥିଲା। ତେବେ ଶୋଭାଯାତ୍ରା ଆସୁଥିବା ରାସ୍ତାରେ ପ୍ରତି ଛକ ମାନଙ୍କରେ ନିଶା ଭଙ୍ଗା ଯାଇଥିବା ବେଳେ ଏହା ଶ୍ରଦ୍ଧାଳୁଙ୍କ ମୁଖ୍ୟ



ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା। ଭୋର ୫ଟା ସମୟରେ ମନ୍ଦିରରେ ଶୋଭାଯାତ୍ରା ପହଞ୍ଚିବା ପରେ ଘଟକୁ ସେଠାରେ ବନ୍ଦାପନା କରାଯାଇ ମନ୍ଦିର ଭିତରକୁ ପାଛୋଟି ନିଆଯାଇଥିଲା। ଆଉ ରୀତିନୀତି ଅନୁଯାୟୀ ଶିବ ଓ କାମିନାଙ୍କ ବିବାହ ସମ୍ପନ୍ନ ହୋଇଥିଲା। ଶୋଭାଯାତ୍ରା ଓ ବିବାହ କାର୍ଯ୍ୟରେ ସିଦ୍ଧେଶ୍ୱର ମହାଦେବ ମନ୍ଦିର ସମସ୍ତ ଉପବୀତଧାରୀ ଭକ୍ତଙ୍କ ସହ ଆଖପାଖ ୫ଟି ଶିବ ମନ୍ଦିରର ଉପବୀତଧାରୀ ଭକ୍ତ ତଥା ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ସାମିଲ ଥିଲେ। ଏହି କାର୍ଯ୍ୟକ୍ରମକୁ ଚଡ଼କ ମେଳା କମିଟିର ସଭାପତି ଦୁର୍ଜୟ କୁମାର ପାଣିଗ୍ରାହୀ, ଉପସଭାପତି ଚିତ୍ତରଞ୍ଜନ ମହାନ୍ତି, ସମ୍ପାଦକ ଗୋରୀଶଙ୍କର ମହାନ୍ତି, ସହ ସମ୍ପାଦକ ସଞ୍ଜୟ ବେରା, କୋଷାଧ୍ୟକ୍ଷ ହରିହର ମହାପାତ୍ର, ସଦସ୍ୟ ସର୍ବଶ୍ରୀ ଅଶ୍ୱିନୀ କର, ଅରୁଣ ପ୍ରଧାନ, ଦେବ ଦୁଲାଲ କୋୟାଲ, ସଂଗ୍ରାମ ପଟ୍ଟନାୟକ, ଅଶୋକ ପ୍ରଧାନ, ଉମାକାନ୍ତ ଜେନା, ବଲ୍ଲଭ ଘୋଷ, ଅଜିତ ରାୟ, ହରିଶଙ୍କର ପଣ୍ଡା, ରାଜୁ ପାଣିଗ୍ରାହୀ, ମନମୋହନ ମହାନ୍ତି, ମଦନ ମହାନ୍ତି, ଜହର ଲାଲ ଦାସ, ଗୋବିନ୍ଦ ଦାସ, ଅଜୟ ସାହୁ ଓ ଅଶ୍ୱିନୀ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ଦ୍ୱିତୀୟ ଜାତୀୟସ୍ତରୀୟ ଲୋକ ଅଦାଲତ




ମାଲକାନଗିରି, (ଭାସ୍କରେ ନ୍ୟୁଜ୍): ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ଆଜି ମାଲକାନଗିରି ଜିଲ୍ଲା ଆଇନ ସେବା ପ୍ରାଧିକରଣ, ତାଲୁକ ଆଇନ ସେବା ପ୍ରାଧି କରଣ ମୋଟୁ ଏବଂ ଜେଏମଏଫସି, ମାଥିଲି ଓ ଜେଏମଏଫସି, କୁଡୁମୁଲୁ ଗୁମ୍ମା, ଗ୍ରାମ ନ୍ୟାୟାଳୟ, କୋରୁକୋଣ୍ଡା, ମାଲକାନଗିରି ଦ୍ୱାରା ଦ୍ୱିତୀୟ ଜାତୀୟ ସ୍ତରୀୟ ଲୋକ ଅଦାଲତ ମାଲକାନଗିରିର ସମସ୍ତ ବିଚାରଳୟ ତଥା ମାଥିଲି, ମୋଟୁ, କୁଡୁମୁଲୁ ଗୁମ୍ମା ଠାରେ ମଧ୍ୟ ଅନୁଷ୍ଠିତ ହୋଇଯାଇଅଛି। ଏହି ଲୋକ ଅଦାଲତରେ ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ଜିଲ୍ଲା ଜଜ ତଥା ଆଇନ ସେବା ପ୍ରାଧିକରଣର ଅଧକ୍ଷ ଡ. ପ୍ରସନ୍ନ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲା ଜଜ ଶାନ୍ତନୁ କୁମାର ଦାସ, ବରିଷ୍ଠ ଦେଓ୍ୱାନୀ ବିଚାରପତି ବିଜୟ କୁମାର ଦାସ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ବରିଷ୍ଠ ଦେଓ୍ୱାନୀ ବିଚାରପତି ସୁଶ୍ରୀ ସଂଗୀତା ପାତ୍ର, ଉପଖଣ୍ଡ ଦଣ୍ଡାକରି ପ୍ରତିମା ସାହୁ ଏବଂ ଗ୍ରାମ ନ୍ୟାୟାଧିକାରୀ ଦେବେନ୍ଦ୍ରନାଥ ବାଘ, ପ୍ରଥମ ଶ୍ରେଣୀ ଦଣ୍ଡାଧିକାରି, ମାଥିଲି ପଦ୍ମଲାଭ ମାଝି, ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ, କୁଡୁମୁଲୁ ଗୁମ୍ମା ବିମଲ ଲକ୍ଷ୍ମୀ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରକାର ମୋକଦ୍ଦମାର ଫଇସଲା କରିଥିଲେ। ଏହି ଜିଲ୍ଲାସ୍ତରୀୟ ଲୋକ ଅଦାଲତରେ ମୋଟ ୪୧୬୭ଗୋଟି ମୋକଦ୍ଦମାର ଫଇସଲା କରାଯାଇ ୩୫୧୮୩୨/- ଟଙ୍କା ଧାର୍ଯ୍ୟ କରାଯାଇଥିଲା। ଏହି ଲୋକ ଅଦାଲତରେ ଜିଲ୍ଲା କୋର୍ଟ, ଅତିରିକ୍ତ ଜିଲ୍ଲା ଜଜ କୋର୍ଟ, ସବ ଜଜ କୋର୍ଟ, ଏସଡ଼ିଜେଏମ କୋର୍ଟ, ମୋଟୁ ଜେଏମଏଫସି କୋର୍ଟ, ମାଥିଲି ଜେଏମଏଫସି କୋର୍ଟ, କୁଡୁମୁଲୁଗୁମ୍ମା ଜେଏମଏଫସି କୋର୍ଟ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମାଲକାନଗିରି ଓ ତାଲୁକ ଆଇନ ସେବା ସମିତି, ମୋଟୁର ସମସ୍ତ କର୍ମଚାରୀ ଓ ମାଲକାନଗିରି ଓ ମୋଟୁର ଓକିଲ ସଂଘର ସଭ୍ୟଗଣ ଉପସ୍ଥିତ ରହି ଅଦାଲତ କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ୫ବର୍ଷ ପରେ ସରିଲାନି କଲ୍ୟାଣ ମଣ୍ଡପ କାର୍ଯ୍ୟ



ଆଳି, (ଭାସ୍କର ନ୍ୟୁଜ୍): ୫ବର୍ଷ ବିତିଗଲାଣି କିନ୍ତୁ କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ସରିବାର ନାଁ ଧରୁନି। ଉପରକୁ କେବଳ ଦେଖାଯାଉଛି ଲୁହା ରଡ଼, କାର୍ଯ୍ୟ ନହେବା ଯୋଗୁଁ ରଡ଼ ଗୁଡିକ କଲଙ୍କି ଲାଗି ଭାଙ୍ଗି ଯିବାକୁ ବସିଲାଣି। ରଡ଼ ସହିତ ସମ୍ପୂର୍ଣ୍ଣ ପ୍ରକଳ୍ପ ଉପରକୁ ମାଡିଗଲାଣି ଗଛଲତା। ନିର୍ମାଣ ନହେବାରୁ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି ପ୍ରକଳ୍ପ। ସରକାରୀ ତହବିଲରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇ ମଧ୍ୟ ପୂର୍ଣ୍ଣାଙ୍ଗ ହୋଇପାରୁନି ପ୍ରକଳ୍ପ। ଏଭଳି ଏକ ଜ୍ୱଳନ୍ତ ଚିତ୍ର ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ସାନମଙ୍ଗ ପଞ୍ଚାୟତରେ। ପଞ୍ଚାୟତ ପାଖରେ ନିର୍ମାଣ ହେଉଥିବା କଲ୍ୟାଣ ମଣ୍ଡପର ଦୂରାବସ୍ଥା ଦେଖିଲେ ଆପଣମାନେ ଆଶ୍ଚର୍ଯ୍ୟ ହୋଇଯିବେ। ସୂଚନାରୁ ପ୍ରକାଶ ଯେ ୨୦୧୯ ମସିହାରେ ଏହି କଲ୍ୟାଣ ମଣ୍ଡପର ନିର୍ମାଣ କାମ ଆରମ୍ଭ ହୋଇଥିଲା। ଏହି ମଣ୍ଡପ ଦ୍ୱାରା ସାନମଙ୍ଗ ପଞ୍ଚାୟତର ବଡମଙ୍ଗ, ଠାକୁର ସାହି, ପଞ୍ଚାଣପଡ଼ା ଓ ଅରାଜି ଗ୍ରାମର ଗରିବ ଜନସାଧାରଣ ଉପକୃତ ହେବେ ବୋଲି ଆଶା ବାନ୍ଧି ବସିଥିଲେ। ମାତ୍ର ପଞ୍ଚାୟତବାସୀଙ୍କ ଆଶା ସେମିତି ଆଶାରେ ରହିଗଲା। ଏହା ଭିତରେ ପୂର୍ବ ସରପଞ୍ଚଙ୍କ କାର୍ଯ୍ୟକାଳ ଯାଇ ନୂଆ ସରପଞ୍ଚଙ୍କ କାର୍ଯ୍ୟକାଳ ମଧ୍ୟ ସରିବାକୁ ବସିଲାଣି। ଯାହାଦ୍ୱାରା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ଦେଖାଦେଇଛି। ଯଦି କଲ୍ୟାଣ ମଣ୍ଡପ ନିର୍ମାଣ କରିବାର ନଥିଲା ତାହାହେଲେ କାହିଁକି ଲୋକ ଦେଖାଣିଆ ଭୂଇଁତଳୁ ପିଲର ଉଠାଇ କାମ ବନ୍ଦ କରି ଦିଆଗଲା ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଏଥିରୁ ସ୍ପଷ୍ଟ ବାରିହେଉଛି କି କେବଳ କାଗଜ କଲମରେ କଲ୍ୟାଣମଣ୍ଡପ ଫାଇଲ ଖୋଲା ଯାଇଥିଲା କାମ ଆରମ୍ଭ କରି ଟଙ୍କା ଲୁଟ କରିବା ପାଇଁ। କଲ୍ୟାଣ ମଣ୍ଡପ ନଥିବା ଯୋଗୁଁ ବିବାହ, ବ୍ରତ, ଦଶାହ ସହ ବହୁ ମାଙ୍ଗଳିକ କାର୍ଯ୍ୟରେ ଲୋକଙ୍କୁ ବହୁତ ହଇରାଣ ହେବାକୁ ପଡୁଛି। ବିଶେଷକରି ବର୍ଷାଦିନେ ବିଭିନ୍ନ କାର୍ଯ୍ୟ ପାଇଁ ଉପଯୁକ୍ତ ସ୍ଥାନ ଅଭାବରୁ ସମସ୍ୟା ଦେଖା ଦେଉଥିବା ଲୋକେ କହିଛନ୍ତି। ସେହିଭଳି କଲ୍ୟାଣ ମଣ୍ଡପ କାର୍ଯ୍ୟ ଶୀଘ୍ର ପୂର୍ଣ୍ଣାଙ୍ଗ ହେଲେ ସ୍ଥାନୀୟ ଗ୍ରାମବାସୀ ବେଶ ଉପକୃତ ହେବା ସହ ପଞ୍ଚାୟତକୁ ରାଜସ୍ୱ ମିଳିପାରନ୍ତା। ଅନ୍ୟପକ୍ଷରେ ଯଦି କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଟଙ୍କା ମଞ୍ଜୁର ହୋଇଥିଲା ତାହା ହେଲେ ସେହି ଟଙ୍କା କେଉଁଆଡେ ଗଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ବିଷୟ ନେଇ ସାନମଙ୍ଗ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସତୀଶ ମହାନ୍ତିଙ୍କୁ ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି କି ସେ ପଞ୍ଚାୟତରେ ନୂତନ ଭାବେ ଯୋଗ ଦେଇଥିବାରୁ ସେ ଏ ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରି ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବା ସହିତ କାର୍ଯ୍ୟର ଅଗ୍ରଗତି ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। ଏନେଇ ଆଳି ମଣ୍ଡଳ ଉନ୍ନୟନ ଅଧିକାରୀ ଅବିନାଶ ବିଶ୍ୱଜିତ ସେଠିଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ବ୍ରାଉନ ସୁଗର ଜବତ, ଅଭିଯୁକ୍ତ ଗିରଫ

ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ଅଞ୍ଚଳରେ ମୁଖ୍ୟ ବଜାର ଏବଂ ଛକରେ ବ୍ରାଉନ ସୁଗର ବିକ୍ରି ହୋଇଥିବାର ଅଭିଯୋଗ ହୋଇଆସୁଛି। ଯାହାକୁ ଭିତ୍ତି କରି ବେଗୁନିଆ ପୋଲିସ ଶନିବାର ଏକ ଅଭିଯୁକ୍ତକୁ ଗିରଫ କରିଛି। ସୂଚନା ଅନୁସାରେ ବେଗୁନିଆ ଥାନା ଅନ୍ତର୍ଗତ ଡିଙ୍ଗର ଗ୍ରାମର ସ୍ୱର୍ଗତ ଦୀପକ କୁମାର ବେହେରାଙ୍କ ପୁଅ ମନୋରଞ୍ଜନ ଓରଫ ମୁନୁ (୨୧) ବ୍ରାଉନ ସୁଗର ଗ୍ରାମର ଛକ ଉପରେ ବିକ୍ରୀ କରୁଥିଲେ। ଏହି ସମୟରେ ପୋଲିସ କୌଣସି ସୂତ୍ରରୁ ଖବର ପାଇ ଅତର୍କିତ ଭାବେ ଚଢାଉ କରି ମୋଟ ୧୦.୩୪ ଗ୍ରାମ ବ୍ରାଉନ ସୁଗର ଜବତ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ଯାହାର ମୂଲ୍ୟ ଏକ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ସୂଚନା ଦେଇଛନ୍ତି।

# ତଢ଼ଣା ଗ୍ରାମକୁ ପୋଷ୍ୟଗ୍ରାମ ଭାବେ ଗ୍ରହଣ କଲେ ଉପ-ମୁଖ୍ୟମନ୍ତ୍ରୀ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କର ବିକାଶ ଧାରା ଜାରି ରହିଥିବା ବେଳେ ୭ଶହ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଅନୁଦାନ ବିଭିନ୍ନ ଯୋଜନାରେ ଦିଆଯାଇଛି। ବିଜେପି ସରକାରକୁ ଦଶମାସ ପୂରିଥିବା ବେଳେ ଏତେ ଅନୁଦାନ ନିମାପଡ଼ା ପାଇଁ ପ୍ରଥମ ବୋଲି ଜଣାପଡ଼ିଛି। ବିଭିନ୍ନ ମହଲରୁ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ପ୍ରତି ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଏକ ଗ୍ରାମକୁ ଶ୍ରୀମତି ପରିଡ଼ା ପୋଷ୍ୟ ଗ୍ରାମ ଭାବରେ ଗ୍ରହଣ କରିଥିବା ବେଳେ ଏହି ଗ୍ରାମ ବିଜେଡ଼ି ହାତରୁ ଖସିଯାଇଛି। ଏହି ଗ୍ରାମବାସୀ ବିଜେଡ଼ି ସରକାରକୁ ସମର୍ଥନ କରୁଥିଲେ ମଧ୍ୟ ଗ୍ରାମରେ ବିକାଶ ଧାରା ଅଧାରେ ଅଟକି ଥିଲା। ଉପ-ମୁଖ୍ୟମନ୍ତ୍ରୀ ଗ୍ରାମକୁ ପୋଷ୍ୟ ଗ୍ରାମ ଘୋଷଣା କରି ସମସ୍ତ ସମସ୍ୟା ଦୂର ହେବ ବୋଲି କହିଥିବା ବେଳେ ଗ୍ରାମବାସୀମାନେ ଆନନ୍ଦିତ ହୋଇଥିଲେ। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ନିର୍ବାଚନ



ମଣ୍ଡଳୀରେ ୨୪ ବର୍ଷ ପରେ ବିଜେଡ଼ିର ଗଡ଼ ଭାଙ୍ଗିଛି। ଏହି ଗଡ଼କୁ ଭାଙ୍ଗିଛନ୍ତି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା। ତଢ଼ଣା ଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରିଛନ୍ତି। ତଢ଼ଣା ଗ୍ରାମରେ ଥିବା ମନ୍ଦିର, ରାସ୍ତା, ଅନ୍ୟାନ୍ୟ ସମସ୍ୟା ପୂର୍ବ ସରକାର ଅମଳରେ କରାଯିବା ପାଇଁ ବାରମ୍ବାର ମିଥ୍ୟା ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ଗ୍ରାମର ବିକାଶ ହୋଇପାରି ନଥିଲା। ଗ୍ରାମବାସୀ ନିଜ ପରିଶ୍ରମରେ ଗ୍ରାମରେ ଥିବା ମନ୍ଦିରର ଆଂଶିକ ଭାବରେ ନିର୍ମାଣ କରିଥିଲେ। ଏହି ଗ୍ରାମକୁ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଗସ୍ତ କରିଥିବା ବେଳେ ତଢ଼ଣା ଗ୍ରାମ କମିଟି ମିଟିଂରେ ଉପ-ମୁଖ୍ୟମନ୍ତ୍ରୀ ତଢ଼ଣା ଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ ଘୋଷଣା କରିଛନ୍ତି। ଏହି ଅଞ୍ଚଳର ବିକାଶ ଧାରା ଜାରି ରଖିଥିବା ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କୁ ଗ୍ରାମବାସୀମାନେ ସ୍ୱାଗତ କରିବା ସହ ହୁଳହୁଳି କରତାଳି ଦେଇ ସ୍ଲୋଗାନ ଦେଇଥିଲେ। ଗ୍ରାମର ମହିଳାମାନେ ପ୍ରଭାତି ପରିଡ଼ାଙ୍କୁ ଭେଟି କୃତଜ୍ଞତା ଜ୍ଞାପନ କରିଛନ୍ତି। ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି ଏହିଗ୍ରାମର ସମସ୍ତ ସମସ୍ୟା ଦୂର କରିବା ମୋର ପ୍ରଥମ ଦାୟିତ୍ୱ।

# ଦୁର୍ଗନ୍ଧ ନିଃଶ୍ୱାସର ମୁକାବିଲା ପାଇଁ ଆୟୁର୍ବେଦିକ ଉପଚାର

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଦୁର୍ଗନ୍ଧ ନିଃଶ୍ୱାସ ବା ହାଲିଟୋସିସ୍ ସାମାଜିକ ସ୍ତରରେ ଦୁଃଖଦାୟକ, ଯାହା ଆତ୍ମବିଶ୍ୱାସ ଏବଂ ଆନ୍ତଃବ୍ୟକ୍ତିସ୍ତରୀୟ ଭାବ ବିନିମୟକୁ ପ୍ରଭାବିତ କରିଥାଏ ବୋଲି ପବ୍ଲିକ ହେଲ୍ଥ ଡେଣ୍ଟିଷ୍ଟ୍ରିରେ ପ୍ରଫେସର ଥିବା ଡ. ସୋନିଆ ଦତ୍ତା, ଏମଡିଏସ୍, ପିଏଚଡି କହିଛନ୍ତି। ଏହା ଅନେକ ସମୟରେ ନିମ୍ନମାନର ମୁଖଗହ୍ୱର ଯତ୍ନ, ଖାଦ୍ୟଗତ ପସନ୍ଦ, ତମାଖୁ ବ୍ୟବହାର, କିଛି ନିର୍ଦ୍ଦିଷ୍ଟ ପ୍ରକାର ଔଷଧ ସେବନ ଅଥବା ଅନ୍ତର୍ନିହିତ ସ୍ୱାସ୍ଥ୍ୟାବସ୍ଥା କାରଣରୁ ହୋଇଥାଏ। ସାମୟିକ ଭାବରେ ଦୁର୍ଗନ୍ଧ ନିଃଶ୍ୱାସ ଏକ ସାଧାରଣ ଘଟଣା, ଯାହା ଅନେକ ସମୟରେ ଖାଦ୍ୟ ଖାଇବା ଅଥବା ପ୍ରାତଃକାଳୀନ ନିଃଶ୍ୱାସ ପ୍ରଶ୍ୱାସ ସମୟରେ ହୋଇଥାଏ। ତେବେ ଦୀର୍ଘକାଳ ହାଲିଟୋସିସ୍ ଲାଗିରହିବା ଏକ ଅନ୍ତର୍ନିହିତ ସମସ୍ୟାର ସଙ୍କେତ ଦେଇଥାଏ, ଯେପରିକି ମାଢି ରୋଗ ଅଥବା ଶୁଷ୍କ ମୁଖ ଗହ୍ୱର। ଏହିଭଳି ଦୁର୍ଗନ୍ଧ ନିଃଶ୍ୱାସର ମୁକାବିଲା ଡାବର ରେଡ ପେଷ୍ଟ ସହିତ କରନ୍ତୁ। ଲବଙ୍ଗ, ନିମ, ପୁଦିନା ଭଳି ଏହାର ଆୟୁର୍ବେଦିକ ଉପାଦାନଗୁଡିକ ସ୍ଥାୟୀ ତାଜାପଣ ନିମନ୍ତେ ଦୁର୍ଗନ୍ଧ ସୃଷ୍ଟିକାରୀ ବ୍ୟାକଟେରିଆଗୁଡିକୁ ନିଜର ଲକ୍ଷ୍ୟ ବନାଇଥାଏ। ଏହାକୁ ଦୈନନ୍ଦିନ ଅଭ୍ୟାସ କରନ୍ତୁ ଏବଂ ଦିନସାରା ତାଜା ନିଃଶ୍ୱାସ ସହିତ ଆତ୍ମବିଶ୍ୱାସୀ ଅନୁଭବ କରନ୍ତୁ। ଦୁର୍ଗନ୍ଧ ନିଃଶ୍ୱାସର କାରଣ ବୁଝିବା ହେଉଛି ଏହାକୁ ସଫଳତାର ସହିତ ଦୂର କରିବାର ପ୍ରଥମ ପଦକ୍ଷେପ।



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍ ) : କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକରେ ମାତିଛନ୍ତି ସୁନା ଚୋର। ଦୁଇ ଦିନରେ ଦୁଇଟି ସ୍ଥାନରୁ ଲକ୍ଷାଧିକ ଟଙ୍କାର ସୁନା ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଲକ୍ଷ୍ମୀପୁର ବ୍ଲକରେ କାର୍ଯ୍ୟରତ ଜଣେ ସାମ୍ବାଦିକ ଯୁଧିଷ୍ଠିର ବାଘଙ୍କ ଘରେ ଶୁକ୍ରବାର କେହି ନଥିବାର ସୁଯୋଗରେ ତାଙ୍କ ଘର କବାଟ ତାଲା ଭାଙ୍ଗି ଘର ଭିତରୁ ଛଅ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଓ ରୁପା ଅଳଙ୍କାର ଚୋରି କରି ନେଇଥିବା ଜଣା ପଡିଛି। ସାମ୍ବାଦିକ ଜଣକ ନିଜ ପରିବାର ସହ ନାରାୟଣପାଟଣାର ଏକ ଭୋଜି କାର୍ଯ୍ୟରେ ଯୋଗ ଦେଇ ସନ୍ଧ୍ୟାରେ ଘରକୁ ଫେରିବା ପରେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ଶ୍ରୀ ବାଘ ଥାନାରେ ଅଭିଯୋଗ କରିଥିଲେ। ସାମ୍ବାଦିକଙ୍କ ଘରେ ଶୁକ୍ରବାର ଦିନ ଚୋରି ହୋଇ କେହି ଧରା ପଡ଼ିନଥିବା ବେଳେ ଶନିବାର ଦିନ ସକାଳ ଦଶଟା ବେଳେ ପୁଣି ଏକ ଚୋରି ହୋଇଛି। ଲକ୍ଷ୍ମୀପୁର ବଜାର ଉପରେ ଥିବା ରେବତୀ ରମଣ ଜ୍ୱେଲାରୀ ସପରୁ ଜଣେ ଦୁର୍ବୃତ୍ତ ସୁନା ହାର ଦେଖାଇବାକୁ କହି ଝମ୍ପି ନେଇ ଛୁ ମାରିଥିଲା। ଏହା ଦେଖି ଜ୍ୱେଲାରୀ ମାଲିକ ଛନ୍ଦା ଚରଣ ସାହୁ ମଧ ତା ପଛରେ ଦୌଡ଼ି ଥିଲେ ହେଲେ ତାକୁ ଧରି ନପାରି ପୋଲିସକୁ ଫୋନ କରି ଜଣାଇଥିଲେ। ଖବର ପାଇ ପୋଲିସ ସୁନା ଚୋର ଯେଉଁ ଆଡେ ଯାଇଥିଲା ସେଇ ପଟେ ଯାଇ ଖୋଜା ଖୋଜି କରି ଏକ ଝରଣା ନିକଟରୁ ତାକୁ ଧରିବାରେ ସଫଳ ହୋଇଥିଲେ। ଏନେଇ ଚୋରକୁ ଅଟକ ରଖି ପୋଲିସ ତଦନ୍ତ ଜାରି ରଖିଥିବା କହିଛି।



# ସରକାରୀ ସୁବିଧାରୁ ବଞ୍ଚିତ ଦିବ୍ୟାଙ୍ଗ କମଳା



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିବ୍ୟାଙ୍ଗ ମାନଙ୍କ ପାଇଁ ଅନେକ ଯୋଜନା ହୋଇଛି । କୌଣସି ଦିବ୍ୟାଙ୍ଗ ସରକାରୀ ଯୋଜନାରୁ ବଞ୍ଚିତ ନହେବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ପ୍ରତି ବ୍ଲକରେ ଭିନ୍ନକ୍ଷମ ଶିବିରର ଆୟୋଜନ କରାଯାଉଛି । ଏହାର ଉଦ୍ଦେଶ୍ୟ ଗ୍ରାମାଞ୍ଚଳରେ ରହି ଯାଉଥିବା ଦିବ୍ୟାଙ୍ଗ ମାନଙ୍କୁ ଚିହ୍ନଟ କରିବା ସହିତ ଅଭିଜ୍ଞ ଡାକ୍ତର ମାନଙ୍କ ଦ୍ୱାରା ପରୀକ୍ଷା ନିରୀକ୍ଷା କରିବା ପରେ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରି ସରକାରୀ ଯୋଜନା ଯୋଗାଇ ଦେବା। ଉପାନ୍ତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ କିଆଙ୍ଗ ପଞ୍ଚାୟତ ଅନ୍ତର୍ଗତ ଜିଗିଡି ଗୁଡ଼ା ଗ୍ରାମର ଦିବ୍ୟାଙ୍ଗ କମଳା କାମଡ଼ି (୫୫) ସମସ୍ତ ପ୍ରକାର ସରକାରୀ ଯୋଜନା ପାଇବାରୁ ବଞ୍ଚିତ ଅଛନ୍ତି। ନା ସରକାରଙ୍କ ଭତ୍ତା ପାଉଛନ୍ତି ନା ଆବାସ ଯୋଜନାରେ ଘର ଖଣ୍ଡେ ପାଇଛନ୍ତି। ଏହି ଦିବ୍ୟାଙ୍ଗ ଉପରେ ସରକାରୀ କର୍ମଚାରୀଙ୍କ ନଜର କିପରି ପଡ଼ିନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଛି ବରିଷ୍ଠ ସାମ୍ବାଦିକ ସମାଜିକ ଗଣମାଧମରେ ଦିବ୍ୟାଙ୍ଗ ଭିଡିଓ ଦେଖିବା ପରେ ସଙ୍ଗେ ସଙ୍ଗେ ମାଥିଲି ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ ସଞ୍ଜୟ କୁମାର ସାମଲଙ୍କୁ ଅବଗତ କରିଥିଲେ। ଶ୍ରୀ ସାମଲ ସଙ୍ଗେ ସଙ୍ଗେ ନିକଟସ୍ଥ ଅଙ୍ଗନବାଡ଼ି କର୍ମୀ ଶାନ୍ତିଲତା ବିଶ୍ୱାଳଙ୍କୁ ଫୋନ ଯୋଗେ ଯୋଗାଯୋଗ କରି ଦିବ୍ୟାଙ୍ଗ କମଳାଙ୍କ ଘରକୁ ପଠାଇ ସବିଶେଷ ବିବରଣୀ ବୁଝିଥିଲେ। କମଳାଙ୍କ ଆଧାର କାର୍ଡ ଅଛି, କିନ୍ତୁ ଦିବ୍ୟାଙ୍ଗ ପ୍ରମାଣପତ୍ର ନାହିଁ ବୋଲି ଭତ୍ତା ସହିତ ସରକାରୀ ଯୋଜନାରୁ ବଞ୍ଚିତ ଥିବା ଜଣାପଡିଛି। ଆସନ୍ତା ୧୭ ତାରିଖରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଅଭିଜ୍ଞ ଡାକ୍ତରଙ୍କୁ ଦେଖାଇ ଭିନ୍ନକ୍ଷମ ପ୍ରମାଣପତ୍ର ପାଇବା ପରେ କମଳାଙ୍କୁ ଭତ୍ତା ଯୋଗାଇବା ସହିତ ସମସ୍ତ ପ୍ରକାର ସରକାରୀ ସୁବିଧା ଯୋଗାଇ ଦିଆଯିବ ବୋଲି ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସାମଲ ସୂଚନା ଦେଇଛନ୍ତି।

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ନାଚିକା ଲିଙ୍ଗା ଓ ଅଞ୍ଚଳବାସୀ



କୋରାପୁଟ, (ଭାସ୍କର ନ୍ୟୁଜ) : ପୁରୁଣା ମାମଲା ପ୍ରତ୍ୟାହାର ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଆଦିବାସୀ ନେତା ନାଚିକା ଲିଙ୍ଗା ଓ ଅଞ୍ଚଳବାସୀ । ନାଚିକା ଲିଙ୍ଗାଙ୍କ ନେତୃତ୍ୱରେ ନାରାୟଣପାଟଣା ଓ ବନ୍ଧୁଗାଁ ଅଞ୍ଚଳର କିଛି ପୁରୁଷ ଓ ମହିଳା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପଂହଚି ଦାବିପତ୍ର ପ୍ରଦାନ କରିଛନ୍ତି । କୋରାପୁଟ ଜିଲ୍ଲାର ବହୁ ସଂଖ୍ୟାରେ ଅନୁସୂଚିତ ଜାତି ଓ ଜନଜାତି ପରିବାରମାନେ ଭୂମିହୀନ ହୋଇ ରହିଛନ୍ତି । ଅଣଆଦିବାସୀ ବର୍ଗର କିଛି ଲୋକ କୌଶଳ କ୍ରମେ ଆଦିବାସୀଙ୍କ ଜମି ହାତେଇଥିବାରୁ ଏବଂ ଆଦିବାସୀ ପରିବାର ଭୂମିହୀନ ହୋଇ ଡଙ୍ଗର ଚାଷ କରୁଛନ୍ତି । ତେବେ ୨୦୦୫-୦୬ ମସିହାରେ ଗୋଟି, ଜମି ଓ ମଦ ମୁକ୍ତି ପାଇଁ ଆଦିବାସୀ ମାନେ ଆନ୍ଦୋଳନ କରିବାରୁ ସେମାନଙ୍କ ନାମରେ ଗୁରୁତର ଦଫା ଲଗାଇ କୋର୍ଟ ଚାଲାଣ କରାଯାଇଥିଲା । ବିଭିନ୍ନ ସଂଗୀନ ମାମଲାରେ ଶହ ଶହ ଲୋକଙ୍କୁ ଛନ୍ଦି ବର୍ଷ ବର୍ଷ ଧରି ଜେଲରେ ରଖାଗଲା । ଏଥିରୁ ବହୁ ମାମଲା ବିଚାରାଧୀନ ରହିଛି। ଏବେ ବି ୧୧ଶହ ଜଣଙ୍କ ନାମରେ ୱାରେଣ୍ଟ ରହିଛି । ତାଙ୍କ ନାମରେ କାହିଁକି ମାମଲା ରହିଛି ସେ ସଂକ୍ରାନ୍ତରେ ସେମାନେ କିଛି ଜାଣିନାହାନ୍ତି । ସେମାନଙ୍କୁ ରାସ୍ତାଘାଟ ଓ ହାଟରୁ ପୋଲିସ ଉଠାଇ ନେଉଛି । ଲୋକେ ମାମଲାରୁ ମୁକୁଳିବା ପାଇଁ ଗୋରୁ ଛେଳି ବିକି ତଳିତଳାନ୍ତ ହେଉଛନ୍ତି। ୨୦୧୧-୧୨ ମସିହାରେ ତତ୍କାଳୀନ ରାଜ୍ୟ ସରକାର ଅନୁସୂଚିତ ଅଞ୍ଚଳରେ ଆଦିବାସୀଙ୍କ ଜମିଜମା ସମସ୍ୟାର ସାଧାନ ପାଇଁ ଉଚ୍ଚସ୍ତରୀୟ କମିଟି ଗଠନ କରିଥିଲେ ମଧ୍ୟ ସେ ସଂକ୍ରାନ୍ତରେ ଆଦିବାସୀମାନେ ଜାଣିପାରିଲେ ନାହିଁ । ଆନ୍ଦୋଳନର ୧୪ବର୍ଷ ବିତିଯାଇଥିଲେ ମଧ୍ୟ ସେମାନେ ଅପହୃତ ଜମି ଫେରିପାଇଲେ ନାହିଁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି । ଜଣେ ବରିଷ୍ଠ ବିଚାରପତିଙ୍କ ଦ୍ୱାରା ସମସ୍ତ ମାମଲାର ପୁନଃ ସମୀକ୍ଷା କରିବା ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ମାମଲା ଗୁଡିକ ପ୍ରତ୍ୟାହାର ନିମନ୍ତେ ପଦକ୍ଷେପ ନେବା ପାଇଁ ଦାବି କରାଯାଇଛି । ଜମିଜମା ସମସ୍ୟାର ଶାନ୍ତିପୂର୍ଣ୍ଣ ଓ ନ୍ୟାୟପୂର୍ଣ୍ଣ ସମାଧାନ ପାଇଁ ୨୦୦୦ ସଂଶୋଧିତ ଆଇନକୁ କଡାକଡି ଲାଗୁ କରିବା ପାଇଁ ଉଚ୍ଚସ୍ତରୀୟ କମିଟିର ସୁପାରିସ ଗୁଡିକୁ ସର୍ବସାଧାରଣ ଗୋଚରାର୍ଥେ ପ୍ରକାଶ କରିବା ପାଇଁ ନିବେଦନ କରିଛନ୍ତି। ଏହି ଦାବିପତ୍ରରେ ବନ୍ଧୁଗାଁ ଓ ନାରାୟଣପାଟଣା ଅଞ୍ଚଳବାସୀଙ୍କ ସମତେ ବ୍ଲକ ଅଧ୍ୟକ୍ଷ, ନାରାୟଣପାଟଣା ପଟଲାପଦର ଓ ବାଲିପେଟା ସରପଞ୍ଚଙ୍କ ଦସ୍ତଖତ ରହିଛି।

# ବାବା ବିଶ୍ୱନାଥ ଦେବଙ୍କ ବାର୍ଷିକ ଉତ୍ସବ



କାକଟପୁର, (ଭାସ୍କର ନ୍ୟୁଜ୍ ) : କାକଟପୁର ବ୍ଲକ ଅନ୍ତର୍ଗତ ନରଣପୁର ଗ୍ରାମରେ ଥିବା ବାବା ବିଶ୍ୱନାଥ ଦେବଙ୍କ ପନ୍ଦର ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଶିକ୍ଷାବିତ ହୃଦାନନ୍ଦ ସାସମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷାଧିକାରୀ ଦିଲ୍ଲୀପ ଜେନା, ସମ୍ମାନୀତ ଅତିଥି ଭାବେ ପଞ୍ଚାନନ ବେହେରା, ଶିବ ପ୍ରସାଦ ମିଶ୍ର, ହେମନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବ ଶେଷରେ ବରିଷ୍ଠ ପୂଜକ ଗୋପୀନାଥ ମିଶ୍ର, ସତ୍ୟଭାମା ମିଶ୍ର, ସୁବାଷ ପ୍ରହରାଜ, ନବକୃଷ୍ଣ ପ୍ରହରାଜ, ଲିମା ପ୍ରହରାଜଙ୍କୁ ଉତ୍ତରୀୟ ମାନପତ୍ର ଦେଇ ମୁଖ୍ୟ ଅତିଥି ଶ୍ରୀ ଜେନା ସମ୍ବର୍ଦ୍ଧିତ କରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ଆରତୀ ପ୍ରହରାଜ, ଉମେଶ ପ୍ରହରାଜ, ପ୍ରସନ୍ନ ପ୍ରହରାଜ, ସୌରଭ ମିଶ୍ର ସୁନନ୍ଦା ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ମାଆଙ୍କ ଆଗମନରେ ଚଳଚଞ୍ଚଳ ରାୟଗଡ଼ ବଡ଼େଇ ସାହି



ରାୟଗଡ (ଭାସ୍କର ନ୍ୟୁଜ୍ ) : ରାୟଗଡ଼ ବଡ଼େଇସାହି ଠାରେ ଦୀର୍ଘ ଷୋହଳ ବର୍ଷ ପରେ ଅନୁଷ୍ଠିତ ହୋଇଯାଇଛି ମାଆ ଠାକୁରାଣୀଙ୍କ ଘଟପର୍ବ। ଯାହାକୁ ନେଇ କେବଳ ସାହି ନୁହେଁ ସମଗ୍ର ଗାଁରେ ବେଶ ଆନନ୍ଦ ଉଲ୍ଲାସ ଦେଖିବାକୁ ମିଳିଛି। ପୂର୍ବ ରୀତିନୀତି ଅନୁଯାୟୀ ସକାଳ ଦଶଘଟିକା ସମୟରେ ସାହିର ସମସ୍ତ ସାହି ବାସିନ୍ଦା ମାଆଙ୍କ ଘଟ ହାଣ୍ଡି ଲାଗି କୁମ୍ଭାର ଶାଳକୁ ଯାଇ ମୁଖ୍ୟ ପାଟ ହାଣ୍ଡି ସହ ମାଆ ଠାକୁରାଣୀଙ୍କ ମୁଖ ଚିତ୍ର ଅଙ୍କା ଯାଇଥିବା ପାଞ୍ଚଗୋଟି ଘଟକୁ ପୂଜାର୍ଚ୍ଚନା କରି ବାଜା ବାଜଣା ଏବଂ ପାହାଡ଼ା ପକେଇ ସାହିକୁ ଅଣାଯାଇଥିଲା। ଏବଂ ଗାଁରେ ଥିବା ଅନ୍ୟାନ୍ୟ ଦେବୀ ପୀଠ ମାଆ ଲୁହୁରୁଣୀ, ମାଆ କିଳାମୁଣ୍ଡାଙ୍କୁ ନିମନ୍ତ୍ରଣ କରି ପାଛୋଟି ଅଣାଯାଇଥିଲା। ଏବଂ ମାଆ ଗ୍ରାମଦେବତୀ ଠାକୁରାଣୀଙ୍କ ମନ୍ଦିରକୁ ଯାଇ, ମାଆଙ୍କୁ ଭୋଗରାଗ ଦେଇ ମାଆଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଘଟଯାତ୍ରାର ପାରମ୍ପରିକ ରୀତି ଯାହା ରହିଛି ସେହି ପ୍ରକାରେ ବାଜା ବଜେଇ ମାଆଙ୍କୁ ନିବେଦନ କରାଯାଇଥିଲା। ବିଶ୍ୱାସ ରହିଛି ମାଙ୍କ ମଥାରୁ ମନ୍ଦାର ଫୁଲ ଝଡି ଚାଙ୍ଗୁଡ଼ିରେ ପଡିଲେ ମାଙ୍କ ଆଗମନର ସଂକେତ ମିଳିଥାଏ ଏବଂ ଯାତ୍ରା ଆରମ୍ଭ ହୋଇଥାଏ ଯାହା ସେଠାରେ ଘଟିଥିଲା ମଧ। ମାଆଙ୍କୁ ପାଛୋଟି ଆଣି ମାଆଙ୍କ ଲାଗି ନିର୍ମିତ ମଣ୍ଡପରେ ମାଙ୍କୁ ସ୍ଥାପନ କରାଗଲା। ମାଆ ଗାଁକୁ ଆସିଲେ ଘର ଘର ବୁଲିଥାନ୍ତି। ଆଉ ପ୍ରତ୍ୟେକ ଘରେ ହଳଦୀ ପାଣିରେ ଗୋଡ଼ଧୋଇ ଦୁବଚାଉଳରେ ବନ୍ଧାପନା କରିଥାନ୍ତି। ବିଶ୍ୱାସ ଅଛି ଯେ, ମାଆ ଗାଁକୁ ଆସିଲେ ଲୋକଙ୍କ ସମସ୍ୟା, ରୋଗ ବୈରାଗ, କିମ୍ବା ଗାଁ ପ୍ରତି ରହିଥିବା ବିପତିରୁ ମାଆ ଉଦ୍ଧାର କରିଥାନ୍ତି। ତେବେ ଏହି ପୂଜା ୯ ତାରିଖ ଠାରୁ ଆରମ୍ଭ କରି ଆସନ୍ତା ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏବଂ ବିଭିନ୍ନ ପ୍ରକାର ସାଂସ୍କୃତିକ ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମ କରାଯିବା ନେଇ ବ୍ୟବସ୍ଥା କରାଯାଇଛି। ସବୁଠାରୁ ଆକର୍ଷଣ ଥିଲା ସାହିର ପ୍ରତ୍ୟେକ ଯୁବକ ଏବଂ ମହିଳା ସଭିଏଁ ହଳଦୀ ରଙ୍ଗର ବସ୍ତ୍ର ଧାରଣ କରି ହଳଦୀ ମୁହିଁ ମା ଠାକୁରାଣୀଙ୍କ ଯାତ୍ରାରେ ସାମିଲ ହୋଇଥିବା ବେଳେ ପରିବେଶଟା ଖୁବ ଚମତ୍କାର ଦେଖାଯାଉଥିଲା।

## ଦେଶୀ ମଦ ଜବତ ୨କୋର୍ଟ ଚାଲାଣ

ବଡ଼ଚଣା, (ଭାସ୍କର ନ୍ୟୁଜ୍ ): ବଡ଼ଚଣା ଥାନାଧିକାରୀ ମଧୁସ୍ମିତା ବେହେରା ଦୁଇଟି ସ୍ଥାନରେ ଚଢ଼ାଉ କରି ଦେଶୀ ମଦ ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି। ସୂଚନା ଅନୁସାରେ ଚଣ୍ଡିଖୋଲ ମାଛ ବଜାରରେ ଦିଲ୍ଲୀପ ଦଳେଇ ନାମକ ଜଣେ ବ୍ୟକ୍ତି ଚୋରାରେ ମଦ ବିକୁଥିଲା ବେଳେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ୧୦ ଲିଟର ମଦ ଜବତ କରିବା ସହିତ ଅଭିଯୁକ୍ତ ଦିଲ୍ଲୀପକୁ ଗିରଫ କରିଥିଲା। ସେହିପରି ଚଣ୍ଡିଖୋଲ ଫାଣ୍ଡି ନିକଟସ୍ଥ ନରଣପୁର ଠାରେ ମଙ୍ଗଳ ଶିଙ୍କୁ ୭ ଲିଟର ଦେଶୀ ମଦ ବିକୁଥିବା ଖବର ପାଇ ଶ୍ରୀମତୀ ବେହେରା ସେଠାରେ ପହଞ୍ଚି ମଦ ଜବତ କରିବା ସହିତ ଅଭିଯୁକ୍ତ ମଙ୍ଗଳ ସିଂଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ଏହାକୁ ନେଇ ପୋଲିସ ଦୁଇଟି ମାମଲା ରଜୁ କରି ଅଭିଯୁକ୍ତଙ୍କୁ ଅଦାଲତ ଚାଲାଣ କରିଛି।

# ଜାମୁହତାକୁ ସଂଯୋଗ ରାସ୍ତା ନିର୍ମାଣ ପାଇଁ ଦାବି



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ସହର ୧୨ ନମ୍ବର ୱାର୍ଡ ଅନ୍ତର୍ଗତ ଜାମୁହତାକୁ ସଂଯୋଗ ରାସ୍ତା ନିର୍ମାଣ ଦାବି ହେଉଛି। ବେଲଦା-ଜୁଡିଆ ରାସ୍ତାର ଜାମୁହତାକୁ ସଂଯୋଗ ହେଉଥିବା ସ୍ଥାନ ଠାରୁ ୩୦୦ ମିଟର ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତା ଏକ ମାଟି ରାସ୍ତା ଥିବାରୁ ଏଠାରେ ଦୈନିକ ଶହ ଶହ ଗାଡ଼ି ମଟର ଯିବା ଆସିବା କରି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ପ୍ରତିଦିନ ଉକ୍ତ ରାସ୍ତାରେ ଛୋଟବଡ ଦୁର୍ଘଟଣା ଘଟୁଥିବାବେଳେ ଦମକଳ, ଆମ୍ବୁଲାନ୍ସ, ପୋଲିସ ପେଟ୍ରୋଲିଂ ଯାନ, ସ୍କୁଲ ବସ, ମଧ୍ୟାହ୍ନଭୋଜନ ଯାନ, ପିଡିଏସ୍ ସାମଗ୍ରୀ ବୋଝେଇ ଗାଡିଗୁଡିକ ଯାତାୟତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ସ୍କୁଲ, କଲେଜ ପଢୁଆ ଛାତ୍ରଛାତ୍ରୀମାନେ ମଧ ଯାତାୟତରେ ହଇରାଣ ହେଉଛନ୍ତି। ଏହି ରାସ୍ତାଟି ଏକ ମୁଖ୍ୟ ରାସ୍ତା ଅଟେ। ଏହି ରାସ୍ତାଦେଇ ନିୟୁକଲୋନୀ, ମାଇନିଂରୋଡ଼, ଗୋବିନ୍ଦପୁର ଲୋକ ନିର୍ଭର କରିଥାନ୍ତି। ମାଇନିଂରୋଡ଼ରେ ସିଟିଜି କଲେଜ, ନିର୍ମଳା କନଭେଣ୍ଟ ସ୍କୁଲ, ସିଟି କିଡସ ସ୍କୁଲ ସହ ଛୋଟ ବଡ ବହୁ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଏହି ରାସ୍ତା ଦେଇ ଶହ ଶହ ଛାତ୍ରଛାତ୍ରୀ ଯିବାଆସିବା କରିବା ସହ ସ୍କୁଲ ବସ, ଅଟୋ ଯାତାୟତ କରିଥାଏ। ଜାମୁହତା ସଂଯୋଗ ସ୍ଥାନ ଠାରୁ ୩୦୦ମିଟର ପର୍ଯ୍ୟନ୍ତ ରାସ୍ତା ବେସରକାରୀ ଜମି ଉପରେ ହୋଇଥିବାରୁ ପୌରପାଳିକା ନୂତନ ରାସ୍ତା ନିର୍ମାଣ କରି ପାରୁନାହିଁ। ଦୀର୍ଘ ବର୍ଷ ହେବ କେନ୍ଦୁଝର ମୁଖ୍ୟାଳୟରେ ଏହି ରାସ୍ତା ସମସ୍ୟା ଦୂର ପାଇଁ ପ୍ରଶାସନ ପଦକ୍ଷେପ ନେଉନାହିଁ। ଜମି ଅଧିଗ୍ରହଣ କରାଯାଇ ରାସ୍ତା ନିର୍ମାଣ କରାଗଲେ ଲୋକଙ୍କ ବହୁ ଦିନର ସମସ୍ୟା ଦୂର ହେବ। ନିଉ କଲୋନୀ ରାସ୍ତାକୁ ସଂଯୋଗ ହୋଇଥିବା ଯୋଗୁଁ ଏହି ରାସ୍ତା ଏକ ମୁଖ୍ୟ ରାସ୍ତାରେ ପରିଣତ ହୋଇଛି। କିନ୍ତୁ ଦୁଃଖର ବିଷୟ ଏହି ମୁଖ୍ୟ ରାସ୍ତାଟି ଆଜି ପର୍ଯ୍ୟନ୍ତ ଅବହେଳିତ ହୋଇପଡିଛି। ବର୍ଷା ଦିନେ ରାସ୍ତାର ଅବସ୍ଥା ଏମିତି ଖରାପ ହୋଇଯାଏ ଯେ ରୋଗୀଟିଏ ଡାକ୍ତରଖାନା ଏବଂ ଛାତ୍ରଛାତ୍ରୀମାନେ ସ୍କୁଲ ଯିବାରେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଖରାପ ରାସ୍ତା ଯୋଗୁଁ ଅନେକ ସମୟରେ ଦୁର୍ଘଟଣା ଘଟୁଛି । ତେଣୁ ଅତିଶୀଘ୍ର ଏହି ରାସ୍ତା ଉପରେ ଦୃଷ୍ଟି ଦେଇ ରାସ୍ତାକୁ ଏକ କଂକ୍ରିଟ ରାସ୍ତା କରିବା ଦିଗରେ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଅନ୍ୟ ଧର୍ମ ଗ୍ରହଣ କରିବା ପଡ଼ିଲା ମହଙ୍ଗା

ଝରିଗାଁ,(ଭାସ୍କର ନ୍ୟୁଜ୍ ) : ଝରୀଗାଁ ଥାନା ଦେଉଳକଣା ଗାଁରେ ଶବ ପୋତିବାକୁ ନେଇ ଉତ୍ତେଜନା। ଖ୍ରିଷ୍ଟୀୟାନ ଧର୍ମ ଗ୍ରହଣ କରିଥିବାରୁ ଗାଁରେ ପୋତିବାକୁ ଦେଉନାହାନ୍ତି ଗ୍ରାମବାସୀ। ଏହିଭଳି ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଝରିଗାଁ ଥାନା ଦେଉଳକୋଣା ଗାଁରେ। ଦେଉଳକୋଣା ଗାଁର ଡମ୍ବରୁଧର ହରିଜନଙ୍କ ମାଆ ରୁପେୟା ହରିଜନ(୮୦) ଗତ ରାତିରେ ମୃତ୍ୟୁବରଣ କରିଥିଲେ। ହେଲେ ମୃତ୍ୟୁ ହରିଜନଙ୍କ ପରିବାର ଅନ୍ୟ ଧର୍ମ (ଖ୍ରିଷ୍ଟୀୟାନ), ଖ୍ରିଷ୍ଟୀୟାନ ଧର୍ମ ଗ୍ରହଣ କରିଥିବାରୁ ଗ୍ରାମବାସୀ ଶବ ପୋତିବାକୁ ଗାଁରେ ଦେଉନାହାନ୍ତି। ତେବେ ଦୀର୍ଘ ଘଣ୍ଟା ବିତି ଯାଇଥିଲେ ମଧ ଘରେ ଶବ ପଡିରହିଥିଲା। ତେବେ ଗ୍ରାମବାସୀ ଗାଁରେ ଶବ ପୋତିବାକୁ ଦେଉନଥିବା ବେଳେ ଗାଁରେ ହିଁ ଶବ ପୋତିବାକୁ ଜିଦ ଧରିଛନ୍ତି ମୃତୁକ ପରିବାର। ତେବେ ଘଟଣା ସ୍ଥଳରେ ଝରିଗାଁ ପୋଲିସ ଏବଂ ଝରିଗାଁ ତହସିଲଦାର ପହଞ୍ଚି ଉଭୟ ଗୋଷ୍ଠୀକୁ ବୁଝା ସୁଝା କରୁଥିଲେ ମଧ ଉଭୟ ଗୋଷ୍ଠୀ ନିଜ ଜିଦରେ ଅଟଳ ରହିଛନ୍ତି।



# ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍ ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପତ୍ର ସଂଖ୍ୟା-୧୨୬୦୨, ତା.୦୩.୦୫.୨୦୨୫ରିଖର ଆଦେଶ ବଳରେ ସଦରବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତଙ୍କର ଭୁବେନଶ୍ୱରକୁ ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ସ୍ଥାନାନ୍ତରିତ ହୋଇଛନ୍ତି । ଏହି ଅବସରରେ ସଦର ବ୍ଲକ୍‌ର ସିଆର୍‌ସିସିମାନଙ୍କ ତରଫରୁ ସଦର ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତଙ୍କୁ ବଳରାମ ସରକାରୀଉଚ୍ଚ ବିଦ୍ୟାଳୟ ଠାରେ ବୁଧବାର ଦିନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଦେବବ୍ରତ ନାଥଙ୍କ ଅଧକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଏବିଇଓ ଶତ୍ରୁଘ୍ନ ଖଣ୍ଡା ମୁଖ୍ୟ ଅତିଥି ଓ ଏବିଇଓ ଭଗବାନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଦର ବ୍ଲକ୍‌ର ଶିକ୍ଷା କ୍ଷେତ୍ରରେ ବିଦାୟୀ ବିଇଓ ଶ୍ରୀ ରାଉତଙ୍କର ଅବଦାନ ସଂପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧରେ ସିଆର୍‌ସିସି ନୃସିଂହ ବେହେରା, ଅର୍ଜୁନ ନାୟକ, ପ୍ରମୋଦ ସାହୁ, ରମା ବେହେରା, ପ୍ରଭାତୀ ବେହେରା, ପ୍ରିୟମ୍ବଦା ପଣ୍ଡା, ରସାନନ୍ଦ ମହାରଣା, ନୃସିଂହ ପତି ପ୍ରମୁଖ ବିଦାୟୀ ବିଇଓଙ୍କର ଗୁଣାବଳୀ ଓ କର୍ମମୟ ଜୀବନ ସଂପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦାୟୀ ବିଇଓ ଶ୍ରୀ ରାଉତଙ୍କ କାର୍ଯ୍ୟକାଳ ସମୟରେ ଶିକ୍ଷକ ଶିକ୍ଷୟତ୍ରୀଙ୍କ ମଧରେ ଭାଇଚାରା ସୃଷ୍ଟି ହୋଇପାରିଥିଲା। ଶିକ୍ଷକ ଓ ଶିକ୍ଷା ପ୍ରଶାସକମାନଙ୍କ ମଧରେ ଉତ୍ତମ ସମନ୍ୱୟ ସ୍ଥାପିତ ହୋଇପାରିଥିଲା ବୋଲି ବକ୍ତାମାନେ ମତପୋଷଣ କରିଥିଲେ । ଏହି ଅବସରରେ ସିଆର୍‌ସିସିମାନଙ୍କ ତରଫରୁ ବିଦାୟୀ ବିଇଓ ଶ୍ରୀ ରାଉତଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର, ଉପଢୌକନ ଓ ଉପହାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ପ୍ରାକ୍ତନ ସିଆର୍‌ସିସି ଦିଲ୍ଲୀପ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ବିକାଶ ଚନ୍ଦ୍ର ଜେନା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ଶେଷରେ ଡଃ ପଞ୍ଚାନନ ସୁନ୍ଦର ପାଣି ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଗୁରୁବାର ଦିନ ସଦର ବ୍ଲକ୍ ମାଧ୍ୟମିକ ଶିକ୍ଷକ ସଂଘ ତରଫରୁ ବିଦାୟୀ ବିଇଓ ଶ୍ରୀ ରାଉତଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି ।

# ରାଜସୁନାଖଳା ମହାବିଦ୍ୟାଳୟରେ ରେଡକ୍ରସ ଦିବସ ପାଳିତ




ବୋଲଗଡ, (ଭାସ୍କର ନ୍ୟୁଜ୍ ) : ବିଶ୍ୱ ଯୁବ ରେଡକ୍ରସ ଦିବସ ବିଭିନ୍ନ ଶିକ୍ଷାନୁଷ୍ଠାନ ବୋଲଗଡ ଶିକ୍ଷା ବ୍ଲକ ସ୍ଥିତ ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟ, କାଳିଚରଣ ଡିଗ୍ରୀ ମହାବିଦ୍ୟାଳୟ ବାଂକୋଇ, ରଘୁନାଥ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଦେଉଳି, ରାଧାମାଧବ ସଂସ୍କୃତ ମହାବିଦ୍ୟାଳୟ ଦେଉଳି ଗୁଡିକରେ ପାଳନ କରାଯାଇଛି। ସେହିପରି ଭାବରେ ରାଜସୁନାଖଳା ମହାବିଦ୍ୟାଳୟରେ ଯୁବ ରେଡକ୍ରସର କାଉନସିଲର ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ଆବାହକତ୍ୱରେ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଭାଗିରଥି ପାଢ଼ୀଙ୍କ କରକମଳରେ ଶୁଭ ଉଦ୍‌ଘାଟନ କରିଥିଲେ। ଯୁବ ରେଡ କ୍ରସର ସମସ୍ତ ଭଲ୍ୟୁଣ୍ଟର ପିଲାମାନଙ୍କୁ ଶ୍ରୀ ପାଢ଼ୀ ଅନେକ ସେବା ମୂଳକ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇବା ସହିତ ମାନବ ସେବା ହିଁ ମାଧବ ସେବା ବୋଲି ବୁଝାଇ ଥିଲେ। ଅସହାୟ, ନିଃସହାୟ ଗରିବ ଲୋକମାନଙ୍କୁ ସାହାର୍ଯ୍ୟ କରିବା ସହିତ ସେମାନଙ୍କର ଆଶାର ବାଡ଼ି ପାଲଟି ତାଙ୍କର ଅସୁବିଧା ସମୟରେ ତାଙ୍କ ପାଖରେ ଛିଡା ହୋଇପାରିଲେ ଜୀବନ ସାର୍ଥକ ହୋଇପାରିବ ବୋଲି ସମସ୍ତ ଭଲ୍ୟୁଣ୍ଟର ମାନଙ୍କୁ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ଯୁବ ରେଡକ୍ରସର ଭଲ୍ୟୁଣ୍ଟର ମାନଙ୍କ ଦ୍ୱାରା ବିଭିନ୍ନ ସଚେତନତା କାର୍ଯ୍ୟ କରାଯିବ ବୋଲି କାଉଁନସିଲର ଶ୍ରୀ ସ୍ୱାଇଁ କହିଥିଲେ। ପରିଶେଷରେ ଯୁବ ରେଡ଼କ୍ରସର କାଉନସିଲର ପ୍ରଶାନ୍ତ କୁମାର ସାହୁ ଭଲ୍ୟୁଣ୍ଟର ମାନଙ୍କୁ ଯୁବ ରେଡକ୍ରସ ସମ୍ପର୍କରେ ବିଶ୍ଳେଷଣ କରି କହିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଧା ପନ୍ତରିଆ ଅବସ୍ଥାରେ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ

- ଟେଣ୍ଡର ଅବଧି ଏବଂ ଟାଇମ ଏକ୍ସଟେନସନ ଅବଧି ସରିଥିଲେ ବି ସରୁନି ନିର୍ମାଣ କାର୍ଯ୍ୟ
- ପ୍ରକଳ୍ପ ପାଇଁ ଖର୍ଚ୍ଚ ହେଉଛି ୧୨୨ କୋଟି ୭୪ ଲକ୍ଷ ଟଙ୍କା
- ଠିକାସଂସ୍ଥା ଓ ବିଭାଗୀୟ କର୍ତୃପକ୍ଷଙ୍କ ମଧୁଚନ୍ଦ୍ରିକାରେ କାମ ହେଉଥିବା ଅଭିଯୋଗ ଆଣିଲେ ଅଞ୍ଚଳବାସୀ
- ସବୁ ଜାଣି ନିରବଦ୍ରଷ୍ଟା ସାଜିଛନ୍ତି ବିଭାଗୀୟ କର୍ତୃପକ୍ଷ



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ଲୋକଙ୍କ ହାତ ପାଆନ୍ତାରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ମେଗା ପାନୀୟ ଜଳ ଯୋଗାଣ ଯୋଜନାରେ ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଘରକୁ ପାଇପ ଯୋଗେ ଜଳ ଯୋଗାଣ କରିବା ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ କାମ କରୁଥିବା ଠିକା ସଂସ୍ଥା ଏବଂ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱ ଶୂନ୍ୟତା ଓ ଅପାରଗତା ଯୋଗୁ ମାଲକାନଗିରି ଜିଲ୍ଲାର କୋରୁକୋଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳରେ ଠିକାସଂସ୍ଥା ଦ୍ୱାରା ନିର୍ମାଣଧୀନ କାର୍ଯ୍ୟର ଅବଧି ସରିବା ପରେ ବି କାମ ପୂରା ହେଉନି। ଅନ୍ୟପଟେ ଏସଟେନ୍‌ସନ୍ ଅବଧି ସରିବାର ପ୍ରାୟ ଏକ ବର୍ଷରୁ ଉର୍ଦ୍ଧ୍ୱ ଦିନ ବିତି ଯାଇଥିଲେ ବି ଏହି ଯୋଜନାରେ ନିର୍ମାଣଧୀନ ଥିବା କାର୍ଯ୍ୟ ଗୁଡିକ ଅଧାପନ୍ତରିଆ ହୋଇ ପଡି ରହିଥିବା ଅଭିଯୋଗ ହୋଇଛି। ଖାଲି ଏତିକି ନୁହେଁ ଠିକାସଂସ୍ଥା ଏବଂ ବିଭାଗୀୟ କର୍ତୃପକ୍ଷଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ କାମ ଏପରି ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ତେବେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ କୋରୁକୋଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ମେଗା ପାନୀୟ ଜଳ ଯୋଗାଣ ଯୋଜନାରେ ବ୍ୟୟ ଅଟକଳ ମୂଲ୍ୟ ପ୍ରାୟ ୧୨୨ କୋଟି ୭୪ ଲକ୍ଷ୍ୟ ଟଙ୍କାରେ ପ୍ରକଳ୍ପ ଯୋଗେ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ବିଭାଗ ପକ୍ଷରୁ ଇପିସି ବେସିସରେ ଟେଣ୍ଡର ପ୍ରକ୍ରିୟା ସରିବା ପରେ ଗତ ୨୦୨୧ ମସିହା ଡିସେମ୍ବର ମାସ ୨୩ ତାରିଖରେ ମୁମ୍ବାଇ ସହରର କେଇସି କାଭେରୀ ଜେଭି ଇଣ୍ଟରନ୍ୟାସନାଲ ନାମକ ଠିକା ସଂସ୍ଥା ସହ ବିଭାଗ ପକ୍ଷରୁ ଚୁକ୍ତି ନାମା ଦସ୍ତଖତ ହେବା ସହ ଉକ୍ତ ସଂସ୍ଥାକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଏହି ପ୍ରକଳ୍ପ ମଧ୍ୟରେ ମାରିୱାଡା ଠାରେ ଏକ ଜଳ ବିଶୋଧନାଗାର, ପୋଟ୍ରେଲ ପଞ୍ଚାୟତ ସିରାଗୁଡ଼ା ଗ୍ରାମରେ ପମ୍ପ ହାଉସ, ଚେରୀଗୁଡାର ଏମଭି -୨୭ ଗ୍ରାମରେ ପମ୍ପ ହାଉସ ଏବଂ ଆପନମାଲା ପଞ୍ଚାୟତର ନେହେରୁପାଲୀ ଗ୍ରାମରେ ଏକ ପମ୍ପ ହାଉସ ସମେତ ଏମଭି -୩୮, ଏମଭି -୩୬, କଣ୍ଡେଲ ବନ୍ଦ, ଏମଭି -୧୧୯,ପୋଟ୍ରେଲ, ଏମଭି -୩୫, ମାରିୱାଡା, ଚିଡିପାଲୀ, ତୁମସାପାଲ୍ଲୀ, ନୂଆଗୁଡ଼ା, ବନୁର, କୋରୁକୋଣ୍ଡାର ସୁଲିଆ କଲୋନୀ, ବାଲକାଟି, କଣ୍ଟାମାଡ଼ି, ଚିତାପାରି -୨ର ପୁରୁଣା ଓର୍କେଲ, କାମ୍ପେଡ଼ା, ହାତୀଆମ୍, ସାରିଆ ପାଲ୍ଲୀ, ପୁଷପାଲ୍ଲୀର ଜାମୁ ଗୁଡା, କତାପାଲୀ ଏବଂ ତାର୍ଲାକୋଟା ପଞ୍ଚାୟତର ନୂଆଗୁଡା ଗ୍ରାମ ଭଳି ଉପରୋକ୍ତ ମୋଟ ୨୧ ଗ୍ରାମରେ ଓଭର ହେଡ଼ ଟାଙ୍କି ପ୍ରତ୍ୟେକ ୧୩ ମିଳୟନ କ୍ଷମତା ବିଶିଷ୍ଟ ଟାଙ୍କି ନିର୍ମାଣ କରି ଲୋକଙ୍କୁ ଘରେ ଘରେ ପାଇପ ଯୋଗେ ପାଣି ଯୋଗାଇବା ପାଇଁ ଏ ସମସ୍ତ ଅଞ୍ଚଳରେ ନିର୍ମାଣ କାର୍ଯ୍ୟ ଚାଲିଛି। କିନ୍ତୁ ବିଡମ୍ବନାର ବିଷୟ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୨୦୨୧ ଡିସେମ୍ବରରୁ ଆରମ୍ଭ ହୋଇ ଗତ ୨୨-୧୨-୨୦୨୩ ରେ ସରିବା କଥା କିନ୍ତୁ ଅବଧି ସରିବା ପରେ ବି କାମ ଶେଷ ହୋଇପାରିଲା ନାହିଁ। ପୁଣି ଠିକା ସଂସ୍ଥା ପକ୍ଷରୁ ବିଭାଗକୁ ଦରଖାସ୍ତ ଦେଇ ଟାଇମ ଏସଟେନସନ ମାଗିବା ପରେ ବିଭାଗ ପକ୍ଷରୁ ଉକ୍ତ ଠିକା ସଂସ୍ଥାକୁ ଗତ ୩୧-୧୨-୨୦୨୪ ତାରିଖ ସୁଧା କାମ ସାରିବାକୁ ଅନୁମତି ଦେଇଥିଲେ। ବିଭାଗ ପକ୍ଷରୁ ଠିକା ସଂସ୍ଥାକୁ ଦିଆଯାଇଥିବା ସମୟ ଶେଷ ହୋଇ ପ୍ରାୟ ୫ ମାସରୁ ଉର୍ଦ୍ଧ୍ୱ ଦିନ ବିତିଯାଇଥିଲେ ମଧ୍ୟ ଉପରୋକ୍ତ ସମସ୍ତ ଅଞ୍ଚଳରେ ନିର୍ମାଣଧୀନ ଥିବା ପ୍ରକଳ୍ପ ଗୁଡିକ ଅଧାପନ୍ତରିଆ ଅବସ୍ଥାରେ ପଡି ରହିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଉକ୍ତ ଠିକା ସଂସ୍ଥା ପୁନର୍ବାର ଟାଇମ ଏସସ୍ଟେନ୍ସନ ପାଇଁ ବିଭାଗକୁ ଦରଖାସ୍ତ ଦେଇଥିବା ଜଣା ପଡିଛି। ତେବେ ଏ ସମ୍ପର୍କରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ଏସଡିଓ ସୌମ୍ୟଜିତ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, କୋରୁକୋଣ୍ଡା ବ୍ଲକରେ ଏହି ପ୍ରକଳ୍ପର କାମ ପ୍ରାୟ ୬୦ ପ୍ରତିଶତ ସରିଛି ବର୍ତ୍ତମାନ କାମ ଚାଲିଛି। କାମ ବିଳମ୍ବ ହେଉଥିବା ଯୋଗୁ ବିଭାଗ ପକ୍ଷରୁ ଉକ୍ତ ଠିକା ସଂସ୍ଥା ପକ୍ଷରୁ ଜୋରିମାନା ଆଦାୟ କରାଯାଇଛି। ଜିଲ୍ଲାପାଳ ଏବଂ ଡାଇରେକ୍ଟର ଏହି କାମର ରିଭିୟୁ କରିଛନ୍ତି। ଆସନ୍ତା ଡିସେମ୍ବର ମାସ ସୁଧା କାମ ସରିଯିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ କୋରାପୁଟରେ ଥିବା ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ଅତିରିକ୍ତ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦାସଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏ ବିଷୟରେ ମୁଁ ଡିଭିଜନର କର୍ତୃପକ୍ଷଙ୍କ ସହ ଆଲୋଚନା କରି ତୁରନ୍ତ ପଦକ୍ଷେପ ନେବି ବୋଲି ସେ କହିଥିଲେ। ତେବେ ଏଭଳି ସ୍ଥିତିରେ ବିଭାଗୀୟ ଉଚ୍ଚ କର୍ତୃପକ୍ଷ ଏବଂ ଜିଲ୍ଲା ପ୍ରଶାସନ ଏହାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବ୍ଲକର ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା ଗ୍ରାମବାସୀ ମାନେ ଦାବି କରିଛନ୍ତି।



କେନ୍ଦୁଝର (ଭାସ୍କର ନ୍ୟୁଜ୍) : ମଣ୍ଡୁଆ ପଞ୍ଚାୟତ ଅନ୍ତର୍ଗତ ବାଁପାର ଗ୍ରାମ ଦେଇ ଯାଇଥିବା କେନ୍ଦୁଝର ପାଟଣା ରାସ୍ତାକାମ ଅଧାଖଣ୍ଡିଆ ହୋଇ ପଡି ରହିଥିବା ଯୋଗୁଁ ସ୍ଥାନୀୟ ଲୋକଙ୍କ ସହ ଯିବାଆସିବା କରୁଥିବା ଯାତ୍ରୀ ହନ୍ତସନ୍ତ ହେଉଛନ୍ତି। ଏହି ରାସ୍ତା ପୂର୍ବରୁ ବହୁତ ଭଲ ଥିବାବେଳେ ଏହାକୁ ଖୋଳି ପୁଣି ଥରେ ପିଚୁ ପକାଇ ଉନ୍ନତିକରଣ କରାଯାଇଥିଲା। ହେଲେ ବାଁପାର ନିକଟରେ ଏହି ରାସ୍ତା ଉପରେ ପ୍ରାୟ ୨୦ ମିଟର ରାସ୍ତା ପୂର୍ବ ଅପେକ୍ଷା ଖରାପ କରି ବର୍ଷେରୁ ଅଧିକ ସମୟ ହେବ ଛାଡି ଠିକାଦାର ଚାଲିଯିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ରାସ୍ତାରେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟିବା ସହ ଖଣ୍ଡିଆ ଖାବରା ହେଉଛନ୍ତି। ଅନେକ ଏପରିକି ରାସ୍ତା ନିର୍ମାଣ ସମୟରେ ଡ୍ରେନ ଉପରେ ରାସ୍ତା ନିର୍ମାଣ ସାମଗ୍ରୀ ପକାଇ ଠିକାଦାର ଚାଲିଯାଇ ଥିବାରୁ ବର୍ଷା ସମୟରେ ଡ୍ରେନର ଆବର୍ଜନା ପାଣି ରାସ୍ତା ଉପରେ ଭାସୁଛି। ଅନେକ ସମୟରେ ଭୟଙ୍କର ଦୁର୍ଗନ୍ଧ ସୃଷ୍ଟି ହେଉଛି। ଦୀର୍ଘ ବର୍ଷ ହେବ ପଡି ରହିଥିବା ଏହି ରାସ୍ତାକୁ ତୁରନ୍ତ ସମ୍ପୂର୍ଣ୍ଣ କରିବା ପାଇଁ ସାଧାରଣରେ ଦାବି ହେଉଛି। ଏହା ସହିତ ରାସ୍ତାରେ ଆବଶ୍ୟକୀୟ ଡ୍ରେନେଜ ବ୍ୟବସ୍ଥା ପୁନଃସ୍ଥାପିତ କରାନଗଲେ ବର୍ଷା ସମୟରେ ରାସ୍ତା ଉପରେ ବର୍ଷାଜଳ ଓ ଆବର୍ଜନା ଜମା ହୋଇ ରାସ୍ତା ପୁଣି ନଷ୍ଟ ହେବାର ସମ୍ଭାବନା ରହିଥିବାରୁ ଏହାକୁ ମଧ ସମ୍ପୂର୍ଣ୍ଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



### ସ୍ୱାସ୍ଥ୍ୟ ପରୀକ୍ଷା, ଭତ୍ତା ବଣ୍ଟନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

# 'ସ୍ୱଚ୍ଛତା ସହିତ ସ୍ୱାସ୍ଥ୍ୟ ସୁରକ୍ଷା ଏକାନ୍ତ ଅପରିହାର୍ଯ୍ୟ : ଶିଳ୍ପମନ୍ତ୍ରୀ'

ପାରାଦୀପ (ଭାସ୍କର ନ୍ୟୁଜ୍) : ପାରାଦୀପ ପୌରପାଳିକା ପକ୍ଷରୁ ସ୍ଥାନୀୟ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପ ଠାରେ ଶନିବାର ଦିନ ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର, ସ୍ୱଚ୍ଛ ସାଥି, ସ୍ୱଚ୍ଛ ସୁପଭାଇଜର, ଜମାଦାର ଓ ସଫେଇ କର୍ମଚାରୀମାନଙ୍କ ସ୍ୱଚ୍ଛ ଚର୍ଚ୍ଚା ଦିବସ, ବିଭିନ୍ନ ୱାର୍ଡର ମଧୁବାବୁ ପେନସନ ଯୋଜନା ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ ଓ ଦଶମ ପରୀକ୍ଷାରେ ଏ-୧ ଗ୍ରେଡ଼ରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକଙ୍କୁ ପୁରସ୍କୃତ ଓ ସମ୍ମାନିତ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ବିଭାଗ



ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ୬୧ଜଣଙ୍କୁ ଭତ୍ତା ବଣ୍ଟନ କରିବା ସହ ୮ଜଣ କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସ୍ୱଚ୍ଛତା ସହିତ ସ୍ୱାସ୍ଥ୍ୟ ସୁରକ୍ଷା ଏକାନ୍ତ ଅପରିହାର୍ଯ୍ୟ ବୋଲି କହିବା ସହ ଜଗତସିଂହପୁର ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ନିଷ୍ପତି ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଏତଦ୍‌ବ୍ୟତୀତ କ୍ରମବର୍ଦ୍ଧିଷ୍ଣୁ ସଡ଼କ ଦୁର୍ଘଟଣାକୁ ଦୃଷ୍ଟିରେ ରଖି ପାରାଦୀପ ବନ୍ଦର ଚିକିତ୍ସାଳୟରେ ଏକ ଟ୍ରମା ସେଣ୍ଟର ନିକଟରେ ଖୋଲାଯିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଥିବା ନେଇ ମନ୍ତ୍ରୀ ସୂଚନା ଦେଇଥିଲେ। ସେହିପରି ପାରାଦୀପ ପୌରପାଳିକାର ସ୍ୱଚ୍ଛତା ଓ ସଚେତନ କାର୍ଯ୍ୟକ୍ରମକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ପୌରପାଳିକା ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଅତିରିକ୍ତ ନିର୍ବାହୀ ଅଧିକାରିଣୀ ସୁଶ୍ରୀ ସ୍ମୃତି ସ୍ୱାଇଁ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡା, ପିପିଏଲ ଡିଏଭି ବିଦ୍ୟାଳୟର କ୍ରୀଡା ଶିକ୍ଷକ ଶାଶ୍ୱତ କୁମାର ଭାରତୀୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସେହିପରି ଏଥିରେ ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ, ପାରିଷଦ ତଥା ବିଜେପି ପାରାଦୀପ ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନ, ପାରିଷଦ କାମ୍ବଲା ଜଗନ୍ନାଥ ରାଓ, ସୌଦାମିନୀ ସାହୁଙ୍କ ସମେତ ବିଭିନ୍ନ ୱାର୍ଡର ପାରିଷଦ ଓ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।

### ଜିଲ୍ଲାସ୍ତରୀୟ ଲୋକଅଦାଲତ

## ୧୧୦୬ଟି ମକଦ୍ଦମାର ଫଏସଲା

ଭଦ୍ରକ (ଭାସ୍କର ନ୍ୟୁଜ୍) : ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଜାତୀୟ ଆଇନ୍ ସେବା ପ୍ରାଧିକରଣ ଏବଂ ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ଭଦ୍ରକ ନଳାଙ୍ଗ ଜିଲ୍ଲାକୋର୍ଟ ପରିସରରେ ଏକ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନ ସେବା ପ୍ରାଧିକରଣର ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକ ଅଧକ୍ଷତା କରିଥିବା ବେଳେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ନେହା ଅଗ୍ରୱାଲ ଲୋକ ଅଦାଲତକୁ ପରିଚାଳନା କରିଥିଲେ। ମୋଟ ୨୧ କୋଟି ୫୪ ଲକ୍ଷ ୭ ହଜାର ୪୩୩ ଟଙ୍କା ଆଦାୟ ହୋଇଥିବା ବେଳେ ୧୧୦୬ଟି ମକଦ୍ଦମାର ଆପୋଷ ସମାଧାନ ହୋଇଥିଲା। ସେଗୁଡିକ ମଧ୍ୟରେ ବିଭିନ୍ନ ମୋଟର ଯାନ ଦୁର୍ଘଟଣା ଟ୍ରିବ୍ୟୁନାଲର ବିଚାରାଧୀନ ଥିବା ୧୭ଟି ମାମଲାର ୧୨କୋଟି ୮୨ ଲକ୍ଷ ୫ ହଜାର ଟଙ୍କା, ୨୩ଟି ଚେକ ବାଉନ୍ସ, ପୁନଃରୁଦ୍ଧାର ମାମଲା, ୩୫ଲକ୍ଷ ୫୬ ହଜାର ୮୬୪ ଟଙ୍କାରେ, ୪୮ଟି ଅନ୍ୟାନ୍ୟ ଦେୱାନି ମାମଲା, ପ୍ରାକ୍ ମକଦ୍ଦମା ମଧ୍ୟରେ ବିଭିନ୍ନ ବ୍ୟାଙ୍କଋଣ ମାମଲା ୧ କୋଟି ୫୩ ଲକ୍ଷ ୭୧୯୦ ଟଙ୍କାରେ ଭାରତ ସଞ୍ଚାର ନିଗମ ଲିମିଟେଡ ଓ ଟେଲିଫୋନ ବିଲ୍ ସମ୍ବନ୍ଧୀୟ ୧୪ଟି ମାମଲା ୩୨୯୭୮ ଓ ବିଦ୍ୟୁତ୍ ବିଭାଗର ୩୦ଟି ମାମଲାରେ ମୋଟ ୩୬୪୮୧୩ ଟଙ୍କାରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇଥିବା ଜଣାପଡିଛି।

# ଉପକୂଳବର୍ତ୍ତୀ ଅଞ୍ଚଳରେ ତଟସୁରକ୍ଷା କଡାକଡି

- ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା
- ନୂଆଗଡ଼ ସାମୁଦ୍ରିକ ଥାନାକୁ ଅଧିକ ଫୋର୍ସ
- ପୁଲିସ ସହ ବନ୍ଧୁକଧାରୀଙ୍କ ୨୪ଘଣ୍ଟିଆ ପ୍ରହରା

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ଭାରତ-ପାକିସ୍ତାନ ଯୁଦ୍ଧ ସ୍ଥିତିକୁ ଦୃଷ୍ଟିରେ ରଖି ଦେଶର ବିଭିନ୍ନ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବା ପରିପ୍ରେକ୍ଷୀରେ ପୁରୀ ଜିଲ୍ଲା ଏସ୍‌ପି ବିନୀତ ଅଗ୍ରୱାଲଙ୍କ ନିର୍ଦ୍ଦେଶ କ୍ରମେ



ଅସ୍ତରଙ୍ଗ ନୂଆଗଡ ସାମୁଦ୍ରିକ ଥାନା ଅଞ୍ଚଳରେ ତଟ ସୁରକ୍ଷା ବଢ଼ାଇ ଦିଆଯାଇଛି। ଅଧିକ ଗୋଟିଏ ଲେଖାଏଁ ସେକ୍ସନ ଫୋର୍ସ ମୁତୟନ କରାଯିବା ସହ ସମ୍ଭାବ୍ୟ ପରିସ୍ଥିତିରେ ମୁକାବିଲା ପାଇଁ ଜରୁରି ଉପକରଣ ଯୋଗାଇ ଦିଆଯାଇଛି। ସମୁଦ୍ର ପଥରେ ସମ୍ଭାବ୍ୟ ଆକ୍ରମଣ କିମ୍ବା ଅନୁପ୍ରବେଶକୁ ରୋକିବା ପାଇଁ ଜଳପଥରେ ଆଲର୍ଟ ଜାରି କରାଯାଇଛି। ଜଳପଥରେ ଅଚିହ୍ନା ଡ଼ଙ୍ଗା, ମତ୍ସ୍ୟଜୀବୀମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ନିର୍ଦ୍ଦେଶ ରହିଛି ବୋଲି ନୂଆଗଡ଼ ସାମୁଦ୍ରିକ ଥାନା ଅଧିକାରୀ ଅଚ୍ୟୁତାନନ୍ଦ ବେହେରା କହିଛନ୍ତି। ସାମୁଦ୍ରିକ ଥାନା, ଉପକୂଳ ସୁରକ୍ଷା ବାହିନୀ, ସ୍ୱତନ୍ତ୍ର ସଶସ୍ତ୍ର ବଳ ତରଫରୁ ମିଳିତ ଭାବେ ସମୁଦ୍ର ମଝିରେ ୨୪ଘଣ୍ଟିଆ ପ୍ରହରା ଦିଆଯାଉଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି। କାଳେ ଆତଙ୍କୀମାନେ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଆକ୍ରମଣ କରିବେ ସେଥିପାଇଁ ଏଭଳି କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ତେଣୁ କୌଣସି ପରିସ୍ଥିତିରେ ମତ୍ସ୍ୟଜୀବୀମାନେ ସମୁଦ୍ରକୁ ମାଛ ଧରିବାକୁ ନଯିବା ପାଇଁ କଡ଼ା ନିର୍ଦ୍ଦେଶ ଜାରି କରାଯାଇଛି। ଏଥିପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକୂଳବର୍ତ୍ତୀ ଦେବୀ ନଦୀ ଅଞ୍ଚଳରେ ନୂଆଗଡ଼ ସାମୁଦ୍ରିକ ଥାନା ଅଧିକାରୀ କହିଛନ୍ତି, ୨ଟି ପର୍ଯ୍ୟାୟରେ ସମୁଦ୍ର ମଝିରେ ପାଟ୍ରୋଲିଂ ସହ ସ୍ଥଳ ପଥ ତଥା ନୂଆଗଡ ଜେଟି ନିକଟରେ ଉପକୂଳ ସୁରକ୍ଷା ବାହିନୀ, ବନ୍ଧୁକଧାରୀ ପୁଲିସ ନିୟୋଜିତ ରହୁଛନ୍ତି। ଆବଶ୍ୟକ ପଡିଲେ ତତ୍‌କ୍ଷଣାତ ସିଆଇଏସ୍‌ଏଫ୍‌କୁ ଡକାଯିବ ଓ ମୁତୟନ କରାଯିବ। ଯଦି ଅଚିହ୍ନା ବୋଟ୍‌ରେ ଲୋକ ଦେଖାଯାନ୍ତି, ତୁରନ୍ତ ସେମାନଙ୍କୁ ଅକ୍ତିଆରକୁ ଅଣାଯିବା ପାଇଁ ସ୍ୱତନ୍ତ୍ର ଯୋଜନା କରାଯାଇଛି ବୋଲି କହିଛନ୍ତି ନୂଆଗଡ଼ ଥାନାରେ କାର୍ଯ୍ୟରତ ଏଏସ୍‌ଆଇ ଯୁଧିଷ୍ଠିର ସାହୁ। ନୂଆଗଡ ସାମୁଦ୍ରିକ ଥାନା ଠାରୁ ଦେବୀ ନଦୀ ମଧ୍ୟରେ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରାଯାଇଛି। ସାମୁଦ୍ରିକ ଥାନା ପୁଲିସ, ଉପକୂଳ ସୁରକ୍ଷା ବାହିନୀ ଓ ଗୋଟିଏ ସେକ୍ସନ ଫୋର୍ସ ମିଳିତ ଭାବେ ସମୁଦ୍ର ମଝିରେ ପାଟ୍ରୋଲିଂ କରୁଛନ୍ତି। ଏତଦଭିନ୍ନ ଜରୁରୀ ଉପକରଣ ଯଥା- ଟର୍ଚ୍ଚ ଲାଇଟ, ସର୍ଚ୍ଚ ଲାଇଟ, ରାତିରେ ଦେଖି ପାରୁଥିବା ଉପକରଣ, ଜୀବନ ରକ୍ଷାକାରୀ ଜ୍ୟାକେଟ, ଭଏସ୍ ରେକର୍ଡର ଆଦି ବିଭିନ୍ନ ଉପକରଣ ଯୋଗାଇ ଦିଆଯାଇଛି। ସମସ୍ତ ପ୍ରକାର ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ପୁଲିସ ସଜାଗ ରହିଛି। ପୂର୍ବରୁ ସାମୁଦ୍ରିକ ଥାନା ପକ୍ଷରୁ ମତ୍ସ୍ୟଜୀବୀ ଓ ସ୍ଥାନୀୟ ବାସିନ୍ଦାମାନଙ୍କୁ ନେଇ ଲଗାତାର ଭାବେ ହୋଇଥିବା କମ୍ୟୁନିଟ ପୁଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିବା ତଥା ପୁଲିସକୁ ସହଯୋଗ କରି ଉପକୂଳ ସୁରକ୍ଷା ଦିଗରେ ବିଭିନ୍ନ ସଚେତନ କରାଯାଇଥିଲା।

## ଦୋହରୀକରଣ ପାଇଁ ଯାତ୍ରୀ ହନ୍ତସନ୍ତ

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍) : ଲକ୍ଷ୍ମୀପୁରରୁ ରାୟଗଡା ଯାଏଁ କେଆର ରେଳ ଲାଇନର ଦୋହରୀକରଣ ପାଇଁ ଯାତ୍ରୀମାନଙ୍କୁ ହନ୍ତସନ୍ତ ହେବାକୁ ପଡୁଛି। ଏହି ଲାଇନରେ ମାଲବାହି ଟ୍ରେନକୁ ଅଧିକ ଗୁରୁତ୍ୱ ରେଳ ବିଭାଗ ତରଫରୁ ଦିଆଯାଉଥିବାରୁ ପାସେଞ୍ଜର ଟ୍ରେନ ପ୍ରତି ହେଜ୍ଞାନ କରାଯାଉଛି। ଫଳରେ ଟ୍ରେନ ଯାତ୍ରୀ ମାନେ ଠିକ ସମୟରେ ତାଙ୍କ ଗନ୍ତବ୍ୟ ସ୍ଥଳରେ ନପହଞ୍ଚି ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଜି ଏକ ମାଲବାହି ଟ୍ରେନ ପାଇଁ ଭୁବନେଶ୍ୱର ଜଗଦଲପୁର ହୀରାଖଣ୍ଡ ଟ୍ରେନ ସିକରପାଇ ଠାରେ ଏକ ଘଣ୍ଟା ଧରି ଅଟକି ରହି ଲକ୍ଷ୍ମୀପୁର ଷ୍ଟେସନରେ ୯ଟା ୧୫ ମିନିଟରେ ପହଞ୍ଚି ଥିଲା। ତେଣୁ ରେଳ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଯାତ୍ରୀଙ୍କ ମହଲରେ ଦାବି ହୋଇଛି।

## ସିସିଟିଭି ଅଚଳ, ଜନସାଧାରଣଙ୍କ ସୁରକ୍ଷା ଦାବି

ସୋରଡା (ଭାସ୍କର ନ୍ୟୁଜ୍) : ସୋରଡା ସହରରେ ବହୁ ଦର୍ଶନୀୟସ୍ଥାନ, ମଠମନ୍ଦିର, ଦୋକାନ ବଜାର ତଥା ବ୍ୟବସାୟିକ ପ୍ରତିଷ୍ଠାନ ଆଦି ରହିଛି। ଏବେ ନିକଟରେ ଏକାଧିକ ଚୋରି ଏବଂ ଦୁଇ ଚକିଆ ଯାନରେ ନିଆଁ ଲଗାଇବା ଭଳି ଘଟଣା କ୍ରମାନ୍ୱୟରେ ଘଟୁଥିଲେ ମଧ ପୋଲିସ, ଏନ.ଏ.ସି. କର୍ତ୍ତୃପକ୍ଷ କୌଣସି ଟେର ପାଇପାରୁ ନାହିଁ। ତେଣୁ ସହରବାସୀ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଏଭଳି କ୍ଷେତ୍ରରେ ଅପରାଧିକ କାର୍ଯ୍ୟକଳାପ ଉପରେ ନଜର ରଖିବା ତଥା ଆଇନ ଶୃଙ୍ଖଳା ରକ୍ଷା ଓ ଅପରାଧ ରୋକିବାରେ ପୋଲିସକୁ ସହାୟତା କରିବା ଉଦ୍ଦେଶ୍ୟରେ ଖଞ୍ଜା ଯାଇଥିବା ସି.ସି.ଟି.ଭି. କ୍ୟାମେରା



ପ୍ରାୟତଃ ଅଚଳ ହୋଇପଡିଛି। ସହରର ବିଭିନ୍ନ ସ୍ଥାନରେ, ଛକମାନଙ୍କରେ, କେଉଁଠି ବିଦ୍ୟୁତ୍ ଖୁଣ୍ଟରେ, ଜନସମାଗମ ଅଞ୍ଚଳରେ, ସହରର ମୁଖ୍ୟ ରାସ୍ତାରେ ଖଞ୍ଜା ଯାଇଥିବା ସି.ସି.ଟି.ଭି କ୍ୟାମେରାଗୁଡିକ ଅତ୍ୟନ୍ତ ନିମ୍ନମାନର ଲଗାଯାଇଥିବାରୁ ଏହା ନା ଭିଜୁଆଲ ରେକର୍ଡିଂ କରିପାରୁଛି ନା ଧନଜୀବନର ସୁରକ୍ଷା କାମରେ ଲାଗିପାରୁଛି। ସହରବାସୀଙ୍କ ଧନଜୀବନ ସୁରକ୍ଷା ନିମନ୍ତେ ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଦଶଲକ୍ଷ ଟଙ୍କା ବ୍ୟୟରେ ସୋରଡା ଏନ.ଏ.ସି. କର୍ତ୍ତୃପକ୍ଷଙ୍କ ଆର୍ଥିକ ସହାୟତାରେ ଖଞ୍ଜା ଯାଇଥିବା ସି.ସି.ଟି.ଭି. କ୍ୟାମେରା ଏବେ ସମ୍ପୂର୍ଣ୍ଣ ଅଚଳ ହୋଇପଡିଛି। କାରଣ ଉକ୍ତ କ୍ୟାମେରାଗୁଡିକ ଅତି ନିମ୍ନମାନର ଏବଂ ରକ୍ଷଣାବେକ୍ଷଣ ଓ ପରିଚାଳନା ନିୟନ୍ତ୍ରଣ ବାହାରେ। ସୋରଡା ପୋଲିସ, ହୋମଗାର୍ଡମାନେ ସହର ଉପରେ କଡ଼ା ନଜର ରଖିବା ସହିତ ରାତି ପ୍ରହରା ମଧ କଡାକଡି କରିଥିବାରୁ ସେମାନଙ୍କ ଭରସାରେ ହିଁ ବର୍ତ୍ତମାନ ସହରବାସୀଙ୍କ ଧନଜୀବନ ବୋଲି ଜନସାଧାରଣରେ ଓ ବୁଦ୍ଧିଜୀବୀଙ୍କ ମହଲରେ ଆଲୋଚନା ହେଉଛି। ଏଣୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏବଂ ପୋଲିସ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ସହରରେ ଲାଗିଥିବା ନକଲି ସି.ସି.ଟି.ଭି. କ୍ୟାମେରା ଉପରେ ତଦନ୍ତ କରି ଏହାକୁ ସଚଳ କରିବା ସହିତ ଏଭଳି ନିମ୍ନମାନର କ୍ୟାମେରା ଲଗାଇଥିବା ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗଞ୍ଜାମ ଜିଲ୍ଲାପାଳ, ପ୍ରମୁଖ ସଚିବ ଗୃହ ଓ ନଗର ଉନ୍ନୟନ ବିଭାଗ, ପୋଲିସ, ଡ଼ି.ଜି.ପି., ଗୃହ ସଚିବ ପ୍ରମୁଖଙ୍କୁ ଲିଖିତ ଆକାରରେ ଜଣାଇବା ସହିତ ଏହାର ତଦନ୍ତ କରିବା ପାଇଁ ସୋରଡା ପ୍ରେସକ୍ଲବର ଆଡଭାଇଜର ଆରାପଲି ସାରଥି ଦାବି କରିଛନ୍ତି।

### କରଞ୍ଜିଆରେ ୨ୟ ରାଷ୍ଟ୍ରୀୟ ଲୋକ ଅଦାଲତ

## ୧୧ଲକ୍ଷ ୪୮ହଜାର ଟଙ୍କା ଜୋରିମାନା ଆଦାୟ

କରଞ୍ଜିଆ (ଭାସ୍କର ନ୍ୟୁଜ୍) : ଉପଖଣ୍ଡ ତାଲୁକ ଆଇନ ସେବା ସମିତି ପକ୍ଷରୁ ଶନିବାର ଦିନ କରଞ୍ଜିଆ ବିଚାର ବିଭାଗ ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ତାଲୁକ ଆଇନ ସେବା ସମିତିର ଅଧକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ ଆଶିଷ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଅଦାଲତକୁ ସବଜଜ ଅମିତ ସ୍ୱରୂପ କୁମାର ସେଠୀ ଏବଂ ଏସ୍‌ଡିଜେଏମ୍ ପ୍ରଭାତ କୁମାର ସାମଲ ପରିଚାଳନା କରିଥିଲେ। ଅଦାଲତକୁ ୩୯୨ ଗୋଟି ମକଦ୍ଦମା ଆଗତ ହୋଇଥିଲା। ମକଦ୍ଦମାଗୁଡିକ ମଧ୍ୟରେ କ୍ରିମିନାଲ କମ୍ପାଉଣ୍ଡେବୁଲ, ଏନ୍‌ଆଇ ଆକ୍ଟର ଧାରା ୧୩୮, ମନୀ ରିକୋଭେରୀ, ମୋଟର ଦୁର୍ଘଟଣା କ୍ଷତିପୂରଣ, ବୈବାହିକ ବିବାଦ, ଦେୱାନି ଓ ଫୌଜଦାରୀ ପ୍ରଭୁତି । ଆଗତ ମୋକଦ୍ଦମାଗୁଡିକ ମଧ୍ୟରୁ ୧୨୯ଟିର ଫଇସଲା ହୋଇ ମୋଟ ୧୧ଲକ୍ଷ ୪୮ହଜାର ୪୧୬ଟଙ୍କା ଜୋରିମାନା ଆଦାୟ ହୋଇଥିଲା। ଅଦାଲତ ପରିଚାଳନାରେ ବିଚାରବିଭାଗର ଅର୍ଚ୍ଚନା ସାହୁ, ନାରାୟଣ ସାହୁ, ଶାନ୍ତନୁ ନନ୍ଦନ ପାତ୍ର, ଜନ୍ମେଜୟ ଦାସ, ଦେବବ୍ରତ ରାୟ ଓ ବିଦ୍ୟାଧର ରାଉତ ସହଯୋଗ କରିଥିଲେ ।

## ଗୋପାଳପୁରରେ ଯାଦବେନ୍ଦ୍ରନାଥଙ୍କ ଚନ୍ଦନ ଯାତ୍ରା ଆରମ୍ଭ

ରଘୁନାଥପୁର (ଭାସ୍କର ନ୍ୟୁଜ୍) : ରଘୁନାଥପୁର ବ୍ଲକ ଧରାଧରପୁର ପଞ୍ଚାୟତର ଗୋପାଳପୁର ଗ୍ରାମର କଟକ ପାରାପଦ୍ମୀ ରାସ୍ତା ପାର୍ଶ୍ୱରେ ଥିବା ଚନ୍ଦନପୁଷ୍କରଣୀରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଅଧିଷ୍ଠିତ ମହାପ୍ରଭୁ ଯୋଗଦେଇ ପ୍ରଭୁଙ୍କ ଆଶିଷ ଭିକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ସତ୍ୟାନନ୍ଦ ସାହୁ, ଉପସଭାପତି କାର୍ତ୍ତିକ ଚନ୍ଦ୍ର ସାହୁ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ରାୟ, ସହସମ୍ପାଦକ ବିଦ୍ୟାଧର ମହାନ୍ତି, ସଂଯୋଜକ



ଯାଦବେନ୍ଦ୍ର ନାଥଙ୍କ ଚନ୍ଦନଯାତ୍ରା ମହାସମାରୋହରେ ପାଳିତ ହେଉଛି। ଏହି ଉତ୍ସବରେ ତିର୍ତ୍ତୋଲ ବିଧାୟକ ପ୍ରଫେସର ରମାକାନ୍ତ ଭୋଇ ଯୋଗଦେଇ କହିଥିଲେ ପ୍ରବଳ ଗ୍ରୀଷ୍ମ ପ୍ରବାହରୁ ଲାଘବ ପାଇଁ ପ୍ରଭୁଙ୍କ ଜଳକ୍ରୀଡା ଉତ୍ସବ ଓଡ଼ିଆ ସଂସ୍କୃତିରେ ବର୍ଣ୍ଣିତ ରହିଛି। ଏହି ପର୍ବ ଓଡ଼ିଶାର ଅନ୍ୟତମ ପର୍ବଭାବେ ପାଳନ କରାଯାଏ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧକ୍ଷ ଦେବାଶିଷ ତ୍ରିପାଠୀ, ରତନ ସିହ୍ନା, ଅର୍ଚ୍ଚନା ସିହ୍ନା, କଣ୍ଠଶିଳ୍ପୀ ଗାୟତ୍ରୀ ବୋଷ, ଗୌତମ ପାଳିତ, ବାପି ଦାସ, ନିହାର ରଞ୍ଜନ ସାହୁ, ପ୍ରକାଶ ମଲ୍ଲିକ ପ୍ରମୁଖ କେଦାରନାଥ ସାହୁ, ଭାସ୍କର ପଟ୍ଟନାୟକ, ଦେବାଶିଷ ବୋଷଙ୍କ ସମେତ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ହେଉଛି। ଏହି ଉତ୍ସବ ଗତ ଗୁରୁବାର ଠାରୁ ଆରମ୍ଭ ହୋଇ ପବିତ୍ର ଚନ୍ଦନ ପୂର୍ଣ୍ଣିମାରେ ସମାପନ ହେବ। ଏହି ଉପଲକ୍ଷେ ପ୍ରତିଦିନ ସନ୍ଧ୍ୟାରେ ପ୍ରଭୁଙ୍କ ଚାପଖେଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ଆଖପାଖ ଅଞ୍ଚଳର ହଜାର ହଜାର ଭକ୍ତ ମେଳିହୋଇ ପ୍ରଭୁଙ୍କ ଲୀଳାକୁ ଦର୍ଶନ କରିଥାନ୍ତି। ୫ଦିନବ୍ୟାପି ଏହି ଉତ୍ସବରେ ମୀନାବଜର ସାଙ୍ଗକୁ ସୁସ୍ୱାଦୁ ଖାଦ୍ୟପେୟର ମଜା ନେଉଛନ୍ତି ଲୋକେ।

### ବିନା ସୂଚନା ଫଳକରେ ଚାଲିଛି ତୁଳସୀପୁର-ହଳଦିଆ ଗ୍ରାମ୍ୟ ଉନ୍ନୟନ ରାସ୍ତା

# ନିମ୍ନମାନର କାର୍ଯ୍ୟକୁ ନେଇ ଅସନ୍ତୋଷ

ବେଗୁନିଆ (ଭାସ୍କର ନ୍ୟୁଜ୍) : ବେଗୁନିଆ ଓ ଖୋର୍ଦ୍ଧା ଗ୍ରାମ୍ୟ ଉନ୍ନୟନ ବିଭାଗ ମିଳିତ ଭାବେ ତୁଳସୀପୁର-ହଳଦିଆ ରାସ୍ତା ନିମ୍ନମାନର କାର୍ଯ୍ୟକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସୂଚନା ଅନୁଯାୟୀ ଏହି ରାସ୍ତାଟି ୫କିମିରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ବେଗୁନିଆ ଓ ଖୋର୍ଦ୍ଧା ଗ୍ରାମ୍ୟ ଉନ୍ନୟନ ବିଭାଗ ମିଳିତ ଭାବେ କାର୍ଯ୍ୟ ଆରମ୍ଭ ପୂର୍ବରୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଫଳକ ଲାଗିବା ପାଇଁ ନିର୍ଦ୍ଦେଶ ରହିଥିବା ବେଳେ ତାହା ବର୍ତ୍ତମାନ ସୁଦ୍ଧା ଲାଗି ନଥିବାରୁ ସମସ୍ତଙ୍କ ମନରେ ବିସ୍ମୟ ପ୍ରକାଶ ସୃଷ୍ଟି କରିଛି। ଏପରିକି ରଣନଈ ଉପରେ ବ୍ରିଜ ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ



ଜନସାଧାରଣ ପାଇଁ ବାଇପାସ୍ ରାସ୍ତା ନିର୍ମାଣ ନକରି କେବଳ ପାର୍ଶ୍ୱରେ ମାଟି ଓ କାଦୁଅ ଭିତର ଦେଇ ଯାତାୟାତ କରିଥାନ୍ତି। ଏହି ସମୟରେ ଅସରାଏ ଅଦିନିଆ ବର୍ଷା ହେଲେ ଯାତାୟାତ ସମ୍ଭବ ପର ହୋଇପାରୁ ନଥିବାର ଦେଖିବାକୁ ମିଳୁଥିବା ବେଳେ ବିଭାଗୀୟ ଅଧିକାରୀ କାହିଁକି ଏଥିପ୍ରତି ଦୃଷ୍ଟି ଆଢୁଆଳରେ ରହିଛନ୍ତି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ପ୍ରକଟ କରିଛି। ତେବେ ହଳଦିଆ ପଟରୁ ରଣନଈ ପର୍ଯ୍ୟନ୍ତ ରାସ୍ତା ଉପରେ ଟାଇଲ ବିଛା ଯାଇଥିଲେ ମଧ ତାହା ଭାଙ୍ଗିରୁଜି ଯାଇଥିବାର ଦେଖିବାକୁ ମିଳୁଛି। ଯାହାକି ରାସ୍ତା ନିର୍ମାଣ ଅଙ୍କାବଙ୍କା ରହିଥିବା ବେଳେ ବହୁବାର ଅଭିଯୋଗ ସତ୍ତ୍ୱେ ତାହା ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀରେ ବିଳମ୍ବ ଘଟୁଛି ବୋଲି କବିରାଜ ସାହୁ, ମାୟାଧର ତ୍ରିପାଠୀ, ଗୋକୁଳାନନ୍ଦ ତ୍ରିପାଠୀ, ପ୍ରଶାନ୍ତ କୁମାର ସ୍ୱାଇଁ ଓ ପ୍ରକାଶ ଚନ୍ଦ୍ର ସାହୁ ସମେତ ଜନ ସାଧାରଣ ତୁରନ୍ତ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ଏଥିରେ ବେଗୁନିଆ ଗ୍ରାମ୍ୟ ଉନ୍ନୟନ କନିଷ୍ଠ ଯନ୍ତ୍ରୀ ଜ୍ୟୋତିର୍ମୟୀ ବେହେରାଙ୍କୁ ପଚାରିବାରେ ଉପରିସ୍ଥ ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ କହିଥିଲେ।

## କୁମୁଦିନୀ ତ୍ରିପାଠୀଙ୍କ ଏକାଦଶ ଦିବସ ଶ୍ରାଦ୍ଧୋତ୍ସବ

କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଇପିଙ୍ଗ ଗ୍ରାମର ମହିୟସୀ ମହିଳା ସ୍ୱର୍ଗତ କୁମୁଦିନୀ ତ୍ରିପାଠୀଙ୍କ ଏକାଦଶ ଦିବସ ଶ୍ରାଦ୍ଧ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଶ୍ରାଦ୍ଧ ଉତ୍ସବରେ ଆମ ପୁସ୍ତକ ମେଳା ପରିଷଦ ପକ୍ଷରୁ ପାରିକୁଦ ମାଲୁଦ ଅଞ୍ଚଳର ସମସ୍ତ ସାରସ୍ୱତ ସାଧକଙ୍କ ସହଯୋଗରେ ସ୍ୱର୍ଗତ ତ୍ରିପାଠୀଙ୍କ ସ୍ମୃତିଚାରଣ ଓ ଅଳକାପୁରେ କୁମୁଦିନୀ ନାମକ ପୁସ୍ତକକୁ ସ୍ୱର୍ଗତ ତ୍ରିପାଠୀଙ୍କ ସୁପୁତ୍ର କନ୍ଦାଖାଇ କଲେଜର ପ୍ରାକ୍ତନ ଅଧକ୍ଷ ନୀଳକଣ୍ଠ ତ୍ରିପାଠୀ, ଆମ ପୁସ୍ତକ ମେଳା ପରିଷଦର ସମ୍ପାଦକ ବିଷ୍ଣୁ ପ୍ରସାଦ ଦଳେଇ, ସାହିତ୍ୟକ ତଥା କବି ଦେବରାଜ ଜେନା ମୁଖ୍ୟବକ୍ତା, ବିଶିଷ୍ଟ ପ୍ରବଚନ କାଶୀନାଥ ଜେନା, ଶିକ୍ଷାବିତ ସାନାତନ ତରେଇ ସୁରେନ୍ଦ୍ର ନାଥ ପ୍ରଧାନ ବିଦ୍ୟାଧର ପ୍ରଧାନ କବି ମନୋଜ ବାରିକ ପ୍ରେମଚାନ୍ଦ ପାତ୍ର ସମସ୍ତ ବନ୍ଧୁ



ବାନ୍ଧବଙ୍କ ଉପସ୍ଥିତିରେ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଏହି ସ୍ମୃତିଚାରଣ ସଭାର ସଭାପତି ପ୍ରାକ୍ତନ ଶିକ୍ଷକ ସଦାନନ୍ଦ ଗୌଡ଼ ସଭାପତିତ୍ୱ କରିଥିବା ବେଳେ ପ୍ରାକ୍ତନ ଅଧକ୍ଷ ନୀଳକଣ୍ଠ ତ୍ରିପାଠୀ ନିମନ୍ତ୍ରିତ ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।


## ଅଖିଳ ଭାରତ କଂଗ୍ରେସ କମିଟି ସମ୍ପାଦିକା ରୋସଲିନା ତିର୍କୀଙ୍କ ଜଗତସିଂହପୁର ଗସ୍ତ




ଜଗତସିଂହପୁର (ଭାସ୍କର ନ୍ୟୁଜ୍) : ଅଖିଳ ଭାରତ କଂଗ୍ରେସ କମିଟିର ସମ୍ପାଦିକା ରୋସଲିନା ତିର୍କୀ ଇତିମଧ୍ୟରେ ଜଗତସିଂହପୁର ଜିଲ୍ଲା ଗସ୍ତ କରି ଜିଲ୍ଲାରେ କଂଗ୍ରେସ ସଂଗଠନକୁ ମଜଭୁତ କରିବାକୁ ଜିଲ୍ଲାର ନେତୃମଣ୍ଡଳୀଙ୍କ ସହ ଆଲୋଚନା କରିଛନ୍ତି। ଜିଲ୍ଲା କଂଗ୍ରେସ କମିଟି ସଭାପତି ନଟବର ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଜିଲ୍ଲା କଂଗ୍ରେସର ସାଂଗଠନିକ ବୈଠକ ସ୍ଥାନୀୟ ସର୍କିଟ ହାଉସ୍ ଠାରେ ଆୟୋଜିତ ହୋଇଯାଇଛି। ଏହି ସାଂଗଠନିକ ବୈଠକରେ ପ୍ରଦେଶ କଂଗ୍ରେସ ପକ୍ଷରୁ କଂଗ୍ରେସ ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ପିସିସି ପର୍ଯ୍ୟବେକ୍ଷକ ସିଦ୍ଧାର୍ଥ ଦାସ, ପୂର୍ବତନ ବିଧାୟକ ଡ଼ ଲଲାଟେନ୍ଦୁ ମହାପାତ୍ର, ଜଗତସିଂହପୁର ନିର୍ବାଚନମଣ୍ଡଳୀରେ କଂଗ୍ରେସ ନେତ୍ରୀ ପ୍ରତିମା ମଲ୍ଲିକ, ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ଇଂ ନଳିନୀ କୁମାର ସ୍ୱାଇଁ, ପାରାଦ୍ୱୀପ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ନିରଞ୍ଜନ ନାୟକ, ପୂର୍ବତନ ବ୍ଲକ ଅଧକ୍ଷ ବିଚିତ୍ରାନନ୍ଦ ଲେଙ୍କା, ପୂର୍ବତନ ପୌରାଧକ୍ଷ ବିପ୍ଲବ ଚୌଧୁରୀ, ପିସିସି ସଭ୍ୟ ଦେବପ୍ରସାଦ ନାୟକ, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ତଥା ଜିଲ୍ଲା ପରିଷଦ ସଦସ୍ୟ ପିନାକୀ ନାରାୟଣ ଦାସ, ଜିଲ୍ଲା ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଲିଆ ସଂଘ ସଭାପତି ଇଂ ବେଦଦ୍ୟୁତି ପୃଷ୍ଟି, କଂଗ୍ରେସ ନେତ୍ରୀ ସସ୍ମିତା ପଣ୍ଡା, କଂଗ୍ରେସ ନେତା ବିକ୍ରମ ପରିଡ଼ା, ମହନୀ ଚରଣ ରାଉତ, ଲକ୍ଷ୍ମୀ ନାରାୟଣ ସାମନ୍ତରାୟ, ଅଭୟ କୁମାର ମହାନ୍ତି, ମାନସ କୁମାର ରଥ, ବିରେନ ଦଳେଇ, ଇମତିୟାଜ ଅହମ୍ମଦ ଖାଁ, ମିର୍ଜା ସାମସୁଦ୍ଦିନ ବେଗ, ବଲ୍ଲଭାନନ୍ଦ ସ୍ୱାଇଁ, କୃଷ୍ଣଚନ୍ଦ୍ର ପ୍ରଧାନ, ଜ୍ଞାନ ରଞ୍ଜନ କେଦାର ବିଶ୍ୱାଳ, ଜେନା, ଆର୍ତ୍ତତ୍ରାଣ ପଣ୍ଡା, ନିହାର ଦାସ, ଅବନୀକାନ୍ତ ମହାରଣା ପ୍ରମୁଖ ଜିଲ୍ଲାର ସମସ୍ତ ବ୍ଲକ ଓ ମ୍ୟୁନିସିପାଲିଟିର ନେତୃମଣ୍ଡଳୀ ଉପସ୍ଥିତ କଂଗ୍ରେସ ଦଳକୁ ଜିଲ୍ଲାରେ ସଂଗଠିତ କରିବାକୁ ନିଜ ନିଜର ମତାମତ ପ୍ରଦାନ କରିଥିଲେ।

# ରାଶିଫଳ


**ରବିବାର, ୧୧ ମଇ ୨୦୨୫**




**ମେଷ:** ଆଜି ଆପଣ ଅସୁସ୍ଥତା ଏବଂ ଚିନ୍ତା ଅନୁଭବ କରିବେ। ଶରୀରରେ ଥକ୍କାପଣ ଏବଂ ଅଳସୁଆମୀ ଏବଂ ମନରେ ବ୍ୟାକୁଳତା ଅନୁଭବ ହେବ। ଆଜି ଆପଣ ଟିକେ କ୍ରୋଧିତ ହେବେ ଯାହା ହେତୁ ଜିନିଷ ନଷ୍ଟ ହୋଇପାରେ। ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ଚେଷ୍ଟା କରନ୍ତୁ।



**ବୃଷ:** ଆପଣଙ୍କ ଦିନକୁ ଯତ୍ନର ସହିତ ବିତାନ୍ତୁ। ଆଜି କୈଣସି ପ୍ରକାରର ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ। ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଖାଦ୍ୟ ଏବଂ ପାନୀୟରେ ବିଶେଷ ଯତ୍ନ ନେବା ଲାଭଦାୟକ ଅଟେ। ଆପଣ ଶାରୀରିକ ଥକ୍କା ଏବଂ ମାନସିକ ବିଭ୍ରାଟ ଅନୁଭବ କରିବେ।




**ମିଥୁନ:** ବନ୍ଧୁ ଏବଂ ପ୍ରିୟଜନଙ୍କ ସହିତ ଏକ ଉପଭୋଗ୍ୟ ରହଣି ହୋଇପାରେ। ଯାନ ଆନନ୍ଦ ପାଇବେ। ନୂତନ ପୋଷାକ କିଣିଲେ ଏବଂ ଏହାକୁ ପିନ୍ଧିବାର ସୁଯୋଗ ପାଇବେ। ମିଠା ଖାଦ୍ୟ ମିଳିପାରିବ। ସ୍ୱାସ୍ଥ୍ୟ ଭଲ ହେବ, ଆପଣ ସାମାଜିକ ସମ୍ମାନ ଏବଂ ଖ୍ୟାତି ପାଇବେ।




**କର୍କଟ:** ଘରେ ଶାନ୍ତି ଏବଂ ଆନନ୍ଦର ପରିବେଶ ରହିବ ଏବଂ ଏକ ସୁଖଦ ସମ୍ପର୍କ ଗଢି ଉଠିବ। ଆପଣ ଯାହା ବି କରନ୍ତି ସେଥିରେ ଆପଣ ଖ୍ୟାତି ଅର୍ଜନ କରିବେ। ପରିବାର ସଦସ୍ୟଙ୍କ ସହିତ ଘରେ ସମୟ ବିତାଇବେ। ଚାକିରିରେ ଲୋକଙ୍କୁ ଉପକୃତ କରିବେ।




**ତୁଳା:** ଆଜି ଏକ ଖୁସିର ଦିନ ହେବ। ଆଜି ଆପଣ ଅଧିକ କଳ୍ପନାକାରୀ ହେବେ। ସାହିତ୍ୟର ସୃଷ୍ଟି କବିତା ସୃଷ୍ଟିର ପ୍ରେରଣା ହେବ। ପ୍ରିୟଙ୍କ ସହିତ ସାକ୍ଷାତ ଶୁଭ ହେବ, ଫଳସ୍ୱରୂପ ଦିନସାରା ମନ ଖୁସି ରହିବ। ଆପଣ ପିଲାମାନଙ୍କର ଅଗ୍ରଗତି ବିଷୟରେ ଖବର ପାଇବେ । ଛାତ୍ରମାନେ ଅଭ୍ୟାସ କରିବା ପାଇଁ ଏହା ଏକ ଭଲ ସମୟ ।



**କନ୍ୟା:** ଆଜି ଆପଣଙ୍କ ପାଇଁ ଭଲ ଦିନ ନୁହେଁ। ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ହେବ ନାହିଁ। ଅନେକ ସମସ୍ୟା ହେତୁ ମନ ବିବ୍ରତ ରହିବ। ଶକ୍ତିର ଅଭାବ ରହିବ। ସମ୍ପର୍କୀୟମାନଙ୍କ ସହିତ ମତଭେଦ ହେବ। ମାଆର ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ।




**ବିଛା:** ଆପଣଙ୍କ ଦିନ ଶୁଭ ହେବ। ଭାଇମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ଘର ସେମାନଙ୍କ ସହିତ ପ୍ରଶ୍ନ ଉପରେ ଆଲୋଚନା କରିବେ। ଏକ ଛୋଟ ଧାର୍ମିକ ସ୍ଥାନ ପରିଦର୍ଶନ କରିବା ଏକ ସଫଳ କାର୍ଯ୍ୟକ୍ରମ ହେବ। ଧନ ଲାଭର ସମ୍ଭାବନା। ବିଦେଶରୁ ଭଲ ଖବର ଆସିବ। ବ୍ୟବହାରିକ ପ୍ରସଙ୍ଗ ହେତୁ ଯାତ୍ରା କରିପାରିବ।




**ସିଂହ:** ଆଜି ସାଧାରଣ ଲାଭର ଦିନ। ଅଯଥା ଖର୍ଚ୍ଚ ବନ୍ଦ କରିବାକୁ ପଡିବ। ବିଶେଷ ଧାନ ଦିଅନ୍ତୁ ଯେ ପରିବାରରେ ଝଗଡ଼ା ନହୁଏ। ପରିବାରର ସଦସ୍ୟଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣାକୁ ଦୂରେଇ ରଖନ୍ତୁ। ଶାରୀରିକ ସମସ୍ୟା ମନରେ ଚିନ୍ତା ଆଣିବ। ଏକ ନକାରାତ୍ମକ ମାନସିକତା ରଖନ୍ତୁ ନାହିଁ। ଅନୈତିକ ପ୍ରବୃତ୍ତିଠାରୁ ଦୂରରେ ରୁହନ୍ତୁ । ଛାତ୍ରମାନଙ୍କ ଶିକ୍ଷଣରେ ବାଧା ଉପୁଜିବ ।



**ଧନୁ:** ଆପଣ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଆପଣ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ସକ୍ଷମ ହେବେ । ଆର୍ଥିକ ଲାଭ ହାସଲ ହେବ । ସ୍ଥାନାନ୍ତରଣର ସମ୍ଭାବନା, ବିଶେଷକରି ଧାର୍ମିକ ଯାତ୍ରା ସମ୍ଭାବନା ଅଛି। ସମ୍ପର୍କୀୟଙ୍କ ଘରେ ଏକ ମଙ୍ଗଳ ପ୍ରସଙ୍ଗରେ ଉପସ୍ଥିତ ହେବାର ଏକ ସୁଯୋଗ ଥାଇପାରେ। ଆପଣ ବିବାହିତ ଜୀବନର ସୁଖ ଏବଂ ଆନନ୍ଦ ପାଇବେ।




**ମକର:** ଆଜି ଆପଣ ସତର୍କ ରହିବାକୁ ସୂଚନା ଆସିଛି। ଆଜି, ବ୍ୟବସାୟିକ କାର୍ଯ୍ୟରେ ସହଯୋଗୀ ହସ୍ତକ୍ଷେପ ବୃଦ୍ଧି ପାଇବ । ଖର୍ଚ୍ଚ ସାଧାରଣ ଅପେକ୍ଷା ଅଧିକ ହେବ । ଧାର୍ମିକ, ସାମାଜିକ କାର୍ଯ୍ୟରେ ଯୋଗଦାନ ବୃଦ୍ଧି ପାଇବ ଏବଂ ଖର୍ଚ୍ଚ ମଧ ହୋଇପାରେ। ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ । ପୁଅ ଏବଂ ସମ୍ପର୍କୀୟଙ୍କ ମଧ୍ୟରେ ପାର୍ଥକ୍ୟ ହୋଇପାରେ ।



**କୁମ୍ଭ:** ଚାକିରୀ ଏବଂ ବ୍ୟବସାୟରେ ଲାଭ ହେବାର ସମ୍ଭାବନା ଅଛି। ଆପଣ ମହିଳା ସାଙ୍ଗମାନଙ୍କଠାରୁ କାମ ପାଇପାରିବେ। ଲକ୍ଷ୍ମୀ ଦେବୀଙ୍କ ଆଶୀର୍ବାଦ ଆଜି ଆପଣଙ୍କ ଉପରେ ଅଛି। ପତ୍ନୀ ଏବଂ ପୁଅଙ୍କଠାରୁ ଆନନ୍ଦଙ୍କ ଖବର ଆସିବ। ଯେଉଁମାନେ ବିବାହ କରିବାକୁ ଚାହୁଁଛନ୍ତି ସେମାନଙ୍କ ପାଇଁ ବିବାହ ସମୟ ଉପସ୍ଥିତ ହେବ।



**ମୀନ:** ଆଜି ଆପଣଙ୍କ ଦିନ ବହୁତ ଶୁଭ ହେବ। ଆପଣ ସଫଳତା ଏବଂ ଉଚ୍ଚ ପଦାଧିକାରୀଙ୍କ ଇଚ୍ଛା ହେତୁ ଆଜି ଆପଣଙ୍କ ପାଇଁ ଖୁସିର ଦିନ ହେବ । ବ୍ୟବସାୟୀମାନେ ବ୍ୟବସାୟରେ ଅଭିବୃଦ୍ଧି ଏବଂ ସଫଳତା ପାଇବେ । ପିତା ଏବଂ ବରିଷ୍ଠମାନେ ଉପକୃତ ହେବେ। ଲକ୍ଷ୍ମୀଦେବୀଙ୍କ ଆଶୀର୍ବାଦ ରହିବ ।



ସୌଜନ୍ୟରେ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର ODISHA BHASKAR
ରାଜ୍ୟ ଖବର



ଖପ୍ରାଖୋଲ(ଭାସ୍କର ନ୍ୟୁଜ୍): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ପଶ୍ଚିମ ଓଡ଼ିଶାର ପ୍ରମୁଖ ପୁଣ୍ୟ କ୍ଷେତ୍ର ତଥା ପର୍ଯ୍ୟଟନ ସ୍ଥଳୀ ହରିଶଙ୍କର ଠାରେ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ଉଦ୍‌ଘାଟିତ ହୋଇଯାଇଛି । ବୈଶାଖ ମେଳାର ଦ୍ୱିତୀୟ ଦିବସରେ ରାଜ୍ୟପାଳଙ୍କ ଗସ୍ତ ଥିବାରୁ ପ୍ରଶାସନ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଥିବା ବେଳେ ହରିଶଙ୍କର ଦିନବେଳା ଚଳଚଞ୍ଚଳ ରହିଥିଲା । ହେଲେ ଅପରାହ୍ନରେ ରାଜ୍ୟପାଳଙ୍କ ଗସ୍ତ ବାତିଲ ହୋଇଯାଇଥିଲା । ବର୍ତ୍ତମାନ ଭାରତ ଏବଂ ପାକିସ୍ତାନର ପରିସ୍ଥିତି ଯେମିତି ଅଛି ସେହି କାରଣରୁ ରାଜ୍ୟପାଳଙ୍କ ହରିଶଙ୍କର ଗସ୍ତ ବାତିଲ ହୋଇଥିବା ଜଣାପଡିଛି । ତେବେ ଦ୍ୱିତୀୟ ଦିବସରେ ଦେବତ୍ତୋର ଅଧିକାରୀ ସୁନୀଲ କୁମାର ମେହେରଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ରୂପେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀ, ଏସ୍‌ଡିପିଓ ସଦାନନ୍ଦ ପୁଜାରୀ, ଦେବତ୍ତୋର ବିଭାଗରୁ ଅଭୟ ତ୍ରିପାଠୀ, ଶଶି ପୂଝାରୀ ଯୋଗଦେଇଥିଲେ । ହରିଶଙ୍କର କଲେଜ ଅଧକ୍ଷ ବଳଭଦ୍ର ଦାଶ ମଞ୍ଚ ପରିଚାଳନା କରିଥିବା ବେଳେ ସରପଞ୍ଚ ସଂଘ ସଭାପତି ସୁଶିଲ କୁମାର ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ପ୍ରଥମ ମଞ୍ଚରେ ପଞ୍ଚମ ବଲାଙ୍ଗିର, ସୁରସନ୍ଧ୍ୟା ପାଟଣାଗଡ ଓ ଗୋଲାମୁଣ୍ଡାର ରାମଲୀଳା ମଞ୍ଚସ୍ଥ ହୋଇଥିବା ବେଳେ ଦ୍ୱିତୀୟ ମଞ୍ଚରେ ଓଡିଆପାଲିର ମା' ଅନ୍ନପୂର୍ଣ୍ଣା ଡ୍ୟାନ୍ସ ଗ୍ରୁପ୍, ନଟରାଜ କଳା ପରିଷଦ ବଲାଙ୍ଗିର, ସାତ କୁଆଁରୀ ପାଟଣାଗଡର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।



## ଲକ୍ଷ୍ମୀ ରାଇସ ମିଲ୍ ଦୁର୍ନୀତି ମାମଲା

# ତଦନ୍ତ କରିବେ ଉପଜିଲ୍ଲାପାଳ




ସଇଁତଲା (ଭାସ୍କର ନ୍ୟୁଜ୍):ସଇଁତଲା ବ୍ଲକ ବେଲଗାଁ ସ୍ଥିତ ଲକ୍ଷ୍ମୀ ରାଇସ ମିଲ ରେ କିଛି ଦିନ ହେବ ବିଭିନ୍ନ ଗଣମାଧ୍ୟମରେ ଫଲ୍ସ ଏଣ୍ଟ୍ରି କରି କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ କିଣିବା ସହ ଗୋଟିଏ ଗାଡି ସମାନ ସମୟରେ ଦୁଇଟି ମଣ୍ଡିରୁ ଧାନ ଉଠାଇଥିବା ନେଇ ସୂଚନା ଅଧିକାର ଆଇନରେ ତଥ୍ୟ ହସ୍ତଗତ ହେବା ପରେ ଖବର ପ୍ରସାରଣ କରାଯାଇଥିଲା। ଏହାସହ ଲକ୍ଷ୍ମୀ ରାଇସ ମିଲ ମାଲିକ ଗୋପାଳ ଅଗ୍ରୱାଲ ଜଙ୍ଗଲ ଜମି ୩୩ ଡିସିମିଲ ଜୋରଜବରଦସ୍ତ ମାଡ଼ି ବସିଥିବା ନେଇ ମଧ୍ୟ ସୂଚନା ମିଳିଥିଲା। ୧୦ ବର୍ଷରୁ ଉର୍ଦ୍ଧ୍ୱ ଜଙ୍ଗଲ ଜମି ମାଡି ବସିଥିବାବେଳେ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ତେବେ ଜଙ୍ଗଲ ଜମିରେ ଯୋଗାଣ ବିଭାଗ କିପରି ଭାବେ ରାଇସ ମିଲ ତିଆରି କରିବା ପାଇଁ ଅନୁମତି ଦେଇଥିଲେ ତା ନେଇ ଯୋଗାଣ ବିଭାଗ ଉପରେ ପ୍ରଶ୍ନ ସୃଷ୍ଟି ହୋଇଥିଲା ତେବେ ଏନେଇ ଟିଟିଲାଗଡ ଉପଜିଲ୍ଲାପାଳ ରେହାନ କ୍ଷେତ୍ରିଙ୍କ ଠାରେ ଅଭିଯୋଗ ହେବା ପରେ ଏହାର ତଦନ୍ତ କରାଯିବ ଓ ତଦନ୍ତ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ଗଣମାଧ୍ୟମ କୁ କହିଛନ୍ତି।

## କେନ୍ଦ୍ରୀୟ ବିଦ୍ୟାଳୟରେ ନାମଲେଖା ଓ ପାଠପଢ଼ା ଆରମ୍ଭ



କୁଚିଣ୍ଡା (ଭାସ୍କର ନ୍ୟୁଜ୍): ଆସନ୍ତା ମାସ ୧୧ ତାରିଖଠାରୁ ନୂତନ ଭାବରେ କେନ୍ଦ୍ରିୟ ବିଦ୍ୟାଳୟ ଆରମ୍ଭ ହେବା ସ୍ଥିରୀକୃତ ହୋଇଛି। ସମ୍ବଲପୁର ସଂସଦ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ଥାନୀୟ ବିଧାୟକ,ପାଞ୍ଚାୟତରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ଏହିମତେ ସୂଚନା ଦେଇଥିବା ଜଣାଯାଇଛି। ରବି ନାରାୟଣ ନାଏକ କୁଚିଣ୍ଡା - ବଣାଇଁ ରାସ୍ତାମନ୍ତ୍ରୀ ମୁଣ୍ଡାଠାରେ କେନ୍ଦ୍ରୀୟବିଦ୍ୟାଳୟର ଭୂମି ପୂଜା କରିବେ। ପୂର୍ବ ନିଷ୍ପତ୍ତି କ୍ରମେ କୁଚିଣ୍ଡା ମହାବିଦ୍ୟାଳୟରେ ଚଳିତବର୍ଷ ଅସ୍ଥାୟୀ ଭାବେ ଶିକ୍ଷାଦାନ ଆରମ୍ଭ କରାଯିବା ଲକ୍ଷ୍ୟରହିଛି।

## ରାମଗଡ଼ରେ ଦନ୍ତାହାତୀ ଆତଙ୍କ, ଚିନ୍ତାରେ ଚାଷୀ



ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ହରଭଙ୍ଗା ବ୍ଲକର ନଦୀକୂଳରେ ଥିବା ରାମଗଡ଼ ଗ୍ରାମରେ ଦନ୍ତା ହାତୀର ଆତଙ୍କ ଲୋକଙ୍କୁ ଭୟଭୀତ ଖେଳିଯାଇଚି। ଗତକାଲି ହାତୀଟି ଆଠମଲ୍ଲିକ ର କୁଦଗାଁ ଅଂଚଳରେ ଚଳ ପ୍ରଚଳ କରୁଥିବାବେଳେ ଆଜି ମହାନଦୀ ପାର ହୋଇ ବୌଦ୍ଧ ଅଂଚଳର ନିକଟ ବର୍ତ୍ତୀ ଗ୍ରାମ ରାମଗଡ଼ ଅଂଚଳକୁ ଚାଲିଆସିଥିଲା। ସକାଳୁ ନଦୀ ନିକଟବର୍ତ୍ତୀ ଅଂଚଳରେ ତରଭୁଜ ଚାଷ, ଆମ୍ବ ଚାଷ ଏବଂ ବିଭିନ୍ନ ଚାଷ ବଗିଚାରେ ହାତୀର ଚଳପ୍ରଚଳ ଦେଖି ଲୋକେ ଭୟଭୀତ ହୋଇଯାଇଥିଲେ। ବହୁତ ଆମ୍ବ ଗଛ ଭାଙ୍ଗି ତରଭୁଜ ଖାଇ ଚାଷ ନଷ୍ଟ କରିଅଛି। ଯାହାଫଳରେ ବହୁତ ଚାଷୀ ଆଜି ଆମ୍ବ ବିକ୍ରି କରିବା ପାଇଁ ନିଜ ବଗିଚା କୁ ଗଲାବେଳେ ହାତୀକୁ ଦେଖି ଭୟଭୀତ ହୋଇଯାଇଥିଲେ। ଦନ୍ତା ହାତୀଟି ସେଠାରେ ଆଜି ଦିନ ତମାମ ରହିଥିବେଳେ ଲୋକମାନେ ଭୟଭୀତରେ ଥିବାର ଜଣାପଡ଼ିଅଛି। ନିକଟବର୍ତ୍ତୀ ଗ୍ରାମର ବହୁତ ଲୋକ ସେଠ।କୁ ଆସି ବନବିଭାଗ କୁ ଖବର ଦେଇଥିଲେ। ଆଜି ସନ୍ଧ୍ୟା ପର୍ଯ୍ୟନ୍ତ ଦନ୍ତା ହାତୀଟି ଥିବାର ଜଣାପଡ଼ିଅଛି। ବହୁତ ଆମ୍ବବଗିଚା ନଷ୍ଟ ହୋଇଥିବାରୁ ଆମ୍ବ ଚାଷୀ ଆମ୍ବବିକ୍ରି କରିନପାରି ଦୁଃଖରେ ଅଛନ୍ତି।

## ସଇଁତଲାରେ ସାମ୍ବାଦିକଙ୍କ କଣ୍ଠରୋଧ

ସଇଁତଲା(ଭାସ୍କର ନ୍ୟୁଜ୍): କରୋନା ମହାମାରୀ ତା'ର ଛାପ ଛାଡି ଚାଲିଗଲା ହେଲେ ଆଜି ପର୍ଯ୍ୟନ୍ତ ସଇଁତଲା ରେ ଗଣମାଧ୍ୟମ କରୋନା ଦ୍ୱାରା ପୀଡିତ । କରୋନା ଚାଲିଯିବା ପରେ ଜିଲାସ୍ତରରେ ଆଭାସି ବ୍ୟବସ୍ଥା କମ୍ କରାଗଲା କିନ୍ତୁ କରୋନା ବାହାନାରେ ଗଣମାଧ୍ୟମକୁ ସରକାରୀ ସଭାସମିତିରୁ ଯେଉଁଭଳି ଭାବରେ ଦୂରରେ ରଖାଯାଇଥିଲା ବର୍ତମାନ ମଧ୍ୟ ସେହି ସମାନ ପରିସ୍ଥିତି ଲାଗି ରହିଛି। ସରକାର ପରିବର୍ତ୍ତନ ହେଲେ ଗଣମାଧ୍ୟମର ସ୍ଥିତି ବଦଳିବ ବୋଲି ଆଶା କରାଯାଇଥିଲା ହେଲେ ସ୍ଥିତି ଯଥା ପୂର୍ବ ତଥା ପରଂ ହୋଇ ରହିଛି। ସରକାରୀ କାର୍ଯ୍ୟକ୍ରମ କିମ୍ବା ଅନ୍ୟ କୌଣସି ପ୍ରାକୃତିକ ବିପର୍ଯ୍ୟୟ ସବୁ ପରିସ୍ଥିତିରେ ଗଣମାଧ୍ୟମ ପ୍ରତିନିଧି ଘଟଣାସ୍ଥଳକୁ ପହଞ୍ଚି ଲୋକଙ୍କ ନିକଟରେ ସଠିକ୍ ଖବର ପହଞ୍ଚାଇବାରେ ତତ୍ପର ରହିଥିବା ବେଳେ ସଇଁତଲା ରେ ବିକାଶ କାର୍ଯ୍ୟ ଠପ୍ । ସରକାରୀ କାର୍ଯ୍ୟ କେବଳ କାଗଜକଲମରେ ଯାହା ଚାଲି ଆସୁଥିଲା ତାହା ଚାଲୁଛି। ଅଞ୍ଚଳର ଉନ୍ନତି ତଥା ବିକାଶ ମୂଳକ କାର୍ଯ୍ୟ ଓ ଅନ୍ୟାୟ ଉପରେ ସ୍ୱର ଉତ୍ତୋଳନ କରିବା ଉପରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯଦି ବୈଠକରେ ଗଣମାଧ୍ୟମ ପ୍ରତିନିଧି ଅନୁପସ୍ଥିତ କାହାକୁ ନେଇ ଏ ସମୀକ୍ଷା ବା ପ୍ରସ୍ତୁତି। ନୂଆ ସରକାର ଆସିବା ୧୦ ମାସ ହେଲାଣି ହେଲେ ବ୍ଲକକୁ କୌଣସି ବଡ ଅଧିକାରୀ ଆସିଲେ ରୁଦ୍ଧଦ୍ୱାର ବୈଠକ କରାଯାଇ ପ୍ରଶାସନ ପକ୍ଷରୁ ଯାହା ଭଲ ତାହା ସୂଚନା ଦିଆଯାଉଛି। ଲୋକଙ୍କ ସମସ୍ୟା ସମ୍ପର୍କରେ ସମୀକ୍ଷା ବୈଠକରେ ଆଲୋଚନା ହେଉନଥିବା ଜଣାଯାଇଛି। ବିଗତ ଦିନରେ ମନ୍ତ୍ରୀ ମାନଙ୍କ ସମୀକ୍ଷା ବୈଠକରୁ ମଧ୍ୟ ସାମ୍ବାଦିକମାନଙ୍କୁ ଦୂରରେ ରଖାଯିବା ଭଳି ଘଟଣା ଜିଲାରେ ଗଣମାଧ୍ୟମର ଭବିଷ୍ୟତକୁ ନେଇ ଉଦବେଗ ସୃଷ୍ଟି କରିଛି। ପଞ୍ଚାୟତରୁ ସାଂସଦ ଯାଏ ଲୋକ ପ୍ରତିନିଧ ନିର୍ବାଚିତ ହେବାପରେ ନିଜକୁ ସରକାର ଭାବୁଛନ୍ତି। ଯେତେବେଳେ ନିର୍ବାଚିତ ଲୋକପ୍ରତିନିଧ ଓ ପ୍ରଶାସକ ନିଜ ଦାୟିତ୍ୱରୁ ଓହରି ଯାଇଥାନ୍ତି ସେତେବେଳେ ଲୋକଙ୍କ ସ୍ୱର ପାଲଟିଥାଏ ଗଣମାଧ୍ୟମ । ଯଦି ସରକାରୀ ସମୀକ୍ଷାରୁ ଦୂରରେ ରଖାଯାଇ ଗଣମାଧ୍ୟମର କଣ୍ଠରୋଧ କରାଯିବ ତ ଲୋକଙ୍କ କଥା କହିବ କିଏ ? ସଇଁତଲା ରେ ଗଣମାଧ୍ୟମ ପାଇଁ ଘଡିସନ୍ଧି ପରିସ୍ଥିତି ସୃଷ୍ଟି ହୋଇଛି ଗଣମାଧ୍ୟମକୁ ତାହାର ଅଧିକାରରୁ ବଞ୍ଚିତ କରାଯାଉଛି। ଯଦି ଆଗକୁ ଏହିଭଳି ପରିସ୍ଥିତି ଲାଗିରହେ ସାମ୍ବାଦିକ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବେ ବୋଲି ବରିଷ୍ଠ ସାମ୍ବାଦିକମାନେ ଚେତାବନୀ ଦେଇଛନ୍ତି। ବ୍ଲକ ପ୍ରଶାସନ ସମସ୍ତ ପ୍ରକାର କାମକୁ ଅବହେଳା କରିବା ସହ ଦୁର୍ନୀତି କୁ ଚପାଇବା ପାଇଁ ସାମ୍ବାଦିକ ମାନଙ୍କୁ ଅବହେଳା କରୁଥିବା ସାମ୍ବାଦିକ ମାନେ ଅଭିଯୋଗ କରିଛନ୍ତି ।

## ଦଶମ ପରୀକ୍ଷାରେ ପାସ୍ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କଲେ ମନ୍ତ୍ରୀ



କୁଚିଣ୍ଡା (ଭାସ୍କର ନ୍ୟୁଜ୍): କୁଚିଣ୍ଡା ଉପଖଣ୍ଡ ରେ ଦଶମ ଶ୍ରେଣୀ ପରୀକ୍ଷାରେ ଇ୧ ଗ୍ରେଡ ସହିତ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କଲେ ମନ୍ତ୍ରୀ ରବିନାରାୟଣ ନାଏକ । ଆଜି କୁଚିଣ୍ଡା ସ୍ଥିତ ନିଜ ବାସଭବନରେ କୁଚିଣ୍ଡା ନିର୍ବାଚନ ମଣ୍ଡଳୀରେ ଏ୧ ଗ୍ରେଡ ପାଇଥିବା ବରୁଣ ପୃଷେଠ, ସୁଭଦ୍ରା ସ୍ନେହାସିନୀ ବେହେରା, ଯସ୍ମିନ ମହାପାତ୍ର ଓ ଶ୍ରୀ ଅନନ୍ତ ପଟେଲ ଙ୍କ ସମ୍ବଦ୍ଧିତ କରିଛନ୍ତି। ଏହି ସଫଳତା ପଛରେ ରହିଥିବା ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ଅନୁପ୍ରେରଣା, ନିଷ୍ଠା ଓ ଶ୍ରମ ଓ ସେମାନଙ୍କ ନିରନ୍ତର ମାର୍ଗଦର୍ଶନ। ସେପରି ନିଜ ବାପା ମାଆ ଓ ପରିବାରଙ୍କର ଆଶୀର୍ବାଦ, ସ୍ନେହ ଓ ସାଧନା ଯାହା ସେମାନଙ୍କୁ ଏହି ମାନ୍ୟତା ପ୍ରାପ୍ତ କରାଇଛି। ଏମିତି ପ୍ରତିଭାମାନେ ଆଗାମୀ ଦିନରେ ଏ ଅଞ୍ଚଳକୁ ଗର୍ବିତ କରିପାରିଛି ବୋଲି ପ୍ରକାଶ କରିଛନ୍ତି ମନ୍ତ୍ରୀ।


## ସାଇବର ଠକେଇର ପର୍ଦ୍ଦାଫାସ, ୩ ଗିରଫ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ବଡ଼ ଧରଣର ସାଇବର ଠକେଇର ପର୍ଦ୍ଦାଫାସ କରି ଗୁଜରାଟରୁ ୩ ଜଣ ସାଇବର ଲୁଟେରାଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ମାଲକାନଗିରି ହାଇଟେକ୍ କଲୋନୀର ମନୋଜ କୁମାର ଲାଉଡ଼ିଆଙ୍କ ଅଭିଯୋଗ କ୍ରମେ କ୍ରାଇମବ୍ରାଞ୍ଚ ମାମଲାର ତଦନ୍ତ କରି ସଫଳତା ପାଇଛି କ୍ରାଇମବ୍ରାଞ୍ଚ। ଗିରଫ ଅଭିଯୁକ୍ତମାନେ ହେଲେ ମହମ୍ମଦ ମାଜ ଜୁବେରଭାଇ ଘାନଚି (୧୮), ଠାକର କରଶାନଜୀ ଶୋଭାଜୀ (୪୮) ଏବଂ କୁରେଶି କରଶାନଜୀ ଶୋଭାଜୀ (୩୧)। ଇଡି, ସିବିଆଇ, ପୋଲିସ, ଅର୍ଥ ବିଭାଗ, ନ୍ୟାୟାଳୟ ଅଧିକାରୀ ପରିଚୟ ଦେଇ ମନୋଜଙ୍କ ନିକଟରୁ ଗିରଫ ଅଭିଯୁକ୍ତମାନେ ୮୭ ଲକ୍ଷ ୬୩ ହଜାର ଟଙ୍କା ଠକି ନେଇଛନ୍ତି। କ୍ରାଇମବ୍ରାଞ୍ଚ ଇନିସ୍ପେକ୍ଟର ବିଭୁରଞ୍ଜନ ସୁନ୍ଦର ରାୟଙ୍କ ନେତୃତ୍ୱରେ ଏକ ଟିମ୍ ମାମଲାର ତଦନ୍ତ କରି ଗୁଜରାଟରୁ ଅଭିଯୁକ୍ତଙ୍କୁ ଗିରଫ କରିଛି। ୨୦୨୪ ଅଗଷ୍ଟରେ ମନୋଜ ଲାଉଡ଼ିଆଙ୍କୁ ଏକ ଅଜଣା ନମ୍ବର ୯୧୨୭୩୧୩୩୩୩ରୁ କଲ୍ ଆସିଥିଲା। ଟେଲିକମ୍ ରେଗୁଲେଟରି ଅଥରିଟି ଅଫ୍ ଇଣ୍ଡିଆରୁ କହୁଥିବା କହି ଅର୍ଥ ହେରଫେର, ମାନବ ଚାଲାଣ, ପରିଚୟ ଚୋରି, ଡ୍ରଗ୍ସ କାରବାରରେ ସମ୍ପୃକ୍ତ ଥିବା ନେଇଅଭିଯୁକ୍ତମାନେ ମନୋଜଙ୍କୁ ଡରାଇଥିଲେ। ଅଭିଯୁକ୍ତମାନେ ମନୋଜଙ୍କୁ ଟେଲିଗ୍ରାମ, ସ୍କାଇପ୍ ମାଧ୍ୟମରେ ଯୋଗାଯୋଗ କରୁଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତମାନେ ମନୋଜଙ୍କୁ ଏକ ନକଲି ସରକାରୀ ଦଲିଲ୍ ପଠାଇଥିଲେ। ଯେଉଁଥିରେ ସୁପ୍ରିମକୋର୍ଟ ନୋଟିସ୍, ଇଡିର ଗିରଫ ୱାରେଣ୍ଟ ଏବଂ ଅନ୍ୟାନ୍ୟ ଆଇନ ସମ୍ବନ୍ଧୀୟ ଦଲିଲ ଥିଲା। ମନୋଜ ଅପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ନେଇ ମଧ୍ୟ ଅଭିଯୁକ୍ତମାନେ ଡରାଇଥିଲେ ଏବଂ ସହଯୋଗ ନ କଲେ ଗିରଫ କରିବାକୁ ଚେତାବନୀ ଦେଇଥିଲେ। ମନୋଜ ଗିରଫ ଭୟରେ ମୋବାଇଲ୍ ନମ୍ବର ବଦଳାଇ ଦେଇଥିଲେ। ୨୦୨୪ ଅଗଷ୍ଟ ୩୦ରୁ ଅକ୍ଟୋବର ୨୩ ମଧ୍ୟରେ ବିଭିନ୍ନ ସମୟରେ ମନୋଜ ସାଇବର ଲୁଟେରାଙ୍କୁ ୮୭ ଲକ୍ଷ ୬୩ ହଜାର ୫୧୦ ଟଙ୍କା ପ୍ରଦାନ କରିଥିଲେ। ଟଙ୍କା ପାଇବା ପରେ ଲୁଟେରାମାନେ ଟେଲିଗ୍ରାମର ସମସ୍ତ ତଥ୍ୟକୁ ଡିଲିଟ୍ କରିଦେବା ପରେ ମନୋଜ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। କ୍ରାଇମବ୍ରାଞ୍ଚ ସହ ଯୋଗାଯୋଗ କରି ଏତଲା ଦେବା ପରେ ଘଟଣାରେ ସମ୍ପୃକ୍ତ ୩ ଲୁଟେରାଙ୍କୁ ଗୁଜରାଟରୁ ଗିରଫ କରାଯାଇଛି।

## ରାଷ୍ଟ୍ରୀୟ ଲୋକ ଅଦାଲତ

ସଇଁତଲା(ଭାସ୍କର ନ୍ୟୁଜ୍): ଆଇନ ସେବା ପ୍ରାଧିକରଣ ସଇଁତଲା ଅଧକ୍ଷା ଭାଗ୍ୟଶ୍ରୀ ପତି ଙ୍କ ତରଫରୁ ଚଳିତ ମଇ ମାସ ୧୦ ତାରିଖ ଶନିବାର ଦିନ ସଇଁତଲା ସ୍ଥିତ ସିଭିଲ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଅଛି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ବିଚାରଧିନ ମକଦ୍ଦମା ଯଥା ଫୌଜଦାରୀ ମାମଲା ର ଆପୋଷ ସହମତିରେ ସମାଧାନ କରାଯାଇଥିଲା। ବିଚାରଧୀନ ମାମଲା ବ୍ୟତୀତ ପ୍ରାକ-ମକଦ୍ଦମା ସ୍ତରୀୟ (ନ୍ୟାୟାଳୟରେ ଦାୟର ହୋଇନଥିବା) ବିଭିନ୍ନ ମାମଲା ଗୁଡିକର ମଧ୍ୟ ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତରେ ସମାଧାନ ହୋଇଥିଲା। ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ଲାଗେ ନାହିଁ ଏବଂ ଅଦାଲତର ରାୟ ବୈଧ ଓ ଚୂଡାନ୍ତ ଅଟେ । ତେଣୁ ଦୀର୍ଘ ଦିନ ଧରି ଚାଲୁଥିବା ମକଦ୍ଦମାର ସହଜ ସମାଧାନ ଏବଂ ଅଯଥା ଆର୍ଥିକ ଖର୍ଚ୍ଚାନ୍ତରୁ ତଥା ସମୟ ଅପଚୟରୁ ମୁକ୍ତି ପାଇବା ପାଇଁ ଏହାର ସୁଯୋଗ ନେବାକୁ ଜନସାଧାରଣଙ୍କୁ ଆଇନ ସେବା ପ୍ରାଧିକରଣ ତରଫରୁ ପରାମର୍ଶ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ସଇଁତଲା ଓକିଲ ସଂଘ ସଭାପତି ସୁବୋଧ ମିଶ୍ର ଙ୍କ ସହ ସମସ୍ତ ଆଇନଜୀବୀ ଉପସ୍ଥିତ ଥିଲେ ।

## ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ



ଗୁଣୁପୁର(ଭାସ୍କର ନ୍ୟୁଜ୍): ଗୁଣପୁର ଜିଆଇଇଟି ବିଶ୍ୱ ବିଦ୍ୟାଳୟର ଇଲେକ୍ଟ୍ରୋନିକ ଆଣ୍ଡ କମ୍ୟୁନିକେସନ ଇଞ୍ଜିନୟରିଂ ବିଭାଗ ପକ୍ଷରୁ ଗତ ପାଞ୍ଚ ଦିନ ଧରି ଚାଲିଥିବା ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଏହି କର୍ମଶାଳାରେ ବାଙ୍ଗାଲୋର ସ୍ଥିତ ଇଣ୍ଟୁପଲ୍ ଟେକ୍ନୋଲୋଜିର ଆପ୍ଲିକେସନ ଇଞ୍ଜିନିୟର ପି ରାଜେନ୍ଦ୍ର କୁମାର ଏବଂ ସଞ୍ଜୟ କୁମାର ପ୍ରମୁଖ ଯୋଗ ଦେଇ କେଡେନ୍ସ ସଫ୍ଟୱେରର ବ୍ୟବହାର, ଡିଜାଇନ୍ ଫ୍ଲୋ ଓ ତାହାର ଅନୁପ୍ରୟୋଗ ବିଷୟରେ ତାଲିମ ପ୍ରଦାନ କରିଥିଲେ। ଏହି ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମରେ ସ୍କୁଲ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ଡିନ ଡ. ତୁଲୁ ପଟ୍ଟନାୟକ ଯୋଗଦେଇ କର୍ମଶାଳାର ଉପଯୋଗିତା ବିଷୟରେ କହିଥିଲେ । ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ଏନଭିଜେ ରାଓ ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କର୍ମଶାଳାରେ ଅନୁଷ୍ଠାନର ଅଧ୍ୟାପକ,ଅଧ୍ୟାପିକା, ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ଡ ବିଭୁ ପ୍ରସାଦ ସ୍ୱାଗତ ଭାଷଣ ଦେଇ ଥିବା ବେଳେ ଆବାହକ ଜିତେନ୍ଦ୍ର କୁମାର ସ୍ୱାଇଁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଅଧ୍ୟାପକ ଡ ତୁଷାରକାନ୍ତ ପଣ୍ଡା ମଞ୍ଚ ପରିଚାଳନା କରାଯାଇଥିଲା।

## ମଦ ବେପାରୀ ଗିରଫ



ଖଡ଼ିଆଳ (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ଥାନା ଅନ୍ତର୍ଗତ ଭୁଲିଆସିକୁଅଁ ଗ୍ରାମରେ କିରାନା ଦୋକାନରେ ବେଆଇନ ଭାବେ କିଙ୍ଗ ଫିସର ବିଅର, ନମ୍ବର ୱାନ,କେନ ବିଅର, ଭଳି ବିଦେଶୀମଦ ବିକିରି ହେଉଥିଲା। ଖଡ଼ିଆଳ ଆଇଆଇସିଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ହରେକୃଷ୍ଣ ଜାନୀଙ୍କ ନେତୃତ୍ୱରେ ଶୁକ୍ରବାର ସନ୍ଧ୍ୟା ସମୟରେ ଏକ ଟିମ ଚଢ଼ାଉ କରି ଦୋକାନ ମାଲିକ ଦୁର୍ଯ୍ୟୋଧନ ମେହେର (୫୬) ଙ୍କଠାରୁ ୫୩.୮୬ ଲିଟର ବିଭିନ୍ନ ପ୍ରକାର ବିଦେଶୀ ମଦ ଜବତ କରି ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଖଡ଼ିଆଳ ଥାନା ଅଧିକାରୀ ଦିଲୀପ କୁମାର ସାହୁ ପ୍ରକାଶ କରିଛନ୍ତି ।

## ପିଲାଙ୍କ ଖେଳରେ ବାଧକ ସାଜିଛି ସ୍ପୋର୍ଟସ୍ ସଂଘର ନିୟମାବଳୀ

କନ୍ଧମାଳ(ଭାସ୍କର ନ୍ୟୁଜ୍): ବର୍ତ୍ତମାନ ସମସ୍ତ ସ୍କୁଲ କଲେଜ ଛୁଟି ହୋଇଛି । ଛୁଟିରେ ପିଲାମାନଙ୍କୁ କ୍ରିକେଟ, ଫୁଟବଲ ଖେଳିବା,ବ୍ୟାୟାମ ପାଇଁ ବାଧକ ସୃଷ୍ଟି କରୁଛନ୍ତି ଜିଲ୍ଲା ସ୍ପୋର୍ଟସ ସଂଘ ଓ ସଂଘର ଖେଳପଡ଼ିଆ। କାହିଁକି ନା ଜିଲ୍ଲା ସ୍ପୋର୍ଟସ ସଂଘ ନାମରେ ଜିଲ୍ଲାପାଳ କାର୍ଯ୍ୟାଳୟଙ୍କ ସମ୍ମୁଖରେ ଏହି ଖେଳ ପଡିଆ ରହିଛି। ଯେ କୌଣସି କାର୍ଯ୍ୟକ୍ରମ ହେଲେ ତାଙ୍କ ଠାରୁ ଅନୁମତି ,କାର୍ଯ୍ୟକ୍ରମ କରୁଥିବା ସଂସ୍ଥା ଓ ବ୍ୟକ୍ତିଙ୍କୁ ଅର୍ଥ ଜମାକରିବାକୁ ପଡିଥାଏ।ସମସ୍ତ ବିଷୟ ଜାଣି ମଧ ଡିଡିଏ, ପ୍ରଶାସନ କାହିଁକି ଦେଉଛନ୍ତି। ଏହାରି ଫଳରେ ଯୁବପିଢି ଅନ୍ୟବାଟରେ ଯାଉଛନ୍ତି। ଏଥିପାଇଁ ଦାୟୀ କରୁଛନ୍ତି ନାଗରିକ। ଏହି ଖେଳ ପଡ଼ିଆରେ ବରିଷ୍ଠ ନାଗରିକ,ଯୁବପିଢି ଙ୍କୁ ବ୍ୟାୟାମ, ସକାଳ ୱାକ୍ ଓ ପିଲା ମାନଙ୍କୁ ଯେଉଁ ସୁବିଧା ମିଳି ପାରିବା କଥା ତାହା ମିଳିପାରୁନାହିଁ । ବରଂ ସେହି ଖେଳ ପଡିଆରେ ବିଭିନ୍ନ ସରକାରୀ ଓ ପ୍ରାଇଭେଟ ବ୍ୟକ୍ତି, ସଂଘ ଙ୍କୁ ଦେଇ କାର୍ଯ୍ୟକ୍ରମ କରାଉଥିବାର ଦେଖିବାକୁ ମିଳିଛି। କାର୍ଯ୍ୟକ୍ରମ ଶେଷ ହେଲେ ମଧ୍ୟ ଯଥା ଶୀଘ୍ର ଟେଣ୍ଡରକୁ ବାହାର ନ କରି ସେହି ଟେଣ୍ଡରରେ ସିଙ୍ଗଲ ଖର୍ଚ୍ଚରେ ଡବଲ ଫାଇଦା ମାରନ୍ତି ପ୍ରଶାସନ, ସଂଘ।ଏହି ଖେଳ ପଡିଆକୁ ଖେଳପଡ଼ିଆ ଭାବେ ଫୁଲବାଣୀ ସହରର ଜନସାଧାରଣ, ବରିଷ୍ଠ ନାଗରିକ, ଓ ଯୁବପିଢି ମାନଙ୍କୁ ଖେଳ,ବ୍ୟାୟାମ ର ସୁବିଧା ଦିଆଯାଉ। ଏହା ସହିତ ଅନ୍ୟ ଖେଳପଡ଼ିଆକୁ କାର୍ଯ୍ୟକ୍ରମକୁ ସ୍ଥାନାନ୍ତରିତ କରାଯାଉ।ଏତଦ୍ ବ୍ୟତୀତ ପ୍ରତି ବର୍ଷ ଲକ୍ଷ ଲକ୍ଷ ଟଙ୍କା କ୍ରିକେଟ ଖେଳ ଓ ଏହାର ପ୍ରଶିକ୍ଷଣ ଶିକ୍ଷା ଦେବା ପାଇଁ ଆସୁଥିଲେ ମଧ ଏହାର ସମସ୍ତ କାର୍ଯ୍ୟ ଠିକ ସମୟରେ ନ ହେବା ଫଳରେ ଜିଲ୍ଲା ରୁ କ୍ରିକେଟ ର ଚାହିଦା କମିବାରେ ଲାଗିଛି। ସେହିପରି,କ୍ରିକେଟ ପିଚ ପାଇଁ ଆସିଥିବା ଲକ୍ଷ ଲକ୍ଷ ଟଙ୍କାରେ କଳା ମାଟି ର ବ୍ୟବହାର କରାଯାଇଥିବା ନେଇ ପ୍ରଶ୍ନ ସୃଷ୍ଟି ହେଲାଣି।ଏହା ସହିତ ମଧ ସଂଘରେ ନୂତନ କାର୍ଯ୍ୟକର୍ତ୍ତା ରଖାଯାଉ ନାହିଁ।ଏଥିପ୍ରତି ବିଜେପି ସରକାର, ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ସମସ୍ୟାକୁ ସମାଧାନ କରି ଜନସାଧାରଣଙ୍କୁ ସୁବିଧା ଓ ସ୍ୱାଧୀନତା ଦିଆଯାଉ ବୋଲି ଦାବି ହେଉଛି।

## ସମ୍ବର୍ଦ୍ଧନା ସମାରୋହ



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଠାରେ ପାରଳା ସ୍ୱାଭିମାନ ମଞ୍ଚ ତରଫରୁ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀମାନଙ୍କର ସମ୍ବର୍ଦ୍ଧନା ସମାରୋହ ଆୟୋଜିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ପାରଳା ବିଧାୟକ ଶ୍ରୀଯୁକ୍ତ ଇଂ. ରୁପେଶ କୁମାର ପାଣିଗ୍ରାହୀ ଯୋଗଦେଇ ମାଟ୍ରିକ ପରୀକ୍ଷାରେ ଇ୧ ଗ୍ରେଡ଼ ରଖିଥିବା ଛାତ୍ରଛାତ୍ରୀ ମାନଙ୍କୁ ଆର୍ଥିକ ପୁରସ୍କାର ସହ ମାନପତ୍ର ପ୍ରଦାନ କରି ଶୁଭେଚ୍ଛା ଜଣେଇଥିଲେ ଏଥିରେ ବିଧାୟକ ସହିତ ମୋହନା ବିଧାୟକ ଶ୍ରୀଯୁକ୍ତ ଦାଶରଥି ଗମାଙ୍ଗ,ଜିଲ୍ଲା ବିଜୁ ଜନତା ଦଳର ସଭାପତି ପ୍ରଦୀପ ନାୟକ, ପୌରପରିଷଦ ଅଧକ୍ଷା ନିର୍ମଳା ସେଠୀ,ପୌରପରିଷଦ ଉପାଧକ୍ଷ ଲେଙ୍କା ମଧୁ, ବିଜୁ ଜନତା ଦଳର ବରିଷ୍ଠ ନେତା ଲକ୍ଷ୍ମୀ ପରିଚ୍ଛା ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ. ମାୟାଧର ସାହୁ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧନା ଜଣେଇଥିଲେ।

## ନୂତନ ବିଡ଼ିଓଙ୍କ ଦାୟିତ୍ୱ ଗ୍ରହଣ




ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକରେ ଦୀର୍ଘ ଦିନ ଧରି ଖାଲି ପଡିଥିବା ବିଡିଓଙ୍କ ପଦବୀରେ ନୂତନ ବିଡିଓ ଭାବେ ସନ୍ତୋଷ କୁମାର ବାରିକ ଶୁକ୍ରବାର ଯୋଗ ଦେଇଛନ୍ତି। ପୂର୍ବରୁ ସେ ବାଲେଶ୍ୱର ଜିଲ୍ଲାର ରେମୁଣା ବ୍ଲକରେ ବିଡିଓ ଭାବେ କାର୍ଯ୍ୟରତ ଥିଲେ । ତତ୍କାଳୀନ ବିଡିଓ ସୁଧୀର କୁମାର ସିଂ ଙ୍କ ଅବସର ପରେ ରାୟଗଡ଼ ବ୍ଲକରେ ଦୀର୍ଘ ଦିନ ଧରି ଏହି ପଦବୀ ଖାଲି ଥିବାବେଳେ ତହସିଲଦାର ସୁକାନ୍ତ ପ୍ରଧାନ ଭାରପ୍ରାପ୍ତ ବିଡିଓ ଦାୟିତ୍ୱ ତୁଲାଇ ଆସୁଥିଲେ । ହେଲେ ସ୍ଥାୟୀ ବିଡିଓ ଙ୍କ ଯୋଗଦାନ ପାଇଁ ଅନେକ ଦିନ ହେଲା ଲୋକେ ଦାବି କରିଆସୁଥିଲେ । ବର୍ତ୍ତମାନ ସ୍ଥାୟୀ ବିଡିଓ ଭାବେ ସନ୍ତୋଷ କୁମାର ବାରିକ ଦାୟିତ୍ୱ ନେବା ପରେ ବ୍ଲକର ଉନ୍ନତି ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ଓ ଜନହିତକର କାର୍ଯ୍ୟ କୁ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବାକୁ ପ୍ରାଥମିକତା ଦିଅଯିବ। ତାହାସହିତ ଅଧୁରା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ବିଡିଓ ପ୍ରତିକ୍ରିୟା ରଖିଛନ୍ତି।

## ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ଦେଲେ ୩ କାଉନସିଲର



ବାଲିମେଳା (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦର କାଉନସିଲର ବିମଳ ବେହେରା, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଏବଂ ସନ୍ତୋଷ ପଣ୍ଡା ପ୍ରମୁଖ ୩ ଜଣ କାଉନସିଲର ବାଲିମେଳା ଏନଏ ସିର ନିର୍ବାହୀ ଅଧିକାରୀ ମୁନା ତୁର୍କଙ୍କୁ ସାକ୍ଷାତ କରି ଏକ ଲିଖିତ ଦାବୀପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବୀ ପତ୍ରରେ ଉଲ୍ଲେଖ ରହିଛି ଯେ, ବାଲିମେଳା ଏନଏସିରେ ହୋଇଥିବା ବାୟୋ ମାଇନିଙ୍ଗ କାର୍ଯ୍ୟର ଟେଣ୍ଡର କେବେ ହୋଇଥିଲା। ଏଥିରେ କେଉଁ ସ୍ୱୟଂ ସହାୟକ ଗ୍ରୁପ ଆବେଦନ କରିଥିଲେ।ଆବେଦନ କରିଥିବା ସମସ୍ତ ଗ୍ରୁପ ଗୁଡିକର ନଥିପତ୍ର ପଞ୍ଚ ସୂତ୍ର ଅନୁଯାୟୀ ହୋଇଥିଲା କି। ଯଦି ହୋଇଛି ତେବେ ଉକ୍ତ ନଥିପତ୍ର ଗୁଡିକର ଏକକିତା ନକଲ କପି ପ୍ରଦାନ କରିବାକୁ ଦାବୀ ହୋଇଛି। ମୁଖ୍ୟତଃ ଆଜି ସୁଧା ଅଫିସ ତରଫରୁ ଉକ୍ତ ସ୍ୱୟଂ ସହାୟକ ଗ୍ରୁପ କୁ କେବେ ଆଉ କେତେ ଟଙ୍କା ପ୍ରଦାନ କରାଯାଇଛି ତାହାର ସବିଶେଷ ବିବରଣୀ ପ୍ରଦାନ କରିବାକୁ ଦାବୀ କରାଯାଇଛି। ଏଥିରେ କେଉଁ କେଉଁ ଅଧିକାରୀ ନିୟୋଜିତ ଥିଲେ ସେମାନଙ୍କର ନାମ ପ୍ରଦାନ କରିବାକୁ ଦାବୀ କରାଯାଇଥିବା ୩ ଜଣ କାଉନସିଲର ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିଥିବା ଲିଖିତ ଦାବୀ ପତ୍ରରେ ଉଲ୍ଲେଖ ରହିଛି।

### ହରିଶଙ୍କର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

## ଗନ୍ଧମାର୍ଦ୍ଦନ ପାହାଡ଼ ଓ ହରିଶଙ୍କରର ଗୌରବର ଗାଥା ବଖାଣିଲେ ଉପମୁଖ୍ୟମନ୍ତ୍ରୀ



ଖପ୍ରାଖୋଲ (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ୍‌ର ପ୍ରମୁଖ ପୁଣ୍ୟ କ୍ଷେତ୍ର ତଥା ପର୍ଯ୍ୟଟନ ସ୍ଥଳୀ ହରିଶଙ୍କର ରେ ଚାଲିଥିବା ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ତଥା ହରିଶଙ୍କର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ରୂପେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ଗନ୍ଧମାର୍ଦ୍ଦନ ପାହାଡ଼ ଓ ହରିଶଙ୍କର ମନ୍ଦିର ଗୌରବ ଗାଥା ଉପସ୍ଥାପନ କରିଥିଲେ। ସେ ଜୈବ ବିବିଧତା ପୂର୍ଣ୍ଣ ଗନ୍ଧମାର୍ଦ୍ଦନ ପାହାଡ଼ ର ଜୀବନ ରକ୍ଷାକାରୀ ଔଷଧୀୟ ଗୁଳ୍ମ ଲତା ରୁ ଆୟୁର୍ବେଦିକ ଔଷଧ ପ୍ରସ୍ତୁତ କରାଯାଇ ପାରିବ ବୋଲି କହିଥିଲେ। ବୈଠକରେ ପାଟଣାଗଡ ଉପଜିଲ୍ଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ସୁନୀଲ କୁମାର ମେହେର ଅଧକ୍ଷତା କରିଥିବା ବେଳେ ସମ୍ମାନୀତ ଅତିଥି ରୂପେ ବଲାଙ୍ଗୀର ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଡ଼ ବିଜୟାନନ୍ଦ ସେଠୀ, ଏସ ଡି ପି ଓ ସଦାନନ୍ଦ ପୁଝାରୀ, ଆଦିବାସୀ ନେତା ପଦ୍ମ କୁମାର ସିଂ ବରିହା,ଦେବୋତ୍ତର କମିଟି ସଦସ୍ୟ ଶଶି ଭୂଷଣ ପୁଝାରୀ, ଡ ଅଭୟ ତ୍ରିପାଠୀ ଯୋଗଦେଇଥିଲେ। ହରିଶଙ୍କର କଲେଜ ଅଧକ୍ଷ ବଳଭଦ୍ର ଦାଶ ମଞ୍ଚ ପରିଚାଳନା କରିଥିବା ବେଳେ ସରପଞ୍ଚ ସଂଘ ସଭାପତି ସୁଶିଲ କୁମାର ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରଥମ ମଞ୍ଚରେ ପଞ୍ଚମ ବଲାଙ୍ଗିର, ସୁରସନ୍ଧ୍ୟା ପାଟଣାଗଡ ଓ ଗୋଲାମୁଣ୍ଡା ର ରାମ ଲୀଳା ମଞ୍ଚସ୍ଥ ହୋଇଥିବା ବେଳେ ଦ୍ୱିତୀୟ ମଞ୍ଚରେ ଓଡିଆପାଲିର ମା' ଅନ୍ନପୂର୍ଣ୍ଣା ଡ୍ୟାନ୍ସ ଗ୍ରୁପ୍, ନଟରାଜ କଳା ପରିଷଦ ବଲାଙ୍ଗିର, ସାତ କୁଆଁରୀ ପାଟଣାଗଡ ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ବୋଲଗଡ଼ (ଭାସ୍କର ନ୍ୟୁଜ): ବୋଲଗଡ଼ ବ୍ଲକ ପିଚୁକୁଳି ବଜାର ନୀଳକଣ୍ଠେଶ୍ୱର ବଣିକ ସଂଘ ଆୟୋଜନରେ ସ୍ଥାନୀୟ ମହୋତ୍ସବ ପଡ଼ିଆରେ ଶନିବାର ନୀଳକଣ୍ଠେଶ୍ୱର ଲୋକୋତ୍ସବ – ୨୦୨୫ର ଦ୍ୱିତୀୟ ସନ୍ଧ୍ୟାକୁ ମୁଖ୍ୟ ଅତିଥି ଭାବେ ବେଗୁନିଆ ପଞ୍ଚାୟତ ସମିତି ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ଯୋଗ ଦେଇ ଉଦ୍ଘାଟନ କରିଥିଲେ।ଏହି ଅବସରରେ ସମ୍ମାନିତ ଅତିଥିଭାବେ ଅସରଳା ସରପଞ୍ଚ ଶୁଭଲକ୍ଷ୍ମୀ ସୁନ୍ଦରାୟ,କଡବ ସରପଞ୍ଚ ନଳୀନ ବଡଜେନା, ମନୋଜ ପ୍ରଧାନ, ଥାନା ଅଧିକାରୀ ଜ୍ୟୋତିପ୍ରକାଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।ବନ୍ଦେ ଉତ୍କଳ ଜନନୀ ଗାନ ପରେ ଅନୁଷ୍ଠିତ ସଭାରେ ମହୋତ୍ସବ କମିଟି ସଭାପତି ପବିତ୍ର ମୋହନ ମାଝି ପୌରୋହିତ୍ୟ କରି ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।ସ୍ଥାନୀୟ ଅଞ୍ଚଳ ଐତିହ୍ୟ, ସଂସ୍କୃତି, ପରମ୍ପରା ସହ ଅନ୍ତର୍ନିହିତ ପ୍ରତିଭା ଅନ୍ୱେଷଣ ଲକ୍ଷ୍ୟ ନେଇ ୪ ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବର ଦ୍ୱିତୀୟ ଦିବସ ମୁକ୍ତାକାଶ ରଙ୍ଗମଞ୍ଚରେ ଝଲସିଥିଲା ପାରମ୍ପରୀକ ବିବିଧ ନୃତ୍ୟ,ସମରକଳା,ଲୋକକଳା ସହ ସମ୍ବଲପୁରୀ, ଓଡିଶୀ ଓ ଅନ୍ୟାନ୍ୟ ଲୋକନୃତ୍ୟ ଆଦି।ସ୍ଥାନୀୟ ଆଞ୍ଚଳିକ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ପିଚୁକୁଳି ସ୍ଥିତ ରଘୁନାଥ ଦେବ ଉଚ୍ଚ ବିଦ୍ୟାଳୟ ଓ ଆଦର୍ଶ ବିଦ୍ୟାଳୟ ଛାତ୍ରିଛାତ୍ର ଙ୍କ ସମେତ ଅସରଳା ଡ୍ୟାନସ ଗ୍ରୁପର କଳାକାର ମାନେ ରଙ୍ଗା ରଙ୍ଗ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ।

# ରାଷ୍ଟ୍ରୀୟ ଲୋକ ଅଦାଲତ
# ୪୬୪୪୯ ମାମଲାର ଫଇସଲା

ଭୁବନେଶ୍ୱର, (ଭାସ୍କର ନ୍ୟୁଜ): ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆଜି ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସର ଯଥା ଭୁବନେଶ୍ୱର, ଖୋର୍ଦ୍ଧା, ବାଣପୁର, ଜଟଣୀ, ଟାଙ୍ଗୀ, ଚିଲିକା ଓ ବେଗୁନିଆଠାରେ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ଆଇନ୍ ସେବା ପ୍ରାଧିକରଣ ଓ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶମତେ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଆୟୋଜନ କରାଯାଇଛି । ଆଗତ ସର୍ବମୋଟ ୭୬୪୩୭ ଗୋଟି ମାମଲା ମଧ୍ୟରୁ ୪୬୪୪୯ ଗୋଟି ମାମଲାର ଫଇସଲା କରାଯାଇଥିବାବେଳେ ଜରିମାନା/ ସେଟେଲ୍‌ମେଣ୍ଟ/ ରାଜସ୍ୱ ଆକାରରେ ସର୍ବମୋଟ ୨୬,୨୭,୦୮,୩୯୫ ଟଙ୍କା ଆଦାୟ ହେବା ପାଇଁ ସ୍ଥିରିକୃତ ହୋଇଥିଲା । ଖୋର୍ଦ୍ଧା ଜିଲ୍ଲା ଓ ଦୌରାଜଜ୍ ତଥା ଅଧକ୍ଷ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ଭୁବନେଶ୍ୱର ବିରଞ୍ଚି ନାରାୟଣ ମହାନ୍ତି, ପରିବାର ଅଦାଲତ ଜଜ ମଦନଲାଲ କେଡ଼ିଆ, ନରେଶ ମହାନ୍ତି, ଅତିରିକ୍ତ ଜିଲ୍ଲା ଜଜ୍ ହିମାଂଶୁ ଶେଖର ମଲ୍ଲିକ, ଶୁଭଞ୍ଜନ ମହାନ୍ତି, ବନ୍ଦନା କରଙ୍କ ସମେତ ବହୁ ପଦସ୍ଥ ବିଚାର ବିଭାଗୀୟ ଅଧିକାରୀମାନେ ଲୋକ ଅଦାଲତରେ ଉପସ୍ଥିତ ରହି ରେକର୍ଡ ସଂଖ୍ୟକ ମାମଲା ଫଇସଲା କରିଥିଲେ । ଉକ୍ତ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ସାଲିସ୍ ଯୋଗ୍ୟ ଜମିଜମା, ଫୌଜଦାରୀ, ରାଜସ୍ୱ, ଗାଡ଼ିମୋଟର ଦୁର୍ଘଟଣା ଜନିତ ମାମଲା, ପାରିବାରିକ ଓ ବୈବାହିକ ମାମଲା, ଶ୍ରମ ଓ ନିଯୁକ୍ତି, ବିଦ୍ୟୁତ ଓ ଜଳ ଯୋଗାଣ, ବ୍ୟାଙ୍କ ଋଣ ଅନାଦେୟ ଏବଂ ଅନ୍ୟାନ୍ୟ ବହୁ ଜନ ଉପଯୋଗୀ ମାମଲାମାନ ଫଇସଲା କରାଯାଇଥିଲା । ପ୍ରାଧିକରଣଙ୍କ ସଚିବ ସଲୋମୀ ସାହୁ ଉପସ୍ଥିତ ରହି ଜିଲ୍ଲା ଅଦାଲତମାନଙ୍କରୁ ହସ୍ତଗତ ହୋଇଥିବା ଲୋକ ଅଦାଲତର ଫଳାଫଳକୁ ଜିଲ୍ଲା ଜଜଙ୍କ ପାଖରେ ଉପସ୍ଥାପନା କରିବା ସହ ଏହାର ସାମଗ୍ରିକ ସଫଳତାକୁ ଦୃଷ୍ଟିରେ ରଖି ଜିଲ୍ଲା ଆଇନ୍ ସେବା ପ୍ରାଧିକରଣଙ୍କ ପକ୍ଷରୁ ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଧିକାରୀ, ରାଜସ୍ୱ ଅଧିକାରୀ, ଆଂଚଳିକ ଜାତୀୟକରଣ ବ୍ୟାଙ୍କ ଅଧିକାରୀ, ଶାଖା ପରିଚାଳକ, ଆଇନଜୀବୀ, ବୀମା ଅଧିକାରୀ ଏବଂ ଅଦାଲତ କର୍ମଚାରୀମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ପରବର୍ତ୍ତୀ ଲୋକ ଅଦାଲତ ଆସନ୍ତା ସେପେଟମ୍ବର ୧୩ ତାରିଖ ପାଇଁ ଆଗୁଆ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ । ନ୍ୟାୟ ଅଧିକାର ମିତ୍ର ସିତେଶ ଆଶିଷ ଜେନା, ପ୍ରଣତି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

## ହାଇକୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ
# ୭କୋଟି ୪୮ଲକ୍ଷ ଟଙ୍କାର କ୍ଷତି ପୂରଣ ପ୍ରଦାନ ନିର୍ଦ୍ଦେଶ

କଟକ,(ଭାସ୍କର ନ୍ୟୁଜ୍): ହାଇକୋର୍ଟରେ ଆଜି ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧୀକରଣର ମୁଖ୍ୟ ପୃଷ୍ଠପୋଷକ ତଥା ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନଙ୍କ ମାର୍ଗଦର୍ଶନରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ହାଇକୋର୍ଟ ଆଇନ ସେବା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ୭୯୫ଟି ମାମଲାର ଶୁଣାଣି ହୋଇଥିଲାବେଳେ ଏଥିମଧ୍ୟରୁ ୯୨ଟି ମାମଲାର ଆପୋସ ବୁଝାମଣାରେ ଫଏସଲା କରାଯାଇଛି । ଏଥି ମଧ୍ୟରେ ବୀମା କ୍ଷତିପୂରଣ, ଚାକିରି ସଂପର୍କିତ ମାମଲା, କ୍ରିମିନାଲ କମ୍ପାଉଣ୍ଡେବୁଲ ମାମଲା, ବିଦ୍ୟୁତ ସଂପର୍କିତ ମାମଲା ଓ ପାରିବାରିକ ମାମଲା ଅନ୍ତର୍ଭୁକ୍ତ । ଏହି ଲୋକ ଅଦାଲରେ ସାଧାରଣ ବୀମା କଂପାନୀ ମଧ୍ୟରୁ ନ୍ୟାସନାଲ ଇନ୍ସୁରାନ୍ସ, ନିୟୁ ଇଣ୍ଡିଆ ଆସୁରାନ୍ସ, ଓରିଏଣ୍ଟାଲ ଇନ୍ସୁରାନ୍ସ, ୟୁନାଇଟେଡ଼ ଇଣ୍ଡିଆ ଇନ୍ସୁରାନ୍ସ, କେତେକ ଘରୋଇ ବୀମା କମ୍ପାନୀ ଓ ବ୍ୟାଙ୍କର ଅଧିକାରୀମାନେ ଅଂଶ ଗ୍ରହଣ କରିଥିଲେ । କ୍ଷତି ପୂରଣ ବାବଦରେ ୭କୋଟି ୪୮ଲକ୍ଷ ୮୧ହଜାର ଟଙ୍କା ପ୍ରଦାନ ପାଇଁ ଆଜି ଅନୁଷ୍ଠିତ ଲୋକ ଅଦାଲତରେ ନିର୍ଦ୍ଦେଶ ଦିଆଯାଇଛି । ଜଷ୍ଟିସ ଏସ.କେ ସାହୁ, ଜଷ୍ଟିସ ଏସ.କେ ପାଣିଗ୍ରାହୀ, ଜଷ୍ଟିସ ଏ.କେ. ମହାପାତ୍ର, ଜଷ୍ଟିସ ଭି. ନରସିଂହ, ଜଷ୍ଟିସ ବି.ପି. ଶତପଥି, ଜଷ୍ଟିସ ଏମ.ଏସ.ରମଣ, ଜଷ୍ଟିସ ଏସ.କେ ମିଶ୍ର, ଜଷ୍ଟିସ ଜି. ଶତପଥି ଓ ଜଷ୍ଟିସ ଏସ.ଏସ ମିଶ୍ର ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ମାମଲା ଗୁଡ଼ିକର ଫଏସଲା କରିଥିଲେ।

## ସାମରିକ ପ୍ରତିଷ୍ଠାନର ସୁରକ୍ଷା ସମୀକ୍ଷା

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ସାମରିକ ପ୍ରତିଷ୍ଠାନର ସୁରକ୍ଷାର ସମୀକ୍ଷା କରାଯାଇଛି । ସେହିସବୁ ସ୍ଥାନରେ ସୁରକ୍ଷାକୁ ଦ୍ୱିଗୁଣିତ କରାଯାଇଛି ବୋଲି ଆଇନ ଶୃଙ୍ଖଳା ଏଡିଜି ସଂଜୟ କୁମାର କହିଛନ୍ତି । ସେ କହିଛନ୍ତି ଯେ, ରାଜ୍ୟ ଭିତରେ ଥିବା ବଡ ବଡ ଡ୍ୟାମ ଓ ସୁରକ୍ଷା ପ୍ରତିଷ୍ଠାନର ସୁରକ୍ଷା ବୃଦ୍ଧି କରାଯାଇଛି । କେନ୍ଦ୍ରିୟ ଏଜେନ୍ସି ଓ ଅନ୍ୟାନ୍ୟ ଏଜେନ୍ସି ସହ ଯୋଗାଯୋଗରେ ଅଛୁ । ସବୁ ପ୍ରକାର ପ୍ରତିକୁଳ ପରିସ୍ଥିତିକୁ ସାମନା କରିବାକୁ ପ୍ରସ୍ତୁତ ଅଛୁ । ଓଡିଶା ଏଂଟ୍ରାନ୍ସକୁ ହାଇ ଆଲର୍ଟରେ ରଖାଯାଇଛି । ୫୧୧ କିଲୋମିଟର ଉପକୁଳକୁ କଡା ସୁରକ୍ଷା ଭିତରେ ରଖା ଯାଇଛି । ଡ୍ରୋନ ଆଟାକକୁ ପୁରା ନଜରରେ ରଖାଯାଇଛି । ଗୃହ ମନ୍ତ୍ରଣାଳୟର ଗାଇଡ୍ ଲାଇନ୍ ଅନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ବଡ ବଡ଼ ଅନୁଷ୍ଠାନ ଉପରେ ଡ୍ରୋନ ନଜର ଆସିଲେ ତାକୁ ଖସାଇ ଦେବାର ନିର୍ଦ୍ଦେଶ ରହିଛି । ନିୟମ ଉଲ୍ଲଂଘନ କଲେ ତୁରନ୍ତ ଆକ୍ସନ ନେବାକୁ କୁହାଯାଇଛି । ଏହା ସହ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଯେକୌଣସି ଡ୍ରୋନ ଦେଖିଲେ ତାକୁ ଖସାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଏଡିଜି ସଂଜୟ କୁମାର କହିଛନ୍ତି ।

## ଧାନ ଅମଳର ୨୦ ଦିନ ବିତିଲାଣି
# ଖୋଲୁନି ମଣ୍ଡି-ଚିନ୍ତାରେ ଚାଷୀ

ଜଳେଶ୍ୱର (ଭାସ୍କର ନ୍ୟୁଜ): ଚଳିତ ରବି ଋତୁରେ ଧାନ ଅମଳର ୨୦ ଦିନ ବିତିଲାଣି, କିନ୍ତୁ ଜଳେଶ୍ୱରର ୧୯ଟି ସମବାୟ ସମିତିରୁ ଗୋଟିଏ ହେଲେ ଖୋଲିନଥିବାରୁ ଚାଷୀମାନେ ଅଭାବୀ ବିକ୍ରି ର ସମ୍ମୁଖୀନ ହେଉଛନ୍ତି ।ପଶ୍ଚିମବଙ୍ଗର ବେପାରୀ କବ୍ ?ଜାରେ ଜଳେଶ୍ୱରର ଚାଷୀମାନେ ପଡିଥିବାରୁ ଧାନର ପ୍ରକୃତ ମୂଲ୍ୟରୁ କ୍ୟୁଣ୍ଟାଲ ପ୍ରତି ୭ଶହ୫୦ ଟଙ୍କା କମ୍ ?ରେ ଚାଷୀ ବିକ୍ରି କରିବାକୁ ବାଧ ହେଉଛି ।ଚଳିତବର୍ଷ ଜଳେଶ୍ୱର କୃଷି ଜିଲ୍ଲାରେ ୧୯ ହଜାର ହେକ୍ଟର ଜମିରେ ରବି ଧାନ ଚାଷ ହୋଇଥିବା ବେଳେ ଜଳେଶ୍ୱର ବ୍ଲକରେ ୬ ହଜାର ହେକ୍ଟର ଜମିରେ ରବିଧାନ ଚାଷ ହେବାର କୃଷି ବିଭାଗ ଆକଳନ କରିଥିବା ବେଳେ ବାସ୍ତବ ଠାରୁ ଅଧିକ ଚାଷ ହୋଇଛି ।ଚଳିତବର୍ଷ କଳେଶ୍ୱର ଅଞ୍ଚଳରେ ରବିଧାନ ଚାଷ ଭଲ ହୋଇଥିଲା।କିନ୍ତୁ କାଳ ବୈଶାଖୀ ଓ ପ୍ରତିକୂଳ ପାଗ ଯୋଗୁଁ ଚାଷୀ ଖର୍ଚ୍ଚାନ୍ତ ଓ କ୍ଷତି ଗ୍ରସ୍ତ ହୋଇଛି।ପ୍ରତି ଏକରକୁ ଚାଷୀ ୩୦ କ୍ୟୁଣ୍ଟାଲରୁ ଅଧିକ ଧାନ ଅମଳ ଆଶା ରଖିଥିବା ବେଳେ କେତେକ ସ୍ଥାନରେ ଅମଳ କମ୍ ରହିଛି ।ଧାନ ବିକ୍ରି ଲାଗି କୃଷି ଜିଲ୍ଲାରେ ର ୩୦୯୪୪ ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ଜଳେଶ୍ୱର ବ୍ଲକ ରେ ୯୩୦୭ ଜଣ ଚାଷୀ ପଞ୍ଜିକରଣ କରିଛନ୍ତି ।ଚଳିତବର୍ଷ ଧାନର ମୂଲ୍ୟ ୨୩ ଶହ ଟଙ୍କା ଥିବା ବେଳେ ବାସ୍ତବରେ ପଶ୍ଚିମବଙ୍ଗର ଦଲାଲମାନେ ୧୫ ଶହ ୩୦ ଟଙ୍କାରେ କିଣୁଛନ୍ତି ।ପ୍ରତି ପଞ୍ଚାୟତ ରେ ଥିବା ଧାନ ଖଟି ମାଧ୍ୟମରେ ପଶ୍ଚିମବଙ୍ଗର ଦଲାଲ ଦ୍ୱାରା ଚାଷୀ ଶୋଷଣର ଶିକାର ହେଉଛି ।ବାରମ୍ବାର କାଳ ବୈଶାଖୀ ଝଡ ଦ୍ୱାରା ଅମଳ ଶସ୍ୟ ଗଚ୍ଛିତ ରଖିବା କଷ୍ଟ ସାଧ ହୋଇ ପଡିଛି ।ଏବେ ଧାନ ଅମଳ ଲାଗି ଖର୍ଚ୍ଚ, ସାର ଔଷଧ ଲାଗି କରିଥିବା କରଜ ସୁଝିବାକୁ ଧାନ ବିକ୍ରି ଏକମାତ୍ର ବିକଳ୍ପ ଥିବା ବେଳେ ବିକ୍ରି କରି ନ ପାରି ହଇରାଣ ହରକତ ହେଉଛନ୍ତି ।ଜଳେଶ୍ୱର ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ବଳରାମ ଜେନାଙ୍କୁ ପଚାରିବାରୁ ୧୫ ତାରିଖରେ ଫ୍ୟାକ୍ସ ରେ ପଞ୍ଜିକୃତ ଚାଷୀଙ୍କ ଠାରୁ ଧାନ କ୍ରୟ ସହିତ ଇନପୁଟ ସବସିଡ ୮ଶହ ଟଙ୍କା ପ୍ରଦାନ ହେବ ବୋଲି ସୂଚନା ଦେଇଛନ୍ତି ।ଏହା ସହିତ ଓଡ଼ିଶା-ପଶ୍ଚିମବଙ୍ଗ ପ୍ରମୁଖ ଆନ୍ତଃରାଜ୍ୟ ସଡକରେ ଗୁପ୍ତ କ୍ୟାମେରା ଲଗାଯାଇ ନୀରକ୍ଷଣ କରା ଯାଉଛି ।ଧାନ କ୍ରୟ ଆରମ୍ଭ ହେଲେ ପୂର୍ବଭଳି ନୋଡାଲ ଅଫିସର, ସୁପରଭାଇଜର ସହ ଇନଫୋର୍ସ ଟିମ୍ ଗଠନ ହୋଇ କାର୍ଯ୍ୟ କରିବ ବୋଲି ଶ୍ରୀ ଜେନା ସୂଚନା ଦେଇଛନ୍ତି।

## ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ନିୟୋଜିତ ହେବେ ଆର୍ମସ କମାଣ୍ଡୋ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): କମିଶନରେଟ ପୋଲିସରେ ଆଜିଠାରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗୁଡିକରେ ନିୟୋଜିତ ହେବେ ଆର୍ମସ କମାଣ୍ଡୋ । ସେମାନଙ୍କ ପାଖରେ ରହିବ ଦୂରବିକ୍ଷଣ ଯନ୍ତ୍ର । ରାଜଭବନ, ଲୋକସେବା ଭବନ, ଆସେମ୍ବଲି, ଲିଙ୍ଗରାଜ ମନ୍ଦିର, ଗୁରୁଦ୍ୱାରା, ବଡ ବଡ ଶିକ୍ଷା ଅନୁଷ୍ଠାନ ଆଦି ସ୍ଥାନରେ ଏହି କମାଣ୍ଡୋ ମାନେ ନିୟୋଜିତ ହେବେ । ପୋଲିସ କମିଶନର ଓ ଡିସିପିଙ୍କ ନେତୃତ୍ୱରେ ଏମାନଙ୍କର ମୁଭ୍‌ମେଣ୍ଟ ରହିବ ।

## ଉପକୂଳ ସୁରକ୍ଷା ସହ ରେଳ ସୁରକ୍ଷାକୁ ଗୁରୁତ୍ୱ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ଉପକୂଳ ସୁରକ୍ଷା ସହ ରେଳ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି । ସନ୍ଦିଗ୍ଧଙ୍କ ଉପରେ କଡା ନଜର ରଖିବା ପାଇଁ ଆର୍‌ପିଏଫ୍, ଜିଆର୍‌ପି ଏବଂ ସିଟି ପୋଲିସକୁ ନିର୍ଦ୍ଦେଶ ରହିଛି ।

## ରାଜଧାନୀରେ ଗୁଳିକାଣ୍ଡ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ରାଜଧାନୀରେ ଗୁଳିକାଣ୍ଡ । ଡ଼ମଣା ଛକ କସମସ୍ ବାର୍ ଉପରକୁ ଗୁଳି ଓ ବୋମା ମାଡ ହୋଇଛି । ଗୁଳିମାଡ କରି ଦୃର୍ବୃତ୍ତ ମାନେ ଫେରାର ହୋଇଯାଇଛନ୍ତି । ଗୁଳିମାଡ଼ରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି । ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା ବାର୍। ଘଟଣାସ୍ଥଳରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ପହଞ୍ଚି ସିସିଟିଭି ଯାଞ୍ଚ୍ ଆରମ୍ଭ କରିଛି ।

## ସମସ୍ତଙ୍କୁ ସଜାଗ ରହିବାକୁ ପରାମର୍ଶ ଦେଲେ ଆଇନମନ୍ତ୍ରୀ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଭାରତ-ପାକିସ୍ତାନ ମଧ୍ୟରେ ବଢୁଥିବା ବିବାଦକୁ ଦୃଷ୍ଟିରେ ରଖି ସମସ୍ତଙ୍କୁ ସଜାଗ ରହିବାକୁ ଅପିଲ କରିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ସେ କହିଛନ୍ତି ଯେ, ସୁରକ୍ଷିତ ଅଛି ଉପକୂଳ ଓଡିଶା। ଯୁଦ୍ଧ ଆଉ ପ୍ରେମ ରେ କୌଣସି ନୀତି ନିୟମ ନାହିଁ। ସେଥିପାଇଁ ଆମେ ପ୍ରସ୍ତୁତ ଅଛୁ । ଯେହେତୁ ବର୍ତ୍ତମାନ ଗୋଟେ ଆପତ୍ତିକାଳୀନ ସ୍ଥିତି ଅଛି ସମସ୍ତ ଦେଶ ଗୋଟେ ଶତ୍ରୁ ବିରୁଦ୍ଧରେ ଲଢୁଛି। ଯେଉଁ ଶତ୍ରୁ ଲମ୍ବା ସମୟ ଧରି ଆମର ସମ୍ମାନ ଉପରେ ଆଂଚ ଆଣିବାକୁ ଚେଷ୍ଟା କରୁଥିଲା। ବିଭିନ୍ନ ସ୍ଥାନରେ ସୀମା ପାର ଆତଙ୍କବାଦୀ ଭୂମିକା ତିଆରି କରୁଥିଲା। ସେମିତି ଏକ କଦର୍ଯ୍ୟ ଶତ୍ରୁ ବିରୁଦ୍ଧରେ ଆମେ ଲଢେଇ କରୁଛେ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ଆମକୁ ଦେଶ ସହ ଠିଆ ହେବାର ଅଛି। ସମଗ୍ର ଦେଶ ଏକ ହୋଇ ଆମର ନାଗରିକ ମାନଙ୍କ ସୁରକ୍ଷା ପାଇଁ ଏକ ପ୍ରକ୍ରିୟା ପାଳନ ହେଉଛି। ସେଥିପାଇଁ ସମସ୍ତଙ୍କ ଛୁଟି ବାତିଲ ହୋଇଛି। ସମସ୍ତଙ୍କୁ ସଜାଗ ରହିବାକୁ ପରାମର୍ଶ ଦେଇଛନ୍ତି ମନ୍ତ୍ରୀ ।

## ରାଜ୍ୟବାସୀଙ୍କୁ ବିଚଳିତ ନହେବାକୁ ପରାମର୍ଶ ଦେଲେ ରାଜସ୍ୱମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତ-ପାକିସ୍ତାନ ବିବାଦ ମଧ୍ୟରେ ବିଚଳିତ ନହେବାକୁ ପରାମର୍ଶ ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ସେ କହିଛନ୍ତି ଯେ, କେଉଁଠି କାହିଁକି, କେଉଁ ପରିସ୍ଥିତିରେ ଡ୍ରୋନ ଉଡୁଛି, ତା ଉପରେ ନଜର ରଖାଯାଇଛି । ସରକାର ସଚେତନ ମୂଳକ ପଦକ୍ଷେପ ନେଉଛନ୍ତି । ଲୋକ ବିଚଳିତ ହୁଅନ୍ତୁ ନାହିଁ । ଓଡ଼ିଶାରେ ସେଭଳି ପରିସ୍ଥିତି ନାହିଁ । ବଡ଼ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଛି । ଏବଂ ତୁରନ୍ତ କାର୍ଯ୍ୟରେ ନିୟୋଜିତ ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟ ଅଧିକାରୀମାନଙ୍କର ମଧ୍ୟ ପରିସ୍ଥିତି ଦେଖି ଆଗାମୀ ସମୟରେ ବାତିଲ ହେବ ଛୁଟି । ଓଡ଼ିଶାରେ ଥିବା କେନ୍ଦ୍ର ସରକାରଙ୍କର ବିଭିନ୍ନ ପ୍ରତିଷ୍ଠାନର ସୁରକ୍ଷା ବୃଦ୍ଧି କରାଯାଇଛି । ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟି ଭଳି ସ୍ଥାନର ସୁରକ୍ଷା ବଢ଼ାଯାଇଛି । ହୀରାକୁଦ ବନ୍ଧର ସୁରକ୍ଷା ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ପ୍ରବେଶ ନିଷେଧ କରାଯାଇଛି । ପୁରୀ ଶ୍ରୀମନ୍ଦିର, ଲିଙ୍ଗରାଜ ମନ୍ଦିର ମଧ୍ୟ ସୁରକ୍ଷା ଭିତରେ ଅଛି । ବଲାଙ୍ଗୀର, କୋରାପୁଟ ଆଦି ସ୍ଥାନରେ ଥିବା ଗୋଳାବାରୁଦ କାରଖାନାରେ ମଧ୍ୟ ସୁରକ୍ଷା ବଢ଼ାଯାଇଛି । ଅତୀତରେ ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ଥିବା ଲୋକଙ୍କ ଗତିବିଧି ଉପରେ ଓଡ଼ିଶା ପୋଲିସ ରଖିଛି ତୀକ୍ଷ୍ଣ ନଜର ରଖିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ।

## ରେଳ ଷ୍ଟେସନରୁ ଗଞ୍ଜେଇ ଜବତ

କଟକ,(ଭାସ୍କର ନ୍ୟୁଜ୍): ବେଆଇନ ଗଞ୍ଜେଇ ଚାଲାଣ କରୁଥିବା ବେଳେ କଟକ ରେଳ ଷ୍ଟେସନରୁ ଆରପିଏଫ ଶନିବାର ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗ ରାଜ୍ୟ ମୁର୍ଶିଦାବାଦ ଜିଲ୍ଲାର ଆବାସ ଶେଖ (୪୨) । ଅଭିଯୁକ୍ତ ଠାରୁ ୨ଟି ବ୍ୟାଗରେ ଭର୍ତ୍ତି ହୋଇଥିବା ୧୧କିଲୋ ଓଜନର ଗଂଜେଇ ଜବତ କରାଯାଇଛି । ବିଶେଷ ସୂତ୍ରରୁ ଖବର ପାଇଁ ଆର୍‌ପିଏଫ୍ ଟିମ କଟକ ରେଳ ଷ୍ଟେସନର ଅନ୍ତିମ ପାର୍ଶ୍ୱରେ ଜଣେ ବ୍ୟକ୍ତି ସନ୍ଦେହଜନକ ଭାବେ ବୁଲୁଥିବାର ଦେଖିବାକୁ ପାଇଥିଲା । ତାକୁ ଅଟକାଇ ପଚରାଉଚୁରା କରିବା ପରେ ସେ ପଶ୍ଚିମବଙ୍ଗ ମୁର୍ଶିଦାବାଦ ବାସିନ୍ଦା ଆବାସ ଶେଖ ବୋଲି ପରିଚୟ ଦେଇଥିଲା । ଆବାସ କେରଳରେ ଏକ ପାଇପ ମିସ୍ତ୍ରୀ ଭାବେ କାର୍ଯ୍ୟ କରେ ବୋଲି କହିଥିଲା । ଆବାସ ଛୁଟିରେ ଘରକୁ ଆସି ଏକମାସ ପରେ ପୁଣି କର୍ମସ୍ଥଳୀ କେରଳକୁ ଫେରୁଥିଲା । ସେ କଟକ ରେଳ ଷ୍ଟେସନରେ ଓହ୍ଲାଇ ବେଆଇନ ଗଞ୍ଜେଇ ବ୍ୟାଗ ସଂଗ୍ରହ କରି କେରଳ ଅଭିମୁଖେ ଯିବା ପାଇଁ କଟକ ଷ୍ଟେସନରେ ଅପେକ୍ଷା କରିଥିବା ବେଳେ ଆର୍‌ପିଏଫ୍ ଟିମ ହାତରେ ଧରା ପଡ଼ିଥିଲା । ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୨୭ରେ...

୫ ଦିନ ରାଜ୍ୟରେ ଭୀଷଣ ଗ୍ରୀଷ୍ମଲହରୀ ଜାରି ରହିବ। ଗୁଳୁଗୁଳି ବି ଅଣନିଃଶ୍ୱାସୀ କରିବ। ୧୪ ତାରିଖ ପର୍ଯ୍ୟନ୍ତ ପ୍ରଚଣ୍ଡ ତାତିରୁ ନିସ୍ତାର ମିଳିବାର ସମ୍ଭାବନା ନାହିଁ । ୧୧, ୧୨, ୧୩ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ଗ୍ରୀଷ୍ମଲହରୀ ବହିବାର ସମ୍ଭାବନା ଥିବାବେଳେ ୧୪ ତାରିଖରେ ଆଭ୍ୟନ୍ତରୀଣ ଓଡ଼ିଶାର ଅଧିକାଂଶ ସ୍ଥାନରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଲାଗି ରହିବ। ଅନ୍ୟପକ୍ଷରେ ଶନିବାର ରାଜ୍ୟର ୪ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୨.୭ ଡିଗ୍ରୀ ରହିଥିବାବେଳେ ହୀରାକୁଦ ଓ ଝାରସୁଗୁଡ଼ାର ତାପମାତ୍ରା ୪୧.୬ ଡିଗ୍ରୀ ରହିଛି। ସେହିପରି ଭୁବନେଶ୍ୱରର ତାପମାତ୍ରା ୪୦.୨ ରେକର୍ଡ ହୋଇଛି।

### ଆତଙ୍କୀ ହମଲା...

ଏହାପରେ ଦେଶ ଭିତରେ ପାକିସ୍ତାନ ବିରୋଧରେ ଆକ୍ରୋଶ ତୀବ୍ରରୂପ ନେଇଥିଲା। ଆତଙ୍କୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରୁ ସରକାରଙ୍କ ଉପରେ ଚାପ ପଡୁଥିଲା। ଗତ ୭ ତାରିଖରେ ଭାରତୀୟ ସେନା ଅପରେସନ ସିନ୍ଦୂର ଲଞ୍ଚ କରି କାଉଣ୍ଟର ଆଟାକ୍ କରିଥିଲା।

### ଅସ୍ତ୍ର ବିରତି...

କଡ଼ା ଜବାବ ଦେଉଛନ୍ତି। ଶ୍ରୀନଗରରେ ୩ରୁ ୪ଟି ବିସ୍ଫୋରଣ ଘଟିଥିବା ନେଇ ଜାମ୍ମୁକାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ସୂଚନା ଦେଇଛନ୍ତି। ଶ୍ରୀନଗର ଆକାଶରେ ପାକିସ୍ତାନୀ ଡ୍ରୋନ୍ ଉଡୁଥିବାର ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ରାଜସ୍ଥାନର ବାଦମେରାରେ ସଂପୂର୍ଣ୍ଣ ବ୍ଲାକ୍‌ଆଉଟ୍ ଘୋଷଣା କରାଯାଇଥିବାବେଳେ ଜାମ୍ମୁ, ଶ୍ରୀନଗର, ପଠାନକୋଟ ଆଦି ସ୍ଥାନରେ ମଧ୍ୟ ବ୍ଲାକଆଉଟ ଘୋଷଣା କରାଯାଇଛି। ପାକିସ୍ତାନୀ ସେନାଙ୍କୁ ଜବାବ ଦେବାପାଇଁ ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରାଯାଇଛି। ଗୁଜରାଟର କଚ୍ଛ ଆକାଶରେ ଡ୍ରୋନ ଉଡୁଛି। ସେହିପରି ପୋଖରାନରେ ଉଡୁଥିବା ଡ୍ରୋନକୁ ସେନା ଧ୍ୱଂସ କରି ଦେଇଥିବା ସୂଚନା ମିଳିଥିବାବେଳେ ଶ୍ରୀନଗରର ଲାଲଚୌକ ଉପରେ ଡ୍ରୋନ୍ ଉଡୁଥିବାର ସୂଚନା ମିଳିଛି।


### AFFIDAVIT

By virtue of an affidavit sworn before the Executive Magistrate, Dhenkanal, dated: 09.05.2025, I Mahala Devi, Address: village-Gobindaprasad, Po-Gobindaprasad, Ps-Dhenkana Sadar, Dist-Dhenkanal, Odisha, PIN-759015, declare that I have changed my name from Mahila Jena to Mahala Devi. Henceforth, I shall be known as Mahala Devi for all purposes.

Sd/- Mahala Devi

### AFFIDAVIT

By virtue of an affidavit sworn before the Notary Public, Cuttack, dated: 09.05.2025, I Jyotiprakash Mohanty, Address: At-Balituthapada, Kunjakothi, Po- Kunjakothi, Ps- Erasama, Dist- Jagatsinghpur, Odisha, PIN-754139, declare that I have changed my son's name from Rajesh Kumar to Rakesh Kumar Mohanty. Henceforth, He shall be known as Rakesh Kumar Mohanty for all purposes.

Sd/- Jyotiprakash Mohanty

### AFFIDAVIT

By virtue of an affidavit sworn before the Notary Public, Bhubaneswar, dated 09.05.2025, I Pranati Rout, W/o- Late Rabindranath Rout, resident of At- Ambura, Po-Belarpur, Ps- Derabish, Mahakalapada, Dist-Kendrapara, declares that I have changed my minor son's name from Sidharth Rout to Sridarth Kumar Rout. Henceforth, he shall be known as Sridarth Kumar Rout for all purposes.

Sd/- Pranati Rout

### ଘୋଷଣା ନାମା

ନିର୍ବାହୀ ମାଜିଷ୍ଟ୍ରେଟ, ଯାଜପୁର ଅଦାଲତରେ ତା -୦୩.୦୫.୨୦୨୫ ରିଖରେ ଶତ୍ୟପାଠ ନିଷ୍ପାଦନ କରି ଘୋଷଣା କରୁଅଛି ଯେ ମୁଁ ନିରୋଦ କୁମାର ପାଢି ପି- ଅନନ୍ତ କିଶୋର ପାଢି, ଗ୍ରା -ଜାଲପୁର, ପୋଷ୍ଟ - ମାର୍କଣ୍ଡପୁର, ଥାନା/ଜିଲ୍ଲା -ଯାଜପୁର, ଓଡିଶା, ପିନ୍ -୭୫୫୦୦୭, ମୋର ନାବାଳକ ପୁତ୍ରର ନାମ ପ୍ରିକାଶୁ ପ୍ରିୟାଂଶୁ ପାଣିଗ୍ରାହୀ ପରିବର୍ତ୍ତେ ପ୍ରିକ୍ସୁ ପ୍ରିୟାଂଶୁ ପାଢି ନାମରେ ପରିବର୍ତନ କରାଗଲା । ଏହି ଶତ୍ୟପାଠ ଦିନ ଠାରୁ ସେ ପ୍ରିକ୍ସୁ ପ୍ରିୟାଂଶୁ ପାଢି ନାମରେ ସବୁ ଜାଗାରେ ଜଣାଶୁଣା ରହିବ ।

T-19

### ଓଡ଼ିଶା ସରକାର

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା ୧୩.୦୫.୨୦୨୫ ରିଖ (ମଙ୍ଗଳବାର) ଦିନ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ତା ୦୯.୦୫.୨୦୨୫ ରିଖ ଦିବା ୧୧ ଘଟିକା ଠାରୁ ଆରମ୍ଭ ହେବ । ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ **ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/)** ମାଧ୍ୟମରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ । ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାର ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଜଣାଇପାରିବେ । ଏତଦ୍ ଭିନ୍ନ , ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗ ପତ୍ରଗୁଡିକୁ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ ।

**ନିର୍ଦ୍ଦେଶକ, ସାଧାରଣ ଅଭିଯୋଗ-ତଥା-ସ୍ୱତନ୍ତ୍ର ଶାସନ ସଚିବ**

**OIPR 09014/11/0108/2526** **ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

C-295

**GOVERNMENT OF ODISHA**
**NOTIFIED AREA COUNCIL, POLASARA, DIST-GANJAM**
**(H & U D Department)**
******

**REQUEST FOR PROPOSAL (RFP) NOTICE**

Tender Call Lt No: I 064/2025-26 Dated:09/05/2025
E-Tender ID No. Dated :09/ 05 /2025

The Executive Officer, Polasara N.A.C intends to deploy Sanitation workers for processing of Municipal Solid Waste and manage the day-to-day sanitation work (Road Sweeping , Drain Cleaning , Bush cutting etc.) covering all 19 (Nineteen) nos. of wards of Polasara NAC through engagement of a Private Service Provider( PSP ) agency.

Proposals in form of Percentage Rate Bids are invited in online mode through Govt. E-procurement portal: www.tendersodisha.gov.in under two-bid system from Interested Eligible Private Service Providing Agencies for deployment of sanitation workers for a period of 11 (Eleven) months (approx.) .

The details of the Request for Proposal (TABLE A) & Critical Dates (TABLE-B) are as follows :

TABLE-A Amount in INR.

| E Tender ID No. | Description of the RFP/Tender | Period of Execution | Tender Paper Cost | Estimated Cost | Earnest moneyDeposit (EMD) @ 2% |
|---|---|---|---|---|---|
| Lt No. /Sanit/ 25-26 dt 09.05.2025 & E Tender ID No. Dt: 09.05.2025 | SELECTION OF PRIVATE SERVICE PROVIDER AGENCY FOR DEPLOYMENTOF SANITATION WORKERS ON OUTSOURCING BASIS IN 19 NOS. OF WARDS AT POLASARA NAC, DIST-GANJAM | 1st June , 2025 To 30th April, 2026 | 10,000/- | 1.80 Crore Per annum | 3,60,000/- |

TABLE-B

| Sl. No. | BiddingSchedule | Date | Time & Venue |
|---|---|---|---|
| 1. | RFP Publication & documents download Start Date | 09.05.2025 | 03.00 PM |
| 2 | Bid submission Start Date | 09.05.2025 | 03.00 PM |
| 3 | Bid submission End Date | 23.05.2025 | 03.00 PM |
| 4 | Technical Bid Opening Date | 23.05.2025 | 03.30 PM |
| 5 | Financial Bid Opening Date | 26.05.2025 | 10.00 AM |
| 6 | Date of Agreement | 30.05.2025 | (Tentative) |

The Request for Proposal (RFP) bid document containing eligibility criteria, scope of the work, Instructions to bidders and other applicable terms and conditions can be downloaded from www.tendersodisha.gov.in & /website of this office at http//ganjam.odisha.gov.in within the critical dates in Table B above. Any addendum/Corrigendum will form part of original RFP & will be available in E-Procurement portal & office website .

The authority reserves the right to modify/reject any/all of the proposals/Bids ,terms & conditions of this RFP & cancel entire bid process without assigning any reason thereof . All disputes are limited to JMFC, Polasara .

*Complete Address for any further clarification :*
The Executive Officer
Office of the Notified Area Council,Polasara
At/Po- Near Bus Stand Polasara, Dist- Ganjam
Pin-761105 ,Ph-06810– 291235, 9853162506
Email:nacpolasara72@gmail.com

Sd/-
Executive Officer
NAC,Polasara,Ganjam

**OIPR 13214/11/0018/2526**

**OFFICE OF THE SUPERINETENDING ENGINEER**
**PUBLIC WORK DEPARTMENT, BILASPUR CIRCLE**
**BILASPUR, CHHATTISGARH**

**निविदा निरस्तीकरण सूचना**

इस कार्यालय के निविदा आमंत्रण सूचना क्रमांक 318 दिनांक 31.12.2024, 327 दिनांक 08.01.2025 एवं 329 दिनांक 08.01.2025 को अपेन्डिक्स 2.10 की कंडिका 4.6 के तहत् अपरिहार्य कारणवश निरस्त किया जाता है।

G-252600729/ 6

अधीक्षण अभियंता
लोक निर्माण विभाग
बिलासपुर मण्डल, बिलासपुर

B-118

OFFICE OF THE SUPERINTENDING ENGINEER
BHUBANESWAR (R&B) DIVISION NO III
BHUBANESWAR
bbsrrandb03@yahoo.com
60Estg.No - Date –

Government of Odisha "e"-Procurement Notice No (05 ) of 2025-26
Bid Identification No: - C.C. (R&B) 03

| | | |
|---|---|---|
| 1 | Name of the Work | Road Works |
| 2 | Total No of works | 7nos. works |
| 3 | Estimated Cost | i)Rs. 56,30,300.00, ii)Rs.87,97,100.00, iii)Rs.83,48,800.00, iv)Rs.84,74,600.00, v)Rs.52,54,400.00, vi)Rs.54,54,600.00, vii)50,35,500.00 |
| 4 | Class of Contractor | "B" Class Contractor |
| 5 | Period of Completion | 2 (Two ) Calendar Months |
| 6 | Type of Tender | Double Cover System (Online) |
| 7 | Date & time of availability of bid document in the portal | From **14/05/2025 at 11.30 P.M. to 23/05/2025 at 5.30 P.M.** |
| 8 | Last Date & Time for Receipt of bids in the Portal | **23/05/2025, upto 5.30 P.M.** |
| 9 | Name & Address of the Officer inviting Bid | **Er. Narendra Kumar Ghadai**, Superintending Engineer, Bhubaneswar (R&B) Division No III, Bhubaneswar |

Further details can be seen from the e-procurement portal https://tendersorissa.gov.in
*N.B: Subsequent corrigendum / addendum if required shall be available in the website as indicated above*

**OIPR 34089/11/0028/2526**

Sd/-Superintending Engineer
BBSR (R&B) Division No.III, BBSR

A-140

**GOVERNMENT OF ODISHA**
**DEPARTMENT OF WATER RESOURCES**

OFFICE OF THE ADDITIONAL CHIEF ENGINEER
BALANGIR IRRIGATION CIRCLE, BALANGIR
E-mail:sebalangir@gmail.com
**"e- Procurement Notice "**
**BID Identification No: ACE, BOIC- 01/2025-26**
**Procurement Details**

| Pkg. No. | Name of works | Approx. Tender Cost in lakh | Class of Contractor | Bid Security/ EMD- (online)- (in INR) | Cost of tender document- (online)- (in INR) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Flood Protection works at the right bank of river Salki near daily market at Baghiapada GP of Boudh Block(working RD 00M to 135M.) | Rs 117.51 Lakh (excluding G.S.T) | 'A' & 'B' Class | Rs. 1,17,520/- | Rs.10,000/- | 12 (Twelve) Calendar Months |
| 2 | Construction of Flood Protection wall/stone patching in River Salki from the existing stone patching at Gupteswar mandir upto 500m in the U/S and 100m in the D/S in village Khaliapali under Brahmanipali G.P. of Boudh Block(working RD 00M to 140M U/S and RD 171M to 231M D/S.) | Rs 154.25 Lakh (excluding G.S.T) | 'A' & 'B' Class | Rs. 1,54,260/- | Rs.10,000/- | 12 (Twelve) Calendar Months |
| 3 | Flood Protection work to right bank of river Mahanadi from RD 75.00M to 675.00M [D/S to ghat to muhana] near village Kodasingha of Harbhanga G.P of Harbhanga Block(working RD 75M to 358M.) | Rs 184.41 Lakh (excluding G.S.T) | 'A' & 'B' Class | Rs. 1,84,420/- | Rs.10,000/- | 12 (Twelve) Calendar Months |

| Procurement Officer | Bid Identification No. | Availability of tender on-line for bidding | | Date of Seeking tender clarification | Date & Time of opening of tender | | Place of opening |
|---|---|---|---|---|---|---|---|
| | | From | To | | Technical Bid | Financial Bid | |
| 1 | 2 | 3 | 4 | 5 | 6 | 7 | 8 |
| Addl. Chief Engineer, Balangir Irrigation Circle, Balangir | ACE, BOIC – 01/2025-26 | Dt.13.05.2025 at 10.00 hours | Dt.02.06.2025 up to 17.30 hours | Dt.13.05.2025 to Dt.20.05.2025At Office during office hours. (In working days) | Dt.03.06.2025 at 11.00 Hours | To be intimated after evaluation of Technical Bid. | Office of Addl. Chief Engineer, Balangir Irrigation Circle, Balangir |

Further details can be seen from the e-procurement portal "https://www.tendersodisha.gov.in".

**OIPR 32347/11/0003/2526**

Sd/-Additional Chief Engineer
Balangir Irrigation Circle, Balangir



ନୂଆଦିଲ୍ଲୀ: ପାକିସ୍ତାନକୁ ଜବାବ ଦେବାକୁ ସୀମାକୁ ଫେରୁଥିବା ଜଣେ ଯବାନଙ୍କୁ ସିଟ ପାଇଁ ଲାଞ୍ଚ ମାଗିଲେ ଟିଟିଇ । ଆଉ ଏହା ଜଣାପଡିବା ପରେ ଏବେ ସମ୍ପୃକ୍ତ ଟିଟିଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ବାସ୍ତବରେ ଛୁଟି ପାଇଁ ଘରକୁ ଫେରିଥିବା ସୈନିକଙ୍କୁ ନିଜ ଦେଶକୁ ସୁରକ୍ଷା ଦେବା ପାଇଁ ଡକାଯାଇଥିଲା । ସମାନ କ୍ରମରେ, ଆଜି ହଠାତ୍ ସମନ ପାଇବା ପରେ ଘରୁ ସୀମାକୁ ଫେରୁଥିବା ଜଣେ ସେନା ଯବାନଙ୍କଠାରୁ ଲାଞ୍ଚ ନେବା ପାଇଁ ଜଣେ ଟିଟିଇଙ୍କୁ ଭାରୀ ମୂଲ୍ୟ ଦେବାକୁ ପଡିଛି । ମାଲୱା ଏକ୍ସପ୍ରେସରେ ଟିସି ଜଣେ ସେନା ଯବାନଙ୍କଠାରୁ ଲାଞ୍ଚ ନେଇଥିଲେ ଏବଂ ଏହାର ଭିଡିଓ ଭାଇରାଲ ହୋଇଥିଲା । ଯାହା ପରେ ଟିଟିଇଙ୍କୁ ତୁରନ୍ତ ପ୍ରଭାବରୁ ନିଲମ୍ବିତ କରାଯାଇଛି । ଏହା ସହିତ, ରେଳବାଇ ଦ୍ୱାରା ଏହି ଘଟଣାର ତଦନ୍ତ କରାଯାଉଛି । ଏହି ମାମଲା ହରିୟାଣାର ସୋନିପତର ବୋଲି କୁହାଯାଉଛି । ସୂଚନା ଅନୁଯାୟୀ, ଗ୍ୱାଲିୟରର ନିବାସୀ ସୁବେଦାର ବିନୋଦ କୁମାର ଦୁବେ ଏବଂ ଅଗ୍ନିବୀର ଜାହିର ଖାନ, ଅନ୍ୟ ଜଣେ ସାଥୀଙ୍କ ସହିତ ମାଲୱା ଏକ୍ସପ୍ରେସ ୧୨୯୧୯ରେ ଚଢ଼ିଥିଲେ ।

## ପାକିସ୍ତାନର ପୋଲ୍ ଖୋଲିଲା ପ୍ରତିରକ୍ଷା ମନ୍ତ୍ରାଳୟ



ନୂଆଦିଲ୍ଲୀ: ଭାରତ-ପାକିସ୍ତାନ ଅସ୍ତ୍ରବିରତି ସହ ଅପରେସନ ସିନ୍ଦୂର ନେଇ ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ ପ୍ରେସମିଟ୍ । ପାକିସ୍ତାନ ପୋଲ ଖୋଲିଦେଲେ କର୍ଣ୍ଣଲ ସୋଫିଆ କୁରେସି । କହିଲେ, ପାକିସ୍ତାନ ମିଛ ଖବର ପ୍ରଚାର କରୁଛି । ଅପପ୍ରଚାର କରି ଆମ ସେନାକୁ ବଦନାମ କରିବାକୁ ଚାହୁଁଛି । ଭାରତୀୟ ସେନା ପକ୍ଷରୁ କୌଣସି ମସଜିଦକୁ ନଷ୍ଟ କରାଯାଇନାହିଁ । ପାକିସ୍ତାନୀ ଫାଇଟର ଜେଟ୍ ଜେଏଫ-୧୭ ଦ୍ୱାରା ଭାରତର ଏସ-୪୦୦ ଏବଂ ବ୍ରୋହ୍ମୋସ୍ ମିସାଇଲ୍ ନଷ୍ଟ କରାଯାଇଥିବା ନେଇ ପାକିସ୍ତାନର ଅଭିଯୋଗକୁ ଖଣ୍ଡନ କଲେ ସୋଫିଆ । ଭାରତର ବିଭିନ୍ନ ବିମାନ ଘାଟିକୁ ପାକିସ୍ତାନ ଧ୍ୱଂସ କରିଥିବା କଥା ମଧ୍ୟ ସମ୍ପୂର୍ଣ୍ଣ ମିଛ । ୱିଙ୍ଗ କମାଣ୍ଡର ବୌମିକ ସିଂ କହିଛନ୍ତି ଆମେ ପାକିସ୍ତାନର ରକ୍ଷାତ୍ମକ ପ୍ରଣାଳୀକୁ ପୂରା ଧ୍ୱଂସ କରି ଦେଇଛୁ । ପାକିସ୍ତାନର ଏୟାରବେସକୁ ନଷ୍ଟ କରିଛୁ । ଆମ ସେନାର ଆକ୍ରମଣରେ ପାକିସ୍ତାନ ଅନେକ କ୍ଷତି ହୋଇଛି ହେଲେ ଆମେ କୌଣସି ଧାର୍ମିକ ସ୍ଥଳ ଉପରେ ଆକ୍ରମଣ କରିନୁ । ଆମ ସେନା ସବୁବେଳେ ସଜାର ରହିଛି କହିଲେ ବୌମିକ ।

## ଅସ୍ତ୍ରବିରତି ପରେ ଆକ୍ରମଣ କଲେ କ'ଣ ହେବ ?

ନୂଆଦିଲ୍ଲୀ: ଅପରେଶନ ସିନ୍ଦୂର ଅଧୀନରେ ଭାରତର ଦ୍ରୁତ ଆକ୍ରମଣ ଯୋଗୁଁ, ପାକିସ୍ତାନକୁ ୮୬ ଘଣ୍ଟା ମଧ୍ୟରେ ପଛକୁ ହଟାଇ ଦିଆଯାଇଛି । ଭାରତ ସୀମାରେ ସାମରିକ ଉତ୍ତେଜନା ସମାପ୍ତ କରିବା ପାଇଁ ପାକିସ୍ତାନ ଯୁଦ୍ଧବିରତି ଘୋଷଣା କରିଛି । ଆପଣଙ୍କୁ କହିରଖୁଛୁ ଯେ, ଭାରତର ଆକ୍ରମଣରେ ଭୟଭୀତ ହୋଇ ପାକିସ୍ତାନ ମଧ୍ୟ ଅନ୍ତର୍ଜାତୀୟ ସମୁଦାୟକୁ ସମାଧାନ ପାଇଁ ନିବେଦନ କରିଥିଲା । ସୂଚନା ଅନୁଯାୟୀ, ଶନିବାର, ମେ ୧୦ ତାରିଖରେ, ପାକିସ୍ତାନର ଡିଜିଏମଓ ଭାରତର ଡିଜିଏମଓଙ୍କୁ ଫୋନ କରି ଯୁଦ୍ଧବିରତି ପାଇଁ ଅପିଲ କରିଥିଲେ, ଯାହା ପରେ ଭାରତ ମଧ୍ୟ ଏଥିରେ ରାଜି ହୋଇଥିଲା । ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି କିଛି ନୂଆ କଥା ନୁହେଁ । ଦୁଇ ଦେଶ ଅଲଗା ହେବା ପରଠାରୁ, ପାକିସ୍ତାନ ସୀମାରେ ଅନେକ ଥର ଅସ୍ତ୍ରବିରତି ଉଲ୍ଲଂଘନ କରିଛି । ଯଦି ଆମେ ପାକିସ୍ତାନର ଚରିତ୍ରକୁ ଦେଖିବା, ତେବେ ପାକିସ୍ତାନ ପୁଣି ଥରେ ଏପରି କାମ କରିବାକୁ ସାହସ କଲେ ଏହା କୌଣସି ନୂଆ କଥା ହେବ ନାହିଁ । ଏପରି ପରିସ୍ଥିତିରେ, ପ୍ରଶ୍ନ ଉଠେ ଯେ ଯଦି ପାକିସ୍ତାନୀ ସେନା ପୁଣି ଥରେ ଅସ୍ତ୍ରବିରତି ଉଲ୍ଲଂଘନ କରେ, ତେବେ ଭାରତ ଏହାର କ'ଣ ଜବାବ ଦେବ ? ଭାରତ କ'ଣ ଅନ୍ତର୍ଜାତୀୟ ସ୍ତରରେ ଅସ୍ତ୍ରବିରତି ଉଲ୍ଲଂଘନର ପ୍ରସଙ୍ଗ ଉଠାଇପାରିବ ? ଯେତେବେଳେ ଦୁଇଟି ଦେଶ ମଧ୍ୟରେ ଯୁଦ୍ଧବିରତି ହୁଏ, ସେତେବେଳେ ଅନେକ ନିୟମ ମଧ୍ୟ ଲାଗୁ ହୁଏ । ଉଭୟ ଦେଶ ନିଜ ନିଜ ମଧ୍ୟରେ ନିୟମ ଏବଂ ସର୍ତ୍ତାବଳୀ ସ୍ଥିର କରନ୍ତି ଏବଂ ସେଗୁଡ଼ିକୁ ପାଳନ କରିବାକୁ ରାଜି ହୁଅନ୍ତି । ଉଦାହରଣ ସ୍ୱରୂପ, ସୀମାରେ ସାମରିକ ନିୟୋଜିତତା ହ୍ରାସ କରିବା ଏବଂ ଚିହ୍ନିତ ଅଞ୍ଚଳରେ ପାଟ୍ରୋଲିଂ କରିବା ସମ୍ପର୍କରେ ମଧ୍ୟ ନିୟମ ତିଆରି ହୋଇଛି । ଏଥର ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ସମ୍ପର୍କରେ କେଉଁ ନିୟମ ସ୍ଥିର ହୋଇଛି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ତଥାପି, ଏହି ପ୍ରସଙ୍ଗରେ ଦୁଇ ଦେଶ ମଧ୍ୟରେ ମେ ୧୨ ତାରିଖରେ ଆଲୋଚନା ହେବ, ଯାହା ପରେ ଏହା ସ୍ପଷ୍ଟ ହୋଇପାରେ । ଯଦି କୌଣସି ଦେଶ ବାରମ୍ବାର ଅସ୍ତ୍ରବିରତି ନିୟମ ଉଲ୍ଲଂଘନ କରେ, ତେବେ ଅନ୍ୟ ଦେଶ ଏହି ପ୍ରସଙ୍ଗକୁ ଜାତିସଂଘରେ ଉଠାଇପାରିବ । ଭାରତ ଅନେକ ଥର ଜାତିସଂଘ ସୁରକ୍ଷା ପରିଷଦ ରେ ପାକିସ୍ତାନ ଦ୍ୱାରା ଅସ୍ତ୍ରବିରତି ଉଲ୍ଲଂଘନ ପ୍ରସଙ୍ଗ ଉଠାଇଛି । ଏପରି ପରିସ୍ଥିତିରେ, ଯଦି ଏଥର ମଧ୍ୟ ପାକିସ୍ତାନ ଦ୍ୱାରା ଅସ୍ତ୍ରବିରତି ଉଲ୍ଲଂଘନ କରାଯାଏ, ତେବେ ଭାରତ ଏହି ପ୍ରସଙ୍ଗକୁ ଜାତିସଂଘ ସାମରିକ ପର୍ଯ୍ୟବେକ୍ଷକ ଗୋଷ୍ଠୀ ସମ୍ମୁଖରେ ଉଠାଇପାରିବ । ଏହା ପରେ ଜାତିସଂଘର ସଦସ୍ୟ ଦେଶଗୁଡ଼ିକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାର ଅଧିକାର ଅଛି । ଜାତିସଂଘ ଚାର୍ଟରରେ ପ୍ରଦତ୍ତ କ୍ଷମତା ବ୍ୟବହାର କରି, ଜାତିସଂଘ ଏପରି ଦେଶ ବିରୁଦ୍ଧରେ ଠୋସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ।

## ଭାରତ ଆମ ଉପରେ ଆକ୍ରମଣ କରିନି: ତାଲିବାନ



କାବୁଲ: ନିଜର ମିଛ କହିବା ଅଭ୍ୟାସ ଛାଡ଼ିପାରିନାହିଁ ପାକିସ୍ତାନ । ଆଫଗାନିସ୍ତାନକୁ ନେଇ ପାକିସ୍ତାନ କହିଥିବା ମିଛର ପର୍ଦ୍ଦାଫାସ କରିଛି ଖୋଦ ତାଲିବାନ । ପାକିସ୍ତାନ ସେନା ନିଜର ସମ୍ବାଦିକ ସମ୍ମିଳନୀରେ କହିଥିଲା ଯେ ଭାରତ ଆଫଗାନିସ୍ତାନ ଉପରେ ଡ୍ରୋନ ଓ କ୍ଷେପଣାସ୍ତ୍ର ଆକ୍ରମଣ କରିଛି । କିନ୍ତୁ ଏହା ମିଛ ବୋଲି ତାଲିବାନ କହିଛି । ପାକିସ୍ତାନର ଏପରି ଦାବିକୁ ଆଫଗାନିସ୍ତାନ ମିଥ୍ୟା ବୋଲି କହିଛି । ତାଲିବାନ ପ୍ରତିରକ୍ଷା ମନ୍ତ୍ରାଳୟର ମୁଖପାତ୍ର ଏନାତୁଲ୍ଲା ଖାୱାରଜାମି କହିଛନ୍ତି ଯେ ଆଫଗାନ ମାଟିରେ ଭାରତର କ୍ଷେପଣାସ୍ତ୍ର ପଡ଼ିବା ନେଇ ପାକିସ୍ତାନ ଯେଉଁ ଅଭିଯୋଗ କରୁଛି ତାହା ସମ୍ପୂର୍ଣ୍ଣ ମିଥ୍ୟା । ସେହିପରି ଆଜି ଏକ ଆଫଗାନିସ୍ତାନ ଗଣମାଧ୍ୟମ ସଂଗଠନ ହୁରିୟତ ରେଡିଓ ଇଂରାଜୀ କହିଛି ଯେ ଆଫଗାନିସ୍ତାନ ପ୍ରତିରକ୍ଷା ମନ୍ତ୍ରଣାଳୟ ପାକିସ୍ତାନର ମିଛର ପର୍ଦ୍ଦାଫାସ କରିଛି । ଏପରି ମିଛ କହି ପାକିସ୍ତାନ ଭାରତ ଓ ଆଫଗାନିସ୍ଥାନ ମଧ୍ୟରେ ଥିବା ସଂପର୍କକୁ ଖରାପ କରିବାକୁ ଚେଷ୍ଟା କରୁଥିବାବେଳେ ତାଲିବାନ ହିଁ ଏହି ମିଛର ପର୍ଦ୍ଦାଫାଶ କରିଛି । ସୂଚନାଯୋଗ୍ୟ ଯେ, ଭାରତ ପରି ଆଫଗାନିସ୍ତାନ ସହ ମଧ୍ୟ ପାକିସ୍ତାନର ସୀମା ବିବାଦ ରହିଛି । ଏହାକୁ ନେଇ ତାଲିବାନ ଓ ପାକିସ୍ତାନ ମଧ୍ୟରେ ମତଭେଦ ବଢିବାରେ ଲାଗିଛି ।

## କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜି ନାହିଁ: ମୁଖ୍ୟମନ୍ତ୍ରୀ



ଗୌହାଟି: ଆସାମରେ ଭାରତ-ବାଂଲାଦେଶ ସୀମା ଉପରେ ସକ୍ରିୟ ଭାବରେ ନଜର ରଖାଯାଇଛି ଏବଂ ଗତ ୧୦ ଦିନ ମଧ୍ୟରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ ବୋଲି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ପ୍ରକାଶ କରିଛନ୍ତି । ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବିଶ୍ୱଶର୍ମା କହିଛନ୍ତି ଯେ ଭାରତ-ବାଂଲାଦେଶ ସୀମାରେ ପାଟ୍ରୋଲିଂକୁ ଜୋରଦାର କରାଯାଇଛି । ଗତ ୧୦ ଦିନ ମଧ୍ୟରେ ଆମେ ସୀମାରେ କୌଣସି ଅପ୍ରୀତିକର କାର୍ଯ୍ୟକଳାପ ଦେଖାଯାଇନାହିଁ । ସୀମାପାର ଅନୁପ୍ରବେଶ ଏହି ଅଞ୍ଚଳରେ ଏକ ପ୍ରମୁଖ ସମସ୍ୟା ରହିଛି । ଏଜେନ୍ସିଗୁଡ଼ିକ ଅବୈଧ ପ୍ରବାସୀଙ୍କୁ ଅଟକ ରଖୁଛନ୍ତି କିନ୍ତୁ ସେମାନଙ୍କୁ ଦେଶ ଭିତରକୁ ଆଣୁନାହାଁନ୍ତି । ଅନୁପ୍ରବେଶକାରୀମାନଙ୍କୁ ସୀମାରୁ ସେମାନଙ୍କ ଦେଶକୁ ପୁଣି ଘଉଡ଼ାଇ ଦିଆଯାଉଛି ବୋଲି ସେ କହିଛନ୍ତି । କୌଣସି ଅନୁପ୍ରବେଶକାରୀଙ୍କୁ ଦେଶରେ ପ୍ରବେଶ କରିବାକୁ ଦିଆଯିବ ନାହିଁ । ଯେଉଁମାନଙ୍କୁ ବିଦେଶୀ ଭାବରେ ଚିହ୍ନଟ କରାଯାଇଛି ସେମାନଙ୍କୁ ଫେରାଇ ଦିଆଯାଇଛି । ବେଆଇନ ପ୍ରବାସୀଙ୍କୁ ରଖିବା ପାଇଁ ମାଟିଆ ଅଟକ କେନ୍ଦ୍ର ହେଉଛି ଦେଶର ସବୁଠାରୁ ବଡ଼ ସୁବିଧା ମଧ୍ୟରୁ ଗୋଟିଏ । ସୁପ୍ରିମକୋର୍ଟ ଫେବୃଆରୀରେ ଆସାମ ସରକାରଙ୍କୁ ସେଠାରେ ରହିଥିବା ୬୩ ଜଣ ବିଦେଶୀଙ୍କ ପାଇଁ ଦେଶାନ୍ତର ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ ବୋଲି ଶ୍ରୀ ବିଶ୍ୱଶର୍ମା ପ୍ରକାଶ କରିଛନ୍ତି ।

## ସର୍ବଧର୍ମ ସଭାରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ



ରାୟପୁର: ବର୍ତ୍ତମାନର ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିରେ, ସମସ୍ତ ଧର୍ମ, ସମାଜ ଏବଂ ସମ୍ପ୍ରଦାୟ ମଧ୍ୟରେ ଶାନ୍ତି, ସଦଭାବନା ଏବଂ ଏକତା ଲକ୍ଷ୍ୟରେ, ରାଜଭବନର ଦରବାର ହଲରେ ରାଜ୍ୟପାଳ ରାମେନ ଡେକାଙ୍କ ଅଧ୍ୟକ୍ଷତାରେ ଏକ ସର୍ବଧର୍ମ ସଭାର ଆୟୋଜନ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାଇ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ । ଏହି ଅବସରରେ ତାଙ୍କ ଅଭିଭାଷଣରେ ରାଜ୍ୟପାଳ ଡେକା କହିଥିଲେ ଯେ ବର୍ତ୍ତମାନର ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି କେବଳ ସୀମାରେ ଯୁଦ୍ଧର ଏକ ଆହ୍ୱାନ ନୁହେଁ ବରଂ ଏହା ଆମ ସମାଜର ଏକତା, ଆମ ସଂସ୍କୃତିର ସହିଷ୍ଣୁତା ଏବଂ ଆମ ନାଗରିକଙ୍କ ସଚେତନତାର ମଧ୍ୟ ଏକ ପରୀକ୍ଷା । ସମାଜରେ ସଂଯମ, ଶାନ୍ତି ଏବଂ ସଦ୍ଭାବ ବଜାୟ ରଖିବା ଆମର ଦାୟିତ୍ୱ । ଡେକା ଛତିଶଗଡ଼ର ଲୋକମାନଙ୍କୁ ଏକତା ରକ୍ଷା କରି ଶାନ୍ତି ଏବଂ ସଦଭାବ ବଜାୟ ରଖିବାକୁ ନିବେଦନ କରିଥିଲେ । ଏବେ ଆମକୁ ଚିନ୍ତା କରିବାକୁ ପଡିବ ଯେ ଆମେ ଦେଶ ଏବଂ ସମାଜକୁ କ'ଣ ଦେଇପାରିବୁ । ଆମକୁ ଦେଶ ପାଇଁ ଏକତ୍ରିତ ହେବାକୁ ପଡିବ । ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାଏ ତାଙ୍କ ଭାଷଣରେ କହିଥିଲେ ଯେ ଭାରତ ସତ୍ୟ, ଅହିଂସା ଏବଂ ଶାନ୍ତିର ପୂଜାରୀ । ସର୍ବଭାରତୀୟ ସଭାରେ, ଜୈନ ସମ୍ପ୍ରଦାୟର ଚନ୍ଦ୍ରଶେଖ ଶାହା, ଶାଦାନୀ ଦରବାରର ଯୁଧିଷ୍ଠିର ମହାରାଜ, ବ୍ରହ୍ମାକୁମାରୀ ଶାନ୍ତି ସରୋବର ଭଉଣୀ, ଶିଖ ସମ୍ପ୍ରଦାୟର ସର୍ଦ୍ଦାର ଆମ୍ରିକ୍ ସିଂ, ବହରା ସମ୍ପ୍ରଦାୟର ଫେରେଜ ଗାନ୍ଧୀ, ବ୍ରାହ୍ମଣ ସମ୍ପ୍ରଦାୟର ଦୀପାବର ତିୱାରୀ ମିଶନ୍, ଭାରତ ସେବା ସଂଗଠନର ସ୍ୱାମୀ ଶିବରୁପାନନ୍ଦଜୀ ମହାରାଜ, ଛତିଶଗଡର ସୁଶ୍ରୀ ସୁଷମା କୁମାର, ଗାୟତ୍ରୀ ପ୍ୟାରୀର ଦିଲୀପ ପାଣିଗ୍ରାହୀ, ମୁତାୱାଲୀ ଜାମା ମସଜିଦର ଅବଦୁଲ୍ ଫାହିମ୍ ଏବଂ କାଲିବର ବଙ୍ଗଳା ସମ୍ପ୍ରଦାୟର ରଂଜନ ବାନାର୍ଜୀ ସେମାନଙ୍କ ମତ ପ୍ରକାଶ କରିଛନ୍ତି । ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ଲୋକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ଏବଂ ସେମାନଙ୍କ ଆତ୍ମାର ଶାନ୍ତି ପାଇଁ ଯୁଦ୍ଧରେ ଦୁଇ ମିନିଟ୍ ନୀରବ ପାଳନ କରାଯାଇଥିଲା । ଏହି ଅବସରରେ, ଅନୁସୂଚିତ ଜାତି ଏବଂ ଜନଜାତି ବିଭାଗର ପ୍ରମୁଖ ସଚିବ ସୋନମନୀ ବୋରା, ରାଜ୍ୟପାଳଙ୍କ ସଚିବ ଡକ୍ଟର ସି.ଆର. ପ୍ରସନ୍ନ, ଯୁଗ୍ମ ସଚିବ ସୁଶ୍ରୀ ନିଧି ସାହୁ, କଲେକ୍ଟର ରାୟପୁର ଡକ୍ଟର ଗୌରବ କୁମାର ସିଂହ, ବରିଷ୍ଠ ପୋଲିସ ଅଧୀକ୍ଷକ, ରାଜଭବନର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ସହିତ ବିଭିନ୍ନ ଧର୍ମ ଏବଂ ସମ୍ପ୍ରଦାୟର ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ ।

## ୩ ଛୁଆଙ୍କ ସହ କୂଅକୁ ଡେଇଁପଡ଼ିଲା ମା'

ରାଞ୍ଚି: ଝାଡ଼ଖଣ୍ଡର ଗିରିଡିହ ଜିଲ୍ଲାରେ ଆଜି ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି । ଯେଉଁଠାରେ ପାରିବାରିକ ବିବାଦ ଯୋଗୁଁ ଜଣେ ମହିଳା ନିଜର ତିନି ଛୁଆଙ୍କୁ ନେଇ କୂଅକୁ ଡେଇଁପଡ଼ିଥିଲେ । ଘଟଣାଟି ଗିରିଡିହ ଜିଲ୍ଲାର ଦେଓରି ଥାନା ଅଞ୍ଚଳର ଖାସଲୋଡିହ ଗାଁରେ ଘଟିଛି । ପାରିବାରିକ ବିବାଦ ଯୋଗୁଁ ଜଣେ ମହିଳା ତାଙ୍କ ତିନି ପିଲାଙ୍କ ସହିତ କୂଅକୁ ଡେଇଁ ପଡ଼ିଥିଲେ, ଯାହା ଫଳରେ ତିନି ପିଲାଙ୍କର ମୃତ୍ୟୁ ହୋଇଥିଲା । ସେହିପରି ମହିଳାଙ୍କୁ ଉଦ୍ଧାର କରାଯାଇଥିବା ବେଳେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ମୃତକଙ୍କ ମଧ୍ୟରେ ୬ ବର୍ଷୀୟ ଅଭିନାଶ କୁମାର, ୩ ବର୍ଷୀୟ ରାଣୀ କୁମାରୀ ଏବଂ ୨ ବର୍ଷର ନିଷ୍ପାପ ଝିଅ ଫୁଲ କୁମାରୀ ରହିଛନ୍ତି । ପିଲାମାନଙ୍କ ସହିତ ଡେଇଁ ପଡ଼ିଥିବା ମହିଳା ଆରତୀ ଦେବୀଙ୍କୁ ଅଚେତ ଅବସ୍ଥାରେ ଗିରିଡିହ ଡାକ୍ତରଖାନାକୁ ପଠାଯାଇଛି । ମହିଳାଙ୍କ ଅବସ୍ଥା ଗୁରୁତର ବୋଲି କୁହାଯାଉଛି । ଏହି ଘଟଣା ପରେ ସମଗ୍ର ଗାଁରେ ଶୋକର ଛାୟା ଖେଳିଯାଇଛି । ମୃତ ପିଲାମାନଙ୍କ ଜେଜେମା କହିଛନ୍ତି ଯେ ତାଙ୍କ ପୁଅ ଏବଂ ପିଲାମାନଙ୍କ ବାପା ସୋନୁ କୁମାର ଏକ ବିବାହ ଉତ୍ସବରେ ଯାଇଥିଲେ । ଯେତେବେଳେ ମହିଳା ଏବଂ ପିଲାମାନେ ଘରେ ମିଳିଲେ ନାହିଁ, ସେମାନଙ୍କର ଖୋଜାଖୋଜି ଆରମ୍ଭ ହେଲା । ତା'ପରେ କିଛି ଗାଁ ଲୋକ କହିଲେ ଯେ ଆରତୀ ଦେବୀ ଗାଁର କୂଅ ପାଖକୁ ଯାଉଛନ୍ତି । ଏହା ଶୁଣି ଜେଜେମା ଶୀଘ୍ର କୂଅ ପାଖକୁ ଦୌଡ଼ିଗଲେ । ସେଠାରେ ପହଞ୍ଚି ସେ କୂଅ ଭିତରକୁ ଚାହିଁ ଚିତ୍କାର କରିଥିଲେ । ତା'ପରେ କିଛି ସମୟ ମଧ୍ୟରେ ସେଠାରେ ଗାଁ ଲୋକଙ୍କ ପହଞ୍ଚି ଯାଇଥିଲେ । ଯେତେବେଳେ ଗ୍ରାମବାସୀ ମହିଳା ଏବଂ ତିନି ପିଲାଙ୍କୁ କୂଅରୁ ବାହାର କଲେ, ସେତେବେଳେ ପିଲାଙ୍କର ମୃତ୍ୟୁ ହୋଇଯାଇଥିଲା । ମହିଳାଙ୍କ ଅବସ୍ଥା ଗମ୍ଭୀର ଥିବାରୁ ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ ଗିରିଡିହ ସଦର ହସ୍ପିଟାଲକୁ ପଠାଯାଇଥିଲା । ଏହା

# ବାଣିଜ୍ୟ



ଗୁରୁଗ୍ରାମ: ହୋଣ୍ଡା ମୋଟର ସାଇକଲ ଏବଂ ସ୍କୁଟରଇଣ୍ଡିଆ ଏବଂ ସିବିଆର୬୫୦ ଆରର ଲଞ୍ଚ ସହ ମୋଟର ସାଇକଲିଂର ଭବିଷ୍ୟତକୁ ଏକ ବୃହତ୍ ଦମରେ ପ୍ରବେଶ କରିଛି । ଏହି ମଧ୍ୟମ-ଭାର ସ୍କୁଟରଗୁଡିକ ଭାରତରେ ପ୍ରଥମେ ହୋଣ୍ଡାର ସଟ୍‌ଟେ-ଅଫ-ଦ୍ ଆଟର ଇ-କ୍ଲଚ୍ ପ୍ରଯୁକ୍ତି ସହିତ ପ୍ରସ୍ତୁତ କରାଯାଇଛି । କମ୍ପାନୀ ସମସ୍ତ ବିଗ୍‌ୱିଙ୍ଗ ଡିଲରଶିପଗୁଡିକରେ ବୁକିଂ ଆରମ୍ଭ କରିଛି ଏବଂ ୨୦୨୫ ମଇ ମାସର ଶେଷ ସପ୍ତାହରେ ଡେଲିଭରୀ ଆରମ୍ଭ ହେବାର ଅନୁମାନ ରହିଛି । ନୂତନ ଇ-କ୍ଲଚ୍ ୨୦୨୫ ହୋଣ୍ଡା ସିବି୬୫୦ ଆର୍‌ର ମୂଲ୍ୟ ହେଉଛି ରୁପିୟା ୯.୬୦ଲକ୍ଷ ଯେଉଁଥିରେ ସିବିଆର ୬୫୦ ଆର୍‌ର ମୂଲ୍ୟ ହେଉଛି ରୁପିୟା ୧୦.୪୦ଲକ୍ଷ, ଏହିସବୁ ମୂଲ୍ୟ ଏକ୍ସ-ଶୋରୁମ ଦେହଲି ରହିଛି । ଲଞ୍ଚ ପ୍ରକ୍ରିୟା ଘୋଷଣା କରିବା ସମୟରେ ତସୁସୁମୁ ଓତାନୀ, ମ୍ୟାନେଜିଂ ଡାଇରେକ୍ଟର, ପ୍ରେଜିଡେଣ୍ଟଏବଂ ସିଇଓ, ହୋଣ୍ଡା ମୋଟର ସାଇକଲ ଏବଂ ସ୍କୁଟର ଇଣ୍ଡିଆ, କହିଛନ୍ତି, ଆମେ ଆପଣମାନଙ୍କ ପ୍ରିମିୟମ ମୋଟର ସାଇକଲ ଲାଇନ୍-ଅପର ନୂତନ ସଦସ୍ୟ- ସିବି୬୫୦ଆର ଏବଂ ସିବିଆର ୬୫୦ ଆରକୁ ପରିଚୟ କରାଇବାରେ ଖୁସି, ଯାହା ସେମାନେ ଏହି ସମୟରେ ହୋଣ୍ଡାର ବୈପରିତ ଇ-କ୍ଲଚ୍ ପ୍ରଯୁକ୍ତି ସହ ସଜ୍ଜ ।

## ନିଟ୍-୨୦୨୫ ଅଲ୍ ଇଣ୍ଡିଆ ର୍‌ୟାଙ୍କ ଉପରେ ଆଧାରିତ ଆଲେନ୍ ଫି'ର ୯୦% ପର୍ଯ୍ୟନ୍ତ ସ୍କଲାରସିପ୍



କୋଟା, (ଭାସ୍କର ନ୍ୟୁଜ): ଡାକ୍ତରୀ ପ୍ରବେଶିକା ପରୀକ୍ଷା ନିଟ୍-୨୦୨୫ ପରେ, ଆଲେନ୍ କ୍ୟାରିଅର୍ ଇନଷ୍ଟିଚ୍ୟୁଟ୍ ନିଟ୍-ୟୁଜି ୨୦୨୬ ପ୍ରସ୍ତୁତିର ନୂତନ ବ୍ୟାଚ୍ ପାଇଁ ତାରିଖ ଘୋଷଣା କରିଛି । ଏହି ବ୍ୟାଚଗୁଡ଼ିକରେ ପ୍ରବେଶ ପାଇଁ ଆଲେନ୍ ଫି'ର ୯୦ ପ୍ରତିଶତ ପର୍ଯ୍ୟନ୍ତ ଛାତ୍ରବୃତ୍ତି ପ୍ରଦାନ କରାଯିବ । ଦ୍ୱାଦଶ ପାସ୍ ଛାତ୍ରଛାତ୍ରୀଙ୍କ ପାଇଁ ଆଲେନ୍ ରିପିଟର୍ସ ଲିଡର୍ ବ୍ୟାଚ୍ ୧୪ ମଇରୁ ଆରମ୍ଭ ହେବାକୁ ଯାଉଛି । ଏହାପରେ ଆଗାମୀ ତାରିଖଗୁଡ଼ିକରେ ପ୍ରତି ସପ୍ତାହରେ ରିପିଟର୍ସମାନଙ୍କ ପାଇଁ ବ୍ୟାଚ୍ ଆରମ୍ଭ ହେବ । ଏହା ସହିତ, ଆଲେନ୍ ସ୍କଲାରସିପ୍ ଆଡମିସନ୍ ଟେଷ୍ଟ (ଏ-ସେଟ୍) ମେଗା ଇଭେଣ୍ଟ ମଧ୍ୟ ୧୨ ରୁ ୧୭ ମଇ ପର୍ଯ୍ୟନ୍ତ ଆୟୋଜିତ ହେଉଛି । ଏହା ଅଧୀନରେ, ପ୍ରତିଦିନ ଏକ ସେଟ୍ ପରୀକ୍ଷା ହେବ, ଯେଉଁଥିରେ ଅଂଶଗ୍ରହଣ କରି ଜଣେ ଆଲେନ୍ ଫିସ୍‌ରେ ୯୦ ପ୍ରତିଶତ ପର୍ଯ୍ୟନ୍ତ ସ୍କଲାରସିପ୍ ପାଇପାରିବେ । ଆଲେନ୍ କୋଟାର ସଭାପତି ବିନୋଦ କୁମାୱତ କହିଛନ୍ତି ଯେ ଦଶମରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ନିଟ୍ ନୁର୍ଚର ବ୍ୟାଚ୍ ୧୫ ଏବଂ ୨୯ ମଇରେ ଆରମ୍ଭ ହେଉଛି । ସେହିପରି, ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ନିଟ୍-୨୦୨୬ ପ୍ରସ୍ତୁତି ପାଇଁ ଉତ୍ସାହ ବ୍ୟାଚ୍ ମଇ ୧୫ରୁ ଆରମ୍ଭ ହେଉଛି । ଜେଇ-ମେନ୍ ଆଡଭାନ୍ସଡର ପ୍ରସ୍ତୁତି ପାଇଁ ଏକାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ନର୍ଚର ବ୍ୟାଚ୍ ୨୧ ମଇରୁ, ଦ୍ୱାଦଶ ଶ୍ରେଣୀ ପାସ୍ ଛାତ୍ରଛାତ୍ରୀଙ୍କ ପାଇଁ ଲିଡର ବ୍ୟାଚ୍ ୨୫ ମଇ ଏବଂ ୧୩ ଜୁନରୁ ଆରମ୍ଭ ହେଉଛି । ସେ ସୂଚନା ଦେଇଥିଲେ ଯେ ନିଟ୍-ୟୁଜି ୨୦୨୫ ପ୍ରାର୍ଥୀମାନେ ବିଭିନ୍ନ କୋଚିଂ ବିଶେଷଜ୍ଞ ଏବଂ ସମ୍ଭାବ୍ୟ ଉତ୍ତର କୀ ଅନୁସାରେ ସେମାନଙ୍କର ମାର୍କ ଆକଳନ କରିଛନ୍ତି । ଏପରି ପରିସ୍ଥିତିରେ, ତାଙ୍କୁ ଆସନ୍ତା ବର୍ଷ ନିଟ୍-୨୦୨୬ରେ ଯୋଗଦେବା ପ୍ରାୟ ନିଶ୍ଚିତ । ଏପରି ଛାତ୍ରଛାତ୍ରୀମାନେ ସମୟ ନଷ୍ଟ ନକରି ନିଟ୍-ୟୁଜି ୨୦୨୬ ପାଇଁ ପ୍ରସ୍ତୁତି ଆରମ୍ଭ କରିବା ଉଚିତ । ସେମାନଙ୍କ ପାଇଁ ଆଲେନ୍ ଲିଡର ବ୍ୟାଚ୍ ଘୋଷଣା କରିଛନ୍ତି । ନିଟ୍‌ର ଫଳାଫଳ ପରେ, ଏହି ଛାତ୍ରଛାତ୍ରୀମାନଙ୍କୁ ଅଲ୍ ଇଣ୍ଡିଆ ର୍‌ୟାଙ୍କ ଆଧାରରେ ସ୍କଲାରସିପ୍ ଦିଆଯିବ ଯାହା ୯୦ପ୍ରତିଶତ ପର୍ଯ୍ୟନ୍ତ ଅଟେ । ଫଳାଫଳର କିଛି ଦିନ ପରେ ଛାତ୍ରବୃତ୍ତି ରାଶି ପ୍ରକାଶ କରାଯିବ । ଏପରି ପରିସ୍ଥିତିରେ, ଛାତ୍ରଛାତ୍ରୀ ଫଳାଫଳ ଏବଂ ପରାମର୍ଶକୁ ଅପେକ୍ଷା ନକରି ସଠିକ୍ ସମୟରେ ସେମାନଙ୍କ ପ୍ରସ୍ତୁତି ପୁନର୍ବାର ଆରମ୍ଭ କରିପାରିବେ । ବିସ୍ତୃତ ସୂଚନା www.allen.ac.inରେ ମିଳିପାରିବ ।

ALLEN CAREER INSTITUTE
path to success

## ଅଭିନବ ମାନବ ସମ୍ବଳ ପଦକ୍ଷେପ ପାଇଁ ଟିପିଏସ୍‌ଓଡିଏଲକୁ ଓଡ଼ିଶା ଲିଡରସିପ୍ ଆୱାର୍ଡ଼



ବ୍ରହ୍ମପୁର(ଭାସ୍କର ନ୍ୟୁଜ): ମାନବ ସମ୍ବଳ ପରିଚାଳନା କ୍ଷେତ୍ରରେ ଅଭିନବ ପଦକ୍ଷେପ ଓ ପରିଚାଳନା ପାଇଁ ଓଡ଼ିଶା ଲିଡରସିପ୍ ଆୱାର୍ଡ଼ ୨୦୨୫ରେ ଟିପି ସର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ୍) ପୁରସ୍କୃତ ହୋଇଛି । ଏହି ପୁରସ୍କାର ନୂତନ ମାନବ ସମ୍ବଳ ପଦକ୍ଷେପ ମାଧ୍ୟମରେ ଏକ ପ୍ରଗତିଶୀଳ ଏବଂ ଲୋକ କୈନ୍ଦ୍ରିକ କର୍ମକ୍ଷେତ୍ର ନିର୍ମାଣ ଦିଗରେ ଟିପିଏସ୍‌ଓଡିଏଲର ପ୍ରୟାସକୁ ଦର୍ଶାଉଛି । କମ୍ପାନୀର ବିଭିନ୍ନ ପଦକ୍ଷେପ, ସଫଳତା, ଗଣମାଧ୍ୟମରେ କଭରେଜ୍ ଏବଂ ସହାୟକ ଡକ୍ୟୁମେଣ୍ଟ ଇତ୍ୟାଦିର ବିଶଦ ମୂଲ୍ୟାୟନକୁ ଆଧାର କରି ପୁରସ୍କାର ପାଇଁ ଚୟନ କରାଯାଇଥିଲା । କର୍ମଚାରୀ ନିୟୋଜନ ଓ ସେମାନଙ୍କ କଲ୍ୟାଣ, ବିବିଧତା, ନିରନ୍ତର ଶିକ୍ଷଣ, ଡିଜିଟାଲ ଜ୍ଞାନକୌଶଳର ପ୍ରୟୋଗ ତଥା ଏକ ସମାବେଶୀ କର୍ମ ସଂସ୍କୃତି ଗଠନ ଉପରେ ଟିପିଏସ୍‌ଓଡିଏଲ୍ ଗୁରୁତ୍ୱ ଦେଇଆସିଛି । ଏସବୁ ପଦକ୍ଷେପ କର୍ମଚାରୀମାନଙ୍କୁ ସଶକ୍ତ କରିବା ସହ ସେମାନଙ୍କୁ ବ୍ୟାବସାୟିକ ଲକ୍ଷ୍ୟ ସହ ଯୋଡ଼ିଥାଏ । ବିଭିନ୍ନ କମ୍ପାନୀର ମାନବ ସମ୍ବଳ ଅଧିକାରୀ ଏବଂ ଶିଳ୍ପ ବିଶେଷଜ୍ଞଙ୍କ ଉପସ୍ଥିତିରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଟିପିଏସ୍‌ଓଡିଏଲ୍ ପକ୍ଷରୁ ମାନବ ସମ୍ବଳ ବିଭାଗ ମୁଖ୍ୟ ସୀବ କୌଶିକ ଏବଂ ମାନବ ସମ୍ବଳର ଡେପୁଟି ଜେନେରାଲ ମ୍ୟାନେଜର ସୁନିଲ କୁମାର ରଥ ପୁରସ୍କାର ଗ୍ରହଣ କରିଥିଲେ । ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ଏହି ସମ୍ମାନଜନକ ପୁରସ୍କାର ପାଇଥିବାରୁ ଆମେ ସମସ୍ତେ ଗର୍ବିତ, ଯାହା ଏକ ପ୍ରେରଣାଦାୟୀ ଓ ସମାବେଶୀ କର୍ମକ୍ଷେତ୍ର ନିର୍ମାଣ ଦିଗରେ ଆମର ପ୍ରତିବଦ୍ଧତାକୁ ଦର୍ଶାଏ । ଆମେ କାର୍ଯ୍ୟକ୍ଷେତ୍ରରେ ଏଭଳି ପରିବେଶ ତିଆରି କରିଛୁ, ଯେଉଁଠାରେ କର୍ମଚାରୀ ଉତ୍କର୍ଷ ହାସଲ କରିବା ଦିଗରେ ଅଗ୍ରସର ହୁଅନ୍ତି । ଏଥିପାଇଁ ମୁଁ ଆମର ମାନବ ସମ୍ବଳ ବିଭାଗ ଏବଂ ଟିପିଏସ୍‌ଓଡିଏଲର ପ୍ରତ୍ୟେକ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଉଛି । ଏହି ସମ୍ମାନଜନକ ସ୍ୱୀକୃତି ସହ ଟିପିଏସ୍‌ଓଡିଏଲ୍ ମାନବ ସମ୍ବଳ ପରିଚାଳନା କ୍ଷେତ୍ରରେ ଏକ ଅଗ୍ରଣୀ ସଂସ୍ଥା ହୋଇପାରିଛି । ଯାହା ଫଳରେ ଉଭୟ କର୍ମଚାରୀ ଓ ଅନୁଷ୍ଠାନର ଅଭିବୃଦ୍ଧି ହେଉଅଛି ।

## ପାକିସ୍ତାନ ଷ୍ଟକ୍ ବଜାର ଧରାଶାୟୀ

ମୁମ୍ବାଇ: ଅପରେସନ ସିନ୍ଦୂର ପ୍ରଭାବରେ ଉଭୟ ଭାରତ ଓ ପାକିସ୍ତାନର ସେୟାର କାରବାର ଗୁରୁବାର ପ୍ରଭାବିତ ହୋଇଛି । ତେବେ ପାକିସ୍ତାନ ଷ୍ଟକ୍ ବଜାର ଧରାଶାୟୀ ହୋଇପଡ଼ିଛି । କାରଣ କରାଚି ଷ୍ଟକ୍ ଏକ୍ସଚେଞ୍ଜର ସୂଚକାଙ୍କ କେଏସ୍‌ଏକ୍ସ-୧୦୦ରେ ୬ ପ୍ରତିଶତରୁ ଅଧିକ ହ୍ରାସ ହେବାରୁ, ବାଧ୍ୟ ହୋଇ ଅଧାରୁ କାରବାର ବନ୍ଦ କରିଦିଆଯାଇଥିଲା । ଗତକାଲି ସେଥିରେ ୩ ପ୍ରତିଶତ ହ୍ରାସ ହୋଇଥିଲା । ଗତ ଏପ୍ରିଲ୍ ୨୨ରେ ପହଲଗାମ ଆତଙ୍କୀ ଆକ୍ରମଣ ପରଠାରୁ କରାଚି ଷ୍ଟକ୍ ଏକ୍ସଚେଞ୍ଜର ସୂଚୀ ଲଗାତାର ଭାବେ ତଳକୁ ଖସୁଛି । ପାକିସ୍ତାନ ତୁଳନାରେ ଭାରତୀୟ ଷ୍ଟକ୍ ବଜାର ଅପେକ୍ଷାକୃତ ସ୍ଥିର ରହିଛି । ଗତକାଲି ଉଭୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ଓ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ବୃଦ୍ଧି ପାଇଥିଲା । ଆଜି କିନ୍ତୁ ସ୍ଥିତି ବଦଳିଯାଇଛି । ସେନ୍‌ସେକ୍ସ ୪୧୧ ପଏଣ୍ଟ ହ୍ରାସ ପାଇ ୮୦,୩୩୪ ପଏଣ୍ଟରେ ବନ୍ଦ ହୋଇଛି ।

## ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ କୃଷି ଅଭିବୃଦ୍ଧି ଆଉଟ୍‌ରିଚ୍ କାର୍ଯ୍ୟକ୍ରମ




କଟକ(ଭାସ୍କର ନ୍ୟୁଜ): ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସାରା ଦେଶରେ ମେଗା କୃଷି ଅଭିବୃଦ୍ଧି ଆଉଟ୍‌ରିଚ୍ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଏକ ମେଗା କୃଷି ଅଭିବୃଦ୍ଧି ଆଉଟ୍‌ରିଚ୍ କାର୍ଯ୍ୟକ୍ରମ କେନ୍ଦ୍ରାପଡାଠାରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ଜିଲ୍ଲା ଆପିକଲ୍‌ର ଜିଲ୍ଲା ପ୍ରବନ୍ଧକ ଏବଂ କେନ୍ଦ୍ରାପଡା ଜିଲ୍ଲା ମିଶନ ଶକ୍ତିର ବିପିସି ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ବିବେକାନନ୍ଦ ଷଡଙ୍ଗୀ, କଟକ କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ରେଡିଟ୍ ମୁଖ୍ୟ ହରେକୃଷ୍ଣ ସାହୁ, କେନ୍ଦ୍ରାପଡା ଜିଲ୍ଲା ଅନ୍ତର୍ଗତ ଶାଖାଗୁଡିକର ଶାଖା ମୁଖ୍ୟଙ୍କ ସମେତ ଗ୍ରାହକମାନେ ଉପସ୍ଥିତ ଥିଲେ । ଶ୍ରୀ ଷଡଙ୍ଗୀ ଏବଂ ଶ୍ରୀ ସାହୁ ବ୍ୟାଙ୍କର କୃଷି ଅଭିବୃଦ୍ଧି ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିବା ସହ ବର୍ତ୍ତମାନ ଓ ଆଗ୍ରହୀ ଗ୍ରାହକମାନଙ୍କ ନିକଟରେ ପହଞ୍ଚି ବିଭିନ୍ନ ସରକାରୀ ପ୍ରାୟୋଜିତ ଯୋଜନା ଅଧିନରେ ଆର୍ଥିକ ସହାୟତା ପ୍ରଦାନ ସମ୍ପର୍କରେ ସେମାନଙ୍କୁ ଅବଗତ କରାଇଥିଲେ । ବ୍ୟାଙ୍କ ଅଧିକାରୀମାନେ ବିଭିନ୍ନ କୃଷି ଅଭିବୃଦ୍ଧି ଯୋଜନା ଏବଂ ଏହାର ସୁବିଧା ଉପରେ ଉପସ୍ଥାପନା ପ୍ରସ୍ତୁତ କରିଥିଲେ । ଆପିକଲ୍‌ର ଜିଲ୍ଲା ପ୍ରବନ୍ଧକ କୃଷି ସମ୍ବନ୍ଧୀୟ ଆର୍ଥିକ ସହାୟତାର ଗୁରୁତ୍ୱ ଉପରେ ବିଶେଷ ଆଲୋକପାତ କରିବା ସହିତ କେନ୍ଦ୍ର ସରକାରଙ୍କ ପୃଷ୍ଠପୋଷକତାରେ ବିଭିନ୍ନ ସରକାରୀ ଯୋଜନାର ପଦକ୍ଷେପ ଉପରେ ସୂଚନା ପ୍ରଦାନ କରିଥିଲେ ଏବଂ କୃଷି ୟୁନିଟ୍‌ଗୁଡିକର ଅଭିବୃଦ୍ଧିରେ ବ୍ୟାଙ୍କର ଆର୍ଥିକ ସହାୟତାର ସଠିକ୍ ବିନିଯୋଗ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ୧୦୦ରୁ ଉର୍ଦ୍ଧ୍ୱ ଗ୍ରାହକ ଯୋଗ ଦେଇଥିବା ସହ ୩୨ଟି ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମଟି ଅତ୍ୟନ୍ତ ସଫଳ ହୋଇଥିଲା ।

## ଗୋଦରେଜ୍ ପକ୍ଷରୁ ଅଭିବୃଦ୍ଧି ହାସଲ ଲକ୍ଷ୍ୟ

ନୂଆଦିଲ୍ଲୀ: ଗୋଦରେଜ୍ କ୍ୟୁମର ପ୍ରଡକ୍ଟସ୍ ଲିମିଟେଡ୍ (ଜିସିପିଏଲ୍) ଆସନ୍ତା ୧୨-୧୮ ମାସ ଭିତର ପେଟ୍ କେୟାର, ବଡି ୱାସ୍ଲ ଲିକ୍ୱିଡ୍ ଡିଟରଜେଂଟ୍, ଡିଓଡ୍ରାଂଟ୍, ଏୟାର ଫ୍ରେସନର୍ ଓ ସେକ୍ସୁଆଲ୍ ୱେଲନେସ୍ ଭଳି ଉଦୀୟମାନ ଉଚ୍ଚ ଅଭିବୃଦ୍ଧି ବର୍ଗ ଉପରେ ଗୁରୁତ୍ୱାରୋପ କରିବ । ଖାଦ୍ୟ ମୂଲ୍ୟରେ ସୁଧାର, ସମ୍ଭାବ୍ୟ ଆୟକରରେ ହ୍ରାସ ଏବଂ ବେତନ କମିସନ ପକ୍ଷରୁ ଆଶା କରାଯାଉଥିବା ବୃଦ୍ଧିକୁ ନଜରରେ ରଖି କମ୍ପାନି ବ୍ୟବସାୟକୁ ନେଇ ବେଶ୍ ଆଶାବାଦୀ ରହିଛି । ଜିସିପିଏଲ୍‌ର ଏମ୍‌ଡି ଓ ସିଇଓ ସୁଧୀ ସିତାପତି କହିଛନ୍ତି ଯେ, ବିଭିନ୍ନ ପ୍ରକାର କାରଣ ପାଇଁ ଆସନ୍ତା ୧୨-୧୮ ମାସ ଭିତରେ ଚାହିଦାରେ ସୁଧାର ହେବ ବୋଲି ଆମେ ଆଶାବାଦୀ ରହିଛୁ । ପାମ୍ ତୈଳ ମୂଲ୍ୟରେ ବୃଦ୍ଧି ସତ୍ତ୍ୱେ ସୀତାପତି ତାହାକୁ ସାମୟିକ ଅସ୍ଥିରତା କହିବା ସହିତ କମ୍ପାନି ଗ୍ରାହକମାନଙ୍କ ପାଖକୁ କେବଳ ୧୫-୧୬ ପ୍ରତିଶତ ଦରବୃଦ୍ଧି ଛାଡ଼ିବ ବୋଲି କହିଛନ୍ତି । ୨୦୨୪-୨୫ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସିକରେ କମ୍ପାନି ଗୁଡ୍‌ନାଇଟ୍ ଓ ହିଟ୍ ବିକ୍ରିରେ ଦଶ୍ୱବ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାସଲ କରିପାରିଛି । ସମ୍ପ୍ରସାରଣ ଓ ନବସୃଜନକୁ ସହାୟତା କରିବା ଲାଗି ଜିପିସିଏଲ୍ ପକ୍ଷରୁ ଆସନ୍ତା ୨ ବର୍ଷରେ ୭୦୦ କୋଟି ଟଙ୍କା ନିବେଶ କରାଯିବ ଏବଂ ଉତ୍ତର ଓ ଦକ୍ଷିଣ ଭାରତ କାରଖାନାରେ ନୂଆ ଉତ୍ପାଦନ ଲାଇନ୍ ଯୋଡ଼ାଯିବ ଏବଂ ଇଣ୍ଡୋନେସିଆରେ ଏକ ନୂତନ କାରଖାନା ସ୍ଥାପନ କରାଯିବ । କ୍ୱିକ୍ କମର୍ସ ଜରିଆରେ ମଧ୍ୟମ ଧରଣର ପ୍ୟାକ୍ ବିକ୍ରି ଉତ୍ସାହଜନକ ରହିଥିବା ସୀତାପତି କହିଛନ୍ତି । ୨୦୨୫-୨୬ରେ ମଧ୍ୟମରୁ ଉଚ୍ଚ ଧରଣର ଏକ ଅଙ୍କ ବିଶିଷ୍ଟ ଭଲ୍ୟୁମ୍ ଅଭିବୃଦ୍ଧି ଓ ୨୦୨୪-୨୫ରେ ଏବିଟ୍‌ଡାରେ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାସଲ କରିବାକୁ କମ୍ପାନି ଆଶା ରଖିଛି । ୨୦୨୪-୨୫ ଆର୍ଥିକ ବର୍ଷର ବ୍ୟବସାୟ ପ୍ରଦର୍ଶନ ସମ୍ପର୍କରେ ସୀତାପତି କହିଛନ୍ତି ଯେ, ଭାରତୀୟ ବ୍ୟବସାୟରେ ୪ ପ୍ରତିଶତ ଓ ଇଣ୍ଡୋନେସିଆ ବ୍ୟବସାୟରେ ୫ ପ୍ରତିଶତ ବୃଦ୍ଧି ସହ ଚତୁର୍ଥ ତ୍ରୈମାସିକରେ ୬%ର ଅର୍ଗାନିକ୍ ବୃଦ୍ଧି ହୋଇଛି । ଅର୍ଗାନିକ୍ ରାଜସ୍ୱରେ ଚତୁର୍ଥ ତ୍ରୈମାସିକରେ ୭ ପ୍ରତିଶତ ଓ ବର୍ଷ ସାରାରେ ୪ ପ୍ରତିଶତ ଅଭିବୃଦ୍ଧି ହୋଇଛି ।



ନୂଆଦିଲ୍ଲୀ: ଭାରତୀୟ ଟେଷ୍ଟ କ୍ରିକେଟ ଦଳର ଅଧିନାୟକ ପଦବୀରୁ ରୋହିତ ଶର୍ମାଙ୍କ ଅବସର ଘୋଷଣା ପରେ ଏହି ସ୍ଥାନ ପୂରଣ କରିପାରନ୍ତି ପ୍ରତିଭାସମ୍ପନ୍ନ ବ୍ୟାଟର ଶୁବମନ ଗିଲ୍। ବିଦେଶ ମାଟିରେ ଭଲ ପ୍ରଦର୍ଶନ କରିପାରୁଥିବା ବିସ୍ଫୋରକ କିପର-ବ୍ୟାଟର ରିଷଭ ପନ୍ତଙ୍କୁ ଉପ-ଅଧିନାୟକ ଦାୟିତ୍ୱ ମିଳିପାରେ। ୪୨ରୁ ଅଧିକ ଆଭରେଜ୍ ରଖିଥିବା ପନ୍ତ ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକାରେ ଶତକ ହାସଲ କରିପାରିଛନ୍ତି। ତାଙ୍କର ୭ଟି ସ୍କୋର ୯୦ରୁ ୯୯ ମଧ୍ୟରେ ରହିଛି। ଏଥିଯୋଗୁ ପନ୍ତଙ୍କୁ ଏହି ଫର୍ମାଟରେ ଅନ୍ୟତମ ଶ୍ରେଷ୍ଠ ବ୍ୟାଟର ବିବେଚନା କରାଯାଉଛି। ବୁମ୍ରାଙ୍କୁ ଯଦି ଅଧିନାୟକ କରା ନ ଯାଉଛି ତେବେ ତାଙ୍କୁ ଉପଅଧିନାୟକ କରାଯିବାର ପ୍ରଶ୍ନ ଉଠୁନାହିଁ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ଏକ ସୂତ୍ରରୁ ପ୍ରକାଶ। ବିରାଟ କୋହଲି ନିକଟ ଭବିଷ୍ୟତରେ ଟେଷ୍ଟ କ୍ରିକେଟରୁ ଅବସର ନେବାକୁ ଇଛା ପ୍ରକାଶ କରିଥିବାରୁ ସିଲେକ୍ସନ କମିଟି ତାଙ୍କୁ ଇଂଲଣ୍ଡ ଟୁର ପାଇଁ ଅଧିନାୟକ କରିବାକୁ ଚାହିଁବ ନାହିଁ। ବରଂ ଗିଲ୍‌ଙ୍କୁ ନେତୃତ୍ୱ ଦେଲେ ସେ ଅଭିଜ୍ଞତା ହାସଲ କରିବେ। ଏହା ତାଙ୍କୁ ଆଗକୁ ବଢ଼ିବାରେ ସହାୟକ ହେବ।


## ଟେଷ୍ଟ କ୍ରିକେଟକୁ ଅଲବିଦା କହିଲେ କୋହଲି

ନୂଆଦିଲ୍ଲୀ: ଟିମ୍ ଇଣ୍ଡିଆର ଷ୍ଟାର ବ୍ୟାଟର ବିରାଟ କୋହଲି । ଟେଷ୍ଟ କ୍ରିକେଟରୁ ଅବସର ନେବାକୁ ନେଇଛନ୍ତି ନିଷ୍ପତ୍ତି । ଏନେଇ ସେ ବିସିସିଆଇକୁ ଅବଗତ କରାଇଛନ୍ତି । ତେବେ କୋହଲିଙ୍କୁ ଏହି ନିଷ୍ପତ୍ତିକୁ ନେଇ ପୁନର୍ବିଚାର କରିବାକୁ ଅପିଲ୍ କରିଛନ୍ତି ବୋର୍ଡର ଉଚ୍ଚସ୍ତରୀୟ ଅଧିକାରୀ । ଯେଉଁଥିପାଇଁ କୋହଲି ଇଂଲଣ୍ଡ ଗସ୍ତରେ ଟିମ୍ ?ର ଅଂଶ ହେବାର ସମ୍ଭାବନା ବହୁତ କମ୍ ରହିଛି । ବିରାଟଙ୍କ ପୂର୍ବରୁ ଟିମ୍ ଇଣ୍ଡିଆ କ୍ୟାପଟେନ୍ ? ରୋହିତ ଶର୍ମା ୭ ମଇରେ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ସେ ଇନଷ୍ଟାଗ୍ରାମ ଷ୍ଟୋରୀ ସେୟାର କରି ରେଡ୍ ? ବଲ୍ କ୍ରିକେଟକୁ ଅଲବିଦା କହିଥିଲେ । ରୋହିତ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟରେ ମ୍ୟାଚ୍ ଖେଳିବା ଜାରି ରଖିବେ । ଗତବର୍ଷ ୱେଷ୍ଟଇଣ୍ଡିଜରେ ଟି-୨୦ ବିଶ୍ୱକପ୍ ଜିତିବା ପରେ ୩୮ ବର୍ଷୀୟ ରୋହିତ ଶର୍ମା ଟି-୨୦ ଫର୍ମାଟରୁ ଅବସର ନେଇଥିଲେ। ରୋହିତଙ୍କ ପରି କୋହଲି ମଧ୍ୟ ୨୦୨୪ ଟି-୨୦ ବିଶ୍ୱକପ୍ ଜିତିବା ପରେ କ୍ରିକେଟର ସବୁଠାରୁ ଛୋଟ ଫର୍ମାଟକୁ ଅଲବିଦା କହିଥିଲେ । ଯଦି କୋହଲି ଅବସର ନିଅନ୍ତି ତେବେ ଜଙ୍କଡଙ୍କ ଯୋଡ଼ିକୁ କେବଳ ଡଉଓରେ ଖେଳୁଥିବା ଦେଖିବେ ଫ୍ୟାନ୍ସ । ଦୁହେଁ ବର୍ତ୍ତମାନ ଆଇପିଏଲ କ୍ରିକେଟରେ ଖେଳୁଥିବାର ଦେଖିବାକୁ ମିଳୁଥିଲେ । କିନ୍ତୁ ଏହାକୁ ମଧ୍ୟ ଭାରତ-ପାକିସ୍ତାନ ଉତ୍ତେଜନା ଯୋଗୁଁ ସ୍ଥଗିତ ରଖାଯାଇଛି । ଶେଷଥର ପାଇଁ ଟେଷ୍ଟ କ୍ରିକେଟରେ ୩୬ ବର୍ଷୀୟ ବିରାଟ କୋହଲିଙ୍କୁ ବର୍ଡର-ଗାଭାସ୍କର ଟ୍ରଫିରେ ଖେଳୁଥିବାର ନଜର ଆସିଥିଲେ । ଯେଉଁଠାରେ ଭାରତକୁ ୫ ମ୍ୟାଚ୍ ବିଶିଷ୍ଟ ସିରିଜରେ ୧-୩ରେ ପରାଜୟର ସାମ୍ନା କରିବାକୁ ପଡିଥିଲା। ବିରାଟ କୋହଲି ସିରିଜର ପ୍ରଥମ ମ୍ୟାଚ୍ ଅର୍ଥାତ୍ ପର୍ଥ ଟେଷ୍ଟରେ ଶତକ ମାରିଥିଲେ । କିନ୍ତୁ ଏହା ପରେ ତାଙ୍କୁ ସଂଘର୍ଷ କରୁଥିବାର ଦେଖିବାକୁ ମିଳିଥିଲା ।



# ଆସନ୍ତା ସପ୍ତାହରେ ଖେଳା ଯାଇପାରେ ଆଇପିଏଲ୍ ବାକି ମ୍ୟାଚ୍

ନୂଆଦିଲ୍ଲୀ: ଭାରତ ଓ ପାକିସ୍ତାନ ମଧ୍ୟରେ ଜାରି ସଂଘର୍ଷ ଉପରେ ବ୍ରେକ ଲାଗିଛି। ଦୁଇ ଦେଶ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଥମେ ଟୁଇଟ୍ କରି ସୂଚନା ଦେବା ପରେ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ସ୍ପଷ୍ଟ ସୂଚନା ଦିଆଯାଇଛି। ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ଘୋଷଣା ପରେ ଏବେ ଇଣ୍ଡିଆନ ପ୍ରିମିୟର ଲିଗ(ଆଇପିଏଲ)ର ଅବଶିଷ୍ଟ ମ୍ୟାଚ୍ ଆୟୋଜନର ବାଟ ଫିଟିଛି। ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ସ୍ଥିତି ଘନେଇବା କାରଣରୁ ୯ ତାରିଖରେ ଆଇପିଏଲକୁ ସପ୍ତାହେ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା। ଏବେ ଆଇପିଏଲ୍ ପୁନର୍ବାର ଆରମ୍ଭ କରିବା ନେଇ ବିସିସିଆଇ ଘୋଷଣା କରିପାରେ। ମେ ୮ ତାରିଖ ଧର୍ମଶାଳାରେ ଆଇପିଏଲ୍‌ର ୫୮ ତମ ମ୍ୟାଚ୍ ପଞ୍ଜାବ କିଙ୍ଗ୍ସ ଓ ଦିଲ୍ଲୀ



କ୍ୟାପିଟାଲ୍ସ ମଧ୍ୟରେ ଖେଳା ଯାଉଥିଲା। ମାତ୍ର ବ୍ଲାକଆଉଟ୍ ଏବଂ ସୀମାରେ ସ୍ଥିତି ବିଗିଡ଼ିବା କାରଣରୁ ମ୍ୟାଚ୍ ରଦ୍ଦ କରାଯାଇଥିଲା। ଏବେ ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି ଘୋଷଣା ହେବାରୁ ବିସିସିଆଇ ଶୀଘ୍ର ଗାଇଡଲାଇନ ଜାରି କରିପାରେ। ଏଥିସହ ପଞ୍ଜାବ ଓ ଦିଲ୍ଲୀ ମ୍ୟାଚ୍ ସ୍ଥଗିତ ଉପରେ ମଧ୍ୟ ବିସିସିଆଇ ନିଷ୍ପତ୍ତି ନେଇପାରେ। ମ୍ୟାଚ୍ ସ୍ଥଗିତ ହେବା ସମୟରେ ପଞ୍ଜାବ ୧୦.୧ ଓଭରରେ ଏକ ୱିକେଟ୍ ହରାଇ ୧୨୨ ରନ କରିଥିଲା। ପ୍ରିୟାଂଶ ଆର୍ଯ୍ୟ ୩୪ ବଲ୍‌ରୁ ୫ ଚୌକା ଓ ୬ ଛକା ସହ ୭୦ ରନ କରିଥିଲେ। ପ୍ରଭସିମରନ ସିଂ ୫୦ ରନ ଓ ଅଧିନାୟକ ଶ୍ରେୟସ ଆୟର ୦ ରନ କରି ଅପରାଜିତ ଥିଲେ। ଆଇପିଏଲ୍‌ରେ ଆଉ ୧୬ଟି ମ୍ୟାଚ୍ ଖେଳାଯିବା ବାକି ରହିଛି। ଏଥିରୁ ୧୨ଟି ଲିଗ୍ ମ୍ୟାଚ୍ ଏବଂ ଫାଇନାଲ୍ ସମେତ ପ୍ଲେ ଅଫ୍‌ର ୪ଟି ମ୍ୟାଚ୍ ଖେଳାଯିବ। ପ୍ରଥମ କାର୍ଯ୍ୟସୂଚୀ ଅନୁସାରେ ହାଇଦ୍ରାବାଦରେ କ୍ୱାଲିଫାୟର ଓ ଏଲିମିନେଟର ଖେଳା ଯିବାର ଥିଲା। ବିସିସିଆଇ ଭାରତର ଇଂଲଣ୍ଡ ଗସ୍ତ ଓ ଇଣ୍ଟରନ୍ୟାସନାଲ କ୍ୟାଲେଣ୍ଡରକୁ ଦେଖି ଟୁର୍ଣ୍ଣାମେଣ୍ଟ ଶୀଘ୍ର ସମାପ୍ତ କରିବା ଉପରେ ବିଚାର କରିବ। ତେବେ ଆଇପିଏଲ୍‌ର ଅବଶିଷ୍ଟ ମ୍ୟାଚ୍ କିଛି ସହର ଭିତରେ ସୀମିତ ରଖାଯିବାର ସମ୍ଭାବନା ରହିଛି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ୩ କିମ୍ବା ୪ ସହରରେ ଆୟୋଜନ କରାଯାଇପାରେ।

**OFFICE OF THE EXECUTIVE ENGINEER,**
**NATIONAL HIGHWAYS DIVISION, DHANBAD.**
**(Combined Office Building Campus)**
Telephone No.0326-2313339 e-mail: eenhdhanbad-jhr@nic.in

**Notice Inviting Tender (NIT) Cancellation**

PR No- 348859 Notice Inviting Tender (NIT) for the work **"Elevated flyover in Dhanbad Town from km-53 (Dhansar) on (NH-218) to Govindpur on NH-19 (Old NH-02)"** as published vide Tender Reference No. **NH/Dhanbad/13/2024-25 Dated- 04.01.2025 and** Tender ID No. 2025_MoRTH_ 843542_1 is hereby cancelled due to administrative reason.

**Executive Engineer,**
National Highways Division,
Dhanbad

PR 352137 (Road) 25-26 (D)

## ପାକିସ୍ତାନକୁ ସେହବାଗଙ୍କ ସମାଲୋଚନା, ଭାରତୀୟ ସେନାକୁ ନୀରଜଙ୍କ ସମର୍ଥନ

ନୂଆଦିଲ୍ଲୀ: ଭାରତ ଓ ପାକିସ୍ତାନ ମଧ୍ୟରେ ସଂପ୍ରତି ଚାଲିଥିବା ଉତ୍ତେଜନାକୁ ନେଇ ପୂର୍ବତନ ଭାରତୀୟ କ୍ରିକେଟର ବୀରେନ୍ଦ୍ର ସେହବାଗ ପାକିସ୍ତାନ କାର୍ଯ୍ୟକଳାପକୁ ସମାଲୋଚନା କରିଛନ୍ତି। ଭାରତ ଉପରେ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନର ସେନା ଦ୍ୱାରା ଅନାବଶ୍ୟକ ଆକ୍ରମଣକୁ ସେ କଡ଼ା ନିନ୍ଦା କରିଛନ୍ତି। ଏକ୍ସ ପୃଷ୍ଠାରେ ସେହବାଗ ଲେଖିଛନ୍ତି, ଯୁଦ୍ଧ ପାକିସ୍ତାନ ବାଛିଛି। ଆମ ସେନା ଏହାର ଦୃଢ଼ ଜବାବ ଦେଇଛି। ଏହାକୁ କେବେ ପାକିସ୍ତାନ ଭୁଲି ପାରିବନି। ସେହିପରି ଅଲିମ୍ପିକ୍ସ ବିଜେତା ଜାଭ୍‌ଲିନ୍ ଫିଙ୍ଗାଳି ନୀରଜ ଚୋପ୍ରା ଭାରତୀୟ ସେନାଙ୍କୁ ପ୍ରଶଂସା କରିବା ସହ ସାହସ ଦେବାକୁ ଦେଶବାସୀଙ୍କୁ ଆହ୍ୱାନ କରିଛନ୍ତି। ସେ ଲେଖିଛନ୍ତି, ଆମେ ଆମର ସାହସୀ ଭାରତୀୟ ସେନା ପାଇଁ ଗର୍ବିତ। ସେମାନେ ଆମ ଦେଶ ପାଇଁ ଆତଙ୍କବାଦୀଙ୍କ ସହ ଲଢ଼ୁଛନ୍ତି। ଏବେ ଆମର କାର୍ଯ୍ୟ ହେଉଛି, ଏହି ସମୟରେ ଦେଶର ସୁରକ୍ଷା ଦୃଷ୍ଟିରୁ ସମସ୍ତ ନିୟମ ମାନିବା। ଜୟ ହିନ୍ଦ୍ ଜୟ ଭାରତ, ଜୟ ହିନ୍ଦ୍ କି ସେନା। ପୂର୍ବତନ ଭାରତୀୟ କ୍ରିକେଟର ପ୍ରଜ୍ଞାନ ଓଝା, ହରଭଜନ ସିଂହ ଓ କ୍ରିଷ୍ଣମାଚାରୀ ଶ୍ରୀକାନ୍ତ 'ଏକ୍ସ'ରେ ଲେଖାଲେଖି ଭାରତୀୟ ସେନାକୁ ସହଯୋଗ କରିବାକୁ ଦେଶବାସୀଙ୍କୁ ଅନୁରୋଧ କରିଛନ୍ତି।

## କେବେ ଏବଂ କିପରି ଫେରସ୍ତ ପାଇବେ ଆଇପିଏଲ୍-୨୦୨୫ର ଟିକେଟ ଟଙ୍କା ?



ନୂଆଦିଲ୍ଲୀ: ଭାରତ ଏବଂ ପାକିସ୍ତାନ ମଧ୍ୟରେ ସାମରିକ ଉତ୍ତେଜନା ବୃଦ୍ଧି ପାଇବା ପରେ ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ)କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି । ପିଟିଆଇ ଅନୁଯାୟୀ, ବିସିସିଆଇ (ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ)ର ଜଣେ ଶୀର୍ଷ ଅଧିକାରୀ ଏହି ନିଷ୍ପତ୍ତିକୁ ନିଶ୍ଚିତ କରି କହିଛନ୍ତି ଯେ ଖେଳାଳି ଏବଂ ପ୍ରଶଂସକଙ୍କ ସୁରକ୍ଷା ସର୍ବୋପରୀ। ଆଇପିଏଲ୍‌ର ବାକି ୧୭ଟି ମ୍ୟାଚ୍ କେବେ ଆୟୋଜନ ହେବ ସେ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇ ନାହିଁ। ଏହି ସମୟରେ ଅନେକ ପ୍ରଶଂସକ ଏହି ମ୍ୟାଚ୍‌ଗୁଡ଼ିକୁ ଉପଭୋଗ କରିବା ପାଇଁ ଟିକେଟ କିଣିଥିଲେ, କିନ୍ତୁ ମ୍ୟାଚ୍ ବାତିଲ ହେବା ପରେ, ସେମାନେ ଏବେ କିପରି ଟଙ୍କା ଫେରସ୍ତ ପାଇବେ ଏବଂ ଏଥିପାଇଁ କିପରି ଆବେଦନ କରିବେ ସେନେଇ ଚିନ୍ତିତ ଅଛନ୍ତି। ଏପରି ପରିସ୍ଥିତିରେ ଜାଣି ରଖନ୍ତୁ ସମ୍ପୂର୍ଣ୍ଣ ପ୍ରକ୍ରିୟା। ଆଇପିଏଲ ୨୦୨୫ର ଶେଷ ମ୍ୟାଚ୍ ଧର୍ମଶାଳାର ହିମାଚଳ ପ୍ରଦେଶ କ୍ରିକେଟ ଷ୍ଟାଡିୟମରେ ପଞ୍ଜାବ କିଙ୍ଗ୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଖେଳାଯାଉଥିଲା, କିନ୍ତୁ ଯାନ୍ତ୍ରିକ ସମସ୍ୟା ଦର୍ଶାଇ ମ୍ୟାଚ୍ ଅଧାରୁ ବନ୍ଦ କରିଦିଆଯାଇଥିଲା। ପ୍ରଶଂସକମାନଙ୍କୁ ମଧ୍ୟ ଷ୍ଟାଡିୟମରୁ ବାହାରକୁ ପଠାଯାଇଥିଲା। ଏହା ପରେ ପରଦିନ ବିସିସିଆଇ ଆଇପିଏଲକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲା।

**କ'ଣ କୁହେ ରିଫଣ୍ଡ ନିୟମ ?**

ଇଣ୍ଡିଆନ ପ୍ରିମିୟର ଲିଗ ନିୟମ ଅନୁଯାୟୀ, ଯଦି ମ୍ୟାଚ ବାତିଲ କିମ୍ବା ସ୍ଥଗିତ ରଖାଯାଏ ଏବଂ ସେହି ଦିନ ଷ୍ଟାଡିୟମରେ କୌଣସି ମ୍ୟାଚ୍‌ରେ ଗୋଟିଏ ବି ବଲ ପକାଯାଏ ନାହିଁ। ତେବେ ମ୍ୟାଚ ଟିକେଟ ଫେରସ୍ତ କରାଯାଇପାରିବ। ଅନ୍ୟ କୌଣସି ପରିସ୍ଥିତିରେ ମ୍ୟାଚ ପୁଣି ହେବାର କୌଣସି ସମ୍ଭାବନା ନ ଥାଏ। ଏହାର ଅର୍ଥ ହେଉଛି ଯଦି ମ୍ୟାଚ୍ ? ସମୟରେ ବର୍ଷା ହୁଏ କିମ୍ବା ସୁରକ୍ଷା କାରଣରୁ ମ୍ୟାଚ ବନ୍ଦ ହୋଇଯାଏ, ତେବେ ଟିକେଟ ଟଙ୍କା ଫେରସ୍ତ ମିଳେନାହିଁ। ଏହା ସତ୍ତ୍ୱେ ଯଦି ଆୟୋଜକ ଫ୍ରାଞ୍ଚାଇଜ କିମ୍ବା କ୍ରିକେଟ ସଂଘ ଚାହାନ୍ତି ତେବେ ସେମାନେ ଟଙ୍କା ଫେରସ୍ତ କରିପାରିବେ। ପୂର୍ବରୁ ଏଭଳି ମଧ୍ୟ ଦେଖାଯାଇଛି।

**କିପରି ଫେରସ୍ତ ପାଇବେ ?**

ଯଦି ଇଣ୍ଡିଆନ ପ୍ରିମିୟର ଲିଗ୍ ? ୨୦୨୫ରେ କୌଣସି ମ୍ୟାଚ୍ ? ଖେଳାଯାଇପାରେ ନାହିଁ, ତେବେ ଏଥିପାଇଁ ଟଙ୍କା ଫେରସ୍ତ ପାଇବା ପ୍ରକ୍ରିୟା କଷ୍ଟକର ନୁହେଁ। ରିପୋର୍ଟ ଅନୁସାରେ ଯଦି ଆପଣ ଅନଲାଇନରେ ଟିକେଟ କିଣିଛନ୍ତି ତେବେ ଆପଣଙ୍କୁ ଏହାର ଟଙ୍କା ଫେରସ୍ତ ମିଳିବ। ଯଦି ଆପଣ ନ ମିଳେ ତେବେ ଆପଣ ଟିକେଟ, ପରିଚୟ ପତ୍ର ଏବଂ ବ୍ୟାଙ୍କ ଆକାଉଣ୍ଟ ନମ୍ବର ଦାଖଲ କରି ଏଥିପାଇଁ ଆବେଦନ କରିପାରିବେ। ଯଦି ଆପଣ କାଉଣ୍ଟରରୁ ଟିକେଟ କିଣିଛନ୍ତି, ନିର୍ଦ୍ଧାରିତ ସମୟରେ କାଉଣ୍ଟରକୁ ଯାଇ ଟିକେଟ ଦେଖାଇଲେ ଆପଣ ଟଙ୍କା ଫେରସ୍ତ ପାଇବେ।

कार्यालय नगर परिषद् चक्रधरपुर (पश्चिमी सिंहभूम)
email : npchakradharpur@gmail.com

**''शुद्धि–पत्र''**

एतद् द्वारा सूचित किया जाता है कि इस कार्यालय के पत्रांक 487 / न0प0 दिनांक 07.05.2025 द्वारा निकाली गई **short Term e-Procurement Notice NO. CKPNP/01/2025-26** में आंशिक संशोधन किया जाता है। जो निम्नवत है :–

| Sl. No | Name the Work | |
|---|---|---|
| 1 | INSTALLATION OF STRE ET LIGHT UNDER CHAKRADHARPUR NAGAR PARISHAD | |
| 03 | Date of Bid Opening | 24.05.2025 at 05.00 PM |

अन्य शेष सभी विवरणी यथावत रहेंगे।

**PR 351940 (WEST SINGHBHUM) 25-26 (D)**

ह0 / –
प्रशासक
PR 352139 (West Singhbhum) 25-26 (D) चक्रधरपुर नगर परिषद।

## ଯଜପଶିରେ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଯୋଗଦେଲେ ସାଂସଦ



କେନ୍ଦୁଝର(ଭାସ୍କର ନ୍ୟୁଜ): ରଘୁନାଥପୁର ପଂଚାୟତ ଯଜପଶି ବାରଖଣ୍ଡ ପାଟ କ୍ରୀକେଟ କ୍ଲବ ଦ୍ୱାରା ଆୟୋଜିତ ଟୁର୍ନାମେଣ୍ଟ ର ଉଦଯାପନି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ଲୋକପ୍ରିୟ ସାଂସଦ ଅନନ୍ତ ନାୟକ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିବା ବେଳେ ଅନ୍ୟତମ ଅତିଥି ଭାବେ ମୈଦାନକେଲ ପଂଚାୟତ ସରପଞ୍ଚ ଭାଗିରଥି ସିଂ, ରଘୁନାଥପୁର ପଂଚାୟତ ସରପଞ୍ଚ ଗୌରୀ ନାୟକ, ସମିତି ସଭ୍ୟା ବେହେରା, ବିଜେପି ମଣ୍ଡଳ ସଭାପତି ଚିନ୍ତାମଣି ମହନ୍ତ, ଭୋଳା ନାଥ ମହନ୍ତ, ଦୁର୍ଯୋଧନ ମହନ୍ତ, ଟଙ୍କ ଧର ମହନ୍ତ, ଯୁଧିଷ୍ଠିର ମହାନ୍ତ, ପ୍ରହ୍ଲାଦ ମହନ୍ତ ପ୍ରମୁଖ ଯୋଗ ଦେଇ ଥିବା ବେଳେ ଫାଇନାଲ ଖେଳ ପିପିଳିଆ ଓ ବେଗେନା ମଧ୍ୟରେ ଅନୁଷ୍ଠିତ ହେଇଥିଲା। ଉକ୍ତ ଖେଳରେ ପିପିଳିଆ ଦଳ ବିଜୟୀ ଲାଭ କରିଥିଲା। ବିଜୟୀ ଦଳ ପିପିଳିଆ ୨୦ ହଜାର ଓ ରଣର୍ସ ଅପ ଦଳ ବେଗେନା ୧୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଉକ୍ତ ଟୁର୍ନାମେଣ୍ଟ ରେ ୧୬ଟି ଦଳ ଯୋଗ ଦେଇ ଥିଲେ।

## ବିଶ୍ୱାସ ନ ହେଲେ ବି ସତ

## ୪ ବର୍ଷ ପୂର୍ବେ ବି ଦିଲ୍ଲୀ-ପଞ୍ଜାବ ମ୍ୟାଚ୍‌ରେ ସ୍ଥଗିତ ରହିଥିଲା ଆଇପିଏଲ୍




ନୂଆଦିଲ୍ଲୀ: ଭାରତ ଏବଂ ପାକିସ୍ତାନ ମଧ୍ୟରେ ଆଜି ଅସ୍ତ୍ରବିରତି ଘୋଷଣା ହୋଇଛି । ତେବେ ଆଇପିଏଲ ୨୦୨୫କୁ ଗୋଟିଏ ସପ୍ତାହ ପାଇଁ ସ୍ଥଗିତ ରଖାଯାଇଛି। ଆପଣଙ୍କୁ କହି ରଖୁଛୁ ଯେ ଗତ ଗୁରୁବାର ଧର୍ମଶାଳାରେ ପଞ୍ଜାବ କିଙ୍ଗ୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ବାତିଲ ଘୋଷଣା କରାଯାଇଥିଲା। ମ୍ୟାଚ୍ ବାତିଲ ଘୋଷଣା ହେବା ପରେ ତୁରନ୍ତ ପଡ଼ିଆ ଖାଲି କରାଯାଇଥିଲା। ପ୍ରକୃତରେ, ଆଇପିଏଲ ୨୦୨୫ରେ ଏକ ଆଶ୍ଚର୍ଯ୍ୟଜନକ ସଂଯୋଗ ରହିଛି କାରଣ ୪ ବର୍ଷ ପୂର୍ବେ ମଧ୍ୟ ଦିଲ୍ଲୀ-ପଞ୍ଜାବ ମ୍ୟାଚ୍ ପରେ ଆଇପିଏଲ ଟୁର୍ଣ୍ଣାମେଣ୍ଟ ସ୍ଥଗିତ ରଖାଯାଇଥିଲା। ଏହା ଚାରି ବର୍ଷ ପୂର୍ବେ, ଅର୍ଥାତ୍ ୨୦୨୧ ମସିହାରେ ଘଟିଥିଲା, ଯେତେବେଳେ ସାରା ବିଶ୍ୱରେ କରୋନା ଭାଇରସ୍ ମହାମାରୀ ଶୀର୍ଷରେ ଥିଲା। ସେହି ଦିନ ଥିଲା ୨ ମଇ ୨୦୨୧, ଯେତେବେଳେ ପଞ୍ଜାବ କିଙ୍ଗସ୍ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଏକ ମ୍ୟାଚ୍ ଥିଲା, କିନ୍ତୁ ବଢ଼ୁଥିବା କରୋନା ମାମଲା ଯୋଗୁଁ, ଆଇପିଏଲକୁ ମଝିରେ ବନ୍ଦ କରିଦିଆଯାଇଥିଲା। ପ୍ରାୟ ସାଢ଼େ ୪ ମାସ ପରେ, ବାକି ଟୁର୍ଣ୍ଣାମେଣ୍ଟ ୟୁଏଇରେ ଆୟୋଜିତ ହୋଇଥିଲା। ୪ ବର୍ଷ ପରେ, ଆଇପିଏଲ ୨୦୨୫ରେ ମଧ୍ୟ ଦିଲ୍ଲୀ କ୍ୟାପିଟାଲ୍ସ ବନାମ ପଞ୍ଜାବ କିଙ୍ଗ୍ସ ମ୍ୟାଚ୍ ପରେ ଟୁର୍ଣ୍ଣାମେଣ୍ଟକୁ ବନ୍ଦ କରିଦିଆଯାଇଛି। ଏହାକୁ କେବଳ ଏକ ସଂଯୋଗ କୁହାଯାଇପାରେ ଯେ ଉଭୟ ସିଜିନରେ ଦିଲ୍ଲୀ-ପଞ୍ଜାବ ମ୍ୟାଚ୍ ପରେ ଟୁର୍ଣ୍ଣାମେଣ୍ଟ ମଝିରେ ବନ୍ଦ ହୋଇଯାଇଥିଲା। ସେହି ସିଜିନରେ ପ୍ଲେଅଫରେ ପହଞ୍ଚିଥିବା ଦଳଗୁଡ଼ିକ ଥିଲେ ଦିଲ୍ଲୀ କ୍ୟାପିଟାଲ୍ସ, ଚେନ୍ନାଇ ସୁପର କିଙ୍ଗ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏବଂ କୋଲକାତା ନାଇଟ୍ ରାଇଡର୍ସ। ଫାଇନାଲ୍ ଚେନ୍ନାଇ ଏବଂ କୋଲକାତା ମଧ୍ୟରେ ଖେଳାଯାଇଥିଲା, ଯେଉଁଥିରେ ସିଏସକେ ୨୭ ରନରେ ବିଜୟୀ ହୋଇ ଚତୁର୍ଥ ଥର ପାଇଁ ଆଇପିଏଲ ଟାଇଟଲ୍ ଜିତିଥିଲା।

**Govt. of Jharkhand**
**OFFICE OF THE EXECUTIVE ENGINEER**
**Field Survey Division, Advance Planning,**
**Road Construction Department,**
**Nirupan Bhawan, 4th floor, 56-Set Chowk, Doranda, Ranchi-834002, e-mail--- eercdapfsdran-jhr@nic.in**

**e-Procurement very Short Notice, 2nd Call**

e-Tender Reference No .-RCD/FSD /AP/ RAN/**03**/25-26 Dated **09.05.2025**

| | | |
|---|---|---|
| 1- | Name of Work | Consultancy services for exploration of Feasibility report cum preparation of Detailed project report for construction of Elevated Road/Flyover from Argora Chowk to Kathal More Chowk including its approaches, replacement of culverts and bridges if any , proposal for new culverts and bridges if any, complete Land Acquisition Proposal including ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal if any with clearance of all stages etc as required , at Ranchi in the state of Jharkhand. from Consultants empanelled in Category-II with the Road Construction Department, Government of Jharkhand vide letter no -3063(S) W.E dated 22-08-2022 are allowed to bid. |
| 2- | Tentative Length | 05 KM |
| 3- | Work completion time | 90 Days |
| 4- | Cost of Tender Document & Earnest Money Deposit (EMD) | **Cost of Tender Document** - Rs 5,000/- (Rupees Five Thousand) (Non-Refundable) through online mode only. **EMD :-** Rs 1,50,000/- (Rupees One Lac Fifty Thousand) through online mode only. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (https://jharkhandtenders.gov.in ) by Internet banking/ NEFT/ RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5- | Date and Time of Publishing of Tender on official website | 13.05.2025, 05.00 PM |
| 6- | Last date and Time of submission of Tender (With Tender Fee and EMD) | 20.05.2025, 12.30 PM |
| 7- | Date and Timing of Bid opening | 21.05.2025, 12.30 PM |
| 8- | Tender Inviting Authority | Executive Engineer, Field Survey Division, Advance Planning, RCD, Ranchi, Nirupan Bhavan, 56 set Chowk, Doranda, Ranchi-834002, Mobile No-8051090751 |
| 9- | Mode of Bid Submission | e-Tendering (http://jharkhandtenders.gov.in) |
| 10- | PR No | 350548 Road (25-26) |

For further information please go through the website http://jharkhandtenders.gov.in

**Executive Engineer**
**Field Survey Division,A.P**
**PR 352162 Road(25-26)#D Road Construction Department,Ranchi**

## ଆନେକ୍ସ କପ୍ ଫାଇନାଲ ରେ ଝାରଖଣ୍ଡ ସ୍ପୋର୍ଟିଂ ୟୁନିଅନ ଝାଡ଼ଖଣ୍ଡ

ଜଗତସିଂହପୁର (ଭାସ୍କର ନ୍ୟୁଜ) ଆଜିର ପ୍ରଥମ ସେମି ରେ ଆନ୍ନେକ୍ସ କପ୍ ସେମି ଫାଇନାଲ ମ୍ୟାଚ ରେ ସ୍ଥାନୀୟ ଏସଭିଏମ୍ କଲେଜ ପଡ଼ିଆରେ ଚାଲିଥିବା ଜାତୀୟସ୍ତରୀୟ ଟୁର୍ନାମେଣ୍ଟ ଆନେକ୍ସ କପର ଫାଇନାଲରେ ପ୍ରବେଶ କରିଚି ଝାରଖଣ୍ଡ ସ୍ପୋଟିଂ । ପ୍ରଥମେ ଟସ୍‌ରେ ଜିତି ଝାଡ଼ଖଣ୍ଡ ସ୍ପୋର୍ଟ୍ସ ୟୁନିଅନ୍ ବୋଲିଂର ନିଷ୍ପତ୍ତି ନେଇଥିଲା । ଜବାବରେ ହିନ୍ଦୁସ୍ଥାନ ସ୍ପୋଟିଂ ନିର୍ଦ୍ଧାରିତ ୨୦ ଓଭର ମଧ୍ୟରୁ ୧୭୬ ରନ କରି ୮ଟି ୱିକେଟ୍ ହରାଇଥିଲା। ଦଳ ପକ୍ଷରୁ ସର୍ବାଧିକ ସୌଭାଗ୍ୟ ମିଶ୍ର ୫୨ ଓ କିଶାନ ରଥ ୪୩ ଓ ପୁରୁଷୋତ୍ତମ ପ୍ରଧାନ ୨୪ ରନ ସଂଗ୍ରହ କରିଥିଲେ ।




ଝାରଖଣ୍ଡ ପକ୍ଷରୁ ଆଶ୍ୱିନ ୪ ଓ ଅଭିନାସ କୁମାର ୨ ୱିକେଟ୍ ଅକ୍ତିଆର କରିଥିଲେ । ଜବାବରେ ୧୯.୨ ଓଭର ରେ ଏକ ସଂଘର୍ଷ ମୟ ମ୍ୟାଚରେ ୭ ୱିକେଟ୍ ହରାଇ ୧୭୭ ରନ ସଂଗ୍ରହ କରି ବିଜୟ ହାସଲ କରିଥିଲା ଝାରଖଣ୍ଡ ସ୍ପୋଟିଂ। ଦଳ ପକ୍ଷରୁ ସର୍ବାଧିକ କୁମାର ଅଙ୍କିତ ୪୧ ଶ୍ରେଷ୍ଠ ୩୧ ରୋନି କୁମାର ଯାଦବ ୨୪ ରନ କରିଥିଲେ। ଶେଷ ୮ ବଲରେ ୧୫ ରନ ଆବଶ୍ୟକ ଥିଲାବେଳେ ସୁରଜ୍ ଯାଦବ ୩ଟି ବଲରେ ୧୦ କରି ଦଳକୁ ବିଜୟୀ କରାଇଥିଲେ। ହିନ୍ଦୁସ୍ଥାନ ପକ୍ଷରୁ ସର୍ବାଧିକ ଜାମାଲା ମହାପାତ୍ର ୩ ୱିକେଟ ବିଶ୍ୱଜିତ୍ ମହାପାତ୍ର ଓ ସୁପ୍ରଭାତ ପଟ୍ଟନାୟକ ୨ ଲେଖା ୱିକେଟ୍ ଅକ୍ତିଆର କରିଥିଲେ । ଏହି ଖେଳର ଶ୍ରେଷ୍ଠ ଖେଳାଳି ଝାଡ଼ଖଣ୍ଡ ଟିମ୍‌ର କୁମାର ଅଙ୍କିତଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ରୂପେ ଘୋଷଣା କରାଯାଇଥିଲା । ପୁରସ୍କାର ଉତ୍ସବରେ ସାମ୍ମାନୀତ ଅତିଥି ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ପିନାକୀ ମହାନ୍ତି, ତପନ କୁମାର ମଲ୍ଲିକ୍, ଜଗନ୍ନାଥ ଦାସ, ପୂର୍ବତନ ଛାତ୍ର ନେତା ଅଧ୍ୟାପକ ଆଶୁତୋଷ ପ୍ରୟାସ ଦାସ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ । ଆଶୁତୋଷ ପାଣି, ସୌମେନ୍ଦ୍ର ପାତ୍ର, ବାପି ବିଶୋଇ, ଆଶୁତୋଷ ବେହେରା, ପ୍ରଶାନ୍ତ ମଲ୍ଲିକ୍, ପ୍ରିତମ ପ୍ରିୟଦର୍ଶନ, କରନ୍ ଖାନ ଓ ମିଳନ ଓଝା ପରିଚାଳନା କରିଥିଲେ ।

**EXECUTIVE ENGINEER,**
**MINOR IRRIGATION DIVISION, BOKARO.**

**Short Re e-Tender Reference No. WRD/MID/BOKARO/SBD-01/2025-26 (4th call)**
**Date :09.05.2025**

1. Date of Publication of Tender on website :- 19.05.2025 at 2:00 PM
2. Last date/Time for receipt of bids online bids:- e-Procurement Portal (Jharkhandtenders.gov.in) Fee, Security and other documents 26.05.2025 up to 2:00 PM
3. Date of Opening of Tender on website :- 27.05.2025 at :3:00 PM
4. Name & address of office Inviting tender :- Executive Engineer, Minor Irrigation Division, Bokaro, Camp – II, Qr. No- D/1, B. S. City, Bokaro, Jharkhand, Pin no- 827001
5. (a) Contact no of e-Procurement officer :- 9773661712
   (b) E-mail of e-Procurement officer :- eemidbok-cemr-jhr@nic.in
6. Helpline number of e-Procurement cell :- 9431510092

| Gr. No. | Name of the work | Estimated Cost (Rs.) | EMD | Cost of BOQ | Time of Completion |
|---|---|---|---|---|---|
| 1 | Renovation of Ambagarha Wear Scheme and Mirgikoh Irrigation Drain in Vill-Gundligarha, Panchayat Koh, under Block- Petarwar, Bokaro. | 27732018.00 | 554700.00 | 10000.00 | 11 Month |

**Note :-** Only e-Tenders will be accepted. The tender amount may be changed at time of publication on website. Further details can be seen on website http://jharkhandtenders.gov.in

**Executive Engineer,**
**Minor Irrigation Division, Bokaro**
**PR 352142 Minor Irrigation(25-26)#D**

ଓଡ଼ିଶା ଭାସ୍କର
ODISHA BHASKAR

# ସାହିତ୍ୟ





## ପଖାଳ ଯୋଗାଏ ବଳ

✶ ଜଗଦୀଶ ସାହୁ

ପଖାଳ ଖାଇ ମାରୁଛି ହାଇ
ଆମ କାଳିଆ ଦେଉଳେ ଥାଇ

ଏଇ ପଖାଳ ଯୋଗାଏ ବଳ
ପଚାରି ବୁଝ ଚାଷୀକୁ ଯାଇ ।

ହେଲେ ସକାଳ ଖାଇ ପଖାଳ
କାମକୁ ଯାଏ ଶ୍ରମିକ ଭାଇ
ପଖାଳ ଯିଏ ଖାଇଛି ସିଏ
ନାଚେ ପଖାଳ ମହିମା ଗାଇ ।


ଶାଗ ଖରଡ଼ା ଲେମ୍ବୁ ଚିପୁଡ଼ା
ପଖାଳ କଂସା ହୋଇଛି ବଡ଼ା
କଷି କାକୁଡ଼ି ବାଦାମ ବଡ଼ି
ବସରେ ପିଲେ ପଡ଼ିଛି ପିଢ଼ା ।

ଖୁସିରେ ଖାଅ ଆନନ୍ଦ ପାଅ
ହାତରେ ହାତ ମିଳାଇ ଦିଅ

ଆମେ ଓଡ଼ିଆ ପଖାଳ ଖିଆ
ପଖାଳ ଗୁଣ ଭୁଲି ନଯାଅ ।

ସଞ୍ଜପଡ଼ା, ହିନ୍ଦୋଳ, ଢେଙ୍କାନାଳ
ମୋ :-୯୦୭୮୧୮୫୬୧୬

# ଉଦୟ ରାଗ



ରତ୍ନକାନ୍ତି ମିଶ୍ର

ଗୋଟିଏ ସଜଫୁଲ ଫୁଟା ପରି ସାତବର୍ଷର ଝିଅ ରିମାର ଚେହେରା ଯେତିକି କୋମଳ ସେତିକି ସୁନ୍ଦର। ତା' ଆଖିର ଡୋଳାରେ କଳାଘୁମର ପାଣିର ଗଭୀରତା। ସେଇ ଢଳଢଳ ଆଖି ଯୋଡ଼ିକରୁ ଜାଣି ହୁଏ ତା'ର ମନ। କାନ୍ଧ ଯାଏ ଲମ୍ବିଥିବା କୁଞ୍ଚୁକୁଞ୍ଚିଆ ବାଳକୁ ହଲେଇ ସେ ଯେତେବେଳେ କଥା ହୁଏ ମୋତେ ଖୁବ୍ ଭଲ ଲାଗେ। ବେଳେ ବେଳେ ମୁଁ ତା' କଥା ଶୁଣିବି କ'ଣ ତା ମୁହଁକୁ ଖାଲି ବଲବଲ ହୋଇ ଚାହିଁଥାଏ। ଡଗଡଗ ହୋଇ କେତେ କଥା ସେ କହିନଯାଏ ମୁହୂର୍ତ୍ତକରେ... !

ରିମାର ବାପା ନାଭାଲ କମାଣ୍ଡର। ଏବେ ଭାଇଜାଗ୍‌ରେ ରହନ୍ତି । ତାଙ୍କର ଟ୍ରାନ୍ସଫର ପରେ ରିମା ଏଇଠି ଆମଘର ତଳ ମହଲାରେ ତା' ମାଆ ସହ ରହେ। ତା' ବାପା ମାସକୁ ଥରଟିଏ କିମ୍ବା ଅତି ବେଶୀରେ ଦୁଇଥର ହିଁ ଆସି ପାରନ୍ତି।

ରିମା ସ୍କୁଲ ବସ୍‌ରୁ ଓହ୍ଲାଇବ ତ ଆଗ ଆସି ଆମ ଘରେ ପହଞ୍ଚିଯିବ। ସେଦିନ ସ୍କୁଲରେ ଘଟିଥିବା ସାରା ବିବରଣୀ ମୋ ଆଗରେ ପ୍ରଦାନ କରିବ। ବିଭିନ୍ନ ସାଙ୍ଗଙ୍କ ସହିତ କଟିଥିବା ସମୟ ହେଉ ଅବା ପାଠପଢ଼ା ହେଉ ସେ ତନ୍ନ ତନ୍ନ କରି ଗପୁଥିବ ଯେ ପର୍ଯ୍ୟନ୍ତ ତା' ମାଆ ଆସି ତା' ହାତ ଧରି ଟାଣି ଟାଣି ନନେଇଛନ୍ତି। ସତ କଥା କହିବାକୁ ଗଲେ ମୁଁ ତା' ବାଟକୁ ଚାତକ ପରି ଚାହିଁ ବସିଥାଏ।

ରିମାର ଅନୁଭୂତି ବିଶେଷତଃ ତା' ସାଙ୍ଗମାନଙ୍କୁ ନେଇ ପର୍ଯ୍ୟାଲୋଚିତ। ତା' ସାଙ୍ଗମାନଙ୍କ ବିରୁଦ୍ଧରେ କୌଣସି କଥା ଶୁଣିବାକୁ ସେ ନାରାଜ। ଭଲ ପାଠପଢୁନଥିବା ପିଲାଙ୍କ ସହିତ ତା'ର ମିଳାମିଶାକୁ ତା' ମାଆ ବାରଣ କରୁଥିବା ବେଳେ ରିମା ଯୁକ୍ତି କରି ବସିବ ସେ ସାଙ୍ଗର ଭଲଗୁଣ ବିଷୟରେ। ଯେମିତି କେଉଁ ସାଙ୍ଗ ଭଲ ଚିତ୍ର କରେ ତ କିଏ ଭଲ ଖେଳେ। ତା'ର ଅକାଟ୍ୟ ଯୁକ୍ତି ଆଗରେ ବିବଶ ହୋଇପଡନ୍ତି ତା'ର ମାଆ। ମୁଁ ରିମାକୁ ପରୋକ୍ଷରେ ସମର୍ଥନ କରେ ବୋଲି ସେ ବୁଝିପାରେ।

ରିମା ତା' ସାଙ୍ଗମାନଙ୍କ ବିଷୟରେ ଖୁବ୍ ସମ୍ବେଦନଶୀଳ।

ତା' ସାଙ୍ଗମାନଙ୍କ ବିଷୟରେ ସେ ଅନର୍ଗଳ ଗପିଚାଲେ ମୋ ଆଗରେ। ମଝିରେ ମଝିରେ ସେ ଯେଉଁ ସାଙ୍ଗ ବିଷୟରେ କହିଥିବ ମୋତେ ପଚାରି ମୋର ମନେ ରଖିପାରିବାର ପରୀକ୍ଷା ନେବ। ମୁଁ ପ୍ରାୟତଃ ତା' ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରେନା। ଭୁଲ୍ ଭାଲ କହେ ତ, ସେ ମୋତେ ବୋକା ବୋଲି ଅଭିହିତ କରେ। ସେଥିକୁ କି ମୋର ପରଓ୍ୱା ଥାଏ ! ମୁଁ ତ ମସଗୁଲ ଥାଏ ତା ଅଙ୍ଗଭଙ୍ଗୀରେ, ତା' କଥା କହିବାର ଢଙ୍ଗରେ ! ଯଦିଓ ସେ ସବୁ କଥା ମୋ ବୟସର ପର୍ଯ୍ୟାୟଭୁକ୍ତ ନୁହେଁ ମୁଁ କିନ୍ତୁ ସତକୁ ସତ ତା' ଭଳି ପିଲାଟିଏ ହୋଇଯାଏ ମୋ ଅଜାଣତରେ। ଅବସରପ୍ରାପ୍ତ ମୋ ଜୀବନକୁ ରିମା କରିଦିଏ ରସାଣିତ ।

ଦିନେ ସକାଳୁ ରିମା ମାଆଙ୍କର ପାଟି ଶୁଣି କ'ଣ ପାଇଁ ଝିଅକୁ ତାଗିଦ୍ କରୁଛନ୍ତି ଜାଣିବା ପାଇଁ ସେଇଆଡ଼େ କାନଦେଲି। ପୁଣି କିଛି ଜିନିଷ ସ୍କୁଲରେ ଛାଡ଼ିଦେଇ ଆସିଛି ବୋଲି ତା' ଉପରେ ବିରକ୍ତ ହେଉଛନ୍ତି ବୋଲି ଆଭାସ ପାଇଲି। ତଳକୁ ଯାଇ ମୁଁ ରିମାକୁ କ'ଣ ହୋଇଛି ବୋଲି ପଚାରିଲି ତ ତା'ର ମାଆ କହିଲେ 'ଦେଖନ୍ତୁ ତ ଏ ସ୍କୁଲକୁ ପାଠ ପଢ଼ିବାକୁ ଯାଉଛି ନା ସେଇଠି ପେନସିଲ, ରବର ବାଣ୍ଟିବାକୁ ଯାଉଛି ? ପ୍ରତିଦିନ କିଛି ନା କିଛି ଜିନିଷ ଘରୁ ଲୁଚେଇ ନେଇ କାହାକୁ ସବୁ ଦେଇଆସୁଛି। ପଚାରିଲେ ଟିକେ ଆପଣ !'

ମୁଁ ପଚାରିବା ପୂର୍ବରୁ ରିମାର ଉତ୍ତର 'ଜେଜେ କହିଲେ ମୋ ସାଙ୍ଗ ମାଗୁଛନ୍ତି; ମୁଁ କ'ଣ ଦେଇନଥାନ୍ତି ? କାହାକୁ ସାହାଯ୍ୟ କରିବା କ'ଣ ଖରାପ ?'

–' ଯଦି ସାହାଯ୍ୟ କରୁଛୁ, ପୁଣି ଆଣୁନୁ ? ବେଶୀ କଥା କହୁଛି।'ସାବଧାନ କରିବା ସ୍ୱରରେ କହିଲେ ରିମାର ମାଆ।

–'ଛୁଟି ହେଲା ବେଳକୁ ବସ୍ ପାଖକୁ ଶୀଘ୍ର ନଆସିଲେ ବସ୍ ଅଙ୍କଲ ଗାଳିଦେବେ ନା ନାହିଁ? ତୁମେ କହୁନ ଜେଜେ ମୁଁ ସାଙ୍ଗ ଠାରୁ ମାଗିବା ପାଇଁ ଅପେକ୍ଷା କଲେ ଡେରି ହୋଇ ଯିବନି?' ରିମାର ଉତ୍ତର ମୋତେ ହରଡ଼ଘଣାରେ ପକାଇବା ଭଳି!

–' ଏଥର ସ୍କୁଲ ଛୁଟି ହେଲା ଆଗରୁ ସାଙ୍ଗକୁ କହିବୁ ସେମାନେ ତୋତେ ତୋ ପେନ୍, ପେନସିଲ ବା ରବର ଦେଇଦେବେ।' ମୁଁ ବାଧହୋଇ କହିଲି।

ରିମା ମାଆଙ୍କର ପୁଣି ଅଭିଯୋଗ – 'ଘରୁ ଲୁଚେଇ ନେଇ ବିସ୍କୁଟ ଚକୋଲେଟ ସବୁ ସାଙ୍ଗଙ୍କୁ ବାଣ୍ଟି ଆସୁଛି। ଲୁଚେଇ ନେବା ଚୋରି କି ନୁହେଁ? ଆଉ ଚୋରି କଲେ ପାପ କି ନୁହେଁ?'

ମୁଁ କିଛି କହିବା ପୂର୍ବରୁ ରିମା ମୁହଁରେ ଫୁଟି ଉଠିଲା ନୀରିହ ହସ।

–' ମୋର କେତେ ସାଙ୍ଗ। ସମସ୍ତେ ମାଗୁଛନ୍ତି ତ କ'ଣ କରିବି। ତୁମେ ତ ପାଟି କରୁଛ। ସେଇଥିପାଇଁ ଲୁଚେଇ ନେଉଛି। ସାଙ୍ଗଙ୍କ ସହିତ ସେଆର କରିବା କ'ଣ ଖରାପ କି ଜେଜେ ?'

ମୋ ଆଡକୁ ପ୍ରଶ୍ନଟେ ଫୋପାଡି ଦେଇ ଯେମିତି ତା'ର ଉତ୍ତରରେ ଯଥାର୍ଥତା ଅଛି ବୋଲି ସୂଚେଇ ଦେଲା ରିମା।

–' ମାଆଙ୍କୁ ଲୁଚେଇ କୌଣସି କାମ କରିବା ମଧ୍ୟ ଠିକ୍ ନୁହେଁ।' କହି ଫେରି ଆସିଲି।

ପଛରୁ ପୁଣି ଶୁଭିଲା ମୋତେ ରିମାକୁ ତାଗିଦ୍ କରୁଥିବା ତା ମାଆଙ୍କ ସ୍ୱର।

–' ଶୁଣ, ଏଣିକି କେହି କିଛି ମାଗିଲେ ତୁ ମନାକରି ଦେବୁ। ତୋ ପାଖରେ ଥିଲେ ବି କହିବୁ ମୋ ପାଖରେ ନାହିଁ ବୋଲି । ହେଲା।ତୁ ଜାଣିପାରୁନୁ। ଚାଲାକ ପିଲାମାନେ ତୋତେ ଠକି ତୋ ଜିନିଷ ସବୁ ତୋ ପାଖରୁ ମାଗି ନେଉଛନ୍ତି।ବୁଝିଲୁ ! ପରଙ୍କୁ ଏମିତି ବାଣ୍ଟି ଚାଲିଲେ ତୋ ପାଖରେ ଆଉ କିଛି ନଥିବ।'

ଆହା, ଏବେ ରିମା ମନରେ ମାଆଙ୍କ କଥା କି ସଂଘାତ ସୃଷ୍ଟି କରୁଥିବ ! ସେ କ'ଣ ମନେ ମନେ ଭାବୁନଥିବ ଚୋରି କରିବା ଯଦି ପାପ ହୁଏ, ସାଙ୍ଗକୁ ମିଛ କହିବା କ'ଣ ପାପ ନୁହେଁ.. ?

ମୋର ଇଚ୍ଛା ହେଉଥିଲା ପୁଣି ଫେରି ପଡ଼ିବି ଆଉ ରିମା ମାଆଙ୍କୁ କହିବି ଚାଲାକ ହେବା ପାଇଁ ଝିଅ ଜୀବନରେ ପର୍ଯ୍ୟାପ୍ତ ସମୟ ପଡ଼ିଛି। ସେଇ ସମୟ ହିଁ ଶିଖାଇ ଦେବ ସବୁ କିଛି ଭବିଷ୍ୟତରେ। ଏତେ ତରତର କାହିଁକି ? ନିଷ୍ପାପ ପିଲାମନଟିଏ ତାକୁ ଭୋଗିବାକୁ ଦିଅ।ତା ପିଲା ମନକୁ ନିୟନ୍ତ୍ରଣ କରିବାକୁ କିମ୍ବା ପ୍ରଭାବିତ କରିବାକୁ ଚେଷ୍ଟା କରିବା ଉଚିତ ନୁହେଁ। ହେଲେ ସେମିତି କିଛି କଲି ନାହିଁ। ଚୁପ୍ ଚାପ୍ ଧିରେଧିରେ ଉପରକୁ ଆସି ବାଲକୋନୀରେ ଠିଆ ହେଲି।

ମୋର ପିଲାଦିନ କଥା ମନେ ପଡ଼ିଲା। ମୁଁ ବି ଏମିତି ଘରୁ କୋଳି ଆଚାର ଚୋରେଇ ନେଇ ସାଙ୍ଗମାନଙ୍କୁ ବାଣ୍ଟୁଥିଲି। ବାପା କଲିକତାରୁ ଆସିଲେ ଆଣିଥିବା ସନ୍ଦେଶ କିମ୍ବା ଆଉକିଛି ମୋ ସାଙ୍ଗ ଙ୍କୁ ଭାଗ ଦେବାକୁ ଭୁଲୁ ନଥିଲି। ଯଦି ରବିବାର କିମ୍ବା କିଛି ଛୁଟିଦିନ ପଡେ ତେବେ ଏଇ ଚୋରି ପାଇଁ ମୋତେ ଦରକାର ହେଉଥିଲା ଖରାବେଳର କିଛି ନିରୋଳା ମୁହୂର୍ତ୍ତ। ଘରେ ସମସ୍ତଙ୍କ ଆଖିକୁ ଫାଙ୍କି ଦାଣ୍ଡ କୁ ବାହାରିଗଲେ ରକ୍ଷା।

ସଞ୍ଜକୁ ଘରକୁ ଫେରିଲେ ତେଣିକି ଯାହା ହେବାର ଥିବ ହେବ। କେବେ ବର୍ତ୍ତିଯାଏ ତ କେବେ ବୋଉ ଠାରୁ ଗାଳି ମାଡ ଖାଏ। କେବେ କେବେ ବୋଉ କୁ ନକହି ପଇସା ଲୁଚେଇ ନେଇ ସେଇ ପଇସାରେ ସାଙ୍ଗମାନଙ୍କୁ ଚୁଚୁମା ବାଣ୍ଟିଛି ।

ସେଦିନମାନଙ୍କରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ଥିଲା ଖେଳ ଆଉ ସାଙ୍ଗ। ଟଙ୍କା, ପଇସା, କୋଳି, ଚୁଚୁମା, କାଚଗୋଲି, ନଟୁ, ଦିଆସିଲି ଖୋଳ, କି ରଗଡା ପଥର ହେଉ ; ଏସବୁ ଭିତରେ ଥିବା ପାର୍ଥକ୍ୟ କ'ଣ ବୁଝିପାରୁନଥିଲି ପିଲାଦିନେ ।ମିଶାଣ ଫେଡାଣର ହିସାବରେ କ'ଣ ପିଲାଦିନ ମପା ହୁଏ ! ସେ ତ ମପା ହୁଏ ସ୍ନେହ, ଶ୍ରଦ୍ଧାରେ, ଅନୁରାଗରେ.... ! ପିଲାଦିନେ ଘର କ'ଣ ଆଉ ପର କ'ଣ ?

ମୁଁ ଏତେବେଳ ଯାଏଁ ମୋ ପିଲାଦିନର ସ୍ମୃତିକୁ ରୋମାନ୍ଥନ କରୁଥିଲି ଆଉ ସେଇ ପିଲାଦିନରେ ହିଁ ହଜି ଯାଇଥିଲି।

ଆମ ଘରର ଫାଟକ ନିକଟରେ ରିମା ସ୍କୁଲ ବସ୍ ହର୍ଣ୍ଣ ଶବ୍ଦ ଶୁଭିଲା। ଉଙ୍କି ମାରି ଚାହିଁଲି। ରିମା ଧାଇଁ ଧାଇଁ ସ୍କୁଲ ବସ୍ ପାଖକୁ ଗଲାବେଳକୁ ସବୁଦିନ ପରି ମୋ ଆଡେ ଚାହିଁ ଫିକକିନା ହସିଦେଲା। ମୋ ଛାତି ତଳେ ସତେ ଯେମିତି ସ୍ୱର୍ଗ ପାରିଜାତଟିଏ ଫୁଟି ଉଠିଲା।

ଭାବୁଥିଲି କେହି ଜଣେ ସତ କହିଥିଲେ ଈଶ୍ୱର ପିଲାଙ୍କ ହସରେ ପ୍ରତୀୟମାନ ହୁଅନ୍ତି ଏବଂ ସେଇ ହସ ହିଁ ଆତ୍ମାର ଭାଷା।

ମୁଁ ରିମା ଆଡକୁ ଚାହିଁ ହାତ ହଲେଇଲି। ପ୍ରତି ବଦଳରେ ସେ ଯେଉଁ ଦୁଷ୍ଟ ମଧୁର ଚାହାଣି ଉପହାର ଦେଲା ମୋତେ ଲାଗିଲା ତା ମାଆର ଶତ ପ୍ରରୋଚନା ବ୍ୟର୍ଥ ଯାଇଛି ଏବଂ ଆଜି ବି ସେ ଫେରିଲା ବେଳକୁ ତା ମାଆର ଉପଦେଶକୁ ତା ପିଲା ମନରେ ନାକଚ କରିବାକୁ ଚେଷ୍ଟା କରିବ... !

ମୁଁ ଆଉଥରେ ପିଲାମନର ସେଇ ବିହ୍ୱଳପଣକୁ ଉପଲବ୍ଧି କରିବାକୁ ଦୂର ଅତୀତରେ ହଜିଗଲି... ! ! !

ଆଳି, କେନ୍ଦ୍ରାପଡା

# କବିତା ଗୁଚ୍ଛ

## ମାଆ



✶ ସୁଜିତ କୁମାର ମିଶ୍ର

ମନ ଅଗଣାର ସଜ ବାସଫୁଲ ମୃଦୁ ସମୀରଣ ଛୁଆଁ,
ମାନ ଅପମାନ ବର୍ଷା ଉର୍ଦ୍ଧ୍ୱରେ ସେ ମିଠା ଐଶ୍ୱର୍ଯ୍ୟର ଗାଆଁ ।
ମାଆ ମନ୍ଦାକିନୀ ଲୁହର ସାଗର ମହା ଆଶିଷର ଝର,
ମଉନ ଦୀପର ଆନନ୍ଦ ଦାତ୍ରୀ ସେ ମମତାର ମହୁଘର ।।

ମାଟିର ହୃଦୟ ଆକାଶର ଆଖି ମହାବୃକ୍ଷର ସେ କାୟା,
ମଧୁର ଗୀତିର ପ୍ରୀତି ଚଉଦାଳି ମଉସୁମୀ ଛନ୍ଦ ଛାୟା ।
ମନ୍ଦିରର ଦେବୀ ମୋହ ପ୍ରତିଛବି ମୁଠେ ଶରଧାର ପୂଜା,
ମ୍ଳାନ ବଦନ ବି ମଉଜ ମୁଖର ମିତପ୍ରାଣ ଖୁଦଭଜା ।।

ମହକ ମଲ୍ଲୀ ସେ ନିଃସ୍ୱାର୍ଥ ବନାନୀ ମରତର ଜହ୍ନରାତି,
ମଞ୍ଜୁଳ ଶୋଭାର ନିର୍ମଳ ଶରତ ମନ୍ଦ୍ରହାସୀ ସଞ୍ଜବତୀ ।
ମରଣ ପଥରେ ବୀରାଙ୍ଗନା ନିତି ମାନ୍ତ୍ରିକ ସ୍ୱାର୍ଥକୁ ଧରି,
ମଉଜ ଓଠ କି ବୁଝିଛି ନୀରବେ ମାଆ ନୁହେଁ କାହା ସରି ।

ମଇ ମାସ କିଆଁ ମହିମାମଣ୍ଡିତ ମହୀ ପଡେ ଉଠେ ରଙ୍ଗେ,
ମୃଢବାଦୀ ଯହିଁ ବାରମାସୀ ସ୍ୱାର୍ଥେ ମାଆର ସପନ ଭାଙ୍ଗେ ।

ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
ମୋ- ୭୬୮୩୮୬୭୭୪୨

## ସତ୍ୟର ଜୟ

✶ଗୋଲୋକ ବିହାରୀ ବେହେରା

ପରିବାର ଉପବନରେ ତ ଆଉ
ଖେଳୁ ନାହିଁ ଶ୍ରଦ୍ଧାର ସୁମନ,
ଅବିଶ୍ୱାସ, ଈର୍ଷା, ଅସୂୟା ଅନଳେ
ଜଳିଯାଏ ସର୍ଭିଙ୍କର ମନ।

ଭାଇ ଭଗ୍ନୀ ସନ୍ତାନ ସୋଦର
ମଣିଷ କରିବାକୁ ଯାଇ
ସାରା ଜୀବନର ଅର୍ଥ ଓ ସମୟ
ସମୂଳେ ଦେଲି ତ ହଜେଇ।

ଜୀବନର ଉତ୍ତରାର୍ଦ୍ଧେ ଆଜି
ନିନ୍ଦା, ଅବଜ୍ଞା ନିସଂଗତା ଧରି
ସ୍ୱାର୍ଥର ନିଃଶ୍ୱାସେ ଅଣନିଃଶ୍ୱାସୀ ମୁଁ
ଭୁଲିଯାଏ ବିବେକ ଆହରି।

ସତ୍ୟ ଧର୍ମ ଜୟ ହୁଏ ବୋଲି
କହିଥିଲେ ଗାନ୍ଧୀ ଓ ଗାନ୍ଧାରୀ
ଅସତ୍ୟର ଆତସବାଜିରେ
ଜଳିଯାଏ ସଂସାର ସବୁରି।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ଷଡ଼ଙ୍ଗୀ, ଢେଙ୍କାନାଳ
ମୋ: ୯୯୩୮୩୦୩୦୪୬



## ସିନ୍ଦୁର

✶ମନୋରମା ମହାପାତ୍ର

କେତେଦିନ ଅନ୍ଧାରେ ତୁମ ଆତଙ୍କୀ ଆକ୍ରୋଶ
ରାତି ଗଲା ପାହି ଏବେ ସିନ୍ଦୂରାୟିତ ଆକାଶ,
ଭାରତ ମା' ଭାଲ ପଟେ ଉଜ୍ୱଳ ସିନ୍ଦୁର ଜ୍ୟୋତି
ଯବାନଙ୍କ ହୃଦେ ହୃଦେ ମିଶାଇଲ୍ ମଶାଲ ବତୀ।
ନିମିଷକେ ଜାଳି ଦେଲା ପାକିସ୍ଥାନ ! ତୋ ଅହଂତ୍ୱ ଗଡ଼
ଦେଖିଲୁ ମୋଦି ମୋଦକ ପ୍ରଚଣ୍ଡ କଟୁ ତିକ୍ତ ଝଡ଼,
ଧର୍ମ ଆଳେ ସଧବାଙ୍କୁ କରି ଦେଲୁ କେତେ ନିଉଛାଳି
କ୍ଷେଣିକେ ତୋ ବିଷ ଦାନ୍ତ ଦେଲେରେ ହୁଗାଳି।
ଧର୍ମ ପରା ଯୁଗେ ଯୁଗେ ପ୍ରେମ ମନ୍ତ୍ରେ ଧରାର ରକ୍ଷକ
ଧର୍ମ ନାମେ ଆତଙ୍କୀ ତୁ କେମିତି ରେ ହେ ନରରାକ୍ଷସ,
କାପୁରୁଷ ତୁମ ଶବ୍ଦ କୋଷେ ତୁମେ 'କାଫେର' ଜହ୍ଲାଦ
ଭାରତୀୟ ନାରୀ ମାନ 'ସିନ୍ଦୂର' ହେଲା ତୋ ପାଇଁ ବ୍ରହ୍ମାସ୍ତ୍ର।
ସୋନିଆ କୁରେଶି ବ୍ୟୋମିକ୍ ସିଂ ବୀରାନାରୀ ଶକ୍ତି ସ୍ୱରୂପା
ଚୂର୍ଣ୍ଣ କଲେ କ୍ଷୁର୍ଣ୍ଣ କଲେ ତାଣ୍ଡବ ତୋ ଯେତେ ଲୁଚା ଛପା
ପହଲଗାମ୍ ଦ୍ରୌପଦୀଙ୍କ ରୁଧିରାକ୍ତ ଦଗ୍ଧ ନେତ୍ର ଜ୍ୱାଳା
ରକ୍ତ ରେ ପଖାଳି ଦେଲା ତୋ ଅଗଣା ଦେଇ ପିଣ୍ଡି ଖଳା।
ଭାରତୀୟ ଯବାନଙ୍କ ତେଜୋଦୀପ୍ତ ଦୃଢ କରିସିମା
ମର୍ମଭେଦି ଦୃଷ୍ଟାନ୍ତ ନଦେଖାରେ ଆଉ ତୋ ବୃଥା ଗରିମା
ବାର ବାର ହାରୁଅଛୁ ସରୁନାହିଁ ତୋ ନିର୍ଲଜ୍ଜ ପଣ
ବିଧର୍ମୀ ବୁଝିବ କି ଧର୍ମ ଗାଥା ନାହିଁ ଯାର ସ୍ୱାଭିମାନ।
ଧର୍ମ ନାମେ କୁଟନୀତି ଗୃହ ଯୁଦ୍ଧ ତୋ ହୀନ ଚକ୍ରାନ୍ତ
ଭାଇଚାରା ଭାଙ୍ଗି ଭାବିଛୁ କରିବୁ ତୁ କି ଭାରତ ବିଧ୍ୱସ୍ତ
ଜାତି ଧର୍ମ ନିର୍ବିଶେଷେ ଭାରତ ମା ଧରାରେ ଅନନ୍ୟ
ଯେମିତି ଉଦାର ସେମିତି କଠୋର ପନ୍ଥୀ ବଜ୍ର ବିଭୀଷଣ।
ଭାଙ୍ଗିଲେ ତୋ ଦୁର୍ବାର ଗଡ଼ ପ୍ରତିଶୋଧ ସଙ୍ଗେ ସଙ୍ଗେ
ଅପରେସନ ସିନ୍ଦୁର ଭିଜାଇଲା ତୋ ଛାତିକୁ ରକ୍ତ ତରଙ୍ଗେ

ରାଇଘର, ନବରଙ୍ଗପୁର

## ଦୁଇକୂଳ ହିତା

✶ରଧାରାଣୀ ପଟ୍ଟନାୟକ

ପାରି ଜାତ ଠାରୁ ଅଧିକ ସୁନ୍ଦର
କନ୍ୟା ରତ୍ନଟିଏ ତୁହି
ଝିଅ ଟିଏ ତୁହି କୋମଳ ମତି ଲୋ
ଗଢିଛି ତତେ ସେ ବିହି ।
ନଈ ନୁହେଁ ତୁ ଝରଣା ଟିଏ ଲୋ
ଝରୁଛି ମଧୁର ଝର
ତୁ ଯଦି ଚାଲିବୁ ଚପଳ ଛନ୍ଦ ରେ
ଅପୂର୍ବ ଶୋଭା ଭଣ୍ଡାର ।
ହୀରା ଆଉ ମୋତି ଅଲୋଡା ତୋ ପାଖେ
ତୂ ଅଟୁ ମୋତିର ହାର ।
ସମାଜର ତୁହି ନୟନ ପିତୁଳା
ତୋ ମୂଲ ଅଟେ ସୁନ୍ଦର ।
ଜହ୍ନ ସାଙ୍ଗେ ତତେ ତୁଳନା ନାହିଁ ଲୋ
ଜହ୍ନ ରେ ରହିଛି କଳଙ୍କ
କନ୍ୟାରତ୍ନ ତୁହି ଏ ସାରା ବିଶ୍ୱ ର
ଅନେକ ଭିତରେ ଏକ
ନିରୀହ ତୁ ଅଟୁ ରଙ୍ଗ ପ୍ରଜାପତି
ନୁହେଁ ତୋଠାରୁ ନିଆରା ।
ରାଜ କୁମାରୀ ରାଜାର ଉଆସେ
ଚାହୁଁ ଅଳପ ସାହାରା ।।
ମାଟି ମାଁ ପରି ସବୁ ସହୁ ତୁହି
ସାଗରର ଗଭୀରତା ।
ଖୋଲା ରଙ୍ଗମଞ୍ଚେ ଅଭିନୟ କରି
ସହି ଯାଉ ସବୁ ବ୍ୟଥା ।।
କେତେ ଦୁଷ୍ଟ ଲୋକ କନ୍ୟାଟିଏ ଭାବି
ଦିଅନ୍ତି ବହୁ ନିର୍ଯାତନା ।
ଦୁହିତା ହୋଇ ତୁ ଦୁଇ କୂଳ ହିତା
ହସି ସହୁ ସବୁ ବେଦନା ।
ଝିଅଟିଏ ସତ ସେ କୂଳର ଲକ୍ଷ୍ମୀ
ହୁଏ ଦୁଇ କୂଳ ହିତା
ସେଇଥି ପାଇଁତ ତୁମ କୋଳ ତାକୁ
ଖଞ୍ଜି ଦେଇଛି ବିଧାତା ।।

ବରଗଡ, ଚନ୍ଦନ ନଗର
ମୋ-୮୯୧୭୨୩୭୧୩୭

## କାର୍ଯ୍ୟବାହୀ ସିନ୍ଦୂର...

✶ରାମଚନ୍ଦ୍ର ବେହେରା




ଏପ୍ରିଲ ବାଇଶି ଅଶୁଭ ମୁହୂର୍ତ୍ତେ
ପହଲଗାମର ନରସଂହାର
ଅଠେଇଶି ପ୍ରାଣ ନିସ୍ପନ୍ଦ କରିଲ
ଦେବାକୁ ପଡିବ ତା'ର ଉତ୍ତର
ସିନ୍ଦୂରକୁ ଦେଇଥିଲ ଲିଭାଇ
ଘୃଣ୍ୟ କର୍ମ ପାଇଁ ବିଶ୍ୱ ଦରବାରେ
ସୁଖ ନିଦ୍ରା ତୁମ ଯିବ ଉଭେଇ।

କିଏ ହରାଇଲା କୁଳ ନନ୍ଦନକୁ
କିଏ ହରାଇଲା ଜୀବନ ସାଥୀ
ଆକୁଳ ପ୍ରାର୍ଥନା ନଶୁଣିଲ ତୁମେ
ନିରୀହ ରକ୍ତରେ ଖେଳିଲ ହୋଲି
ଭରିଦେଲ ତୁମେ ପରାଣେ ହିଂସା
ପ୍ରତିଶୋଧ ବହ୍ନି ପ୍ରଜ୍ୱଳିତ ଆଜି
ଭୋଗିବ କୁତ୍ସିତ କର୍ମର ଦଶା।

ବେପାର ବଣିଜ ବିଲୀନ ହୋଇବ
ନମିଳିବ ସ୍ୱଚ୍ଛ ଝରଣା ଜଳ
ଧ୍ୱଂସ ହେବ ତୁମ ସହରୀ ବିକାଶ
ଆଗକୁ ଦେଖିବ ରକ୍ତର ଖେଳ
ଶତ ନିରୀହଙ୍କ ଜୀବନ ଯିବ
ପ୍ରତିରକ୍ଷା ପାଇଁ କେହି ନଆସିବେ
ହଜିଯିବ ତୁମ କୂଟ ସ୍ୱଭାବ।

ସିନ୍ଦୂରର ଧର୍ମ ତୁମକୁ ଅଜଣା
ତା'ର ଶକ୍ତି ପାଶେ ତୁମେ ନଗଣ୍ୟ
ସେହି ପୂଣ୍ୟ ନାମେ କାର୍ଯ୍ୟବାହୀ ଆମ
ସଫଳତା ସହ ହୋଇବ ପୂର୍ଣ୍ଣ
ଅହିଂସା ଧର୍ମକୁ ଆଦରି ନିଅ
ସନ୍ତ୍ରାସବାଦଙ୍କୁ ଫାଶିରେ ଝୁଲେଇ
ବିଶ୍ୱ ଦରବାରେ ସମ୍ମାନ ପାଅ।

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬



# ସୂର୍ଯ୍ୟାସ୍ତ

ହେମେନ୍ଦ୍ର ନାରାୟଣ ସେନାପତି

ସେ ଦିନ ପାହାଡ଼ ବେଶୀ ଶାଗୁଆ ଦେଖାଯାଉଥିଲା । ଏଇ କିଛି ଦିନ ହେବ କଳା ମେଘ ଆସିଛି, ଆକାଶ ଢାଙ୍କି ଦେଇଛି ହେଲେ ମାଟି ଭିଜୁଛି... ଏକ ମହକ ଆସୁଛି.... ସତେ ଯେପରି ଏ ପାହାଡ଼ ହେଉଛି ଭିଜା ମାଟିର ସ୍ୱର୍ଗ !

ସେଇ ପାହାଡ଼ ତଳିଆ ଗାଁରେ ସୁନୀତା ଲାକ୍ରା ରୁହେ । ଦୁଇଟା ଛୁଆର ମାଆ ସେ, ଗୋଟିଏ ପୁଅ ଆଉ ଗୋଟିଏ ଝିଅ । ସୁନୀତା ପାହାଡ଼ ହାଣେ, ଝାଳ ବୁହାଏ । ସେଇ ପଥୁରିଆ ଭୂଇଁ ତା' ପେଟକୁ ଦାନା ଦିଏ । ପାହାଡ଼ିଆ ବଣ ଯେମିତି ଶାଗୁଆ ହସ ହସୁଥିଲା, ସୁନୀତା ମଧ ଧାନ ବାଛୁ ବାଛୁ ମୁରୁକି ହସୁଥିଲା । ପୁଅଟି ସାନ ଭଉଣୀକୁ ଖେଳାଇ ଖେଳାଇ ପଚାରିଲା–

– "ବୋଉ ! ତୁ କି ପାଇଁ ହସୁଛୁ ?"

ସୁନୀତା କହିଲା,

– "ଆରେ ଖୁସି ଖବରଟେ ଆଇଛି ପାହାଡ଼ି ଦେବତା ମୋ ଡାକ ଶୁଣିଛି । ପାଖ ଗାଁ ସରିଆ ମାଝୀ ଆମ ଝିଅକୁ ପସନ୍ଦ କରିଛି, ବିଭା ହେବ ବୋଲି ଆଗୁଆ କଥା ଦେଇଛି ।"

ପୁଅ କହିଲା,

–"ସେ ଯୋଉ ପାଞ୍ଚ ହାତ ମରଦ ସରିଆ ମାଝୀ !" (ଭୃକୁଞ୍ଚନ)

– "ଏମିତି କ'ଣ ଅନାଉଛୁ ? ଦେହରେ ଭାରି ବଳ, ଏକେଲା ବଡ଼ ପରିବାରକୁ ଚଳେ ନେଉଛି । ଆମ ଝିଅ ଖୁସିରେ ରହିବ ।"

– "ବୋଉ ! ତୋ ମଥା କ'ଣ ଘୁରିଯାଇଛି ? ସେ ସରିଆ ମାଝୀକୁ କୋଡ଼ିଏ ବରଷ ଆଉ ଆମ ଝିଅକୁ ଏଗାର ବରଷ; ତୁ ବିପଦକୁ ଘେନି ଆଣେନି ଲୋ..... ।"

– "ତୁ ସିନା ବୟସ ଦେଖୁଛୁ, ଆମର ପରା ଏଠି ଏମିତି ବାହାଘର ହୁଏ; ଆମ ପଡ଼ିଶା ଘର ଶୁକୁରା ତା' ଝିଅ ସରିତାକୁ ବିଭା ଦେଇ ସାରିଲାଣି ।"

ସୁନୀତା– ପୁଅ ବିକଳ ହୋଇ ତା' ବୋଉକୁ ଚାହିଁଲା । ଆଖିରେ ତା'ର ଚହଲି ଗଲା ଲୁହର ଧାରା । ବାଷ୍ପାକୁଳ କଣ୍ଠରେ ପୁଅ କହିଲା, ବୋଉ ଭୁଲି ଗଲୁ ! ବାଆ ଚାଲିଗଲା ପରେ ତୋ ସଂସାର ଉଚ୍ଛନ୍ନ ହୋଇଗଲା । ଧୂଳି ଖେଳ ବୟସରେ ତୋ ଘର ଲୋକ ତୋ' ଜୀବନକୁ ମୋ ବାଆ ବେକରେ ଛନ୍ଦି ଦେଲେ। ତୁ କହୁଥିଲୁ, ନିଇତି ବାଆ ବିଲରେ ଖଟେ, ଯାହା ପାଏ, ହାଣ୍ଡିଆ ପାଇଁ ସାରେ । ଚାରି ବରଷ ହୋଇଥିଲା ମୋତେ, ଦୁନିଆର ବୋଝ କ'ଣ ଜାଣି ନଥିଲି; ବାଆ ମୋର ଏଇ ଅଗଣାରେ ମରି ଶୋଇଥିଲା । ଆମ ଝିଅ ତୋ ଗରଭରେ ଥିଲା, ତୁ ମୋତେ ଧରି ରାହା ଧରି ବାହୁନି ଥିଲୁ । ସେବେ କହିଲୁ ଯେ, ବାଆ କୁଆଡ଼େ ଯାଇନି; ଡୁମା ହେଇ ଆମକୁ ଚାହିଁଛି ।

ପୁଅ ପୁଣି କହିଲା, ବୋଉ ଆମ ଇ–ସ୍କୁଲ ମାଷ୍ଟ୍ରେ କହିଛନ୍ତି ଯେ, ଏ ବୟସ ପଢ଼ିବାର, ଦୁନିଆକୁ ଜାଣିବାର... ଝିଅମାନେ କୁଆଡ଼େ ପୁଅମାନଙ୍କୁ ଟପି ଗଲେଣି । ଆମ ଝିଅକୁ ସଂସାର ଜଞ୍ଜାଳରେ ବାନ୍ଧି ଦେ.... ନି, ତାକୁ ଉଡ଼ିବାକୁ ଦେ । ମେଘ ବାଦଲ ଅପସରି ଯାଉଛି, ପଶ୍ଚିମ ଆକାଶ ରକ୍ତ ବର୍ଣ୍ଣ ଧାରଣ କଲାଣି । ଲୁହ ବହୁଛି; ହେଲେ ଆକାଶର ଇନ୍ଦ୍ରଧନୁରେ ଝିଅର ଉଜ୍ଜ୍ୱଳ ଭବିଷ୍ୟତ ଦେଖାଯାଉଛି ।

ଓଡ଼ିଆ ବିଭାଗ,ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ
ମୋ- ୯୪୩୯୦୪୪୧୦୮

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଭଦ୍ରକ, (ଭାସ୍କର ନ୍ୟୁଜ): ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଜାତୀୟ ଆଇନ ସେବା ପ୍ରାଧିକାରଣ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ଜିଲ୍ଲାକୋର୍ଟ, ନଳାଙ୍ଗ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ଆଇନ ସେବା ପ୍ରାଧିକାରଣର ଭାରପ୍ରାପ୍ତ ସଚିବ ଅରୋଲିପି ପରିଜା ଏହି ଲୋକ ଅଦାଲତକୁ ପରିଚାଳନା କରିଥିଲେ। ମୋଟ ୨୧୫୪୭୪୩୩ ଟଙ୍କାରେ ୧୧୦୬ ଟି ମୋକଦ୍ଦମାର ଆପୋଷ ସମାଧାନ ହୋଇ ଥିଲା। ସେଗୁଡିକ ମଧ୍ୟରେ ବିଭିନ୍ନ ମୋଟର ଯାନ ଦୁର୍ଘଟଣା ଦାବି, ଟ୍ରିବୁନାଲର ବିଚାରାଧୀନ ଥିବା ୧୭ ଟି ମାମଲାର ୧୨୮୨୫୦୦୦ ଟଙ୍କାରେ, ୨୩ଟି ଚେକ ବାଉନ୍ସ, ପୁନଃରୁଦ୍ଧାର ମାମଲା ୩୫୫୬୮୬୪ ଟଙ୍କାରେ, ୧୮ଟି ବୈବାହିକ ବିବାଦ, ୭୦୫ଟି ରାଜସ୍ୱ ମୋକଦ୍ଦମା ୧୩୪୫୬୮ ଟଙ୍କାରେ, ୪୮ଟି ଅନ୍ୟାନ୍ୟ ଦେୱାନୀ ମାମଲା, ପ୍ରାକ ମୋକଦ୍ଦମା ମଧ୍ୟରେ ବିଭିନ୍ନ ବ୍ୟାଙ୍କ ର ୩୪୬୭ଟି ବ୍ୟାଙ୍କ ଋଣ ମାମଲା, ୧୫୩୭୧୯୦ଟଙ୍କାରେ ଭାରତ ସଂଚାର ନିଗମ ଲିମିଟେଡ଼ର ଟେଲିଫୋନ ବିଲ ସମ୍ବନ୍ଧୟ ୧୪ ଟି ମାମଲା ୩୨୯୭୮ ଏବଂ ଟି ପି ଏନ ଓ ଡି ଏଲ (ବିଦ୍ୟୁତ) ୩୦ ଟି ମାମଲାରେ ୩୬୪୮୧୩ ଟଙ୍କାରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇଅଛି।

# ବାଲି ପରେ ଲକ୍ଷାଧିକ ଟଙ୍କାର ମାଟି ଲୁଟ

## - ଅସ୍ତରଙ୍ଗରେ ମାତିଛନ୍ତି ମାଟି ମାଫିଆ
## - କାମ ଦେଉନି ଏନ୍‌ଜିଟି ନିର୍ଦ୍ଦେଶ, ପ୍ରଶାସନ ଚୁପ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅଞ୍ଚଳରେ ଆଖିବୁଜା ଲଘୁ ଖଣିଜ ସମ୍ପଦ ଲୁଟ ହେଉଛି। ମାଟି ହେଉ କି ବାଲି କିଛି ବି ଛାଡୁନାହାନ୍ତି ମାଫିଆ। ଗଲା ଚାରିମାସ ଭିତରେ ମାଫିଆମାନେ ଲକ୍ଷାଧିକ ଟଙ୍କାର ମାଟି ଓ ବାଲି ଲୁଟି ସାରିଲେଣି। ସରକାରୀ ଜମି, ଗୋଚର, ନୟନ ଜୋରିକୁ ଏମିତି କି ଶ୍ମଶାନକୁ ଖୋଳିବାକୁ ମଧ୍ୟ ମାଟି ମାଫିଆ ପଛାଉ ନାହାନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ବସବାସ କରୁଥିବା ତଥା ନିଜକୁ ଶାସକ ଦଳର କରିତକର୍ମା କହି ଅବା ବିରୋଧୀ ଦଳର ପୁରୁଖା ରାଜନେତା କହି ଦିନରାତି ମାଟି ଚୋରା ଚାଲାଣ କରୁଛନ୍ତି। ଅଥଚ ସବୁ ଜାଣି ସ୍ଥାନୀୟ ପ୍ରଶାସନ, ପୋଲିସ ଓ ଖଣିବିଭାଗ ଚୁପ ବସିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ରାଜନେତାଙ୍କ ଚାପରେ ବିଭାଗୀୟ ପ୍ରଶାସନିକ ଅଧିକାରୀ ଓ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନଥିବା ଅଭିଯୋଗ ହେଉଛି। ଗତ ଜାନୁୟାରୀରୁ ମଇ ମାସ ମଧ୍ୟରେ ଅସ୍ତରଙ୍ଗ ତହସିଲ ଅଧୀନ ନଗର, ଆଳସାହି, ବରାଙ୍ଗ, ଆଳଙ୍ଗପୁର, ନଈଗୁଆଁ, ତାଳଦା, ନୂଆଗଡ, ଅସ୍ତରଙ୍ଗ, ମୁଦୁଗଲ, ପାଟଳଦା, କେନ୍ଦ୍ରାପଟି, ଶିଶୁଅ ସମେତ ବିଭିନ୍ନ ସ୍ଥାନରେ ବେଧଡକ ମାଟି ଚୋରାଚାଲାଣ ହେଉଛି ତାହା ପୁଣି ବିନା କାଗଜପତ୍ର ଥିବା ଟ୍ରାକ୍ଟରରେ। ମାଫିଆମାନେ ରାତିରାତି ଜେସିବି ଓ କିଛି ମୁନାଫା ଖୋର ଟ୍ରାକ୍ଟର ଚାଳକଙ୍କୁ ଧରି ରାତିତମାମ ଶହ ଶହ ଟ୍ରିପ ମାଟି ଚାଲାଣ କରୁଛନ୍ତି। ବେସରକାରୀ ଆକଳନ ମୁତାବକ ଗଲା ଚାରିମାସ ମଧ୍ୟରେ ପାଖାପାଖି ୫୦ଲକ୍ଷରୁ ଅଧିକ ଟଙ୍କାର ମାଟି ବିକ୍ରି ସରିଲାଣି। ସରକାରୀ ଜମି, ଗୋଚର, ପାଟନାଳୀ ଓ ନୟନଜୋରିକୁ ବି ଛାଡୁନାହାନ୍ତି। କିଛି ଦିନତଳେ ଅସ୍ତରଙ୍ଗ ଥାନା ଅନ୍ତର୍ଗତ ବରାଙ୍ଗ ଗ୍ରାମର ନାଗାରଥି ଦାସ ମାଟି ଚୋରାଚାଲାଣ ହେଉଛି ବୋଲି ଲିଖିତ ଅଭିଯୋଗ କରିଥିଲେ। ଖରାଦିନ କାରଣରୁ ଏସବୁ ଶୁଖିଲା ପଡିଥିବାରୁ ମାଫିଆମାନେ ଏହାର ସୁଯୋଗରେ ମାଟି ନେଉଛନ୍ତି। ଏପରିକି ବେସରକାରୀ ଜମିରୁ ମାଟି ଉଠିଯାଉଛି। ଯେଉଁ ଜମି ମାଲିକ ସ୍ଥାନୀୟ ଅଞ୍ଚଳରେ ରହୁନାହାନ୍ତି, ସେମାନଙ୍କ ଜମିକୁ ଟାର୍ଗେଟ କରାଯାଇ ରାତି ସମୟରେ ଗହୀର ମଝିରୁ ମାଟି ଉଠାଇ ନିଆଯାଉଛି। ସବୁଠୁ ବଡ଼ କଥା ହେଉଛି ପ୍ରଶାସନର ପ୍ରୋତ୍ସାହନରେ ଏସବୁ ଚାଲାଣ ହେଉଥିବା ଅଭିଯୋଗ ହେଉଥିବାରୁ ସ୍ଥାନୀୟ ଲୋକ ଏହାର ବିରୋଧ କିମ୍ବା ଅଭିଯୋଗ କରିବାକୁ ସାହସ କରିପାରୁନାହାନ୍ତି। ଅନ୍ୟପକ୍ଷରେ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ର କଡ଼ା ନିର୍ଦ୍ଦେଶ ରହିଛି ଯେ ଆବଶ୍ୟକୀୟ ବୈଧାନିକ ଅନୁମତି ବିନା ଏସବୁ ଅଞ୍ଚଳରୁ ମାଟି ବାଲି ଖୋଳାଯାଇ ପାରିବନି କିମ୍ବା ଚାଲାଣ ହେବନି। ଗୋଟିଏ ପଟେ ସରକାର ଲୁଟ ଯୋଗୁଁ ଶହଶହ କୋଟି ଟଙ୍କାର ରାଜସ୍ୱ ହରାଉଥିବା ବେଳେ ଅନ୍ୟପଟେ ମାଫିଆମାନେ ସବୁ ନୀତିନିୟମକୁ ଜଳାଞ୍ଜଳି ଦେଇ ବାଲି, ମାଟି ଲୁଟି ମାଲେମାଲ ହେଉଛନ୍ତି।

# ପୃଥକ ୨ଟି ସ୍ଥାନରେ ଦୁର୍ଘଟଣା, ୨ ମୃତ

ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ପିଚିରି ଛକରୁ ପାଲଲହଡା ଅଭିମୁଖେ ଯାଇଥିବା ୧୪୯ ନମ୍ବର ଜାତୀୟ ରାଜପଥ ଉପରେ ପୃଥକ ପୃଥକ ଭାବେ ୨ଟି ସ୍ଥାନରେ ଦୁର୍ଘଟଣା ଘଟି ୨ଜଣ ବାଇକ ଆରୋହୀ ମୃତ୍ୟୁବରଣ କରିଥିବା ଜଣାପଡିଛି। ଖବରରୁ ଜଣାଯାଏ ଅପରାହ୍ନ ସମୟରେ ୧୪୯ ନମ୍ବର ଜାତୀୟ ରାଜପଥ ଉପରେ ଢେଙ୍କାନାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ କାସିଆଡ଼ି, ବଳରାମପୁର ଗ୍ରାମର ଧିରେନ୍ଦ୍ର ବେହେରାଙ୍କ ପୁଅ ସୁବ୍ରତ ବେହେରା ଅନୁଗୋଳ ଜିଲ୍ଲା ପାଲାଲହଡ଼ା ଦିଗକୁ ଏକ ବାଇକରେ ଯାଉଥିବା ବେଳେ ମହାବିରୋଡ ଥାନା ଅନ୍ତର୍ଗତ ଘାଗରାମୁଣ୍ଡା ପଞ୍ଚାୟତ କଟୁମୁଣ୍ଡା ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଶୋଚନୀୟ ମୃତ୍ୟୁ ଘଟିଛି। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ମେଡ଼ିକାଲକୁ ପଠାଇ ତଦନ୍ତ ଜାରିରଖିଛି। ସେହିପରି ପରଜଙ୍ଗ ଥାନା ଅନ୍ତର୍ଗତ ଦଦରାଘାଟି ଫାଣ୍ଡି ଅଞ୍ଚଳରେ ଘଟଣାର ପ୍ରାୟ କମ ସମୟରେ ଏହି ରାଜପଥ ଉପରେ ପରଜଙ୍ଗ ବ୍ଲକର ଆଖୁଆପାଳ ପଞ୍ଚାୟତ ବିଶାନାଳି ଛକରେ ପାଲଲହଡା ଦିଗରୁ ଆସୁଥିବା ଏକ କାର ଜନୈକ ବାଇକ ଆରୋହୀଙ୍କୁ ଧକ୍କା ଦେଇଥିଲା। ଫଳରେ ବାଇକ ଆରୋହୀ ଗୁରୁତର ଅବସ୍ଥାରେ ତାଳଚେର ମଣ୍ଡାପାଳ ମେଡ଼ିକାଲକୁ ନେଉଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଖବର ମିଳିଛି। ସୂଚନା ମୁତାବକ ମୃତକ ଉକ୍ତ ବ୍ଲକର ଗେଙ୍ଗୁଟିଆ ପଞ୍ଚାୟତ ଝରଣବାହାଳ ପାତ୍ର ସାହିର ସତ୍ୟାନନ୍ଦ ପାତ୍ର ବୋଲି ଜଣାପଡିଛି। ଦୁର୍ଘଟଣା ଘଟାଇଥିବା କାରକୁ ପୋଲିସ ଜବତ କରି ଅଧିକ ତଦନ୍ତ ଜାରିରଖିଛି।

## ମହିଳାଙ୍କ ମୃତଦେହ ଉଦ୍ଧାର

ଶୁଳିଆପଦା, (ଭାସ୍କର ନ୍ୟୁଜ୍): ଶୁଳିଆପଦା ବ୍ଲକ୍ କୁଜିଡିହି ପଞ୍ଚାୟତ ଅଧିନ ବଡ ଶୁଖିଲାଖାଳି ସ୍ଥିତ ଜମ୍ବିରା କେନାଲ୍‌ରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସକାଳୁ ସକାଳୁ କେନାଲ୍‌ରେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସ୍‌କୁ ଖବର ଦେଇଥିଲେ। ଖବର ପାଇ ଶୁଳିଆପଦା ଥାନା ଏଏସଆଇ ନରେନ୍ଦ୍ର ନାଥ ସେଠୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ ଉପସ୍ଥିତିରେ ଅଗ୍ନିଶମବିଭାଗ ଘଟଣା ସ୍ଥଳରେ ପହଞ୍ଚି ଶବଉଦ୍ଧାର କରିବା ପରେ ମୃତଦେହଟି ଉକ୍ତ ପଞ୍ଚାୟତ ଅଧିନ ଅସନବଣି ଗ୍ରାମର ସ୍ୱର୍ଗତ ଶିବ ସିଂଙ୍କ ପତ୍ନୀ ପାର୍ବତୀ (୫୫) ବୋଲି ଜଣାପଡିଥିଲା। ପାର୍ବତୀ ତାଙ୍କର ୨୨ ବର୍ଷୀୟା ଝିଅ ସହିତ ଘରେ ରହୁଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ମା'ଘରକୁ ଫେରି ନଥିବାରୁ ଖୋଜାଖୋଜି କରି ପାଇ ନଥିଲେ। ଶନିବାର ସକାଳୁ ଘରଠାରୁ ୧ କିମି ଦୂରରେ ମାଙ୍କ ମୃତଦେହ ମିଳିଥିଲା। ପୋଲିସ ଶବ ଜବତ୍ କରି ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏସି ଅଚଳ

କଣାସ, (ଭାସ୍କର ନ୍ୟୁଜ): ରାଜ୍ୟ ସରକାର ଅଂଶୁଘାତର ମୁକାବିଲା ପାଇଁ ଜିଲ୍ଲାପାଳ, ବିଡିଓ ଓ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀଙ୍କୁ ସଜାଗ ରହିବା ପାଇଁ ଗଣମାଧ୍ୟମରେ ଡେଙ୍ଗୁରା ପିଟୁଥିବାବେଳେ ପୁରୀ ଜିଲ୍ଲା କଣାସ ବ୍ଲକର କଣାସଠାରେ ପ୍ରତିଷ୍ଠିତ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କିଛି ଦିନ ହେଲା ଅଂଶୁଘାର ମୁକାବିଲା ପାଇଁ ପ୍ରସ୍ତୁତ ହୋଇ ରହିଥିବା ଶୀତତାପ ନିୟନ୍ତ୍ରଣ କକ୍ଷଟି ଅଚଳ ହୋଇପଡି ଥିବାରୁ ଅଂଶୁଘାତରେ ଆକ୍ରାନ୍ତ ହେଉଥିବା ରୋଗୀମାନେ ଦୁର୍ଦ୍ଦଶା ଭୋଗ କରୁଛନ୍ତି। ଆଜି ଡେଲାଙ୍ଗ ଗୋଡିପଡାର ସନ୍ତୋଷ ପରିଡା କଣାସଠାରେ କାର୍ଯ୍ୟ କରୁଥିବାବେଳେ ଅଂଶୁଘାତରେ ଆକ୍ରାନ୍ତ ହୋଇଥିଲେ ତାଙ୍କ ସହିତ କାମ କରୁଥିବା ସାଥୀମାନେ ସଙ୍ଗେସଙ୍ଗେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇ ଆସିଥିଲେ। ଏସି ଅଚଳ ଥିବାରୁ ଭୁବନେଶ୍ୱର ସରକାରୀ ଡାକ୍ତରଖାନାକୁ ପଠାଇ ଦେଇଥିଲେ।

# ବନାଗ୍ନି ନିରାକରଣ ସଚେତନତା ଶିବିର



କେନ୍ଦୁଝର, (ଭାସ୍କର ନ୍ୟୁଜ): ବାଂଶପାଳ ବ୍ଲକ ଅନ୍ତର୍ଗତ କୋଡିପସା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ କେନ୍ଦୁଝର ବନଖଣ୍ଡ, ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଏବଂ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ ମିଳିତ ଉଦ୍ୟମରେ ଏକ ଦକ୍ଷତା ବିକାଶ-ନିଯୁକ୍ତି-ଶ୍ରମ କାର୍ଡ଼ ତଥା ବନାଗ୍ନି ନିରାକରଣ ଓ ବନ୍ୟଜନ୍ତୁ ସଂରକ୍ଷଣ ସମ୍ବନ୍ଧୀୟ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଏହି ସଭାରେ ଗ୍ରାମପଞ୍ଚାୟତ ଅଧିନସ୍ଥ ୨ଟି ବନ ସୁରକ୍ଷା ସମିତି ଯଥା କୋଡ଼ିପସା ଓ ଜାମୁଡିହା ଏବଂ କଂଶ, କୁଣ୍ଢେଇ, ଘୁଙ୍ଗୀ, ଦୁଆରଶୁଣୀ, ତୋରାଣୀପାଣି ଓ ଟାଙ୍ଗରପଡା ଗ୍ରାମରୁ ପାଖାପାଖି ୬୫୦ରୁ ଉର୍ଦ୍ଧ୍ୱ ଲୋକ ସମାଗମ ହୋଇଥିଲେ। ଜିଲ୍ଲା ଶ୍ରମ ବନାଗ୍ନି କାର୍ଯ୍ୟାଳୟରୁ ସହକାରୀ ଶ୍ରମ ଅଧିକାରୀ ଗୌର ଗୋପାଳ ବେହେରା ଶ୍ରମ କାର୍ଡର ପଞ୍ଜୀକରଣ ଓ ସୁବିଧା ବିଷୟରେ ଲୋକମାନଙ୍କୁ ସଚେତନ କରାଇଥିଲେ। କେନ୍ଦୁଝର ବନଖଣ୍ଡ କାର୍ଯ୍ୟାଳୟରୁ ନିର୍ମଳ କୁମାର ସାହୁ ବନ୍ୟଜନ୍ତୁ ସଂରକ୍ଷଣ ଓ ବନାଗ୍ନି ନିବାରଣ ପାଇଁ ଲୋକଙ୍କୁ ଅନୁରୋଧ କରିଥିଲେ। ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟରୁ ବିଜୟାଲକ୍ଷ୍ମୀ ନାଏକ ଉପଲବ୍ଧ ବିଭିନ୍ନ ମାଗଣା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। କୋଡିପସା ସରପଞ୍ଚ ଲକ୍ଷ୍ମୀପ୍ରିୟା ମୁଣ୍ଡା, ବନରକ୍ଷୀ ସ୍ୱାଗତିକା ପଟ୍ଟନାୟକ ଓ ସହଯୋଗୀ, କେନ୍ଦୁଝର ବନଖଣ୍ଡ ସମାଜବିତ ଜୟପ୍ରକାଶ ପୃଷ୍ଟି, ଆମ ଜଙ୍ଗଲ ଯୋଜନର ଟିମ୍ ଲିଡର ଉଦୟ ନାଥ ହୋ ଓ ସହଯୋଗୀ ସୁଶାନ୍ତ ବେହେରା, ଗୋପବନ୍ଧୁ ମହାନ୍ତ ଏବଂ ସ୍ଥାନୀୟ କର୍ମକର୍ତ୍ତାଙ୍କ ମିଳିତ ସହଯୋଗରେ ପାଖାପାଖି ୬୧୬ଟି ଶ୍ରମକାର୍ଡ ଓ ୨୬ଟି ଦକ୍ଷତା ବିକାଶ ପଞ୍ଜୀକରଣ ହୋଇଥିଲା। ଅତି ଶୀଘ୍ର ପଞ୍ଜୀକୃତ ଶ୍ରମକାର୍ଡ ଓ ଦକ୍ଷତା ବିକାଶ ତାଲିମ ପ୍ରଦାନର ବ୍ୟବସ୍ଥା କରାଯାଉଛି। ଆଗାମୀ ଦିନରେ କେନ୍ଦୁଝର ବନଖଣ୍ଡ ଅଧିନସ୍ଥ ପାଖାପାଖି ସମସ୍ତ ଗ୍ରାମ ପଞ୍ଚାୟତରେ ଏହିପରି ସଚେତନତା ଶିବିର ଆୟୋଜନ କରାଯାଇ ଶ୍ରମକାର୍ଡ ଓ ନିଯୁକ୍ତିର ସୁଯୋଗ ପହଞ୍ଚାଇବାକୁ ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡି ଲକ୍ଷ୍ୟ ରଖିଛନ୍ତି।

# ଓଏଆର୍‌ସି ଓ ଓଏଆର୍‌ଏଫ୍‌ଟି ପକ୍ଷରୁ ବିଶ୍ୱ ଲୁପସ୍ ଦିବସ ପାଳିତ




ଭୁବନେଶ୍ୱରଳ, (ଭାସ୍କର ନ୍ୟୁଜ): ବର୍ତ୍ତମାନର ପରିବର୍ତ୍ତିତ ପରିସ୍ଥିତିରେ ଲୁପସ ଏକ ଭୟଙ୍କର ରୋଗ ଭାବେ ଉଭା ହୋଇଛି। ପୁରୁଷଙ୍କ ଅପେକ୍ଷା ଅଧିକ ସଂଖ୍ୟକ ମହିଳା ଏହି ରୋଗରେ ପ୍ରଭାବିତ ହୋଇଥାନ୍ତି.ଏହି ରୋଗର ଲକ୍ଷଣ ଜଣାପଡିବା ମାତ୍ରେ ଠିକଣା ସମୟରେ ଏହି ରୋଗକୁ ଚିହ୍ନଟ କରାଯାଇପାରିଲେ ରୋଗୀ ସୁସ୍ଥ ଜୀବନ ଅତିବାହିତ କରିପାରିବେ। ବେଶୀ ଡେରି ହୋଇଗଲେ ତାହା ଶରୀରର ପ୍ରମୁଖ ଅଙ୍ଗକୁ ପ୍ରଭାବିତ କରିବା ସହ ରୋଗୀ ପାଇଁ ଘାତକ ହୋଇପାରେ। ସିଷ୍ଟେମିକ ଲୁପସ ଏରିଥେମାଟୋସସ୍ ବା ଲୁପସ ନାମରେ ଜଣାଶୁଣା ଏହି ଦୀର୍ଘସ୍ଥାୟୀ, ଅଟୋଇମ୍ୟୁନ ରୋଗ ଶରୀରର ପ୍ରାୟ ସମସ୍ତ ଅଂଶ (ତ୍ୱଚା, ଗଣ୍ଠି, ବୃକକ୍, ହୃତ୍‌ପିଣ୍ଡ ଇତ୍ୟାଦି)କୁ ନଷ୍ଟ କରିପାରେ। ଏହା ସାଧାରଣତଃ ପୁରୁଷଙ୍କ ଅପେକ୍ଷା ମହିଳାମାନଙ୍କୁ ଅଧିକ ପ୍ରଭାବିତ କରିଥାଏ। ଏହାର ବିପୁଳ ସାମାଜିକ ଅର୍ଥନୈତିକ ପ୍ରଭାବକୁ ବିଚାରକୁ ନେଇ ଉଭୟ ଡାକ୍ତର ଓ ରୋଗୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଦିଗରେ ଅନେକ କିଛି କରିବାକୁ ପଡ଼ିବ ଯାହାଦ୍ୱାରା ଏହାର ଶୀଘ୍ର ନିଦାନ ଓ ଚିକିତ୍ସା ହୋଇପାରିବ। ସଚେତନତା ସୃଷ୍ଟି ମାଧ୍ୟମରେ ଜୀବନ ପ୍ରତି ବିପଦ ସୃଷ୍ଟିକାରୀ ଜଟିଳତାକୁ ରୋକାଯାଇପାରିବ। ଏହି ଉଦ୍ଦେଶ୍ୟରେ ମହିଳାଙ୍କ ଭିତରେ ଅଧିକ ମାତ୍ରାରେ ଦେଖାଯାଉଥିବା ଲୁପସ ଲୋକଙ୍କ ବିଷୟରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ମେ' ୧୦ ତାରିଖରେ ବିଶ୍ୱ ଲୁପସ ଦିବସ ପାଳନ କରାଯାଇଥାଏ। ଲୁପସ ସହ ଲଢେଇ କରୁଥିବା ସାହସୀ ଯୋଦ୍ଧାମାନଙ୍କୁ ସଚେତନ ଓ ସାହାଯ୍ୟ କରିବା ପାଇଁ ଓଡ଼ିଶା ଆର୍ଥ୍ରାଇଟିସ୍ ଓ ରିଉମାଟୋଲୋଜି ସେଣ୍ଟର ସହୀଦନଗର ଠାରେ ବିଶ୍ୱ ଲୁପସ ଦିବସ ୨୦୨୫ ଅବସରରେ ଏକ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ସହୀଦନଗରରୁ ରୁପାଲି ଛକ ପର୍ଯ୍ୟନ୍ତ ଏହି ଶୋଭାଯାତ୍ରା ହୋଇଥିଲା। ଏହି ଅବସରରେ ଭାରତୀୟ ରିଉମାଟୋଲୋଜି ସଂଘ, ଓଡ଼ିଶା ଶାଖାର ପୂର୍ବତନ ସଭାପତି ଡାକ୍ତର ମନୋଜ କୁମାର ଛୋଟରାଏ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଲିକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ସିନେ ଅଭିନେତ୍ରୀ ଗୁନ୍‌ଗୁନ ଓ ବରିଷ୍ଠ ସାମ୍ବାଦିକ ଗିରିଜା ଶଙ୍କର ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ରାଲିକୁ ସମ୍ବୋଧିତ କରିଥିଲେ। (ଓଏଆରସି) ର ମେଡିକାଲ ନିର୍ଦ୍ଦେଶକ ପ୍ରଫେସର ଡଃ ଜ୍ୟୋତି ରଞ୍ଜନ ପରିଡା କହିଥିଲେ ଯେ ପ୍ରତି ୧୦୦୦ ଲୋକଙ୍କ ମଧ୍ୟରେ ଜଣେ ଏହି ରୋଗରେ ଆକ୍ରାନ୍ତ ଅଛନ୍ତି ଏବଂ ୧୦ ଜଣ ଆକ୍ରାନ୍ତଙ୍କ ମଧ୍ୟରେ ୯ ଜଣ ମହିଳା ଅଛନ୍ତି। ଜ୍ୱର, ଛାତିରେ ଯନ୍ତ୍ରଣା, କେଶ ଝଡିବା, ଚର୍ମ ସଂକ୍ରମଣ ଭଳି ସମସ୍ୟା ଦେଖାଦେଲେ ରୋଗୀଙ୍କୁ ଗଣ୍ଠି ଯନ୍ତ୍ରଣା ହେବାର ଆଶଙ୍କା ଥାଏ। ଏହା କୌଣସି ସଙ୍କ୍ରାମକ ରୋଗ ନୁହେଁ। ଆଣ୍ଟି ନ୍ୟୁକ୍ଲିୟର ଆଣ୍ଟି ବଡି ଟେଷ୍ଟ ଦ୍ୱାରା ଏହାକୁ ଚିହ୍ନଟ କରାଯାଇପାରିବ। ନିୟମିତ ସମୟ ଓ ଜୀବନଶୈଳୀରେ ପରିବର୍ତ୍ତନ ଆଣି ରୋଗୀମାନେ ରିଉମାଟୋଲୋଜିଷ୍ଟଙ୍କ ପରାମର୍ଶ ନେଇ ସାଧାରଣ ଜୀବନ ଯାପନ କରିପାରିବେ। ଏହି ଅବସରରେ ଲୁପସ ସୂଚନା ବିବରଣୀ ପତ୍ର ବଣ୍ଟନ କରାଯାଇଥିଲା। ଓଏଆରଏଫଟିର ପ୍ରତିଷ୍ଠାତା ଚୈତନ୍ୟ ଚନ୍ଦ୍ର ପରିଡା ଏହାର ପରିଚାଳନା କରିଥିଲେ।

# ବିଚ୍ଛିନ୍ନାଞ୍ଚଳର କଷ୍ଟ ଭୋଗୁଛନ୍ତି ରଗେ ପୁଷପାଲୀ ଗ୍ରାମବାସୀ

ମାଲକାନଗିରି, (ଭାସ୍କର ନ୍ୟୁଜ): ବିକାଶର ଶବ୍ଦ ବୁଝାଇବାକୁ ସେମାନଙ୍କ ପାଖରେ କେହି ନାହାନ୍ତି। ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ପ୍ରଶାସନ ନିକଟରେ ଯେତେ ନେହୁରା ହେଲେ ବି କେହି କର୍ଣ୍ଣପାତ କରୁନାହାନ୍ତି। ଫଳରେ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଦୁର୍ଦ୍ଦିନରେ କାଳ କାଟୁଛନ୍ତି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ତାର୍ଲାକୋଟା ପଞ୍ଚାୟତ ଅଧିନସ୍ତ ରଗେ ପୁଷପାଲୀ ଗ୍ରାମବାସୀ। ଗମନା ଗମନ ପାଇଁ ପକ୍କା ରାସ୍ତା, ଡ୍ରେନ, ଶିକ୍ଷା, ପ୍ରାକଶିକ୍ଷା,ପାନୀୟ ଜଳ ଭଳି ମୌଳିକ ସୁବିଧା ଗ୍ରାମବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଛି। ବଣ ପାହାଡ଼ ଘେରରେ ବନ୍ଦୀ ଜୀବନ ଜିଇଁବାକୁ ବାଧ୍ୟ ହେଉଛନ୍ତି।ପଞ୍ଚାୟତ ଠାରୁ ମାତ୍ର ପ୍ରାୟ ୪/୫ କି.ମି ଦୂରରେ ଥିଲେ ମଧ୍ୟ ବିଚ୍ଛିନ୍ନାଞ୍ଚଳ କଷ୍ଟ ଭୋଗିବାକୁ ପଡୁଥିବା ଗ୍ରାମବାସୀ କହିଛନ୍ତି। ଏହି ରଗେ ପୁଷପାଲୀ ଗାଁରେ ୩୫ ରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାରରେ ପ୍ରାୟ ୨୦୦ଲୋକ ବସବାସ କରୁଛନ୍ତି। ଗ୍ରାମ ବସତି ଠାରୁ ଆଜି ପର୍ଯ୍ୟନ୍ତ ଏହି ଗାଁକୁ ସବୁ ଦିନିଆ ପକ୍କା ରାସ୍ତାଟିଏ ନାହିଁ। ଯେଉଁ ଖାଲ ଖମା ପୂର୍ଣ୍ଣ ରାସ୍ତା ରହିଛି ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ ମଧ୍ୟ ନିର୍ମାଣ କରାଯାଇନାହିଁ। ଏହି ଗାଁରେ ପିଲାଙ୍କ ପାଠ ପଢ଼ା ପାଇଁ ସ୍କୁଲ ନାହିଁ। ଏହି ଗାଁର ପ୍ରାୟ ୨୦ ରୁ ଉର୍ଦ୍ଧ୍ୱ ପିଲା ଗାଁ ଠାରୁ ପ୍ରାୟ ଦେଢ଼ କି.ମି ଦୂରରେ ଥିବା ରଙ୍ଗମାଟି ଗୁଡା ଗ୍ରାମରେ ଥିବା ସ୍କୁଲକୁ ପାଠ ପଢିବାକୁ ଯିବାକୁ ବାଧ୍ୟ ହେଉଛନ୍ତି। ସରକାରଙ୍କ ପକ୍ଷରୁ ଏହି ଗାଁରେ ସମ୍ମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ଶିଶୁଙ୍କୁ ପ୍ରାକ ଶିକ୍ଷା ଯୋଗାଇ ଦେବାକୁ ଏକ ଅଙ୍ଗନବାଡି କେନ୍ଦ୍ର ଖୋଲାଯାଇଛି। କିନ୍ତୁ ଏଠାରେ ଅଙ୍ଗନୱାଡି କେନ୍ଦ୍ରର ନଜସ୍ୱ ଗୃହ ନଥିନାରୁ ଗ୍ରାମର ସ୍ୱର୍ଗତ ସମା କବାସୀଙ୍କ ଇନ୍ଦିରା ଆବାସ ଘରେ ଦୀର୍ଘ ବର୍ଷ ହେବ ଏହି ଅଙ୍ଗନୱାଡି କେନ୍ଦ୍ର ଚାଲିଛି। ଏହି କେନ୍ଦ୍ରରେ ରଗେ ପୁଷପାଲୀ ଗାଁର ୩ ଜଣ ଏବଂ ଦେଢ଼ କିମି ଦୂରରେ ଥିବା ରଙ୍ଗମାଟି ଗୁଡା_ାମର ୯ ଜଣ ମୋଟ ୧୩ ଜଣ ଶିଶୁ ନାମ ଲେଖାଇ ପାଠ ପଢୁଥିବା ଏହି କେନ୍ଦ୍ରର ଅଙ୍ଗନାୱାଡି କର୍ମୀ କାନ୍ତାମ୍ମା ଗୁଣ୍ଟା ଓ ସହାୟିକା ସାବିତ୍ରୀ ଗୋଲରୀ କହିଛନ୍ତି। ଖାଲି ଏତିକିରେ ସରିନି ଗ୍ରାମର ସମସ୍ୟା, ଗାଁରେ ଲୋକଙ୍କ ଘରକୁ ବିଦ୍ୟୁତ ସଂଯୋଗ କରାଯାଇଛି ସତ କିନ୍ତୁ ଅଳ୍ପ ପବନ ବର୍ଷା ହେଲେ ଲାଇନ କଟିଯିବା ଯୋଗୁ ଗାଁ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଅନ୍ଧାରରେ ରହୁଛି। ଗାଁକୁ ଲାଗି ରହିଛି ତାର୍ଲାକୋଟା ଡ୍ୟାମ କିନ୍ତୁ ଉକ୍ତ ଡ୍ୟାମରୁ ଏହି ଗାଁର ଚାଷ ଜମିକୁ ପାଣି ମାଡୁ ନଥିବାରୁ ଏହି ଗ୍ରାମର ଚାଷୀ କେବଳ ବର୍ଷା ଦିନରେ ହେଉଥିବା ଫସଲ ଉପରେ ନିର୍ଭର କରି ଚାଲୁଛନ୍ତି, ଅନ୍ୟ ସମୟରେ ସବୁ ଜମି ପଡିଆ ପଡି ରହୁଛି। ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ଗାଁରେ କିଛି ବର୍ଷ ପୂର୍ବେ ଜଳ ଓ ପରିମଳ ବିଭାଗ ପକ୍ଷରୁ ଏକ ସୋଲାର ପାନୀୟ ଜଳ ପ୍ରକଳ୍ପ ସ୍ଥାପନ କରାଯାଇଥିଲା ବର୍ତ୍ତମାନ ଗ୍ରାମବାସୀ ଉକ୍ତ ପ୍ରକଳ୍ପରୁ ବାହାରୁଥିବା ଜଳ ସକାଳେ ନେଲେ ସନ୍ଧ୍ୟାରେ ଆଉ ଲୋକଙ୍କ ଆବଶ୍ୟକତା ଅନୁସାରେ ପାଣି ବାହାରୁ ନାହିଁ। ଗାଁ'ରେ ପକ୍କା ରାସ୍ତା ନଥିବାରୁ ବର୍ଷା ହେଲେ ଯାତାୟତ ଏକ ପ୍ରକାର ବନ୍ଦ ହୋଇଯାଉଛି। ପିଲା ମାନଙ୍କର ପାଠ ପଢ଼ାରେ ଏକ ପ୍ରକାର ଡୋରି ବନ୍ଧା ହୋଇଯାଉଛି ବୋଲି ଗ୍ରାମର ମୁଖିଆ ଗୁରୁ କବାସୀ, ଗ୍ରାମ ସାଥୀ ଗୋବିନ୍ଦ ଗୋଲାରୀ, ପଦିଆ କବାସୀ, କମୁଲୁ ଗୋଲରୀ, ମୁକ୍ତା ମାଝୀ, ବୁଦ୍ରା କବାସୀ, ଇର୍ମେ ପଡିୟାମୀ, ଆଇତି ମାଡକାମୀଙ୍କ ସମେତେ ସମସ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଗ୍ରାମବାସୀ ବହୁବାର ଅଭିଯୋଗ କରିବା ପରେ ପ୍ରଶାସନଙ୍କ ପକ୍ଷରୁ ଗାଁରେ ଏକ ନୂତନ ଅଙ୍ଗନୱାଡି କେନ୍ଦ୍ରର ଗୃହ ନିର୍ମାଣ କାର୍ଯ୍ୟ ଚାଲିଛି। ଚଳିତ ବର୍ଷ ଏମଜିଏନଆରଜିଏସ ଯୋଜନାରେ ରଙ୍ଗମାଟି ଗାଁ ଠାରୁ ସୀମାକୋଣ୍ଡା ଗାଁ ପର୍ଯ୍ୟନ୍ତ ରାସ୍ତାରେ ମାଟି ପକା ଯାଇଛି କିନ୍ତୁ ଏହି ମୁଖ୍ୟ ରାସ୍ତାରେ ବହୁ ଆବଶ୍ୟକ ଥିବା ୩ଟି ଛୋଟ କଲଭର୍ଟ ଏବଂ ଦୁଇଟି ବଡ ବ୍ରିଜ ନିର୍ମାଣ କରାଯାଇନାହିଁ। ବର୍ଷା ହେଲେ ଯାତାୟାତ ନିମନ୍ତେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ରଗେ ପୁଷପାଲୀ ଗାଁ ସମେତ ସୀମାକୋଣ୍ଡା, କଲିଆ ମୁଣ୍ଡା, ଶିମିଳି ଗୁଡା, ପୁରୁଣା ଗୁଡା, ବନୁର, ସର୍ଗିଗୁଡା ହାଡ଼ିଗୁଡା ଆଦି ଗ୍ରାମବାସୀଙ୍କ ଯାତାୟତରେ ବହୁ ସମସ୍ୟା ଉପୁଜିବ ବୋଲି ଗ୍ରାମବାସୀ କହିଛନ୍ତି। ତେବେ ପଞ୍ଚାୟତ କର୍ତୃପକ୍ଷ, ବ୍ଲକ ପ୍ରଶାସନ ତୁରନ୍ତ ଏଥି ପ୍ରତି ଦୃଷ୍ଟି ଦେଇ ବର୍ଷା ଋତୁ ଆରମ୍ଭ ହେବା ପୂର୍ବରୁ ଏହାର ସ୍ଥାୟୀ ସମାଧାନ ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଞ୍ଚାୟତର ବହୁ ଗ୍ରାମବାସୀ ଦାବୀ କରିଛନ୍ତି। ଏ ସମ୍ପର୍କରେ କୋରୁକୋଣ୍ଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୁଲ୍ୟ କୁମାର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଅଙ୍ଗନାୱାଡି ଘର କାର୍ଯ୍ୟ ତୁରନ୍ତ ସାରିବାକୁ ନିର୍ଦ୍ଦେଶ ଦିଆଯିବ। ମୁଁ ନିଜେ ଉକ୍ତ ଗ୍ରାମକୁ ଯିବି। ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ଉକ୍ତ ଗ୍ରାମର କିଛି କାମ ତୁରନ୍ତ କରାଯିବ। ଅନ୍ୟ ଅନୁଦାନରେ ବଳିକାମ କରାଯିବ ବୋଲି ସେ କହିଛନ୍ତି।

# ଷୋଳମପୁର ଯୁବ ନାଟ୍ୟ ପରିଷଦର ନାଟ୍ୟ ମହୋତ୍ସବ ଉଦ୍‌ଯାପିତ



ଭଣ୍ଡାରୀପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରୀପୋଖରୀ ବ୍ଲକ ଅନ୍ତର୍ଗତ ଷୋଳମପୁର ଗ୍ରାମର ଶାନ୍ତେଶ୍ୱରୀ ଯୁବ ନାଟ୍ୟ ପରିଷଦ ଆନୁକୁଲ୍ୟରେ ବାର୍ଷିକ ଦୁଇ ରାତ୍ର ଧରି ନାଟକ ପରିବେଷଣ କରାଯାଇ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରାରମ୍ଭରେ ପୂଜକ ପରୀକ୍ଷିତ ପଣ୍ଡା ଓ ଚିତ୍ତରଞ୍ଜନ ପଣ୍ଡା ମଞ୍ଚ ପୂଜନ କରିଥିଲେ। ସାମ୍ବାଦିକ ବିଶ୍ୱମ୍ଭର ରାଉତଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବକୁ ସମାଜସେବୀ ସଞ୍ଜୀବ କୁମାର ପରିଡ଼ା ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ସରପଞ୍ଚ ପରମାନନ୍ଦ ନାୟକ ମୁଖ୍ୟଅତିଥି, ନାଟ୍ୟ ନିର୍ଦ୍ଦେଶକ ଶୁଭେନ୍ଦୁ ଶେଖର ନାୟକ ମୁଖ୍ୟବକ୍ତା, ମାଳଦା ସେବା ସମବାୟ ସମିତି ସଭାପତି ମୁକୁନ୍ଦ ଚରଣ ମଲ୍ଲିକ, ଯୁବ ନେତା ସୁରଥ ଦାସ, ସାହିତ୍ୟକ ଦାମୋଦର ନାୟକ, ମୁଖ୍ୟ ପରିଚାଳକ ସତ୍ୟବାଦୀ ଗାହାଣ, ସମାଜସେବୀ ସନ୍ତୋଷ ନାୟକ, ପଞ୍ଚାନନ ସାହୁ, ପ୍ରବଚକ ଗୁରୁ ଚରଣ ନାୟକ, ଉପଦେଷ୍ଟା ଶଙ୍କର୍ଷଣ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳରେ ସାମାଜିକ ପାରିବାରିକ ନାଟକ ଲୋକମାନଙ୍କ ହୃଦୟକୁ ଛୁଇଁବା ସହିତ ଶିକ୍ଷଣୀୟ କଥା ପ୍ରଦାନ କରିଥାଏ ବୋଲି ମତ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ତରପରୁ ଓଡ଼ିଶାର ସୁନାମଧନ୍ୟ କଷ୍ଟଶିଳ୍ପୀ ପୀତବାସ କର, ନାଟ୍ୟ ନିର୍ଦ୍ଦେଶକ ଶୁଭେନ୍ଦୁ ଶେଖର ନାୟକ ଓ ଶଙ୍କର ଚିତ୍ରାଳୟ ପ୍ରୋପାଇଟର ଶଙ୍କର ସାହୁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଗ୍ରାମର ଦିବଂଗତ ନାଟ୍ୟ ସଂସ୍ଥା ଉଜ୍ଜୀବିତ କରି ରଖିଥିବା ମହାନ ଆତ୍ମାଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ନାଟ୍ୟ ପରିଷଦ ପକ୍ଷରୁ ନାଟ୍ୟ ନିର୍ଦ୍ଦେଶକ ଶୁଭେନ୍ଦୁ କୁମାର ନାୟକଙ୍କ ନିର୍ଦ୍ଦେଶନାରେ ପ୍ରଥମ ରଜନୀ 'ହା କୃଷ୍ଣ ବୋଲି ଯାଉ ଜୀବ' ଓ ଦ୍ୱିତୀୟ ରଜନୀରେ 'ଗୁପ୍ତ ସମ୍ପର୍କ' ନାଟକ ପରିବେଷଣ କରାଯାଇଥିଲା। ଏଥିରେ ପୁରୁଷ କଳାକାର ସୁଶାନ୍ତ ନାୟକ, ସତ୍ୟବାଦୀ ଗାହାଣ, ବଂଶୀଧର ଖଟୁଆ, ମନୋରଞ୍ଜନ ରାଉତ, ସଞ୍ଜୟ ନାୟକ, ଉଲ୍ଲାସ ଖଟୁଆ, କାର୍ତ୍ତିକ ଘଡାଇ, ଗୁରୁଚରଣ ନାୟକ, ଗଦାଧର ଖଟୁଆଙ୍କ ସମେତ ରଘୁନାଥ, ରାଜେଶ, ଦୀପକ, ଜୁଲୀ, ଧନେଶ୍ୱର, ଦେବେନ୍ଦ୍ର, ମଧୁସୂଦନ, ରାଜାରାମ ପ୍ରମୁଖ ଅଭିନୟ କରିଥିବା ବେଳେ ନାରୀ କଳାକାର ଗାୟତ୍ରୀ, ଲିପିନା, ସୀମା, ପ୍ରୀତି, ମାମା ପ୍ରମୁଖ ଅଭିନୟ କରିଥିଲେ। ଏହି ଦୁଇରାତ୍ର ଧରି ନାଟ୍ୟ ଉତ୍ସବକୁ ଯାତ୍ରା କମିଟିର ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ ପରିଚାଳନା କରିଥିଲେ।


## ସମ୍ପର୍କ ସେତୁ ଆପ୍ ମାଧ୍ୟମରେ ଲୋକଙ୍କ ସମସ୍ୟାର ସମାଧାନ କରାଯିବ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ସମ୍ପର୍କ ସେତୁ ଆପ୍ ମାଧ୍ୟମରେ ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ କରିବାକୁ ସାଂସଦ ଅନନ୍ତ ନାୟକ ତାଙ୍କ ପ୍ରତିନିଧିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶନିବାର କେନ୍ଦୁଝରର ଡିଆର୍‌ଡିଏ ସଭା ଗୃହରେ ସାଂସଦ ଅନନ୍ତ ନାୟକଙ୍କ ସଭାପତିତ୍ୱରେ ସମସ୍ତ ବିଭାଗର ସାଂସଦଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଜିଲ୍ଲାର ସାଧାରଣ ଲୋକଙ୍କ ବିଭିନ୍ନ ସମସ୍ୟା ଓ ତା'ର ତ୍ୱରିତ ସମାଧାନ ପାଇଁ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି 'ସମ୍ପର୍କ ସେତୁ' ଆପ୍ ସାଧାରଣ ଜନତାଙ୍କ ଅସୁବିଧାର ସମାଧାନ ଦିଗରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ସାଂସଦ ନାୟକ କହିଛନ୍ତି। ଏହି ବିଶେଷ ବୈଠକରେ ବିଜେପି ରାଜ୍ୟ ପ୍ରବକ୍ତା ବିରଜା ମିଶ୍ର, ଜ୍ଞାନରଞ୍ଜନ ସାମନ୍ତସିଂହାର, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ହରିହର ମହାନ୍ତ, ବରଦା ସାହୁ, କିରଣବାଳା ନାୟକ ପ୍ରମୁଖ ତଥା ଅନ୍ୟମାନେ ଉପସ୍ଥିତ ଥିଲେ।

## ଦୀପାଞ୍ଚଳରେ ଖୋଲିଲା ଜିଡି ଗୁରୁକୁଳ ଶିକ୍ଷାନୁଷ୍ଠାନ ଉଦ୍‌ଘାଟିତ

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ ଦେବୀକାନ୍ଦଳ ଦୀପାଞ୍ଚଳ ଏରଞ୍ଚ ଗ୍ରାମରେ ଛାତ୍ରଛାତ୍ରୀଙ୍କୁ ଉନ୍ନତି ଧରଣର ଶିକ୍ଷା ଦେବା ନିମନ୍ତେ ଜିଡି ଗୁରୁକୁଳର ଏକ ଶିକ୍ଷା ଅନୁଷ୍ଠାନ ଉଦ୍‌ଘାଟିତ ହୋଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ଦଶମ ଶ୍ରେଣୀରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସମ୍ମାନିତ ସଭାରେ ମୁଖ୍ୟ ଅତିଥିଭାବେ ଡି କେ ଏନ (ଦେବୀକାନ୍ଦଳ ନିତ୍ୟାନନ୍ଦ ମହାବିଦ୍ୟାଳୟ)ର ଅଧ୍ୟକ୍ଷ ମାର୍କଣ୍ଡେଶ୍ୱର ମହାପାତ୍ର ଯୋଗ ଦେଇଥିଲେ। ସଭାରେ ସଭାପତିତ୍ୱ କରୁଥିଲେ ରାଜକିଶୋର ଆଚାର୍ଯ୍ୟ। ସମ୍ମାନିତ ଅତିଥିଭାବେ ଏରଞ୍ଚ ପଞ୍ଚାୟତର ପୂର୍ବତନ ସରପଞ୍ଚ ହୃଦାନନ୍ଦ ସ୍ୱାଇଁ, ଡି ଆର ଚିତ୍ତରଞ୍ଜନ ମିଶ୍ର, ଭବାନି ଚରଣ ମହାପାତ୍ର, ପ୍ରଫୁଲ୍ଲ ସ୍ୱାଇଁ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି କଲେଜ ଅଧ୍ୟକ୍ଷ ମେଧାବୀ ଛାତ୍ରଛାତ୍ରୀ ରୀତିକା ସ୍ୱାଇଁ, ଆଦିତ୍ୟ ମହାପାତ୍ର, ଓଁ ପ୍ରକାଶ ସାବୁତ, ସ୍ମୃତି ରେଖା ନାଏକ, ସ୍ମୃତି ରାଣୀ ମଲିକଙ୍କ ସମେତ ୧୯ ଜଣଙ୍କୁ ସମ୍ମାନିତ କରିଥିଲେ। ଏହି ଗୁରୁକୁଳ ଶିକ୍ଷାନୁଷ୍ଠାନ ଉଦ୍‌ଘାଟନୀ ଉତ୍ସବରେ ଛାତ୍ରଛାତ୍ରୀମାନଙ୍କୁ କିଭଳି ଉନ୍ନତ ମାନର ଶିକ୍ଷା ଦିଆଯିବ ସେ ନେଇ ପ୍ରତିଷ୍ଠାତା ବିଶ୍ୱରଞ୍ଜନ ଜେନା, ବସନ୍ତ କୁମାର ବେହେରା, ସୋମ୍ୟ କାନ୍ତ ବାରିକ, ସମୟରଞ୍ଜନ ମହାନ୍ତି, ରୁଦ୍ର ପ୍ରସାଦ ବାରିକ, ଚନ୍ଦ୍ର କାନ୍ତ ଜେନା ଉପସ୍ଥିତ ରହିଥିଲେ।

## ଓଳାରେ ମହାବୀରଙ୍କ ଚତୁର୍ଦ୍ଦଶତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ପଞ୍ଚାୟତ ଅନ୍ତର୍ଗତ ଓଳା ଗ୍ରାମରେ ପ୍ରତିଷ୍ଠିତ ମହାବୀରଙ୍କ ଚତୁର୍ଦ୍ଦଶ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଘଟ ଉତ୍ତୋଳନ, ସୂର୍ଯ୍ୟ ପୂଜା ପରେ ସ୍ଥାନୀୟ ଅଞ୍ଚଳର ଓ ଜଗତର କଲ୍ୟାଣ ପାଇଁ ମହାବୀରଙ୍କ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପ୍ରଦୀପ କୁମାର ସାହୁ ଓ ପ୍ରଭାରାଣୀ ସାହୁ କର୍ତ୍ତା ଭାବେ ସଂକଳ୍ପ କରିଥିଲେ। ଶ୍ରୀକାନ୍ତ ପଣ୍ଡା ଓ ଦୀପକ ଦାସ ପୂଜାର୍ଚ୍ଚନା କରିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁମାନେ ଯୋଗଦେଇଥିଲେ। ପ୍ରସାଦସେବନ କରାଯାଇଥିଲା। ଶ୍ୟାମସୁନ୍ଦର ପାତ୍ର, ଧର୍ମାନନ୍ଦ ସାହୁ,ମାୟାଧର ସାହୁ,ଅନିରୁଦ୍ଧ ଖିଲାର, ପରମାନନ୍ଦ ସାହୁ,ପ୍ରତାପ ସାହୁ,ମନୋଜ ବେହେରା, ଶରତ ସାହୁ ଓ ଅମୂଲ୍ୟନିଧି ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ନ୍ୟାୟାଳୟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ଅବସରରେ ବିଭିନ୍ନ ଅଦାଲତରେ କେତେକ ମାମଲାର ଆପୋଷ ସମାଧାନ କରାଯାଇଥିଲା କ୍ଷ ସେହିପରି ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଭିନ୍ନ ଜାତୀୟ ବ୍ୟାଙ୍କ ଯୋଗ ଦେଇ ଋଣ ଅସୁଲି ମାମଲାର ଆପୋଷ ସମାଧାନ କରିଥିଲେ। ପରିବାର ଅଦାଲତରେ ଚାଲିଥିବା ଏକ ମାମଲାରେ ସ୍ୱାମୀ -ସ୍ତ୍ରୀ ମଧ୍ୟରେ ହୋଇଥିବା ମନୋ ମାଳିନ୍ୟ ମାମଲାର ଆପୋଷ ସମାଧାନ କରା ଯାଇଥିଲା। ଜିଲ୍ଲା ଓ ଦୌରା ଜଜ, ପରିବାର ଅଦାଲତର ଜଜ୍, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ଓ ଅନ୍ୟ ବିଚାରପତିଙ୍କ ଉପସ୍ଥିତିରେ ଫୁଲମାଳ ଦେଇ ମିଷ୍ଟାନ୍ନ ଖାଇ ଉଭୟଙ୍କ ମଧ୍ୟରେ ପୁନଃ ମିଳନ କରା ଯାଇଥିଲା।

# ରାଷ୍ଟ୍ର ନାୟକ ଗୋପାଳକୃଷ୍ଣ ଗୋଖଲେ ଜୟନ୍ତୀ ପାଳିତ



ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍): ସ୍ୱେଚ୍ଛାସେବୀ ସଂଗଠନ ହିନ୍ଦ୍ ସେବକ ସଂଘ ଓଡ଼ିଶା ଶାଖା ତରଫରୁ ମହାନ୍ ରାଷ୍ଟ୍ର ନାୟକ, ମହାତ୍ମା ଗାନ୍ଧୀଙ୍କ ରାଜନୈତିକ ଗୁରୁ ତଥା ସର୍ବପୁରାତନ ସର୍ବଭାରତୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହିନ୍ଦ୍ ସେବକ ସଂଘର ପ୍ରତିଷ୍ଠାତା ମହାମନା ଗୋପାଳକୃଷ୍ଣ ଗୋଖଲେଙ୍କ ୧୫୯ତମ ଜୟନ୍ତୀ ପାଳିତ ହୋଇଯାଇଛି। ସଂଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କ ପୌରୋହିତ୍ୟରେ ଚୌଦ୍ୱାରସ୍ଥିତ ଶିଶୁ ସଦନରେ ଆୟୋଜିତ ଏହି ଉତ୍ସବରେ ଶିକ୍ଷାବିତ୍ ପ୍ରଫେସର ସୁରେନ୍ଦ୍ର ମୋହନ ମିଶ୍ର ଅତିଥି ଭାବେ ଯୋଗଦେଇ ଗୋଖଲେଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିବା ସହିତ ନିଷ୍ଠା ଓ ଅଧ୍ୟବସାୟ ରହିଲେ ମନୁଷ୍ୟ ଆସମ୍ଭବକୁ ସମ୍ଭବ କରିପାରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ତିରୁପତି ସଂସ୍କୃତ ବିଶ୍ୱ ବିଦ୍ୟାଳୟର ପୁର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥି ମୁଖ୍ୟ ଅତିଥି ଭାବେ ଗୋଖଲେଙ୍କ ବିଚାରଧାରା ଓ କାର୍ଯ୍ୟଶୈଳୀ ସମ୍ପର୍କରେ ଆଲୋଚନା କରି ଭାରତର ସ୍ୱାଧୀନତା ସଂଗ୍ରାମ ପାଇଁ ମହାତ୍ମା ଗାନ୍ଧୀଙ୍କ ଭଳି ଜଣେ ସନ୍ୟାସୀ ତିଆରି କରିବାରେ ଗୋଖଲେଙ୍କ ଆଦର୍ଶ ଓ ପ୍ରେରଣା ମୁଖ୍ୟଥିଲା ବୋଲି ସୂଚନା ପ୍ରଦାନ କରିଥିଲେ। ସାମ୍ବାଦିକ ତଥା ସ୍ତମ୍ଭକାର ଡ. ସତ୍ୟ ରାୟ ଗୋଖଲେଙ୍କ ଜୀବନୀ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରାରମ୍ଭରେ ଅତିଥି ମାନେ ଆଶ୍ରମ ପରିସରରେ ଥିବା ଗୋଖଲେ ଓ ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ ଫଟଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ରବିନ୍ଦ୍ର କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ପରିଚାଳକ ସୀମାନ୍ତ ନାୟକ ବିବରଣୀ ପାଠ କରିଥିଲେ। ଶିଶୁ ସଦନର ପିଲାମାନେ ପ୍ରାରମ୍ଭିକ ଜାତୀୟ ସଂଗୀତ ଗାନ କରିଥିଲେ। ସୁରଶ୍ରୀ ସୁଧାଂଶୁ ଶେଖର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ରେଡକ୍ରସ୍ ଦିବସ ପାଳିତ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ବିଶ୍ୱ ରେଡକ୍ରସ୍ ଦିବସ ପାଳନ ଅବସରରେ କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ ରେଡକ୍ରସ୍ ପତାକା ଉତ୍ତୋଳନ କରିବା ସହ ରେଡକ୍ରସ୍‌ର ଶପଥ ପାଠ କରାଇଥିଲେ। ପରେ ପରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ସଦଭାବନା ସଭାଗୃହରେ ଜିଲ୍ଲାପାଳ ସଚିନ ପାଓ୍ୱାର ପ୍ରକାଶଙ୍କ ସଭାପତିତ୍ୱରେ ବିଶ୍ୱ ରେଡକ୍ରସ୍ ଦିବସ ପାଳିତ ହୋଇଥିଲା। ଏହି ସଭାରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବୈତୁରା ଦୀପ, ତନ୍ମୟ କୁମାର ଦରଓ୍ୱାନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା.ମୀନତି ଦାସ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡ଼ା. ନିହାରେନ୍ଦ୍ର ପଣ୍ଡା, ଶିକ୍ଷାବିତ୍ ଅଜୟ କୁମାର ମିଶ୍ର ଓ ମୁଖ୍ୟବକ୍ତା ଭାବେ ଡ଼. ଉମେଶ ଚନ୍ଦ୍ର ଶତପଥୀ ଯୋଗଦେଇ ସମାଜ କଲ୍ୟାଣ ଦିଗରେ ରେଡକ୍ରସ୍‌ର ମହନୀୟ ଅବଦାନ ଉପରେ ବକ୍ତବ୍ୟ ରଖିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲା ବେଳେ ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରାଜ୍ୟପାଳ ପୁରସ୍କାର ପାଇଥିବା ଯୁବ ରେଡକ୍ରସ୍ ପରାମର୍ଶଦାତା ମୋହନ ଚରଣ ବିଶି ଓ ସୁଧିର କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୨୪-୨୫ ବର୍ଷ ପାଇଁ ସର୍ବାଧିକ ଥର ରକ୍ତଦାନ କରିଥିବା ଆଶିଷ ମହାନ୍ତି, ପ୍ରବୀଣ ମହାନ୍ତି, ରାଜେଶ ଗଉଡ, ସୌମ୍ୟରଞ୍ଜନ ସା, ମିଳନ କୁମାର ଭୋଇ, ହେମ ସାଗର ସାହୁ, ଉମାକାନ୍ତ ସୁନାନୀଙ୍କ ସହ ରକ୍ତଦାନ ଶିବିରର ଆୟୋଜନ କରିଥିବା ଆମ ଓଡ଼ିଶା ସମ୍ବାଦ, ବେଦାନ୍ତ ଲାଞ୍ଜିଗଡ, ସୋସିଆଲ ଓ୍ୱେଲଫେୟର ଅରଗାନାଇଜେସନ, ଯୁବ ରେଡକ୍ରସ୍, ପ୍ରଗତି ଡିଗ୍ରୀ ମହାବିଦ୍ୟାଳୟ, ବାଲୁଙ୍କେଶ୍ୱର ମନ୍ଦିର କମିଟି, ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା ଜରୁରୀକାଳୀନ ବିଭାଗ ତରଫରୁ ଜିଲ୍ଲା ରେଡକ୍ରସ୍ ଶାଖା ସଂପାଦିକା ସୁଶ୍ରୀ ସୌଦାମିନୀ ମାଝୀ, ବଟକୃଷ୍ଣ ଆଚାରୀ ଓ ବିଭାଗୀୟ କର୍ମଚାରୀ ସହଯୋଗ କରିଥିଲେ। କଳାହାଣ୍ଡି ଜିଲ୍ଲା ରେଡକ୍ରସ ସଂସ୍ଥାର ବହୁ ଆଜୀବନ ସଦସ୍ୟଙ୍କୁ ଏହି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ପାଳନ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନଥିବା ଯୋଗୁଁ ବହୁ ରେଡକ୍ରସ୍ ପ୍ରେମୀ ସଦସ୍ୟ ଅସନ୍ତୋଷ ପ୍ରକାଶ କରିଥିବା ଜଣାପଡିଛି।

## ଜଙ୍ଗଲ ଅଧିକାର ଆଇନ ଉଲ୍ଲଘଂନ

## ଗ୍ରାମସଭା ମହାସଂଘର ଜାତୀୟ ରାଜପଥ ଅବରୋଧ





କୋକସରା, (ଭାସ୍କର ନ୍ୟୁଜ୍ ) : ଜଙ୍ଗଲ ଅଧିକାର ଆଇନ ୨୦୦୬କୁ ଜାଣିଶୁଣି ଉଲ୍ଲଘଂନ ଓ ଜଙ୍ଗଲ ବିଭାଗର ମନମୁଖୀ କାର୍ଯ୍ୟ ଏବଂ ଗ୍ରାମସଭାର କେନ୍ଦୁପତ୍ର ବୋଝେଇ ଟ୍ରକକୁ ବେଆଇନ ଭାବେ ଜବତ କରିଥିବା ପ୍ରତିବାଦରେ ଶୁକ୍ରବାର ୨୬ ନମ୍ବର ଜାତୀୟ ରାଜପଥର କୋକସରା ବ୍ଲକ ଆମପାଣି କନ୍ଦାଗଡ଼ ଛକଠାରେ ରାସ୍ତା ଅବରୋଧ କରାଯାଇଛି। କୋକସରା ବ୍ଲକ ଗ୍ରାମସଭା ମହାସଂଘର ଆହ୍ୱାନ କ୍ରମେ ସକାଳ ୯.୩୦ରୁ ରାସ୍ତା ଅବରୋଧ କରାଯାଇଥିଲା। ଗତ ଶୁକ୍ରବାର ଦିନ ଗ୍ରାମସଭାର ଟ୍ରାନଜିଟ୍ ପାସରେ କେନ୍ଦୁପତ୍ର ଚାଲାଣବେଳେ ଏକ ଟ୍ରକ୍‌କୁ ଅଟକ ରଖି ପରେ ଟ୍ରକ ହେଲପରକୁ ବନ ବିଭାଗ ପକ୍ଷରୁ କୋର୍ଟ ଚାଲାଣ କରାଯାଇଥିଲା। ଏହାକୁ ବେଆଇନ ଦର୍ଶାଇବା ସହ କେଉଁ ଆଇନ୍ ଅଧିକାରରେ ଗାଡ଼ି ଜବତ୍ ଓ କୋର୍ଟ ଚାଲାଣ କରାଗଲା ବୋଲି ଗ୍ରାମସଭା କମିଟି ବିରୋଧ କରି ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରାଯାଇଥିଲା। ରାସ୍ତା ଅବରୋଧ ଫଳରେ କଳାହାଣ୍ଡି ଓ ନବରଙ୍ଗପୁର ଯାତାୟତ ସମ୍ପୂର୍ଣ୍ଣ ଠପ୍ ହୋଇଥିଲା। ଏହାପରେ କୋକସରା ତହସିଲଦାର, ସ୍ଥାନୀୟ ପୋଲିସ ପ୍ରଶାସନ, ଧର୍ମଗଡ଼ ରେଞ୍ଜର, କେନ୍ଦୁପତ୍ର ଜଙ୍ଗଲ ବିଭାଗର ଏସିଏଫ, ଡେପୁଟି କଲେକ୍ଟର ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଗ୍ରାମସଭା ମହାସଂଘର କର୍ମକର୍ତ୍ତା ଓ କେନ୍ଦୁପତ୍ର ତୋଳାଳୀ ମାନଙ୍କୁ ଦିର୍ଘ ସମୟ ଧରି ବୁଝାସୁଝା କରିଥିଲେ ମଧ ସେମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ବହୁ ସମୟଧରି ଅଧିକାରୀ ମାନେ ସେମାନଙ୍କୁ ବୁଝାଇଥିଲେ, ଏବଂ ଚଳିତ ବର୍ଷରେ କ୍ରୟ କରାଯାଇଥିବା କେନ୍ଦୁପତ୍ରକୁ ଆଇନ ଅନୁଯାୟୀ ବିକ୍ରୟ କରିବା ସହ ନିଜସ୍ୱ ଟ୍ରାନଜିଟ୍ ପରମିଟରେ ଚାଲାଣ କରିବା ପାଇଁ କହିବା ସହ ୬ମାସ ପରେ ପ୍ରଶାସନର ଉପସ୍ଥିତରେ ପୁନଃର୍ବାର ଗ୍ରାମସଭା ଗଠନ କରାଯାଇ ନିୟମ ଅନୁସାରେ ବିକ୍ରି କରିବା ପାଇଁ କହିଥିବା ଜଣାପଡିଛି। ଏବଂ କୋର୍ଟ ଚାଲାଣ ହୋଇଥିବା ଗାଡ଼ିକୁ ଉଦ୍ଧାର କରିବା ପାଇଁ ମାନ୍ୟବର କୋର୍ଟ ପାଖରେ ଗୁହାରୀ କରାଯିବ ବୋଲି କହିବା ପରେ ରାସ୍ତା ଅବରୋଧ ହଟିଥିବା ଜଣାପଡିଛି। ପାଖାପାଖି ସାଢ଼େ ୫ ଘଣ୍ଟାର ରାସ୍ତା ଅବରୋଧ ଫଳରେ ଶହ ଶହ ଗାଡ଼ି ଅଟକି ରହିଥିବାବେଳେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଧର୍ମଗଡ ଉପଖଣ୍ଡ ରକ୍ତଭଣ୍ଡାର ଠାରେ ଓଡିଶା ରକ୍ତଦାତା ମହାସଂଘର ଆହ୍ୱାନ କ୍ରମେ ସୋସିଆଲ ଆକ୍ଟିଭିଷ୍ଟ ଅଫ କଳାହାଣ୍ଡି ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ପ୍ରଥମେ ରକ୍ତଦାତା ଇଙ୍ଗିତ ମେହେର ରକ୍ତଦାନ କରି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ଥାନା ଅଧିକାରୀ ପ୍ରଶାନ୍ତ କୋଲାହରସ, ସମାଜସେବୀ ହିମାଂଶୁ ପଣ୍ଡା ଯୋଗ ଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ରକ୍ତଦାନ କାର୍ଯ୍ୟକ୍ରମରେ ଧର୍ମଗଡ ବ୍ଲଡ଼ ବ୍ୟାଙ୍କର ଲେବ ଟେକ୍ନିସିଆନ ତିରୁପତି ମୁଣ୍ଡ, ଗଜାନନ ବେହେରା, ନିଗମ ଗୋପାଳ, ଭରତ ଗୋପାଳ ପ୍ରମୁଖ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। କାର୍ଯ୍ୟକ୍ରମରେ ସୋସିଆଲ ଆକ୍ଟିଭିଷ୍ଟ ଅଫ କଳାହାଣ୍ଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ମହେଶ୍ୱର ସୁନାନୀ, ମୃତ୍ୟୁଞ୍ଜୟ ନାଏକ, ଅଙ୍କିତ ସେଠି, ଜ୍ଞାନ ରଞ୍ଜନ ନାଏକ, ଗୋବିନ୍ଦ ସାହୁ, ଅଭିଷେକ ବାଗ, ସୁନୀଲ ଟଣ୍ଡନ, ପରିଚୟ ସୁନାନୀ ପ୍ରମୁଖ ରକ୍ତଦାନରେ ସହଯୋଗ କରିଥିଲେ। ଏଥିରେ ମୋଟ ୩୦ ୟୁନିଟ ହେବ ବୋଲି ସଙ୍ଘ ପକ୍ଷରୁ ସୂଚନା ମିଳିଛି।

## ଧର୍ମଗଡ଼ ବ୍ଲକ ପଞ୍ଚାୟତ ସମିତି ବୈଠକ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ଧର୍ମଗଡ଼ ବ୍ଲକ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷ ଠାରେ ୧୦ମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବ୍ଲକ ଅଞ୍ଚଳର ବିଭିନ୍ନ ପ୍ରସଙ୍ଗ ଆଲୋଚନାରେ ଭାଗ ନେଇଥିଲେ। ଧର୍ମଗଡ଼ ବ୍ଲକ ଅଧକ୍ଷା ବବିତା ପଟ୍ଟଯୋଶୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଡ଼ିଓ ସଦାଶିବ ନାୟକ, ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟ, ସାଂସଦଙ୍କ ପ୍ରତିନିଧି ପୁଲସ୍ତ ମାଝୀ, ଧର୍ମଗଡ଼ ବ୍ଲକ ଉପାଧକ୍ଷା ଜୁଲି ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଜିଲ୍ଲା ପରିଷଦ ସଭ୍ୟ ଗୋପୀ ମହାନନ୍ଦ, ଶଙ୍କର ଜୁଏଡ଼, ପ୍ରଣବ ଭଇଁସାଳ ଓ ଧର୍ମଗଡ଼ ବ୍ଲକର ୨୪ଗୋଟି ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ, ସଭ୍ୟା ଯୋଗଦେଇଥିଲେ। ସେହିପରି ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ । ଓଡିଶା ସରକାରଙ୍କ "ବିକଶିତ ଗାଁ ବିକଶିତ ଓଡିଶା "ଯୋଜନାରେ ଗ୍ରାମ ପଞ୍ଚାୟତରେ ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ ଆଗାମୀ ପାଞ୍ଚ ବର୍ଷର ବିକାଶ ଖସଡ଼ା ପ୍ରସ୍ତୁତ କରାଯାଇଥିବା ଗ୍ରାମସଭା ଉପରେ ଆଲୋଚନା ହୋଇଥିଲା। ବିଶେଷ କରି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଉପରେ ବିଭିନ୍ନ ଆଲୋଚନା ହୋଇଥିଲା । ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ କାର୍ଯ୍ୟକ୍ରମରେ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ ।

## ଫିଟ କ୍ଲବ୍ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ମାନବ ସେବା ହିଁ ମାଧବ ସେବା। ଜରୁରୀ ପରିସ୍ଥିତିରେ ଟୋପାଏ ରକ୍ତ ପାଇଁ ମରଣ ସହ ଯୁଦ୍ଧ କରୁଥିବା ରୋଗୀଟି ପାଇଁ ରକ୍ତ ହିଁ ହୋଇଥାଏ ଈଶ୍ୱରଙ୍କ ଆଶୀର୍ବାଦ ଓ ଏହି ରକ୍ତଦାନ କରିଥିବା ବ୍ୟକ୍ତି ପାଲଟି ଯାଏ ଈଶ୍ୱର। ଆମ୍ଭେମାନେ ସମସ୍ତେ ଏହାର ଗୁରୁତ୍ୱ ଉପଲବ୍ଧି କରିବା ଦରକାର ଓ ସମସ୍ତେ ସ୍ୱେଚ୍ଛାକୃତ ରକ୍ତଦାନ କରିବା ପାଇଁ ଆଗେଇ ଆସିବା ଉଚିତ ବୋଲି ପୂର୍ବତନ ସଦର ବ୍ଲକ ଉପାଧକ୍ଷ ତଥା ବିଶିଷ୍ଟ ସମାଜସେବୀ ତଥା ୨୪ତମ ଫିଟ କ୍ଲବର ବରିଷ୍ଠ ସଦସ୍ୟ ସଚ୍ଚିଦାନନ୍ଦ ମହାକୁଡ଼ ପ୍ରକାଶ କରିଛନ୍ତି। ଶ୍ରୀ ମହକୁଡଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସହିଦ ରେଣ୍ଡୋ ମାଝୀ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ପରିସରରେ ଥିବା ରେଡ଼କ୍ରସ ଭବନ ଠାରେ ବିଶ୍ୱ ରେଡକ୍ରସ୍ ଦିବସ ଅବସରରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ଆଦିତ୍ୟ ୨୪ତମ ଫିଟ କ୍ଲବର ପ୍ରଧାନ ପ୍ରଶିକ୍ଷକ ବିଶ୍ୱ ମେହେର। ଏହି ଶିବିରରେ ଅନ୍ୟତମ ସମ୍ମାନିତ ଅତିଥିଭାବେ ପୂର୍ବତନ ପୌରାଧକ୍ଷା ତଥା ସମାଜସେବୀ ଲଳିତା ନାଏକ, ପୂର୍ବତନ ସଦର ବ୍ଲକ ଅଧକ୍ଷା ସରିତା ମହାକୁଡ଼,ଜିଲ୍ଲା ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଡା. ବିବେନ୍ଦୁ ବଳ, ଯୁବ ବିଜେଡି ନେତା ସେନାପତି ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ରକ୍ତଦାତାମାନଙ୍କୁ ସ୍ୱାଗତ ଜଣାଇବାକୁ ଯାଇ ଶ୍ରୀ ମେହେର କହିଥିଲେ ଯେ, ଆଦିତ୍ୟ ୨୪ତମ ଫିଟ କ୍ଲବ ପକ୍ଷରୁ ଏଭଳି ପଦକ୍ଷେପ ଆଗାମୀ ଦିନରେ ମଧ ବଜାୟ ରହିବ ଓ ଏହିଭଳି ଶିବିର ଆୟୋଜନ ମାଧମରେ ସ୍ୱେଚ୍ଛାସେବୀମାନେ ରକ୍ତଦାନ ପାଇଁ ଆଗେଇ ଆସିଲେ ରକ୍ତର ଅଭାବ ଦୂର ହୋଇପାରିବ ଓ ଆବଶ୍ୟକ ସମୟରେ ବହୁମୂଲ୍ୟ ଜୀବନ ବଞ୍ଚାଯାଇ ପାରିବ। ସମାଜସେବୀ ସଚ୍ଚିଦାନନ୍ଦ ମହାକୁଡ଼ଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରରେ ୪୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ। ଏଥିରେ ସ୍ୱେଚ୍ଛାସେବୀ ଦୟାନିଧି ସାହୁ, ବିଶ୍ୱ ଭବାନୀ ବୁଦ୍ଧିଆ, ବିଜୟଲକ୍ଷ୍ମୀ ବାରିକ, ସରୋଜ ବାରିକ, ସୁମନ ମହାକୁଡ଼, ଏସ.ଏନ. ସାହିଲ, ରଶ୍ମି ମହାକୁଡ଼, ସନ୍ତୋଷିନୀ ମହାକୁଡ଼, ସସ୍ମିତା ରଥ, ବିଜୟ ଖମାରି, ଶେଷଦେବ ମିଶ୍ର ପ୍ରମୁଖ ରକ୍ତଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ରେଡ଼କ୍ରସ ତଥା ବ୍ଲଡ଼ ବ୍ୟାଙ୍କର ଟେକ୍‌ନିସିଆନ୍ ଅଜିତ ନାଏକ, ଗିରିଶ ଚନ୍ଦ୍ର, ସଂଜୀବ ମହାକୁଡ଼, କିଶୋର ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଆଦିତ୍ୟ ୨୪ତମ ଫିଟ କ୍ଲବର ଏପରି ମହତ କାର୍ଯ୍ୟକ୍ରମକୁ ସର୍ବସାଧାରଣରେ ଭୂୟସୀ ପ୍ରଂଶସା କରାଯାଇଛି।

## ପକ୍ଷୀ ଶୀକାର ରୋକିବା ପାଇଁ ଜନ ସଚେତନତା




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ପକ୍ଷୀ ହେଉଛି ପରିବେଶ ଓ ପ୍ରକୃତିର ପରମ ବନ୍ଧୁ। ନାନା ଜାତି ପକ୍ଷୀଙ୍କର ମଧୁର କାକଳିରେ ବନଭୂମି ସଂଗୀତମୟ ହେଉଥିଲା ବେଳେ ବିଭିନ୍ନ ଜଳଭଣ୍ଡାରର ଜଳରାଶିରେ ଜଳଚର ପକ୍ଷୀମାନଙ୍କ ଶୋଭା ପର୍ଯ୍ୟଟକ ଓ ପରିବେଶପ୍ରେମୀଙ୍କୁ ଅଭିଭୂତ କରିଥାଏ। ତଥାପି ଆମେମାନେ ବେଳେବେଳେ ଏହି ନୀରିହ ପକ୍ଷୀମାନଙ୍କୁ ଶୀକାର କରିବାକୁ ପଛେଇ ନ ଥାଉ। ଏହି ପକ୍ଷୀମାନଙ୍କୁ ଶୀକାର କରିବା ଏକ ଘୃଣ୍ୟ ଓ ଅପରାଧିକ କାର୍ଯ୍ୟ। ଏମାନଙ୍କୁ ସୁରକ୍ଷା ଦେବାପାଇଁ ସରକାରଙ୍କ ପକ୍ଷରୁ 'ଓଡିଶା ବନ୍ୟପ୍ରାଣୀ ସୁରକ୍ଷା ଆଇନ-୧୯୭୨' ମଧ ପ୍ରଣୟନ କରାଯାଇଛି। ପକ୍ଷୀ ଶୀକାର କରିବା, କିଣିବା, ବିକିବା ଓ ଘରେ ରଖିବା ଆଦି ଦଣ୍ଡନୀୟ ଅପରାଧ ମଧ। ଏ ସମ୍ପର୍କରେ ଜନସାଧାରଣଙ୍କ ମଧରେ ସଚେତନତା ସୃଷ୍ଟି କରି ପକ୍ଷୀ ଶୀକାର ରୋକିବା ପାଇଁ କଳାହାଣ୍ଡି ଉତ୍ତର ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଉତ୍ତର ବନଖଣ୍ଡ ଅନ୍ତର୍ଗତ ଭବାନୀପାଟଣା ରେଞ୍ଜ କେସିଙ୍ଗା ଓ ନର୍ଲା ରେଞ୍ଜରେ ବିଭିନ୍ନ ସ୍ଥାନରେ ବନ ବିଭାଗ ପକ୍ଷରୁ ସୂଚନା ଫଳକମାନ ଲଗାଯାଇ ଜନସାଧାରଣଙ୍କୁ ସଚେତନ କରାଯାଉଛି। କେସିଙ୍ଗା ରେଞ୍ଜ ତୁଣ୍ଡଲା ବିଟ୍‌ର ତୁର୍ଲାଖମନ୍ ଠାରେ ଥିବା ମଡିଆରଖି ଡ୍ୟାମ୍, ଭବାନୀପାଟଣା ରେଞ୍ଜ ଭଟାଙ୍ଗପଦର ସେକ୍ସନର ଜମୁନାବାହାଲ ଡ୍ୟାମ୍ ଏବଂ ଭବାନୀପାଟଣା ସେକ୍ସନର ଯମୁନା ସାଗର ଡ୍ୟାମ୍ ଅଞ୍ଚଳରେ ଏହି ସବୁ ସୂଚନା ଫଳକ ଲଗାଯାଇଛି। ଜନ ସଚେତନତା ସୃଷ୍ଟି ପାଇଁ ଏହି ଫଳକ ମାନଙ୍କରେ ବନ୍ୟଜନ୍ତୁ ସୁରକ୍ଷା ଅଧିନିୟମ ସହ ପକ୍ଷୀମାନଙ୍କର ଶୀକାର କରିବା, କିଣିବା, ବିକିବା ଏବଂ ଘରେ ରଖିବା ଏକ ଦଣ୍ଡନୀୟ ଅପରାଧ ଓ ଏଥିପାଇଁ ୭ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡର ସୂଚନା ରହିଛି ବୋଲି ଭବାନୀପାଟଣା ରେଞ୍ଜ ଅଧିକାରୀ ସ୍ନିଗ୍ଧା ସରିତା ବଳିଆର ସିଂ ସୂଚନା ଦେଇଛନ୍ତି।

## ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ପରିଦର୍ଶନ କଲେ ବିଧାୟକ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ଧର୍ମଗଡ଼ରେ ଥିବା ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ ପରିଦର୍ଶନ କଲେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ। ପୂର୍ବ ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ ହେତୁ ଧର୍ମଗଡ଼ ସହରରେ ନିର୍ମାଣ ହୋଇଛି ଏକ ଇନଡୋର ଷ୍ଟାଡିୟମ। ରକ୍ଷଣାବେକ୍ଷଣ ଅଭାବରୁ ଅନେକ ଦିନ ହେବ ଅନେକ ସମସ୍ୟା ଉପୁଜୁଛି। ବିଶେଷ କରି ବର୍ଷା ହେଲେ ଛାତରୁ ପାଣି ଝରିବା ଓ ଜିମ ସ୍ଥାନାନ୍ତରିତ କରିବା ପାଇଁ ଅଭିଯୋଗ ହେଉଥିଲା। ଯାହା ଫଳରେ ଖେଳାଳୀ ମାନଙ୍କ ମଧରେ ଅସନ୍ତୋଷ ଦେଖା ଦେଇଥିଲା। ବାରମ୍ବାର ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ପାଢ଼ୀଙ୍କୁ ଅବଗତ କରିଥିଲେ ମଧ କୌଣସି ସୁଫଳ ମିଳିନଥିଲା । ଏନେଇ ସ୍ଥାନୀୟ ଯୁବକ ଓ ଖେଳାଳୀ ମାନେ ବିଧାୟକଙ୍କୁ ଜଣାଇଥିଲେ । ଏନେଇ ଆଜି ଧର୍ମଗଡ଼ ବିଧାୟକ ଶ୍ରୀ ପଟ୍ଟଯୋଶୀ ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କ ସହ ଇନଡୋର ଷ୍ଟାଡିୟମ ପରିଦର୍ଶନ କରିବା ସହ ଖେଳାଳୀ ଓ ସ୍ଥାନୀୟ ଯୁବକ ମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ତୁରନ୍ତ ଛାତର ମରାମତି ଓ ଜିମକୁ ସ୍ଥାନାନ୍ତରିତ କରିବା ପାଇଁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଯିବ ବୋଲି କହିଥିଲେ। ଅନ୍ୟପଟେ କିଭଳି ବହୁ ସଂଖ୍ୟକ ଖେଳାଳୀ ମାନେ ଷ୍ଟାଡିୟମରେ ଯୋଗଦେବେ ଓ ଆହୁରି ଅନେକ ଖେଳ ଉପକରଣର ଆବଶ୍ୟକ ନେଇ କ୍ରୀଡ଼ା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବା ନେଇ ମଧ କହିଥିଲେ। ଏହି ପରିଦର୍ଶନ ସମୟରେ ଧର୍ମଗଡ଼ ନଗରପାଳ ଅଶୋକ ମହାନ୍ତି, ପୂର୍ବତନ ବିଜେପି ନଗର ସଭାପତି ହେମନ୍ତ କୁମାର ମାଝୀ,ଜନ୍ମେଜୟ ନାଏକ,ମୁନା ନାଏକ, ହିମାଂଶୁ ପଣ୍ଡା, ଅମୀୟ ପଣ୍ଡା, ଧର୍ମେନ୍ଦ୍ର ବାଗ ପ୍ରମୁଖ ଉପସ୍ଥିତ ଥିଲେ।



## ଅଧାପକଙ୍କ ବିୟୋଗ



କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ବ୍ଲକ ସଦର ମହକୁମା ଡିଗ୍ରୀ ମହାବିଦ୍ୟାଳୟ ତଥା କୋକସରା ଗ୍ରାମର ଅଧାପକ ଅଇରୀ ନାଶନ ଚିନ୍ଦା(୪୮)ଙ୍କ ଶୁକ୍ରବାର ଆକସ୍ମିକ ବିୟୋଗ ହୋଇଛି। ସେ ଗ୍ରାମର ଏକ ସମ୍ପର୍କୀୟ ବିବାହ ଉତ୍ସବରେ ଯୋଗଦେଇଥିବା ସମୟରେ ଅସୁସ୍ଥତା ଅନୁଭବ କରିଥିଲେ। ଏହାପରେ ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଅଧାପକ ଶ୍ରୀଚିନ୍ଦା ମିଷ୍ଟଭାଷୀ, ମେଳାପି ତଥା ଛାତ୍ର ବତ୍ସଳ ବ୍ୟକ୍ତି ଥିଲେ। ତାଙ୍କ ଅକାଳ ବିୟୋଗ ଖବର ପ୍ରଚାରିତ ହେବାପରେ କୋକସରା ସମେତ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସାନ ଭାଇ ଅଭୟ ନାଶନ ଚିନ୍ଦା ମୁଖାଗ୍ନି ଦେଇ ଥିଲେ, ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

## ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ ଦାବି

କେସିଙ୍ଗା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସିସ୍ଥିତ ଓ୍ୱାର୍ଡ ନଂ.୯ ନିକଟସ୍ଥ ତହସିଲ କାର୍ଯ୍ୟାଳୟ ରାସ୍ତାର ଉଭୟ ପାର୍ଶ୍ୱରେ ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଓ୍ୱାର୍ଡବାସୀ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ନିକଟରେ ଦାବିପତ୍ର ପ୍ରଦାନ କରିଛନ୍ତି। କେସିଙ୍ଗା ଏନ୍‌ଏସି ଓ୍ୱାର୍ଡ ନଂ.୯ ସ୍ଥିତ ତହସିଲ ଅଫିସ, କୋଣାର୍କ ସୂତାକଳ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଫିସ, କୃଷି ବିଭାଗ ଅଫିସ, ଅଗ୍ନିଶମ କାର୍ଯ୍ୟାଳୟ, ମିନି ଷ୍ଟାଡିୟମ, କେନ୍ଦୁ ଲିଫ, ଅଫିସ ତଥା ନିକଟସ୍ଥ ଓ୍ୱାର୍ଡ ନଂ.୧୦ସ୍ଥିତ ସାମ୍ନାରେ ଜେଏମ୍‌ସି. କୋର୍ଟ, ମିଶନ ଶକ୍ତି, କୋଷାଗାର, ଅବକାରୀ ଥାନା, ଆଦର୍ଶ ବିଦ୍ୟାଳୟ ଓ ଆଦିବାସୀ ଛାତ୍ରୀଛାତ୍ର ଆଶ୍ରମ ଇତ୍ୟାଦି କାର୍ଯ୍ୟାଳୟଗୁଡ଼ିକ ଗଢ଼ି ଉଠିଛି। ମାତ୍ର ଦେଖାଯାଉଛି ଯେ, ଉକ୍ତ ସ୍ଥାନରେ ଅନେକଗୁଡ଼ିଏ ସରକାରୀ ଅଫିସ ଥିଲେ ସୁଦ୍ଧା ନିକଟରେ କୌଣସି ନୂତନ ଦୋକାନ କିମ୍ବା ବଜାର ନ ଥିବାରୁ ଲୋକମାନେ ଗ୍ରୀଷ୍ମପ୍ରବାହ, ବର୍ଷା ଋତୁରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହରରୁ ତଥା ଆଖପାଖରୁ ବିଭିନ୍ନ ସରକାରୀ କାମରେ ଆସୁଥିବା ଲୋକ ମାନଙ୍କୁ ବହୁତ ହଇରାଣ ହରକତ ହୋଇ ହାରାହାରି ଏକ କିମି ଦୂର ସହର ଭିତରକୁ ଆସିଲା ପରେ ଜରୁରୀ ସାମଗ୍ରୀ ମିଳିଥାଏ। ତେଣୁ ତହସିଲ ଅଫିସ ରାସ୍ତା କଡରେ ଥିବା ସରକାରୀ ଜାଗାରେ ପରିଷଦ ଦ୍ୱାରା ମାର୍କେଟ କମ୍ପ୍ଲେକ୍ସ ତିଆରି କରାଗଲେ ଆଖପାଖ ଅଞ୍ଚଳର ଅଫିସମାନଙ୍କ ସହିତ ଅଫିସକୁ ଆସୁଥିବା ଲୋକମାନଙ୍କ ଆବଶ୍ୟକ ସାମଗ୍ରୀ ମିଳିପାରିବ ଏବଂ ଲୋକେ ହଇରାଣ ହେବେ ନାହିଁ। ପରିଷଦ ଦ୍ୱାରା ଯଥା ସମ୍ଭବ ଶୀଘ୍ର ନୂତନ ଦୋକାନ ଗୃହ ନିର୍ମାଣ କରାଯିବା ପାଇଁ ପଦକ୍ଷେପ ନିଆଗଲେ ଉପରୋକ୍ତ କାର୍ଯ୍ୟାଳୟ କର୍ମଚାରୀ ତଥା ଜନସାଧାରଣ ସ୍ୱଳ୍ପ ଦୂରରେ ଆବଶ୍ୟକୀୟ ସାମଗ୍ରୀ ପାଇଁ ପାରିବେ ବୋଲି ଓ୍ୱାର୍ଡବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଏନ୍‌ଏସିର କାର୍ଯ୍ୟନିର୍ବାହୀ ଚିନ୍ମୟ ଆଚାରୀୟଙ୍କୁ ପଚାରିବାରୁ ଯଦି ତହସିଲଦାର ଏନ୍‌ଏସିକୁ ଜମି ଦେଲେ ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଉଦ୍ୟମ କରିବୁ ବୋଲି ପ୍ରକାଶ କରିଥିଲେ।

## ରାଶିଫଳ


ରବିବାର, ୧୧ ମଇ ୨୦୨୫



**ମେଷ:** ଆଜି ଆପଣ ଅସୁସ୍ଥତା ଏବଂ ଚିନ୍ତା ଅନୁଭବ କରିବେ। ଶରୀରରେ ଥକାପଣ ଏବଂ ଅଳସୁଆତା ଏବଂ ମନରେ ବ୍ୟାକୁଳତା ଅନୁଭବ ହେବ। ଆଜି ଆପଣ ଟିକେ କ୍ରୋଧିତ ହେବେ ଯାହା ହେତୁ ଜିନିଷ ନଷ୍ଟ ହୋଇପାରେ। ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ଚେଷ୍ଟା କରନ୍ତୁ।



**ବୃଷ:** ଆପଣଙ୍କ ଦିନକୁ ଯତ୍ନର ସହିତ ବିତାନ୍ତୁ। ଆଜି କୈଣସି ପ୍ରକାରର ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ। ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଖାଦ୍ୟ ଏବଂ ପାନୀୟରେ ବିଶେଷ ଯତ୍ନ ନେବା ଲାଭଦାୟକ ଅଟେ। ଆପଣ ଶାରୀରିକ ଥକ୍କା ଏବଂ ମାନସିକ ବିଭ୍ରାଟ ଅନୁଭବ କରିବେ।



**ମିଥୁନ:** ବନ୍ଧୁ ଏବଂ ପ୍ରିୟଜନଙ୍କ ସହିତ ଏକ ଉପଭୋଗ୍ୟ ରହଣି ହୋଇପାରେ। ଯାନ ଆନନ୍ଦ ପାଇବେ। ନୂତନ ପୋଷାକ କିଣିଲେ ଏବଂ ଏହାକୁ ପିନ୍ଧିବାର ସୁଯୋଗ ପାଇବେ। ମିଠା ଖାଦ୍ୟ ମିଳିପାରିବ। ସ୍ୱାସ୍ଥ୍ୟ ଭଲ ହେବ, ଆପଣ ସାମାଜିକ ସମ୍ମାନ ଏବଂ ଖ୍ୟାତି ପାଇବେ।



**କର୍କଟ:** ଘରେ ଶାନ୍ତି ଏବଂ ଆନନ୍ଦର ପରିବେଶ ରହିବ ଏବଂ ଏକ ସୁଖଦ ସମ୍ପର୍କ ଗଢି ଉଠିବ। ଆପଣ ଯାହା ବି କରନ୍ତି ସେଥିରେ ଆପଣ ଖ୍ୟାତି ଅର୍ଜନ କରିବେ। ପରିବାର ସଦସ୍ୟଙ୍କ ସହିତ ଘରେ ସମୟ ବିତାଇବେ। ଚାକିରିରେ ଲୋକଙ୍କୁ ଉପକୃତ କରିବେ।



**ତୁଳା:** ଆଜି ଏକ ଖୁସିର ଦିନ ହେବ। ଆଜି ଆପଣ ଅଧିକ କଳ୍ପନାକାରୀ ହେବେ। ସାହିତ୍ୟର ସୃଷ୍ଟି କବିତା ସୃଷ୍ଟିର ପ୍ରେରଣା ହେବ। ପ୍ରିୟଙ୍କ ସହିତ ସାକ୍ଷାତ ଶୁଭ ହେବ, ଫଳସ୍ୱରୂପ ଦିନସାରା ମନ ଖୁସି ରହିବ। ଆପଣ ପିଲାମାନଙ୍କର ଅଗ୍ରଗତି ବିଷୟରେ ଖବର ପାଇବେ । ଛାତ୍ରମାନେ ଅଭ୍ୟାସ କରିବା ପାଇଁ ଏହା ଏକ ଭଲ ସମୟ ।




**କନ୍ୟା:** ଆଜି ଆପଣଙ୍କ ପାଇଁ ଭଲ ଦିନ ନୁହେଁ। ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ହେବ ନାହିଁ। ଅନେକ ସମସ୍ୟା ହେତୁ ମନ ବିବ୍ରତ ରହିବ। ଶକ୍ତିର ଅଭାବ ରହିବ। ସମ୍ପର୍କୀୟମାନଙ୍କ ସହିତ ମତଭେଦ ହେବ। ମାଆର ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ।



**ବିଛା:** ଆପଣଙ୍କ ଦିନ ଶୁଭ ହେବ। ଭାଇମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ଘର ସେମାନଙ୍କ ସହିତ ପ୍ରଶ୍ନ ଉପରେ ଆଲୋଚନା କରିବେ। ଏକ ଛୋଟ ଧାର୍ମିକ ସ୍ଥାନ ପରିଦର୍ଶନ କରିବା ଏକ ସଫଳ କାର୍ଯ୍ୟକ୍ରମ ହେବ। ଧନ ଲାଭର ସମ୍ଭାବନା। ବିଦେଶରୁ ଭଲ ଖବର ଆସିବ। ବ୍ୟବହାରିକ ପ୍ରସଙ୍ଗ ହେତୁ ଯାତ୍ରା କରିପାରିବ।



**ସିଂହ:** ଆଜି ସାଧାରଣ ଲାଭର ଦିନ। ଅଯଥା ଖର୍ଚ୍ଚ ବନ୍ଦ କରିବାକୁ ପଡିବ। ବିଶେଷ ଧ୍ୟାନ ଦିଅନ୍ତୁ ଯେ ପରିବାରରେ ଝଗଡ଼ା ନହୁଏ। ପରିବାରର ସଦସ୍ୟଙ୍କ ମଧରେ ଥିବା ଭୁଲ ବୁଝାମଣାକୁ ଦୂରେଇ ରଖନ୍ତୁ। ଶାରୀରିକ ସମସ୍ୟା ମନରେ ଚିନ୍ତା ଆଣିବ। ଏକ ନକାରାତ୍ମକ ମାନସିକତା ରଖନ୍ତୁ ନାହିଁ। ଅନୈତିକ ପ୍ରବୃତ୍ତିଠାରୁ ଦୂରରେ ରୁହନ୍ତୁ । ଛାତ୍ରମାନଙ୍କ ଶିକ୍ଷଣରେ ବାଧା ଉପୁଜିବ ।



**ଧନୁ:** ଆପଣ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଆପଣ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ସକ୍ଷମ ହେବେ । ଆର୍ଥିକ ଲାଭ ହାସଲ ହେବ । ସ୍ଥାନାନ୍ତରଣର ସମ୍ଭାବନା, ବିଶେଷକରି ଧାର୍ମିକ ଯାତ୍ରା ସମ୍ଭାବନା ଅଛି। ସମ୍ପର୍କୀୟଙ୍କ ଘରେ ଏକ ମଙ୍ଗଳ ପ୍ରସଙ୍ଗରେ ଉପସ୍ଥିତ ହେବାର ଏକ ସୁଯୋଗ ଥାଇପାରେ। ଆପଣ ବିବାହିତ ଜୀବନର ସୁଖ ଏବଂ ଆନନ୍ଦ ପାଇବେ।



**ମକର:** ଆଜି ଆପଣ ସତର୍କ ରହିବାକୁ ସୂଚନା ଆସିଛି। ଆଜି, ବ୍ୟବସାୟିକ କାର୍ଯ୍ୟରେ ସହଯୋଗୀ ହସ୍ତକ୍ଷେପ ବୃଦ୍ଧି ପାଇବ । ଖର୍ଚ୍ଚ ସାଧାରଣ ଅପେକ୍ଷା ଅଧିକ ହେବ । ଧାର୍ମିକ, ସାମାଜିକ କାର୍ଯ୍ୟରେ ଯୋଗଦାନ ବୃଦ୍ଧି ପାଇବ ଏବଂ ଖର୍ଚ୍ଚ ମଧ ହୋଇପାରେ। ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ । ପୁଅ ଏବଂ ସମ୍ପର୍କୀୟଙ୍କ ମଧରେ ପାର୍ଥକ୍ୟ ହୋଇପାରେ ।



**କୁମ୍ଭ:** ଚାକିରୀ ଏବଂ ବ୍ୟବସାୟରେ ଲାଭ ହେବାର ସମ୍ଭାବନା ଅଛି। ଆପଣ ମହିଳା ସାଙ୍ଗମାନଙ୍କଠାରୁ କାମ ପାଇପାରିବେ। ଲକ୍ଷ୍ମୀ ଦେବୀଙ୍କ ଆଶୀର୍ବାଦ ଆଜି ଆପଣଙ୍କ ଉପରେ ଅଛି। ପତ୍ନୀ ଏବଂ ପୁଅଙ୍କଠାରୁ ଆନନ୍ଦଙ୍କ ଖବର ଆସିବ। ଯେଉଁମାନେ ବିବାହ କରିବାକୁ ଚାହୁଁଛନ୍ତି ସେମାନଙ୍କ ପାଇଁ ବିବାହ ସମୟ ଉପସ୍ଥିତ ହେବ।



**ମୀନ:** ଆଜି ଆପଣଙ୍କ ଦିନ ବହୁତ ଶୁଭ ହେବ। ଆପଣ ସଫଳତା ଏବଂ ଉଚ୍ଚ ପଦାଧିକାରୀଙ୍କ ଇଚ୍ଛା ହେତୁ ଆଜି ଆପଣଙ୍କ ପାଇଁ ଖୁସିର ଦିନ ହେବ । ବ୍ୟବସାୟୀମାନେ ବ୍ୟବସାୟରେ ଅଭିବୃଦ୍ଧି ଏବଂ ସଫଳତା ପାଇବେ । ପିତା ଏବଂ ବରିଷ୍ଠମାନେ ଉପକୃତ ହେବେ। ଲକ୍ଷ୍ମୀଦେବୀଙ୍କ ଆଶୀର୍ବାଦ ରହିବ ।



ଜ୍ୟୋତିଷ ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯